# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୨୯/୨୦୨୦ (୧୬ ପୃଷ୍ଠା) | Bhubaneswar, Thursday, October 29/2020 | ★★★★

୪୬ଶ ଭାଗ ୩୩୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ଚର୍ଚ୍ଚାରେ କ୍ରିତିଙ୍କ ପୋଲ ଡ୍ୟାନ୍ସ ଭିଡିଓ

ବଲିଉଡ୍ ଅଭିନେତ୍ରୀ କ୍ରିତି ଖରବନ୍ଦା ନିକଟରେ ଚ୍ୟାଲେଞ୍ଜ ଗ୍ରହଣ କରି ଏକ ପୋଲ ଡ୍ୟାନ୍ସ ଭିଡିଓ ଶେୟାର କରିଛନ୍ତି। ତାଙ୍କ ଡ୍ୟାନ୍ସକୁ ଫ୍ୟାନ୍‌ମାନେ ବେଶ୍ ପସନ୍ଦ କରିଛନ୍ତି।

୧୪

୧୬

## ଆଇପିଏଲରେ ବୁମ୍ରାଙ୍କ ୧୦୦ ଉଇକେଟ

ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ବୁଧବାର ୧୦୦ ଉଇକେଟ ପୂରଣ କରିଛନ୍ତି ମୁମ୍ବାଇ ଇଣ୍ଡିଆନ୍ସ ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରା।



### ଶ୍ରଦ୍ଧାଞ୍ଜଳି



ଧରିତ୍ରୀ ତଥା ଓଡ଼ିଶା ପୋଷ୍ଟର ପୂର୍ବତନ ପ୍ରକାଶକ ଦଣ୍ଡପାଣି ମିଶ୍ରଙ୍କର ଆଜି ଷଷ୍ଠ ଶ୍ରାଦ୍ଧଦିବସ। ଏହି ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ତାଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି।

### ଆଜିର ସମ୍ପାଦକୀୟ

**ମାଂସ ଉପରେ ଟିକସ ଲଗାଅ**

**ଡିସେମ୍ବର ୩୧ ପୂର୍ବରୁ ବିଧାନସଭା**

........ ୩ ........

# ପୁଞ୍ଜିନିବେଶରେ ଉଦାସୀନତା ବାଧା

ରାଜ୍ୟରେ ଶିଳ୍ପାୟନ ହେବ। ଜାତୀୟ ଅନ୍ତର୍ଜାତୀୟ ସ୍ତରରୁ ପୁଞ୍ଜିନିବେଶକାରୀ ଓଡ଼ିଶା ଆସି ପୁଞ୍ଜି ଖଟାଇବେ । ନିଯୁକ୍ତି ସୁଯୋଗ ବହୁଗୁଣିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାକୁ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବାକୁ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭଠାରୁ ଆରମ୍ଭକରି ଦେଶ ବିଦେଶରେ ରୋଡ୍ ଶୋ ଭଳି କାର୍ଯ୍ୟକ୍ରମ କରୁଛନ୍ତି। ପ୍ରକଳ୍ପ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ କରିବା ଏବଂ ଏ ଦିଗରେ ହେଉଥିବା ସମସ୍ୟାର ସମାଧାନ କରିବାକୁ ଅଧିକାରୀମାନଙ୍କୁ ବାରମ୍ବାର ତାଗିଦ କରୁଛନ୍ତି। ହେଲେ ବିଭାଗୀୟ ଉଦାସୀନତା ଏବଂ ପ୍ରକଳ୍ପ ପାଇଁ ଭିତ୍ତିଭୂମି ନିର୍ମାଣରେ ହେଉଥିବା ବିଳମ୍ବ ଲକ୍ଷ୍ୟ ପୂରଣରେ ବାଧା ସୃଷ୍ଟି କରୁଛି। ଫଳରେ ରାଜ୍ୟ କେନ୍ଦ୍ରୀୟ ଅନୁଦାନ ହରାଇବା ସହ ପୁଞ୍ଜି ନିବେଶକାରୀଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇପାରୁନାହିଁ। ରାଜ୍ୟର ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ମିଳିପାରୁନାହିଁ।

## ଫେଲ୍‌ମାରିଲା ଇନ୍‌ଫୋସିଟି-୨ ଆଇଟି ଏସ୍‌ଇଜେଡ୍

- ମାଷ୍ଟର ପ୍ଲାନ୍‌ରେ ବରବାଦ ହେଲା ୩.୦୮ କୋଟି
- ସ୍ୱପ୍ନରେ ରହିଗଲା ୬୬୦୦ କୋଟି ରପ୍ତାନି, ୨୮ ହଜାର ନିଯୁକ୍ତି

ଭୁବନେଶ୍ୱର,୨୮।୧୦(ବ୍ୟୁରୋ)

ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ ସହିତ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଥିବା ଇନ୍‌ଫୋସିଟି-୨ ସୂଚନା ପ୍ରଯୁକ୍ତି (ଆଇଟି) ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳ(ଏସ୍‌ଇଜେଡ୍) ଲକ୍ଷ୍ୟ ପୂରଣ ଦିଗରେ ଫେଲ୍ ମାରିଛି। ଭିତ୍ତିଭୂମି ନିର୍ମାଣରେ ବିଳମ୍ବ, ଜମି ଅଧିଗ୍ରହଣ ଏବଂ ଏସ୍‌ଇଜେଡ୍ ପଲିସି ପ୍ରସ୍ତୁତ କରିବାରେ ବିଳମ୍ବ ଯୋଗୁ ଇନ୍‌ଫୋସିଟି-୨ ଏସ୍‌ଇଜେଡ୍‌ର ଫାଇଦା ରାଜ୍ୟକୁ ମିଳିପାରିଲା ନାହିଁ। କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି)ଙ୍କ ପକ୍ଷରୁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗରେ କରାଯାଇଥିବା ଅଡିଟ ରିପୋର୍ଟରେ ଏ କଥା କୁହାଯାଇଛି।

ରିପୋର୍ଟରେ ଦର୍ଶାଯାଇଛି ଯେ ଏସ୍‌ଇଜେଡ୍ ଆଇନ-୨୦୦୫ ଅନୁଯାୟୀ ବାଣିଜ୍ୟ ବ୍ୟବସାୟ ବୃଦ୍ଧି ପାଇଁ ଟିକସ, ଭିତ୍ତିଭୂମି ନିର୍ମାଣ, ଆମଦାନୀ, ରପ୍ତାନି ଉପରେ ରିହାତି ଦେବା ଲକ୍ଷ୍ୟରେ ଏସ୍‌ଇଜେଡ୍ ସ୍ଥାପନ କରାଯିବାକୁ ବ୍ୟବସ୍ଥା ରହିଛି। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି(ଇ ଆଣ୍ଡ ଆଇଟି) ୨୦୦୬ରେ ସୂଚନା ପ୍ରଯୁକ୍ତି ଆଧାରରେ ଭୁବନେଶ୍ୱରଠାରେ ଇନ୍‌ଫୋସିଟି-୨ ଆଇଟି ଏସ୍‌ଇଜେଡ୍ ସ୍ଥାପନ କରିବାକୁ ଇଡ୍‌କୋକୁ ଦାୟିତ୍ୱ ଦିଆଯାଇଥିଲା। ୨୦୧୯ ସୁଦ୍ଧା ରାଜ୍ୟକୁ ୬୬୦୦ କୋଟି ଟଙ୍କାର ପୁଞ୍ଜିନିବେଶ ଆକୃଷ୍ଟ କରିବା ସହ ୨୮ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟ ରଖାଯାଇଥିଲା। ୨୦୦୬ ଅକ୍ଟୋବରରେ କେନ୍ଦ୍ର ସରକାର ଏହି ଏସ୍‌ଇଜେଡ୍ ପ୍ରକଳ୍ପକୁ ଅନୁମୋଦନ ଦେଇଥିଲେ। ୩ ବର୍ଷ ଅର୍ଥାତ ୨୦୦୯ ଅକ୍ଟୋବର ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ସମୟସୀମା ଧାର୍ଯ୍ୟ କରାଯାଇଥିଲା। ଏହି ସମୟରେ ଅତି କମ୍‌ରେ ଗୋଟିଏ ଆଇଟି ୟୁନିଟ୍ ଯେପରି ଉତ୍ପାଦନ ଆରମ୍ଭ କରିବ ସେ ଦିଗରେ ପଦକ୍ଷେପ ନେବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଜମି ଅଧିଗ୍ରହଣ ଓ ଅନ୍ୟାନ୍ୟ ସମସ୍ୟା ଯୋଗୁ ଇଡ୍‌କୋର ଅନୁରୋଧକ୍ରମେ କେନ୍ଦ୍ର ସରକାର ଏସ୍‌ଇଜେଡ୍‌ର ଅବଧିକୁ ୨୦୧୫ ଯାଏ ବୃଦ୍ଧି କରିଥିଲେ। ଏସ୍‌ଇଜେଡ୍‌ର ଭିତ୍ତିଭୂମି ନିର୍ମାଣ ଯଥା ଜଳଯୋଗାଣ, ବିଦ୍ୟୁତ୍, ପାଚେରି ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଇ ଆଣ୍ଡ ଆଇଟି ବିଭାଗ ୨୦୦୮-୦୯ରୁ ☞ପୃଷ୍ଠା-୪

## ନଭେମ୍ବର ୩୦ ଯାଏ ଅନ୍ତର୍ଜାତୀୟ ବିମାନ ସେବା ବାତିଲ

ନୂଆଦିଲ୍ଲୀ,୨୮।୧୦

ନଭେମ୍ବର ୩୦ ଯାଏ ଅନ୍ତର୍ଜାତୀୟ ବିମାନ ସେବାକୁ ସରକାର ବାତିଲ କରିଛନ୍ତି। କରୋନା ମାମଲା ବର୍ତ୍ତମାନ ନିୟନ୍ତ୍ରଣକୁ ଆସି ନ ଥିବାରୁ ଏଭଳି ପଦକ୍ଷେପ ନିଆଯାଇଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ କୁହାଯାଇଛି ଯେ, କେତେକ ବଛାବଛା ରୁଟ୍‌ରେ ବିମାନ ସେବା ଉପଲବ୍ଧ ହେବ। ସ୍ଥିତି ଉପରେ ନଜର ରଖି କର୍ତ୍ତୃପକ୍ଷ ଏଭଳି ନିଷ୍ପତ୍ତି ଗ୍ରହଣ କରିବେ ବୋଲି ଡିଜିସିଏ ସର୍କୁଲାରରେ ସୂଚନା ଦିଆଯାଇଛି। କରୋନା ମହାମାରୀକୁ ନଜରରେ ରଖି ଅନ୍ତର୍ଜାତୀୟ ବିମାନ ସେବାକୁ ମାର୍ଚ୍ଚ ୨୩ ପରଠାରୁ ବାତିଲ କରାଯାଇଛି। ମାତ୍ର ମେ ମାସଠାରୁ ବନ୍ଦେ ଭାରତ ମିଶନ ଏବଂ ଜୁଲାଇରୁ ଏୟାର ବବଲ ଏଗ୍ରିମେଣ୍ଟ ଦ୍ୱାରା କେତେକ ବଛାବଛା ଦେଶକୁ ☞ପୃଷ୍ଠା-୯

### ରାଜଧାନୀରେ ବଢ଼ିଚାଲିଛି ଲୁଟ୍ !




## ସମ୍ବଲପୁରରେ ଶିଶୁ ବିକ୍ରି

### ମାସକର ଝିଅକୁ ଉଦ୍ଧାର କଲା ଶିଶୁ କଲ୍ୟାଣ ସମିତି

ସମ୍ବଲପୁର/ରେଢ଼ାଖୋଲ,୨୮।୧୦ (ବ୍ୟୁରୋ/ଡି.ଏନ୍.ଏ.)

ସମ୍ବଲପୁର ଜିଲା ରେଢାଖୋଲ ଉପଖଣ୍ଡ ଚାରମାଲ ଥାନା ଅଞ୍ଚଳରେ ଏକ ମାସର ଶିଶୁକନ୍ୟାକୁ ୧୫ହଜାର ଟଙ୍କାରେ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ହେଲେ ବିକ୍ରି ନୁହେଁ, ଆର୍ଥିକ ଅନଟନ ଯୋଗୁ ଖାଇବାକୁ ଦେଇ ନ ପାରି ସେ ନିଜର ଶିଶୁକନ୍ୟାକୁ ଅନ୍ୟଜଣେ ମହିଳାଙ୍କୁ ଦାନ କରିଦେଇଥିବା ଶିଶୁଟିର ମା' କହିଛନ୍ତି। ଏ ସଂକ୍ରାନ୍ତରେ ଚାଇଲ୍ଡ ଲାଇନ ପାଖରେ ଖବର ପହଞ୍ଚିବା ପରେ ଚାରମାଲ ଥାନାରେ ଅଭିଯୋଗ ହୋଇଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ପୋଲିସ ଶିଶୁକନ୍ୟାକୁ ଉଦ୍ଧାର କରିଛି। ବୁଧବାର ଶିଶୁ କଲ୍ୟାଣ ସମିତିରେ ଶିଶୁକନ୍ୟାକୁ ହାଜର କରାଯାଇଥିଲା। ଶିଶୁ କନ୍ୟାର ମା' ଓ ତାକୁ ଗ୍ରହଣ ଥିବା ଦମ୍ପତି ଉପସ୍ଥିତ ଥିଲେ। ଶିଶୁ କନ୍ୟା ବିକ୍ରି ହୋଇ ନ ଥିବା ମା' ବୟାନ ଦେଇଛନ୍ତି। ଅନ୍ୟପଟେ ସେ ଶିଶୁକନ୍ୟାକୁ ସାଙ୍ଗରେ ନେଇ ଯିବାକୁ ଅନୁରୋଧ କରିଥିଲେ। ହେଲେ ଶିଶୁଟିକୁ ଦେବାକୁ ଶିଶୁ କଲ୍ୟାଣ ସମିତି କର୍ତ୍ତୃପକ୍ଷ ମନା କରିଦେଇଛନ୍ତି। ଏଥିପାଇଁ ଆଇନଗତ ପ୍ରକ୍ରିୟା ରହିଛି। ତାହା ପାଳନ କରାଯିବ। ମହିଳା ଜଣକ ଶିଶୁକନ୍ୟାର ମା' ବୋଲି ପ୍ରମାଣ ଦେଲେ ତାଙ୍କୁ ପ୍ରଦାନ ☞ପୃଷ୍ଠା-୯

## କାମରେ ଲାଗୁନି ସରକାରୀ ଅର୍ଥ

### ଗ୍ରାମ୍ୟ ନିର୍ମାଣ ବିଭାଗ

- ନିର୍ବାହୀ ଯନ୍ତ୍ରୀମାନଙ୍କ ପାଖରେ ପଡ଼ିରହିଛି ୧୨.୨ କୋଟି
- ୩୧ ସୁଦ୍ଧା ବିନିଯୋଗ କରିବାକୁ ନିର୍ଦ୍ଦେଶ

ଯାଜପୁର ଅଫିସ,୨୮।୧୦

ରାଜ୍ୟ ଗ୍ରାମ୍ୟ ନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀମାନଙ୍କ ପାଖରେ ଗତ ୧୯ ତାରିଖ ସୁଦ୍ଧା ୧୨ କୋଟି ୨ ଲକ୍ଷ ୪ ହଜାର ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ିରହିଛି। ସ୍ୱାସ୍ଥ୍ୟ ଓ ରାଜସ୍ୱ ବିଭାଗର ବିଭିନ୍ନ ନିବାସ ଏବଂ କାର୍ଯ୍ୟାଳୟ କୋଠା ନିର୍ମାଣ କରିବାକୁ ଉକ୍ତ ଅର୍ଥ ଆବଣ୍ଟିତ ହୋଇଥିବା ସୂଚନା ମିଳିଛି। ଅର୍ଥ ବିନିଯୋଗ ନ ହେବା ନେଇ ବିଭାଗକୁ ଉପଯୁକ୍ତ କାରଣ ଦର୍ଶାଯାଇନାହିଁ। ବରଂ ଭୁଲ୍ ରିପୋର୍ଟ ଦିଆଯାଇଥିବା ବିଭାଗୀୟ ମୁଖ୍ୟ ଯନ୍ତ୍ରୀ(କୋଠା)ଙ୍କ ଚିଠିରୁ ଜଣାପଡ଼ିଛି। ଏଥିରୁ ନିର୍ବାହୀ ଯନ୍ତ୍ରୀମାନଙ୍କ ଅର୍ଥ ବିନିଯୋଗରେ ସ୍ୱଚ୍ଛତା ଓ କାର୍ଯ୍ୟ କରିବାରେ ଆନ୍ତରିକତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗ୍ରାମାଞ୍ଚଳର ବିକାଶରେ ଗ୍ରାମ୍ୟ ନିର୍ମାଣ ବିଭାଗର ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ବିଭାଗ ଅଧୀନରେ ଅପହଞ୍ଚ ଅଞ୍ଚଳକୁ ଗମନାଗମନ ସୁବିଧା ସହ ସରକାରୀ ଗୃହ ନିର୍ମାଣ ହେଉଛି। ଗମନାଗମନ କେବଳ ସଭ୍ୟତାର ଆଧାର ନୁହେଁ, ଏକ ଅଞ୍ଚଳ ଓ ଜାତିର ପ୍ରଗତିର ପରିଚାୟକ। ଯେଉଁ ଅଞ୍ଚଳକୁ ଯେତେ ଗମନାଗମନ ସୁବିଧା ରହିଛି ସେହି ଅଞ୍ଚଳ ସେତେ ବିକଶିତ ବୋଲି ଧରାଯାଏ। ଏହି କ୍ରମରେ ଗ୍ରାମ୍ୟ ନିର୍ମାଣ ବିଭାଗକୁ ବାର୍ଷିକ ବିପୁଳ ପରିମାଣର ଅନୁଦାନ ଆବଣ୍ଟିତ ହେଉଛି। କିନ୍ତୁ ସ୍ୱଭାବ ସୁଲଭ ☞ପୃଷ୍ଠା-୪

## ଆରୋଗ୍ୟ ସେତୁର ସ୍ରଷ୍ଟା ମନ୍ତ୍ରଣାଳୟକୁ ଜଣାନାହିଁ

ନୂଆଦିଲ୍ଲୀ,୨୮।୧୦

କୋଭିଡ୍-୧୯ ସମ୍ପର୍କରେ ଜନସାଧାରଣଙ୍କୁ ସତର୍କ କରାଉଥିବା ଆରୋଗ୍ୟ ସେତୁ ଆପ୍‌ର ସ୍ରଷ୍ଟା କିଏ ଏ ସମ୍ପର୍କରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ପାଖରେ କୌଣସି ତଥ୍ୟ ନାହିଁ। ଏହି ଆପ୍‌କୁ କିଏ ପ୍ରସ୍ତୁତ କରିଛି ଓ କିପରି ସୃଷ୍ଟି ହୋଇଛି ତାହା ଜଣାନାହିଁ ବୋଲି ନ୍ୟାଶନାଲ ଇନ୍‌ଫର୍ମେଟିକ୍ସ ସେଣ୍ଟର (ଏନ୍‌ଆଇସି) କହିଛି। ଏଥିପାଇଁ ଇଲେକ୍ଟ୍ରୋନିକ୍ସ ମନ୍ତ୍ରଣାଳୟ ଅଧୀନରେ ଥିବା ଏନ୍‌ଆଇସିକୁ ମୁଖ୍ୟ ସୂଚନା କମିଶନର (ସିଆଇସି) ଭର୍ତ୍ସନା କରିଛନ୍ତି। ଏଥିସହିତ ସିଆଇସି ମୁଖ୍ୟ ଜନସୂଚନା ଅଧିକାରୀମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

କୋଭିଡ୍-୧୯ କଣ୍ଟାକ୍ଟ ଟ୍ରେସିଂ ☞ପୃଷ୍ଠା-୪

# ୫୨ ବର୍ଷରେ ରାଜକୁମାରୀ ସ୍ୱୀକୃତି

- ପ୍ରଥମ ପ୍ରେମ ସମ୍ପର୍କରୁ ଜନ୍ମ ନେଇଥିଲେ ଡେଲ୍‌ଫିନ ବୋଏଲ୍
- ବେଲ୍‌ଜିୟମ ରାଜା ନିଜ ଝିଅ ବୋଲି ଅସ୍ୱୀକାର କରୁଥିଲେ
- କୋର୍ଟଙ୍କ ନିର୍ଦ୍ଦେଶ ପରେ ତାଙ୍କୁ ପ୍ରିନ୍ସେସ୍ ମାନ୍ୟତା ମିଳିଲା


ପ୍ରିନ୍ସେସ୍ ଡେଲ୍‌ଫିନ

ବ୍ରସେଲ୍ସ,୨୮।୧୦

ଝିଅ ହେଉ କି ପୁଅ ଭୂମିଷ୍ଠ ହେବା ମାତ୍ରେ ପ୍ରଥମେ ମା'ଙ୍କୁ ଚିହ୍ନେ ଓ ପରେ ବାପାଙ୍କୁ ଖୋଜେ। କିନ୍ତୁ ଶିଶୁଟି ପରବର୍ତ୍ତୀ ସମୟରେ ବାପାଙ୍କୁ ନ ପାଇଲେ ଅସହାୟ ହୋଇପଡ଼େ। ତା' ମୁଣ୍ଡ ଉପରେ ପିତୃତ୍ୱର ଛାୟା ନାହିଁ କି ସାମାଜିକ ସ୍ୱୀକୃତି ପାଇଁ ପରିଚୟ ନାହିଁ ବୋଲି ଜାଣିବା ପରେ ପିଲାଟିର ଜୀବନ ଦୁର୍ବିଷହ ହୋଇଯାଏ। ଦୀର୍ଘ ୫ ଦଶନ୍ଧି ଧରି ଏପରି ବିନା ପରିଚୟରେ ଲୋକଙ୍କ ଲାଞ୍ଛନା ଓ ତାଡ଼ନାକୁ ସହ୍ୟ କରି କାଳାତିପାତ କରିଛନ୍ତି ବେଲ୍‌ଜିୟମର ରାଜକୁମାରୀ ଡେଲଫିନ ବୋଏଲ୍। କୋର୍ଟ କଚେରି ଧାଇଁ ଧାଇଁ ଶେଷରେ କିଙ୍ଗ୍ ଆଲବର୍ଟ ଦ୍ୱିତୀୟଙ୍କ ଝିଅ ମାନ୍ୟତା ପାଇଛନ୍ତି। ଏହାସହ ସେ କଳାକାର ଡେଲ୍‌ଫିନ ବୋଏଲ୍‌ରୁ ବେଲ୍‌ଜିୟମ ପ୍ରିନ୍ସେସ ଡେଲ୍‌ଫିନ ସାକ୍ସ କୋବର୍ଗ ଭାବେ ପରିଚିତ ହୋଇଛନ୍ତି। ଏଥିପାଇଁ ତାଙ୍କୁ କମ୍ କଷ୍ଟ ସ୍ୱୀକାର କରିବାକୁ ପଡ଼ିନି।

ଡେଲ୍‌ଫିନ କୋର୍ଟଙ୍କ ଦ୍ୱାରା ରାଜକୀୟ ଅଧିକାର ପ୍ରାପ୍ତ ହେବା ପରେ ରବିବାର କିଙ୍ଗ ଆଲବର୍ଟ ସେକେଣ୍ଡ ଓ କ୍ୱିନ୍ ପାଓଲା ତାଙ୍କୁ ଭେଟିଛନ୍ତି। ମଙ୍ଗଳବାର କିଙ୍ଗ ଆଲବର୍ଟ (୮୬), କ୍ୱିନ୍ ପାଓଲା (୮୩) ଓ ପ୍ରିନ୍ସେସ୍ ଡେଲ୍‌ଫିନ (୫୨) ରୟାଲ ପ୍ୟାଲେସ୍‌ରୁ ଏକ ମିଳିତ ବିବୃତି ଜାରି କରିଛନ୍ତି। ପୂର୍ବତନ ରାଜା, ତାଙ୍କ ସ୍ତ୍ରୀ ଓ ଝିଅ ବିବୃତିରେ କହିଛନ୍ତି, ଏତେ ଦିନର ଉତ୍ତେଜନା, କ୍ଷତ ଓ ଯନ୍ତ୍ରଣା ପରେ ଏବେ କ୍ଷମା ଏବଂ ଉପଶମର ସମୟ ଆସିଛି। ଆମ ଜୀବନରେ ଆବେଗ, ବୁଝାମଣା ଓ ଆଶାର ଏକ ନୂଆ ଅଧ୍ୟାୟ ସୃଷ୍ଟି ହୋଇଛି। ଆମେ ଯେଉଁ କଠିନ ପଥ ବାଛିଛୁ ସେଥିଲାଗି ଧୈର୍ଯ୍ୟ ଜରୁରୀ ହୋଇଥାଏ। ତେବେ ଏଥିପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ☞ପୃଷ୍ଠା-୪




## ଜେଇଇ ଟପ୍ପର ଗିରଫ

**ଗୁଆହାଟୀ:** ଜେଇଇ ପରୀକ୍ଷାରେ ଜାଲିଆତି କରିବା ଅଭିଯୋଗରେ ଜଣେ ଡାକ୍ତର ଓ ତାଙ୍କ ପୁଅଙ୍କୁ ଆସାମ ପୋଲିସ ବୁଧବାର ଗିରଫ କରିଛି। ସେପ୍ଟେମ୍ବରରେ ଅନୁଷ୍ଠିତ ଜେଇଇ ମେନ୍ ପରୀକ୍ଷାରେ ସେମାନେ ନକଲି ପରୀକ୍ଷାର୍ଥୀ ଦେଇଥିଲେ। ତାଙ୍କ ସହାୟତାରେ ଡାକ୍ତରଙ୍କ ପୁଅ ୯୯.୮ ପ୍ରତିଶତ ମାର୍କ ସହ ଟପ୍ପର ହୋଇଥିଲେ।

# ଫ୍ରାନ୍ସ ସହ ତୁର୍କୀ ମୁହାଁମୁହିଁ

**ପ୍ୟାରିସ୍/ଆଙ୍କାରା, ୨୮।୧୦**

ସିରିଆ, ଲିବ୍ୟା ଓ ନାଗୋର୍ନୋ-କାରାବାଖରେ ତୁର୍କୀର କାର୍ଯ୍ୟାନୁଷ୍ଠାନକୁ ନେଇ ଫ୍ରାନ୍ସ ସହ ଉତ୍ତେଜନା ଲାଗି ରହିଥିବାବେଳେ ଏହି ମୁସ୍‌ଲିମ ରାଷ୍ଟ୍ର ଓ ପାଶ୍ଚାତ୍ୟ ଦେଶ ଏବେ ପୁଣି ମୁହାଁମୁହିଁ ହୋଇଛନ୍ତି। ଏଥର ବିବାଦ ସୃଷ୍ଟି ହୋଇଛି ଏକ କାର୍ଟୁନକୁ ନେଇ, ଯାହାକୁ ଫ୍ରାନ୍ସର ପ୍ରସିଦ୍ଧ ବ୍ୟଙ୍ଗ ପତ୍ରିକା ଶାର୍ଲି ଏବ୍‌ଦୋ ପ୍ରକାଶ କରିଥିଲା। ମାଗାଜିନ ଏହାର ପ୍ରଚ୍ଛଦ ପୃଷ୍ଠାରେ ତୁର୍କୀ ରାଷ୍ଟ୍ରପତି ରେସେପ ତୈୟପ ଏର୍ଦୋଗାନଙ୍କ ବ୍ୟଙ୍ଗ ଚିତ୍ର ସ୍ଥାନିତ କରିଛି। ଏହାକୁ ନେଇ ଇସ୍‌ଲାମିକ୍ ରାଷ୍ଟ୍ରଗୁଡ଼ିକରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି।

ସଦ୍ୟ ବିବାଦ ପ୍ରୋଫେଟ୍ ମହମ୍ମଦଙ୍କ କାର୍ଟୁନକୁ ନେଇ ସୃଷ୍ଟି ହୋଇଥିଲା। ଅକ୍ଟୋବର ୧୬ରେ ସାମୁଏଲ ପେଟି ନାମକ ଜଣେ ଶିକ୍ଷକ ଉକ୍ତ କାର୍ଟୁନ ଦେଖାଇବା ପରେ ୧୮ ବର୍ଷୀୟ ଅବ୍‌ଦୁଲ୍ଲା ଅଂରୋଜ ତାଙ୍କ ମୁଣ୍ଡ କାଟି ଦେଇଥିଲେ। ଏନେଇ ଫ୍ରାନ୍ସ ଓ ତୁର୍କୀ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିବାବେଳେ ଏବେ ବ୍ୟଙ୍ଗ ପତ୍ରିକା ଶାର୍ଲି ଏବ୍‌ଦୋର କଭର ପେଜ୍‌ରେ ତୁର୍କୀ ରାଷ୍ଟ୍ରପତି ଏର୍ଦୋଗାନଙ୍କୁ କଟାକ୍ଷ କରାଯାଇଛି। ଏଥିରେ ସେ ଟି-ଶାର୍ଟ ଓ ଅଣ୍ଡରୱେର ପିନ୍ଧି ଚେୟାରରେ ବସିଥିବା ନଜର ଆସୁଛନ୍ତି। ତାଙ୍କ ବାମ ହାତରେ ଏକ ବିୟର କ୍ୟାନ୍ ଥିବାବେଳେ




### ଏର୍ଦୋଗାନଙ୍କ କାର୍ଟୁନ ଛାପି ପୁଣି ବିବାଦରେ ଶାର୍ଲି ଏବ୍‌ଦୋ

ଡାହାଣ ହାତରେ ହିଜାବ୍ ପିନ୍ଧିଥିବା ଜଣେ ମହିଳାଙ୍କ ସ୍କର୍ଟକୁ ପଛପଟୁ ଟେକି ଧରିଛନ୍ତି। ଭୂମଧ୍ୟସାଗରରେ ତୁର୍କୀର ପ୍ରତିଦ୍ୱନ୍ଦ୍ୱୀ ଗ୍ରୀସ୍‌କୁ ଫ୍ରାନ୍ସରୁ ମିଳୁଥିବା ସମର୍ଥନକୁ ନେଇ ଦୁଇଦେଶ ପୂର୍ବରୁ ପରସ୍ପର ସହ ଲଢ଼ୁଛନ୍ତି। ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ ଇସ୍‌ଲାମିକ୍ ବିଚ୍ଛିନ୍ନତାବାଦ ଉପରେ କଡ଼ା ଆଭିମୁଖ୍ୟ ପ୍ରକାଶ କରିବା ପାଇଁ ନୂଆ ପଦକ୍ଷେପ ନେବାକୁ ଘୋଷଣା କରିବା ପରେ ଏର୍ଦୋଗାନ କହିଥିଲେ, ମାକ୍ରଁ ନିଜ ମାନସିକ ସ୍ୱାସ୍ଥ୍ୟ ଯାଞ୍ଚ କରାଇବା ଉଚିତ। ଏର୍ଦୋଗାନଙ୍କ କାର୍ଟୁନକୁ ନେଇ ତୁର୍କୀ ପକ୍ଷରୁ ବୁଧବାର ଜାରି ଏକ ବିବୃତିରେ ଫ୍ରାନ୍ସକୁ ଟାର୍ଗେଟ କରାଯାଇଛି। ଶାର୍ଲି ଏବ୍‌ଦୋ ଘୃଣା ଓ ଶତ୍ରୁତାର ବୀଜ ବୁଣୁଛି ବୋଲି ତୁର୍କୀ ଅଭିଯୋଗ ଆଣିଛି। ଏହା ସହ ତୁର୍କୀ କହିଛି ଯେ, ଏହି କାର୍ଟୁନ ତୁର୍କୀ ଓ ଫ୍ରାନ୍ସ ମଧ୍ୟରେ ଉତ୍ତେଜନା ବୃଦ୍ଧିର କାରଣ ହୋଇଛି। ଉକ୍ତ ମାଗାଜିନ ବିରୋଧରେ ଆଇନଗତ ଓ କୂଟନୈତିକ ପଦକ୍ଷେପ ନିଆଯିବ। ଏର୍ଦୋଗାନଙ୍କ ମୁଖପାତ୍ର ଇବ୍ରାହିମ କଲିନ ଟୁଇଟ୍ କରିଛନ୍ତି, ଆମେ ଫ୍ରାନ୍ସର ପତ୍ରିକାରେ ଆମ ରାଷ୍ଟ୍ରପତିଙ୍କ ସମ୍ପର୍କରେ ପ୍ରକାଶନର କଡ଼ା ନିନ୍ଦା କରୁଛୁ। ଏଥିରେ ବିଶ୍ୱାସ, ଆସ୍ଥା ଓ ମୂଲ୍ୟବୋଧକୁ ସମ୍ମାନ ଦିଆଯାଇ ନାହିଁ। ନୈତିକତା ଓ ଶାଳୀନତା ରହିତ ଏହି ପ୍ରକାଶନର ଉଦ୍ଦେଶ୍ୟ ହେଉଛି ଘୃଣା ଓ ଶତ୍ରୁତାର ବୀଜ ବୁଣିବା। ଅଭିବ୍ୟକ୍ତି ସ୍ୱାଧୀନତାକୁ ଧର୍ମ ଓ ଆସ୍ଥା ବିରୋଧରେ ଶତ୍ରୁତାରେ ପରିବର୍ତ୍ତିତ କରିବା ଏକ ରୁଗ୍‌ଣ ମାନସିକତା। ଇତିମଧ୍ୟରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ମଧ୍ୟ ଏକ ପତ୍ର ଲେଖିଛନ୍ତି, ଯେଉଁଥିରେ ସେ ମୁସ୍‌ଲିମ ଦେଶଗୁଡ଼ିକୁ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ବିରୋଧରେ ଏକଜୁଟ ହେବା ପାଇଁ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ପ୍ୟାରିସ୍‌ରୁ ବାହାରୁଥିବା ବ୍ୟଙ୍ଗ ପତ୍ରିକା ରେ ୫ ବର୍ଷ ତଳେ ମହମ୍ମଦ ପ୍ରୋଫେଟଙ୍କ କାର୍ଟୁନ ପ୍ରକାଶିତ ହୋଇଥିଲା। ଏହାକୁ ନେଇ ୨୦୧୫ ଜାନୁୟାରୀ ୭ରେ ଆତଙ୍କବାଦୀମାନେ ଏହି ମାଗାଜିନ ଅଫିସରେ ଆକ୍ରମଣ କରିଥିଲେ। ଏଥିରେ ସମ୍ପାଦନା ମଣ୍ଡଳୀର ୧୨ ଜଣ ପ୍ରାଣ ହରାଇଥିବାବେଳେ ୧୧ ଆହତ ହୋଇଥିଲେ।


ତୁର୍କୀ ରାଜଧାନୀ ଆଙ୍କାରାରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁଙ୍କ ବିକୃତ ଫଟୋ ସହ ବିକ୍ଷୋଭ ପ୍ରଦର୍ଶନ।

## ସଂକ୍ଷେପରେ

### ସ୍ମୃତି ଇରାନିଙ୍କୁ କରୋନା



**ନୂଆଦିଲ୍ଲୀ, ୨୮।୧୦:** କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନି କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏନେଇ ସେ ବୁଧବାର ଟୁଇଟର ମାଧମରେ ଦର୍ଶାଇଛନ୍ତି। ସେ ଆଇସୋଲେଶନରେ ରହିଥିବାବେଳେ ଡାକ୍ତରଙ୍କ ପରାମର୍ଶ ନେଉଛନ୍ତି। ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି ତୁରନ୍ତ କୋଭିଡ୍ ପରୀକ୍ଷା କରି ଆଇସୋଲେଶନରେ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ଅକ୍ଟୋବର ୨୪ରେ ଇରାନି ବିହାରର କେତେକ ନିର୍ବାଚନୀ ରାଲିରେ ଅଂଶଗ୍ରହଣ କରି ବିରୋଧୀ ମହାମେଣ୍ଟ ଉପରେ ବର୍ଷିଥିଲେ।

### ୨ ଆଇଇଡିକୁ ଅକାମୀ କଲା ପୋଲିସ

**ଔରଙ୍ଗାବାଦ, ୨୮।୧୦(ଆଇଏଏନ୍‌ଏସ୍):** ବିହାରରେ ବୁଧବାର ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ ଚାଲିଥିବାବେଳେ ମାଓବାଦୀ ପ୍ରବଣ ଔରଙ୍ଗାବାଦ ଜିଲାର ଧିବ୍ରା ଅଞ୍ଚଳରେ ଖଞ୍ଜାଯାଇଥିବା ଦୁଇଟି ଆଇଇଡିକୁ ପୋଲିସ ଉଦ୍ଧାର କରିବା ସହ ଅକାମୀ କରିଦେଇଛି। ଫଳରେ ବଡ଼ ସଙ୍କଟକୁ ଟାଳିଦିଆଯାଇପାରିଛି। ଏକ କଲ୍‌ଭର୍ଟ ତଳେ ରଖାଯାଇଥିବା ଆଇଇଡିକୁ ପୋଲିସ ଠିକଣା ସମୟରେ ଉଦ୍ଧାର କରିପାରିଥିଲା ବୋଲି ଧିବ୍ରା ଥାନା ଇନ୍‌ଚାର୍ଜ ପ୍ରମୋଦ କୁମାର କହିଛନ୍ତି। ମାଓବାଦୀମାନେ ଏହି ଆଇଇଡି ଖଞ୍ଜିଥିବା କୁହାଯାଉଛି। ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏହା ପୂର୍ବରୁ ମଙ୍ଗଳବାର ଗୟା ଜିଲାର ଇମାମଗଞ୍ଜ ଅଞ୍ଚଳରେ ମାଓବାଦୀ ଖଞ୍ଜିଥିବା ୨ଟି ଆଇଇଡିକୁ ସିଆର୍‌ପିଏଫ୍ ଅକାମୀ କରିଥିଲା।

### ସୁଶାନ୍ତ ଭଉଣୀଙ୍କ ଉପରୁ ମାମଲା ହଟିବ

**ନୂଆଦିଲ୍ଲୀ, ୨୮।୧୦:** ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଭଉଣୀ ପ୍ରିୟଙ୍କା ଓ ମିତୁଙ୍କ ଉପରେ ମାମଲା ହଟାଯିବ ବୋଲି ସିବିଆଇ ପକ୍ଷରୁ କୁହାଯାଇଛି। ସେମାନଙ୍କ ବିରୋଧରେ ଅଭିନେତ୍ରୀ ତଥା ସୁଶାନ୍ତଙ୍କ ପ୍ରେମିକା ରିଆ ଚକ୍ରବର୍ତ୍ତୀ ମାମଲା ରୁଜୁ କରିଥିଲେ। ଦୁଇ ଭଉଣୀ ମିଶି ସୁଶାନ୍ତଙ୍କ ଜାଲ୍ ମେଡିସିନ୍ ପ୍ରେସ୍କ୍ରିପ୍‌ଶନ ପ୍ରସ୍ତୁତ କରିଥିଲେ ବୋଲି ରିଆ ଅଭିଯୋଗ କରିଥିଲେ। ଗତ ମାସରେ ମୁମ୍ବାଇ ପୋଲିସ ଦୁଇଟି ମାମଲା ଏନେଇ ରୁଜୁ କରିଥିଲା। ତେବେ ଏଥିରେ କୌଣସି ସତ୍ୟତା ନାହିଁ ଓ ରିଆ ସନ୍ଦେହରେ ଏଭଳି କରିଛନ୍ତି। ମୁମ୍ବାଇ ପୋଲିସ ଏଭଳି ମାମଲା ରୁଜୁକରିବା ଉଚିତ ନ ଥିଲା। ସୁଶାନ୍ତଙ୍କ ଭଉଣୀଙ୍କୁ ସମର୍ଥନ କରି ସେମାନଙ୍କ ବିରୋଧରେ ଥିବା ମାମଲା ହଟାଯିବ ବୋଲି ସିବିଆଇ ପକ୍ଷରୁ ପ୍ରକାଶ କରାଯାଇଛି।

### ଚାଇନା ପ୍ରତି ସତର୍କ ରହିବାକୁ ସେନାକୁ ପରାମର୍ଶ ଦେଲେ ରାଜନାଥ

ନୂଆଦିଲ୍ଲୀ, ୨୮।୧୦(ଆଇଏଏନ୍‌ଏସ୍) ସାମରିକ ଆଲୋଚନାବେଳେ ବିବାଦୀୟ ସୀମାରେ ଚାଇନାର କାର୍ଯ୍ୟ ଓ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ସତର୍କ ରହିବାକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ବୁଧବାର ସେନା କମାଣ୍ଡରମାନଙ୍କୁ ପରାମର୍ଶ ଦେଇଛନ୍ତି। ସେନା କମାଣ୍ଡରମାନଙ୍କ ୪ ଦିନିଆ ସମ୍ମିଳନୀକୁ ଉଦ୍‌ବୋଧନ ଦେବା ଅବସରରେ ରାଜନାଥ ଏହା କହିଛନ୍ତି। ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ଚାଇନା ସହ ସୀମା ଉତ୍ତେଜନା ଏହି ସମ୍ମିଳନୀରେ ଆଲୋଚନାର ମୁଖ୍ୟ ପ୍ରସଙ୍ଗ ରହିଛି। ସୀମାନ୍ତ ସ୍ଥିତିର ସମାଧାନ ପାଇଁ ସାଧୁତା ଓ ବିଶ୍ୱସନୀୟ ବାତାବରଣରେ ଆଲୋଚନା ହେବା ଆବଶ୍ୟକ ବୋଲି ରାଜନାଥ କହିଥିଲେ। ଚାଇନାର ଉଦ୍ଦେଶ୍ୟକୁ ନେଇ ପ୍ରଶ୍ନ ଉଠିବାଠାରୁ ବିଶ୍ୱାସର ଅଭାବ ଦେଖାଦେଇଛି। ତେବେ ସାମ୍ପ୍ରତିକ ସୁରକ୍ଷା ସ୍ଥିତିରେ ଭାରତୀୟ ସେନା ନେଇଥିବା ପଦକ୍ଷେପରେ ସେ ଅତ୍ୟନ୍ତ ଗର୍ବିତ ବୋଲି ପ୍ରତିରକ୍ଷା ମନ୍ତ୍ରୀ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି। ସୈନ୍ୟବାହିନୀକୁ ଶକ୍ତିଶାଳୀ କରିବାରେ ସରକାର ସବୁ ପ୍ରକାର ପଦକ୍ଷେପ ନେବାକୁ ପ୍ରସ୍ତୁତ ଥିବା ସେ ସୂଚାଇଛନ୍ତି।

## ଡିୟୁ କୁଳପତି ନିଲମ୍ବିତ



**ନୂଆଦିଲ୍ଲୀ, ୨୮।୧୦**

କର୍ତ୍ତବ୍ୟରେ ଅବହେଳା ପାଇଁ ଦିଲ୍ଲୀ ବିଶ୍ୱବିଦ୍ୟାଳୟ (ଡିୟୁ)ର କୁଳପତି ପ୍ରଫେସର ଯୋଗେଶ ତ୍ୟାଗୀଙ୍କୁ ନିଲମ୍ବନ କରାଯାଇଛି। ନିକଟରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତିରେ କୁଳପତି ନେଇଥିବା ନିଷ୍ପତ୍ତି ଓ ନିୟମାବଳୀର ଅନୁପାଳନକୁ ନେଇ ବିଶ୍ୱବିଦ୍ୟାଳୟର ଦୁଇ ଗୋଷ୍ଠୀ ମଧ୍ୟରେ କିଛିଦିନ ହେଲା କ୍ଷମତା କନ୍ଦଳ ଲାଗି ରହିଥିଲା। କୁଳପତି ସ୍ୱାସ୍ଥ୍ୟଗତ କାରଣରୁ ଅନୁପସ୍ଥିତ ରହିଥିବାବେଳେ ଜାରି କରିଥିବା ନିର୍ଦ୍ଦେଶନାମାକୁ ରଦ୍ଦ କରାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି। କୁଳପତିଙ୍କୁ ନିଲମ୍ବନ କରିବା ପ୍ରସ୍ତାବକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମଙ୍ଗଳବାର ଅନୁମୋଦନ କରିଥିଲେ। ସ୍ୱାସ୍ଥ୍ୟଗତ କାରଣରୁ କୁଳପତି ତ୍ୟାଗୀ ଏମ୍ସରେ ଭର୍ତ୍ତି ହେବା ସହ ଜୁଲାଇ ୨ରୁ ଛୁଟିରେ ରହିଥିଲେ। ତ୍ୟାଗୀ କାର୍ଯ୍ୟରେ ଯୋଗଦେବା ପର୍ଯ୍ୟନ୍ତ ପ୍ରୋ ଭାଇସ୍ ଚାନ୍ସେଲର ପି.ସି. ଜୋଶୀଙ୍କୁ ସରକାର ଜୁଲାଇ ୧୭ରେ କୁଳପତି ଦାୟିତ୍ୱ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟ ପରିଚାଳନାରେ ଅନିୟମିତତାର ତଦନ୍ତ ପ୍ରସ୍ତାବକୁ ମଧ୍ୟ ରାଷ୍ଟ୍ରପତି ଅନୁମୋଦନ କରିଛନ୍ତି। ତଦନ୍ତ ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଏକ କମିଟି ଗଠନ କରିବ।

# ପ୍ରଥମ ପର୍ଯ୍ୟାୟରେ ୫୩.୫୪% ମତଦାନ

**ପାଟନା, ୨୮।୧୦**

ବିହାର ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ୬ଟା ସୁଦ୍ଧା ୫୩.୫୪ ପ୍ରତିଶତ ଭୋଟ ପଡ଼ିଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ରାଜ୍ୟର ୨୪୩ ବିଧାନସଭା କ୍ଷେତ୍ର ମଧ୍ୟରୁ ୭୧ଟିରେ ବୁଧବାର ଭୋଟଗ୍ରହଣ ହୋଇଥିଲା। ଏହି ପର୍ଯ୍ୟାୟରେ ହଜାରେରୁ ଊର୍ଦ୍ଧ୍ୱ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି।

ରାଜ୍ୟରେ କରୋନା ସଂକ୍ରମଣ ବଢ଼ିଚାଲିଥିବାବେଳେ ଏହାକୁ ଭ୍ରୂକ୍ଷେପ ନ କରି ବହୁସଂଖ୍ୟାରେ ଭୋଟର ମତଦାନ ପାଇଁ ଭୋଟକେନ୍ଦ୍ରଗୁଡ଼ିକରେ ଲାଇନ ଲଗାଇଥିବା ଦେଖାଯାଇଥିଲା। ୨୦୧୫ ବିଧାନସଭା ନିର୍ବାଚନରେ



### ବିହାର ବିଧାନସଭା ନିର୍ବାଚନ

ପ୍ରଥମ ପର୍ଯ୍ୟାୟ ମତଦାନ ୫୪.୯୪ ଥିଲାବେଳେ ଗତ ଲୋକ ସଭା ନିର୍ବାଚନରେ ୫୩.୫୪ ପ୍ରତିଶତ ଭୋଟ ହୋଇଥିଲା। ଏହି ପର୍ଯ୍ୟାୟରେ ୧୬ଟି ଜିଲାରେ ମତଦାନ ହେଉଥିଲାବେଳେ ସେଥିରୁ ୧୨ ଜିଲା ମାଓବାଦୀ ପ୍ରବଣ। କେତେକ ବୁଥ୍‌ରେ ବିଳମ୍ବରେ ଭୋଟଗ୍ରହଣ ଆରମ୍ଭ ହୋଇଥିବାରୁ ସେଠାରେ ମତଦାନ ସମୟ ବଢ଼ାଯାଇଥିଲା।


ପିଆଜ ଦର ଆକାଶ ଛୁଆଁ ହୋଇଥିବାବେଳେ କୋଲକାତାର ଏକ ହୋଲ୍‌ସେଲ୍ ମାର୍କେଟରେ ଗ୍ରାହକଙ୍କୁ ଅପେକ୍ଷା କରିଛନ୍ତି ବିକ୍ରେତା।

## ରାହୁଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

### ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

**ନୂଆଦିଲ୍ଲୀ, ୨୮।୧୦**

କଂଗ୍ରେସ ନେତା ରାହୁଲ ଗାନ୍ଧୀ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ନେଇ ଇସିଙ୍କ ଆଗରେ ଭାଜପା ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ବିହାରର ପ୍ରଥମ ପର୍ଯ୍ୟାୟ ମତଦାନବେଳେ ରାହୁଲ ମହାମେଣ୍ଟ ସପକ୍ଷରେ ଭୋଟ୍‌ଦେବା ଲାଗି ଭୋଟରମାନଙ୍କୁ ଆହ୍ୱାନ ଦେଇଥିଲେ। ଏଭଳି ଟୁଇଟ୍ କରି ସେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ଭାଜପା ଅଭିଯୋଗ କରିଛି। ସୋମବାର ସନ୍ଧ୍ୟାରେ ପ୍ରଚାର ସରିଥିବାବେଳେ ବୁଧବାର ସକାଳେ ରାହୁଲ ଏହି ଟୁଇଟ୍ କରିଥିଲେ। କୃଷକ ଓ ଶ୍ରମିକଙ୍କ ବିକାଶ, ନିଯୁକ୍ତି ଓ ନ୍ୟାୟ ଲାଗି ମହାମେଣ୍ଟ ସପକ୍ଷରେ ଭୋଟଦେବାକୁ ପ୍ରବର୍ତ୍ତାଇଥିଲେ। ଭାଜପା ଏନେଇ ଆପତ୍ତି ଉଠାଇବା ସହ ବିହାରର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପତ୍ର ଲେଖି କାର୍ଯ୍ୟାନୁଷ୍ଠାନ ଦାବି କରିଛି।

## ମହିଳା କମିଶନ ଅଧ୍ୟକ୍ଷାଙ୍କ ବହିଷ୍କାର ଦାବି

**ମୁମ୍ବାଇ, ୨୮।୧୦**


ରେଖା ଶର୍ମା

- ପଦରୁ ରେଖା ଶର୍ମାଙ୍କୁ ହଟାଇବା ଲାଗି ଆବେଦନ
- ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ସାକେତ ଗୋଖଲେ

ମୁସଲମାନ ବିରୋଧୀ ନୀତି 'ଲଭ୍ ଜିହାଦ'ର ପ୍ରସାର କରାଉଥିବା ରେଖା ଶର୍ମାଙ୍କୁ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଅଧ୍ୟକ୍ଷା ପଦରୁ ହଟାଇବା ପାଇଁ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେବା ଲାଗି ଆରଟିଆଇ କର୍ମୀ ସାକେତ୍ ଗୋଖଲେ ବମ୍ବେ ହାଇକୋର୍ଟରେ ସିଭିଲ୍ ରିଟ୍ ପିଟିଶନ ଦାଖଲ କରିଛନ୍ତି। ନିକଟରେ ଶର୍ମା ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶୟାରୀଙ୍କୁ ଭେଟି ନାରୀ ସୁରକ୍ଷା ଓ ଲଭ୍ ଜିହାଦ ମାମଲା ବୃଦ୍ଧି ସମ୍ପର୍କରେ ଆଲୋଚନା କରିଥିବା ଟୁଇଟ୍ କରିଥିଲେ। ଲଭ୍ ଜିହାଦକୁ ବିରୋଧ କରି ଗୋଖଲେ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ମହିଳା କମିଶନ ଅଧ୍ୟକ୍ଷା ଖୋଲାଖୋଲି ଭାବେ ସାମ୍ପ୍ରଦାୟିକ ଓ ବିଭେଦ ସୃଷ୍ଟିକାରୀ ମନ୍ତବ୍ୟ ଦେଉଥିବା କହିଛନ୍ତି। ଏଥିରୁ ତାଙ୍କର କାର୍ଯ୍ୟ ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଲଭ୍ ଜିହାଦ ନାମରେ କୌଣସି ମାମଲା ନ ଥିବାବେଳେ ମୁସଲମାନ ସମ୍ପ୍ରଦାୟକୁ ଟାର୍ଗେଟ କରି ସମାଜରେ ବିଭେଦ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏନ୍‌ସିଡବ୍ଲ୍ୟୁ ଅଧ୍ୟକ୍ଷା ଏଭଳି ମାମଲା ବଢୁଥିବା ଅଭିଯୋଗ ଆଣିଛନ୍ତି। ଭାରତୀୟ ଆଇନରେ 'ଲଭ ଜିହାଦ' ଶବ୍ଦ ନାହିଁ କିମ୍ବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର କୌଣସି କେନ୍ଦ୍ରୀୟ ଏଜେନ୍ସି ଏ ସମ୍ପର୍କରେ ରିପୋର୍ଟ କରିନାହାନ୍ତି। ଏହା ଏକ ଅନୌପଚାରିକ ପ୍ରସଙ୍ଗ। ମୁସଲମାନମାନେ ହିନ୍ଦୁ ଯୁବତୀଙ୍କୁ ଇସ୍‌ଲାମ ଧର୍ମକୁ ପରିବର୍ତ୍ତନ କରିବା ଲାଗି ସେମାନଙ୍କୁ ପ୍ରେମରେ ଫସାଇ ଉକ୍ତ ସମ୍ପ୍ରଦାୟ ବିରୋଧରେ ଜିହାଦ (ପବିତ୍ର ଯୁଦ୍ଧ) କରୁଥିବାର କୁହାଯାଇଥାଏ, ଯାହା ଏକ ଭିତ୍ତିହୀନ ଷଡ଼ଯନ୍ତ୍ର ସୂତ୍ରକୁ ସୂଚାଉଛି ବୋଲି ଗୋଖଲେ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି।

# ବିଏସ୍‌ପି ଛାଡ଼ିପାରନ୍ତି ୬ ବିଧାୟକ

**ଲକ୍ଷ୍ନୌ, ୨୮।୧୦**

### ମାୟାବତୀଙ୍କ କ୍ୟାମ୍ପରେ ବିଦ୍ରୋହ

ରାଜ୍ୟ ସଭା ନିର୍ବାଚନ ପୂର୍ବରୁ ମାୟାବତୀଙ୍କ କ୍ୟାମ୍ପରେ ବିଦ୍ରୋହ ଦେଖାଦେଇଛି। ବହୁଜନ ସମାଜ ପାର୍ଟି(ବିଏସ୍‌ପି)ର ରାଜ୍ୟ ସଭା ପ୍ରାର୍ଥୀ ରାମଜୀ ଗୌତମଙ୍କଠାରୁ ଦଳର ୪ ବିଧାୟକ ସେମାନଙ୍କର ସମର୍ଥନ ପ୍ରତ୍ୟାହାର କରିନେଇଛନ୍ତି। ଗୌତମଙ୍କ ପ୍ରସ୍ତାବକ ଭାବେ ସେମାନଙ୍କର ସ୍ୱାକ୍ଷର ଜାଲ୍ ବୋଲି ବିଧାୟକମାନେ ରିଟର୍ନିଂ ଅଫିସରଙ୍କୁ ଜଣାଇଦେଇଛନ୍ତି। ସେମାନଙ୍କ ସହ ବିଏସ୍‌ପିର ଅନ୍ୟ ଦୁଇଜଣ ବିଧାୟକ ମଧ୍ୟ ରିଟର୍ନିଂ ଅଫିସରଙ୍କୁ ଭେଟିଥିଲେ। ଏହି ବିଧାୟକମାନେ ସମାଜବାଦୀ ପାର୍ଟି (ଏସ୍‌ପି) ଅଫିସକୁ ଯାଇ ଏହାର ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କୁ ସାକ୍ଷାତ କରିଛନ୍ତି। ସେମାନେ ଏସ୍‌ପିରେ ସାମିଲ ହୋଇପାରନ୍ତି ବୋଲି କୁହାଯାଉଛି।

ପ୍ରଥମ ଥର ପାଇଁ ବିଏସ୍‌ପିକୁ ଏହାର ୨୦୧୯ ମେଣ୍ଟ ସହଯୋଗୀ ସମାଜବାଦୀ ପାର୍ଟିଠାରୁ ଶକ୍ତ ଧକ୍କା ଲାଗିଛି। ବୁଧବାର ରାଜନୈତିକ ସମୀକରଣରେ ଘଟିଥିବା ଏହି ନାଟକୀୟ ମୋଡ ଆଗାମୀ ୨୦୨୨ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନକୁ ପ୍ରଭାବିତ କରିବ। ଜାଲ୍ ଦସ୍ତଖତ ସମ୍ପର୍କରେ ବିଧାୟକମାନଙ୍କ ଅଭିଯୋଗ ସତ୍ତ୍ୱେ ଗୌତମଙ୍କ ନାମାଙ୍କନ ପତ୍ର କାଏମ ରହିଛି। ଅନ୍ୟପକ୍ଷରେ ଏସ୍‌ପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ପ୍ରକାଶ ବଜାଜଙ୍କ ପ୍ରାର୍ଥିପତ୍ର ନାକଚ ହୋଇଯାଇଛି।

# ଭାରତକୁ ନେଇ ଚିନ୍ତାରେ ଇମ୍ରାନ୍

**ଇସ୍‌ଲାମାବାଦ, ୨୮।୧୦**

### ଆଫଗାନ୍ ମାଟିରୁ ଟାର୍ଗେଟ୍ କରାଯିବାର ଭୟ ଘାରିଛି

ପାକିସ୍ତାନରେ ଅସ୍ଥିରତା ସୃଷ୍ଟିକରିବା ଲାଗି ଭାରତ ଆଫଗାନିସ୍ତାନ ମାଟିରୁ ଇସ୍‌ଲାମାବାଦକୁ ଟାର୍ଗେଟ୍ କରିପାରେ। ମୋଦି ସରକାର କେବଳ ପାକିସ୍ତାନ ବିରୋଧୀ ନୁହନ୍ତି ବରଂ ଭାରତରେ ରହୁଥିବା ମୁସଲ୍‌ମାନଙ୍କର ମଧ୍ୟ ବିରୋଧୀ ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ପ୍ରକାଶ କରିଛନ୍ତି। ଇସ୍‌ଲାମାବାଦଠାରେ ଅନୁଷ୍ଠିତ ଦୁଇ ଦିବସୀୟ ପାକ୍- ଆଫ୍‌ଗାନ ବାଣିଜ୍ୟ ଓ ପୁଞ୍ଜିନିବେଶ ସମ୍ମିଳନୀରେ ଯୋଗଦେଇ ଇମ୍ରାନ୍ କହିଛନ୍ତି, ଭାରତରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। କଶ୍ମୀରବାସୀଙ୍କୁ ଏବେ ନାନାଦି ଅତ୍ୟାଚାରର ସମ୍ମୁଖୀନ ହେବାକୁ ପଡ଼ୁଛି। ଅନ୍ତର୍ଜାତୀୟ ସ୍ତରରେ କଶ୍ମୀର ପ୍ରସଙ୍ଗ ଉଠାଇଥିଲେ ବି ବହୁ ଚାପ ସହିବାକୁ ପଡୁଛି। ଆଫଗାନିସ୍ତାନରେ ଭାରତର ବୃହତ୍ ଭୂମିକା ରହିବ ବୋଲି ଆମେରିକା କହିବା ପରେ ସୀମାରେ ଏହାର କୁପ୍ରଭାବ ପଡ଼ିବ ବୋଲି ଇମ୍ରାନ୍ ମତ ଦେଇଛନ୍ତି। ଆଫଗାନିସ୍ତାନରେ ଆତଙ୍କବାଦୀଙ୍କୁ ସମର୍ଥନ କରି ପାକିସ୍ତାନ ବିରୋଧରେ ଲଢ଼େଇ ଲାଗି ଭାରତ ପ୍ରସ୍ତୁତି ଚଳାଇଥିବା ସେ ଅଭିଯୋଗ କରିଛନ୍ତି।

# ୯ ଜଣଙ୍କ ହତ୍ୟାକାରୀଙ୍କୁ ମୃତ୍ୟୁଦଣ୍ଡାଦେଶ

**ହାଇଦ୍ରାବାଦ, ୨୮।୧୦**

### ପୂର୍ବ ଅପରାଧ ଲୁଚାଇବାକୁ ଦାଦନ ଶ୍ରମିକମାନଙ୍କୁ ହତ୍ୟା କରିଥିଲେ

ନିଜର ପୂର୍ବ ଅପରାଧକୁ ଲୁଚାଇବା ପାଇଁ ୯ ଜଣ ଦାଦନ ଶ୍ରମିକଙ୍କୁ ହତ୍ୟା କରିଥିବା ବିହାର ବେଗୁସରାଇ ଜିଲାର ସଞ୍ଜୟ କୁମାର ଯାଦବଙ୍କୁ ତେଲଙ୍ଗାନାର ୱାରାଙ୍ଗଲ କୋର୍ଟ ବୁଧବାର ମୃତ୍ୟୁଦଣ୍ଡାଦେଶ ଶୁଣାଇଛନ୍ତି। ଗତ ମେ' ୨୦ରେ ସେ ୱାରାଙ୍ଗଲ ଗ୍ରାମାଞ୍ଚଳ ଜିଲାର ଗୋରେକୁଣ୍ଟା ଗ୍ରାମରେ ପଶ୍ଚିମବଙ୍ଗ ଓ ତ୍ରିପୁରାରୁ ଆସିଥିବା ୯ ଦାଦନଙ୍କୁ ହତ୍ୟା କରିଥିଲେ। ସେମାନଙ୍କ ମଧ୍ୟରୁ ଗୋଟିଏ ପରିବାରର ୬ ଜଣ ଥିଲେ। ସମସ୍ତଙ୍କ ମୃତଦେହ ଏକ ପରିତ୍ୟକ୍ତ କୂଅରୁ ଉଦ୍ଧାର ହୋଇଥିଲା। ଏତଲାର ୨୫ ଦିନ ପରେ ୱାରାଙ୍ଗଲ ପୋଲିସ ସଞ୍ଜୟଙ୍କ ବିରୋଧରେ ଆଇପିସିର ଧାରା ୭ରେ ମାମଲା ରୁଜୁ କରିଥିଲା। ଶୁଣାଣି ବେଳେ ସଞ୍ଜୟ ନିଜର ଅପରାଧ ସମ୍ପର୍କରେ ସ୍ୱୀକାର କରିଥିଲେ। ଅଦାଲତ ୬୮ ସାକ୍ଷୀଙ୍କ ସମେତ ୯୮ ଜଣଙ୍କଠାରୁ ବୟାନ ଶୁଣିବା ପରେ ରାୟ ପ୍ରଦାନ କରିଥିଲେ। ସମସ୍ତ ଦାଦନ ଗିସୁଗୋଣ୍ଡାର ଏକ ଅଖା ତିଆରି କାରଖାନାରେ କାମ କରୁଥିଲେ। ମାର୍ଚ୍ଚରେ ଲକ୍‌ଡାଉନ ଘୋଷଣା ହେବାରୁ ସେମାନେ ଉକ୍ତ କମ୍ପାନୀ ପରିସରରେ ରହିଥିଲେ। ଆର୍ଥିକ ସମସ୍ୟା ଓ ଅନ୍ୟ ପାରିବାରିକ କାରଣରୁ ସମସ୍ତେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ପ୍ରଥମେ ସନ୍ଦେହ କରିଥିଲା। ତେବେ ସେମାନଙ୍କୁ ହତ୍ୟା କରାଯାଇଥିବା ତଦନ୍ତରୁ ସ୍ପଷ୍ଟ ହୋଇଥିଲା। ସଞ୍ଜୟ ମଧ୍ୟ ଜଣେ ଦାଦନ ଶ୍ରମିକ। ସେ ମାର୍ଚ୍ଚ ମାସରେ କରିଥିବା ଏକ ହତ୍ୟାକାଣ୍ଡକୁ ଲୁଚାଇବାକୁ ଯାଇ ୯ ଜଣ ଦାଦନଙ୍କୁ ହତ୍ୟା କରିଥିବା ତଦନ୍ତରୁ ଜଣାପଡ଼ିଥିଲା। ତଦନ୍ତ ଅନୁଯାୟୀ ସଞ୍ଜୟଙ୍କର ରଫିକା(୩୭) ନାମ୍ନୀ ମହିଳାଙ୍କ ସହ ଅବୈଧ ସମ୍ପର୍କ ଥିଲା। ମାର୍ଚ୍ଚ ୬ରେ ପଶ୍ଚିମବଙ୍ଗ ଯାଉଥିଲାବେଳେ ଆନ୍ଧ୍ରପ୍ରଦେଶର ପଶ୍ଚିମ ଗୋଦାବରୀ ଜିଲାର ନିଦୁବ୍ରେଲୁଠାରେ ସଞ୍ଜୟ ରଫିକାଙ୍କୁ ହତ୍ୟା କରି ୱାରାଙ୍ଗଲ ଫେରିଆସିଥିଲେ। ଏହି ଘଟଣାର ଦୁଇମାସ ପରେ ଧରାପଡ଼ିଯିବା ଆଶଙ୍କାରେ ସେ ପାଖରେ ରହୁଥିବା ଅନ୍ୟ ଦାଦନମାନଙ୍କୁ ମାରିଦେବା ପାଇଁ ନିଷ୍ପତ୍ତି ନେଇଥଲେ। ସେ ଖାଦ୍ୟରେ ନିଶା ଔଷଧ ଦେବା ପରେ ସୁପ୍ତ ଅବସ୍ଥାରେ ସେମାନଙ୍କୁ ଅଖାରେ ବାନ୍ଧି କୂଅରେ ଫିଙ୍ଗିଦେଇଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪,୪୪,୯୬,୧୪୪ | ୧୧,୭୫,୨୭୬ | ୩,୨୫,୫୯,୪୯୪ |
| ଭାରତ | ୮୦,୦୬,୩୪୦ | ୧,୨୦,୧୭୯ | ୭୨,୭୩,୬୪୯ |
| ଓଡ଼ିଶା | ୨,୮୫,୪୮୨ | ୧୨୮୪(+୫୩) | ୨,୭୦,୧୩୦ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଖରିଫ ଧାନ ସଂଗ୍ରହରେ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ

## ଜିଲାପାଳଙ୍କ ସହ ଆଲୋଚନା କଲେ ମନ୍ତ୍ରୀ

- ନଭେମ୍ବର ପହିଲାରୁ ଧାନ ସଂଗ୍ରହ ଆରମ୍ଭ ହେବ
- ୨୪ରୁ ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆସିବ ପ୍ରାପ୍ୟ
- ନିୟମିତ ମଣ୍ଡି ପରିଦର୍ଶନ କରିବେ ବିଭାଗୀୟ ଅଧିକାରୀ
- ଜିଲା, ସବ୍‌ଡିଭିଜନ୍ ସ୍ତରରେ ଟାସ୍କ ଫୋର୍ସ ଗଠନ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର,୨୮।୧୦(ବ୍ୟୁରୋ)

ରାଜ୍ୟରେ ଗତ ୨୦୧୯-୨୦ ଖରିଫ ବିପଣନ ଋତୁରେ ରେକର୍ଡ ପରିମାଣର ୭୦ ଲକ୍ଷ ୫୬ ହଜାର ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଛି। କୋଭିଡ୍ ସ୍ଥିତିରେ ଚଳିତ ଖରିଫ ଋତୁରେ ଓଡ଼ିଶାର କୃଷକମାନେ ଅକ୍ଳାନ୍ତ ପରିଶ୍ରମ ସହ ଧାନ ଚାଷ କରି ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିପାରିଛନ୍ତି। ଅଧିକରୁ ଅଧିକ ଚାଷୀ ଯେପରି ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ ବିକ୍ରି କରିପାରିବେ ସେଥିଲାଗି ଧାନ ସଂଗ୍ରହ କାର୍ଯ୍ୟକୁ ସୁଚାରୁ ରୂପେ କରିବା ପାଇଁ ଜିଲାପାଳ ଓ ବିଭାଗୀୟ କ୍ଷେତ୍ର ଅଧିକାରୀଙ୍କୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ଖରିଫ ଧାନ ସଂଗ୍ରହକୁ ନେଇ ମନ୍ତ୍ରୀ ସ୍ୱାଇଁ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ସମୀକ୍ଷା କରିବାବେଳେ ଜିଲାପାଳମାନଙ୍କୁ ଏହା କହିଛନ୍ତି। ଚଳିତ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୧୪.୯୭ ଲକ୍ଷ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ଧାନସଂଗ୍ରହ କାର୍ଯ୍ୟକୁ ସ୍ୱଚ୍ଛ ଓ ନିର୍ଭୁଲ କରିବା ଲାଗି ୫'ଟି' କାର୍ଯ୍ୟକ୍ରମ ଅନ୍ତର୍ଗତ ପି-ପାସ୍ ଓ ଚାଷୀଙ୍କୁ ଆଗୁଆ ଟୋକନ ପ୍ରଦାନ କରାଯାଇଛି। କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କଠାରୁ ଧାନ ସଂଗ୍ରହ କରି ସେମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରିବାକୁ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ଧାନସଂଗ୍ରହ କେନ୍ଦ୍ରରୁ ମିଲରମାନଙ୍କ ଦ୍ୱାରା ସେହିଦିନ ଧାନ ଉଠାଣ, ଧାନ କିଣିବାର ୨୪ରୁ ୪୮ ଘଣ୍ଟା ମଧ୍ୟରେ ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ପ୍ରାପ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଧାନସଂଗ୍ରହ କାର୍ଯ୍ୟରେ କୌଣସି ଖିଲାପ ଦୃଷ୍ଟିକୁ ଆସିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଥିଲେ।

ନଭେମ୍ବର ପହିଲାରୁ ଧାନସଂଗ୍ରହ କାର୍ଯ୍ୟ ଆରମ୍ଭ ହେବାକୁ ଥିବାରୁ ସମସ୍ତ ପୂର୍ବପ୍ରସ୍ତୁତି ସାରିବା ପାଇଁ ବିଭାଗୀୟ ସଚିବ ବୀର ବିକ୍ରମ ଯାଦବ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ଜିଲାଗୁଡ଼ିକରେ ଶୀଘ୍ର ଧାନ ଅମଳ ହେଉଛି ସେଠାରେ ନଭେମ୍ବର ୧ରୁ ୧୫ ମଧ୍ୟରେ ଧାନ ସଂଗ୍ରହ କାର୍ଯ୍ୟ ଆରମ୍ଭ ହେବ। ବିଳମ୍ବରେ ଅମଳ ହୋଇଥିବା ଜିଲାରେ ନଭେମ୍ବର ୧୬ରୁ ନଭେମ୍ବର ୩୦ ମଧ୍ୟରେ ଧାନସଂଗ୍ରହ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଧାନ ଅମଳର ପ୍ରକୃତ ସ୍ଥିତାବସ୍ଥାକୁ ଅନୁଧ୍ୟାନ କରି ସଂପୃକ୍ତ ଜିଲାର ଜିଲା ଧାନ ସଂଗ୍ରହ କମିଟି ଧାନ ସଂଗ୍ରହର ନିର୍ଦ୍ଦିଷ୍ଟ ତାରିଖ ସ୍ଥିର କରିବେ। ଧାନସଂଗ୍ରହ ନିମନ୍ତେ ଚାଷୀ ତାଲିକା ଚୂଡ଼ାନ୍ତ କରିବା, ନୂତନ କିମ୍ବା ପରିବର୍ତ୍ତନ କରିଥିବା ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟ, ଅଣଭୂଲେଖ ଜମି ଏବଂ ଜଳସେଚିତ ଜମି ଆଦିର ତଥ୍ୟ ସମ୍ପର୍କରେ ନିର୍ଭୁଲ ଯାଞ୍ଚ ଉପରେ ଗୁରୁତ୍ୱ ଦେବା ସହ ଆଧାର ସଂଯୋଗୀକରଣ ଏବଂ ଇଣ୍ଟରନେଟ୍ ଆଦି ଅନ୍ୟାନ୍ୟ ଭିତ୍ତିଭୂମି କାର୍ଯ୍ୟ ଶେଷ କରିବା ପାଇଁ ସଚିବ ନିର୍ଦ୍ଦେଶ ଦେଇଥିଲେ। କୋଭିଡ୍-୧୯ର ସମସ୍ତ ମାର୍ଗଦର୍ଶିକା ପାଳନ ସହିତ ମଣ୍ଡିଗୁଡ଼ିକର ସାନିଟାଇଜେଶନ୍, ମାସ୍କ ପରିଧାନ ଏବଂ ସାମାଜିକ ଦୂରତ୍ୱ ଆଦିକୁ କଡ଼ାକଡ଼ି ଭାବେ ପାଳନ କରିବାକୁ କୁହାଯାଥିଲା। ଚାଷୀଙ୍କ ଅବଗତି ନିମନ୍ତେ ଧାନସଂଗ୍ରହର ସମସ୍ତ ନିୟମାବଳୀ, ଧାନର ଏଫ୍‌ଏକ୍ୟୁ ମାନ ଏବଂ ଧାନସଂଗ୍ରହ କେନ୍ଦ୍ର ଓ ତାରିଖ ଆଦି ସମ୍ପର୍କରେ ବ୍ୟାପକ ପ୍ରଚାର ଓ ଜନସଚେତନତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଧାନସଂଗ୍ରହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀମାନେ ନିୟମିତ ମଣ୍ଡି ପରିଦର୍ଶନ କରିବେ। ଏଥିସହିତ ଜିଲା ଓ ସବ୍‌ଡିଭିଜନ୍ ସ୍ତରରେ ଟାସ୍କ ଫୋର୍ସ ଗଠନ କରି ଉପୁଜୁଥିବା ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।



ଭୁବନେଶ୍ୱରର ଜନଗହଳିପୂର୍ଣ୍ଣ ଜନପଥରେ ରାସ୍ତାକାମ ବେଳେ ପାଣି ପକାଯାଉ ନ ଥିବାରୁ ପ୍ରତିଦିନ ସହରବାସୀ ଧୂଳି ଭିତରେ ଯିବାଆସିବା କରୁଛନ୍ତି।

## ସଂକ୍ଷେପରେ

### ଡିସେମ୍ବର ୩୧ ପୂର୍ବରୁ ବିଧାନସଭା

**ଭୁବନେଶ୍ୱର,୨୮।୧୦(ବ୍ୟୁରୋ):** ଆସନ୍ତା ଡିସେମ୍ବର ୩୧ ପୂର୍ବରୁ ବିଧାନସଭାର ଶୀତକାଳୀନ ଅଧିବେଶନ ଆରମ୍ଭ ହେବ। ବୁଧବାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ରାଜ୍ୟ ବିଧାନସଭା ବର୍ଷକୁ ଅତି କମ୍‌ରେ ୬୦ ଦିନ ବସିବା କଥା। ତୃତୀୟ ଏବଂ ଚତୁର୍ଥ ଅଧିବେଶନରେ ମୋଟ ୨୦ ଦିନ ଗୃହ କାର୍ଯ୍ୟ ହୋଇଛି। ଅବଶିଷ୍ଟ ୪୦ ଦିନ ଡିସେମ୍ବର ୩୧ ପୂର୍ବରୁ ହେବ। ବିଧାନସଭା ଅଧିବେଶନ ବସିବା ନେଇ ରାଜ୍ୟପାଳ ନିଷ୍ପତ୍ତି ନେବା ପରେ ୪୦ ଦିନିଆ କ୍ୟାଲେଣ୍ଡର ପ୍ରସ୍ତୁତ ହେବ ବୋଲି ପାତ୍ର କହିଛନ୍ତି।

### ସାପ କାମୁଡ଼ାରେ ଦୁଇ ଭଉଣୀ ମୃତ

**ଉଲୁଣ୍ଡା,୨୮।୧୦(ଡି.ଏନ.ଏ.):** ମା' ବାପାଙ୍କ ସହ ଘରେ ଶୋଇଥିବା ବେଳେ ଏକ ବିଷଧର ସାପ କାମୁଡ଼ାରେ ଦୁଇ ଭଉଣୀଙ୍କର ମୃତ୍ୟୁ ଘଟିଛି। ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ପଞ୍ଚମହଲା ଗାଁରେ ମଙ୍ଗଳବାର ରାତିରେ ଏଭଳି ଦୁଃଖଦ ଘଟଣା ଘଟିଯାଇଛି। ମୃତ ଦୁଇ ଭଉଣୀ ହେଲେ ନିକିତା (୧୨) ଓ ଅର୍ଚ୍ଚିତା (୧୧)। ସେମାନେ ଗୋପାଲ ଜଗଦଲାଙ୍କ ଝିଅ । ସେମାନେ ଶୋଇଥିବାବେଳେ ସାପଟି ପ୍ରଥମେ ଅର୍ଚ୍ଚିତା ଏବଂ ପରେ ନିକିତାଙ୍କୁ କାମୁଡ଼ି ଦେଇଥିଲା। ଦୁଇ ଝିଅଙ୍କ ଚିତ୍କାର ଶୁଣି ପରିବାର ଲୋକେ ଉଠିଯାଇ ସାପ କାମୁଡ଼ିଥିବା ଜାଣିବାକୁ ପାଇଥିଲେ। ପରେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଦୁହିଁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଉଲୁଣ୍ଡା ଥାନାରେ ଏକ ଅପମୃତ୍ୟୁ ମାମଲା (୧୧/୨୦) ରୁଜୁ ହୋଇଛି।

### ସଡ଼କ ଦୁର୍ଘଟଣାରେ ଯୁବ ବ୍ୟବସାୟୀ ମୃତ

**ସାଲେପୁର,୨୮।୧୦(ଡି.ଏନ୍.ଏ.):** ସାଲେପୁର ବ୍ଲକ ଅନ୍ତର୍ଗତ ବୋଦାମୁଣ୍ଡାଇ ଅଞ୍ଚଳର ଯୁବ ବ୍ୟବସାୟୀଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ହେଲେ ବ୍ୟବସାୟୀ ଅଭିରାମ ସାହୁଙ୍କ କନିଷ୍ଠ ପୁତ୍ର ସନ୍ତୋଷ କୁମାର ସାହୁ(୩୩)। ସନ୍ତୋଷ ଦୋକାନ ପାଇଁ ମାଲ ଆଣିବାକୁ ଟାଟା ଟିଆଗୋ କାର ଯୋଗେ କଲିକତା ଯାଉଥିଲେ। ମେଦିନପୁର ନିକଟରେ କାରଟି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ହାଇୱା ପଛରେ ପିଟି ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ସନ୍ତୋଷଙ୍କ ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାରିତ ହେବା ପରେ ସାଲେପୁରରେ ଶୋକର ଛାୟା ଖେଳିଯାଇଛି।




# ୫ ଜିଲାରେ କମ୍ ବର୍ଷିଲା

## ଫେରିଗଲା ମୌସୁମୀ

### ୨୩ ଜିଲାରେ ସ୍ୱାଭାବିକ ଆସୁଛି ଶୀତ



ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)

ଦକ୍ଷିଣ ପଶ୍ଚିମ ମୌସୁମୀ ରାଜ୍ୟରୁ ସମ୍ପୂର୍ଣ୍ଣ ବିଦାୟ ନେଇଛି। ଏ ନେଇ ବୁଧବାର ପାଣିପାଗ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ନଭେମ୍ବର ୨ ତାରିଖ ଯାଏ ରାଜ୍ୟରେ ବର୍ଷାର କୌଣସି ସମ୍ଭାବନା ନାହିଁ। ରାଜ୍ୟକୁ ଶୀତର ଆଗମନ ଆରମ୍ଭ ହୋଇଯାଇଛି। ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜୁନ୍ ପହିଲାରୁ ସେପ୍ଟେମ୍ବର ୨୦ ମଧ୍ୟରେ ମାଲକାନଗିରିରେ ୪୩ ପ୍ରତିଶତ ଅଧିକ ବର୍ଷା ହୋଇଥିବା ବେଳେ ଝାରସୁଗୁଡ଼ାରେ ୨୫ ପ୍ରତିଶତ ଅଧିକ ବର୍ଷା ହୋଇଛି। ତେବେ ରାଜ୍ୟର ୫ଟି ଜିଲାରେ କମ୍ ବର୍ଷା ହୋଇଛି। ଯାଜପୁର ଜିଲାରେ ୨୩ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ ଖୋର୍ଦ୍ଧାରେ ୨୮, ପୁରୀରେ ୨୫, ବାଲେଶ୍ୱରରେ ୨୪ ଏବଂ ଗଜପତି ଜିଲାରେ ୨୩ ପ୍ରତିଶତ କମ୍ ବର୍ଷା ହୋଇଛି। ତେବେ ରାଜ୍ୟର ୨୩ ଜଲାରେ ସ୍ୱାଭାବିକ ବର୍ଷା ହୋଇଛି। ଜୁନ୍‌ରେ ମୌସୁମୀ ବର୍ଷା ୧୧୫ ପ୍ରତିଶତ ହୋଇଥିବା ବେଳେ ଜୁଲାଇରେ ୬୫, ଅଗଷ୍ଟରେ ୧୪୦ ଏବଂ ସେପ୍ଟେମ୍ବରରେ ୬୮ ପ୍ରତିଶତ ବର୍ଷା ହୋଇଛି। ମାତ୍ର ଅକ୍ଟୋବରରେ ରାଜ୍ୟକୁ ଭଲ ବର୍ଷା ମିଳିଛି। ଅକ୍ଟୋବର ପହିଲାରୁ ୨୮ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ଭାବେ ୯୫.୯ ମିଲିମିଟର ବର୍ଷା ହେବା ଜାଗାରେ ହୋଇଛି ୧୬୨.୧ ମିଲିମିଟର। ଏହି ସମୟରେ ୩୦ ଜିଲାରୁ ୧୮ ଜିଲାରେ ୬୦ ପ୍ରତିଶତରୁ ଅଧିକ ବର୍ଷା ହୋଇଥିବା ବେଳେ ୫ ଜିଲାରେ ୨୦ ପ୍ରତିଶତରୁ ଅଧିକ ଏବଂ ୭ ଜିଲାରେ ସ୍ୱାଭାବିକ ବର୍ଷା ହୋଇଛି।

ମୌସୁମୀ ଅପସାରଣ ହୋଇଥିବାରୁ ରାଜ୍ୟକୁ ଉତ୍ତର ପୂର୍ବ ଦିଗରୁ ପବନ ବହିବା ଆରମ୍ଭ ହୋଇଛି। ରାତ୍ରିର ତାପମାତ୍ରା ତଳକୁ ଖସିବା ଆରମ୍ଭ କରିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସୋନପୁରର ସର୍ବନିମ୍ନ ତାପମାତ୍ରା ୧୪ ଡିଗ୍ରୀ ସେଲସିୟସ ଥିବା ବେଳେ ଦାରିଙ୍ଗିବାଡ଼ି ୧୫, କୋରାପୁଟ ୧୫.୬, ଫୁଲବାଣୀ ୧୫.୩, ଭବାନୀପାଟଣା ୧୬ ଏବଂ କେନ୍ଦୁଝରରେ ୧୬.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

# ୨,୫୦୦ଟଙ୍କାରେ ଜାଲ୍ କୋଭିଡ୍ ନେଗେଟିଭ ସାର୍ଟିଫିକେଟ୍

## ଡାକ୍ତର, ଲାବ୍ ଟେକ୍‌ନିସିଆନ୍, ଆଶାକର୍ମୀଙ୍କ ବିରୋଧରେ ମାମଲା

ବେଙ୍ଗାଲୁରୁ, ୨୮।୧୦

ଜାଲ୍ କୋଭିଡ୍ ନେଗେଟିଭ୍ ସାର୍ଟିଫିକେଟ୍ ବିକ୍ରି କରୁଥିବା ଏକ ର୍ୟାକେଟର ପର୍ଦ୍ଦାଫାଶ ହୋଇଛି। ଏନେଇ ୩ ମହିଳାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ବେଙ୍ଗାଲୁରୁରେ ଜଣେ ଡାକ୍ତର, ଲାବ୍ ଟେକ୍‌ନିସିଆନ୍ ଓ ଆଶାକର୍ମୀ ମିଶି ୨,୫୦୦ ଟଙ୍କାରେ ଲୋକମାନଙ୍କୁ ଏଭଳି ଜାଲ୍ ସାର୍ଟିଫିକେଟ ଦେଉଥିବା ଜଣାପଡ଼ିଛି। ଡାକ୍ତରଙ୍କ ନାମ ଶୈଳଜା ହୋଇଥିବାବେଳେ ସେ ବୃହତ୍ ବେଙ୍ଗାଲୁରୁ ମହାନଗର ପାଳିକା ଦ୍ୱାରା ପରିଚାଳିତ ଏକ କ୍ଲିନିକ୍‌ରେ କାମ କରନ୍ତି। ଲାବ୍ ଟେକ୍‌ନିସିଆନ୍‌ଙ୍କ ନାମ ମହାଲକ୍ଷ୍ମୀ ହୋଇଥିବାବେଳେ ଆଶାକର୍ମୀଙ୍କ ନାମ ଶାନ୍ତି। ରେସିଡେଣ୍ଟ ଡାକ୍ତରଙ୍କୁ ଚୁକ୍ତିଭିତ୍ତିରେ ଆଣି ଏହି ଦୁଇ ମହିଳା ଜାଲ୍ ସାର୍ଟିଫିକେଟ୍ ବିକ୍ରି କରୁଥିଲେ। ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ କରି ସେମାନଙ୍କ ଇଚ୍ଛା ମୁତାବକ ନେଗେଟିଭ୍ ରିପୋର୍ଟ ଏମାନେ ଦେଇଆସୁଥିଲେ। ଟିଭି ରିପୋର୍ଟର ଏସବୁ ଧରିବା ପରେ ଖୋଳତାଡ଼ ଆରମ୍ଭ ହୋଇଛି। ବୃହତ୍ ବେଙ୍ଗାଲୁରୁ ମହାନଗର ପାଳିକା ଦ୍ୱାରା ଏମାନଙ୍କୁ ମଙ୍ଗଳବାର ବହିଷ୍କାର କରାଯାଇଛି। କର୍ଣାଟକ ସ୍ୱାସ୍ଥ୍ୟମନ୍ତ୍ରୀ କେ. ସୁଧାକର ଏହି ୩ ଅଭିଯୁକ୍ତଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁକରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।

# ମଦମୃତ୍ୟୁ ଘଟଣାର ତଦନ୍ତ ନିର୍ଦ୍ଦେଶ

- ମୃତକଙ୍କ ପରିବାରକୁ ଭେଟିଲେ ବିଧାୟକ, ଉପଜିଲାପାଳ
- ରେଡ୍‌କ୍ରସ୍ ପାଣ୍ଠି, ହରିଶ୍ଚନ୍ଦ୍ର ଯୋଜନାରୁ ପ୍ରଶାସନର ସହାୟତା
- ୪ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କଲା ପୋଲିସ

ବନ୍ତଲା,୨୮।୧୦(ଡି.ଏନ.ଏ.)

ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଶରଧାପୁର ପଞ୍ଚାୟତ ପଥରଗଡ଼ରେ ବିଷାକ୍ତ ମଦ ପିଇ ୪ ଜଣଙ୍କ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ରାଜ୍ୟ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ବୁଧବାର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ପୁରୁଣାକୋଟ ପୋଲିସ ମୁଖ୍ୟ ଅଭିଯୁକ୍ତ ବାଲିଜେରେଙ୍ଗ ଗ୍ରାମର ଠିକାଦାର କାଳିଆ ଦେହୁରୀ, ଜରପଡ଼ା ଥାନା ବଡ଼ହିଂସର ଗ୍ରାମର ଟୁକୁନା ଦେହୁରୀ, ନାକଚିନପାଳ ଗ୍ରାମର ଶ୍ରୀକାନ୍ତ ସାହୁ ଓ ନିଶା ଥାନା ଝିଣ୍ଟିପାଳ ଗ୍ରାମର ରଣଜିତ ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ଅପରାହ୍ଣରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଏଥିସହିତ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ଓ ହରିଶ୍ଚନ୍ଦ୍ର ଯୋଜନାରୁ ୨ ହଜାର ଟଙ୍କା ମିଶାଇ ମୋଟ୍ ୧୨ ହଜାର ଟଙ୍କା ଲେଖାଏ ପ୍ରତ୍ୟେକ ମୃତକଙ୍କ ପରିବାରକୁ ପ୍ରଦାନ କରିଛନ୍ତି। ସେହିପରି ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ଭାଜପା ମହିଳା ମୋର୍ଚ୍ଚା ସଦସ୍ୟାମାନେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଏହି ଘଟଣା ପାଇଁ ଭାଜପା ପକ୍ଷରୁ ରାଜ୍ୟ ସରକାର ଓ ଅବକାରୀ ବିଭାଗର ଅବହେଳାକୁ ଦାୟୀ କରାଯାଇଛି। ମୃତକଙ୍କ ପରିବାରଙ୍କୁ ୧୫ ଲକ୍ଷ ଏବଂ ଚିକିତ୍ସାଧୀନଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ କରିବାକୁ ଦଳ ଦାବି କରିଛି। ଜିଲାପାଳ ନିଜେ ଆସି ଘଟଣାର ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ପକ୍ଷରୁ ଦାବି କରାଯାଇଛି। ଗୁରୁବାର ଏ ନେଇ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ଜିଲା ଭାଜପା ସଭାପତି ପ୍ରଧାନ ପ୍ରକାଶ କରିଛନ୍ତି। ଏ ନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ସରକାର ଦେଇଥିବା ତଦନ୍ତ ନିର୍ଦ୍ଦେଶ ସମ୍ପର୍କିତ ଚିଠି ଏଯାଏ ପାଇନାହିଁ। ଜିଲା ପ୍ରଶାସନ ପକ୍ଷରୁ ପ୍ରାଥମିକ ତଦନ୍ତ କରାଯାଇ ସରକାରଙ୍କୁ ରିପୋର୍ଟ ଦିଆଯାଇଛି। ଘଟଣାସ୍ଥଳରୁ ମିଳିଥିବା ଏକ କେମିକାଲ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଛି।


ଆଠମଲ୍ଲିକ ବିଧାୟକ ଓ ଅନୁଗୋଳ ଉପଜିଲାପାଳ ମୃତକଙ୍କ ପରିବାରକୁ ଭେଟିବାକୁ ଯାଉଛନ୍ତି।



**ଆଜିର ମନ୍ତବ୍ୟ**

ଅକ୍ସଫୋର୍ଡ କରୋନା ଭାଇରସ୍ ଟିକା ଡିସେମ୍ବର ସୁଦ୍ଧା ପ୍ରସ୍ତୁତ ହୋଇଯିବ। -ଆଦର ପୁନାୱାଲ୍ଲା, ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ସିଇଓ



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ପ୍ରଭଞ୍ଜନ ଦାଶ
ପରିବାରବର୍ଗ



ସୁନିତା ପଣ୍ଡା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ୫୨ ବର୍ଷରେ ରାଜକୁମାରୀ ...



ବେଲ୍‌ଜିୟମର ପୂର୍ବତନ ରାଜା ଆଲବର୍ଟ ଦ୍ୱିତୀୟ ଓ କ୍ୱିନ୍ ପାଓଲାଙ୍କ ସହ ପ୍ରିନ୍ସେସ୍ ଡେଲ୍‌ଫିନ।

ପ୍ରଥମ ପଦକ୍ଷେପ ଶାନ୍ତିପୂର୍ଣ୍ଣ ଜୀବନର ରାହା ଦେଖାଇଛି ବୋଲି ସେମାନେ କହିଛନ୍ତି। ଏହାସହ ପ୍ୟାଲେସ୍ ପକ୍ଷରୁ ଏକ ଫଟୋ ଜାରି କରାଯାଇଛି, ଯେଉଁଥିରେ ତିନିଜଣ ବସିଛନ୍ତି। ବାମରେ ରାଣୀ, ମଝିରେ ରାଜା ଓ ଡାହାଣରେ ରାଜକୁମାରୀ ବସି ଖୁସିଗପ କରୁଥିବା ଦେଖିବାକୁ ମିଳିଛି।

ରାଜ ପରିବାରର 'ସିକ୍ରେଟ୍ ପ୍ରିନ୍ସେସ୍' ଡେଲ୍‌ଫିନଙ୍କ ଜୀବନୀକୁ ନେଇ ସମ୍ପୂର୍ଣ୍ଣ ଘଟଣାକ୍ରମ ଏହିପରି। ୧୯୭୦ ଦଶକର ମଧ୍ୟଭାଗରେ ଗ୍ରୀସ୍‌ର ଏଥେନ୍ସ ସହରସ୍ଥିତ ଏକ ରିସର୍ଟରେ ସିବିଲେ ଡେ ସେଲିସ୍‌ଙ୍କ ସହ ପ୍ରଥମ ଥର ପାଇଁ ପ୍ରିନ୍ସ ଆଲବର୍ଟଙ୍କ ଦେଖାହୁଏ। ସିବିଲେଙ୍କ ବାପା ସେତେବେଳେ ଆମ୍ବାସାଡର ଥିବାବେଳେ ଆଲବର୍ଟ ଏଥେନ୍ସକୁ ଛୁଟି ମନାଇବାକୁ ଯାଇଥିଲେ। ପ୍ରଥମ ଦେଖାରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠେ। ପରେ ଏହି ସମ୍ପର୍କ ନିବିଡ଼ ହୁଏ ଏବଂ ସିବିଲେ ପାଲଟିଯାଆନ୍ତି ଆଲବର୍ଟଙ୍କ ମିଷ୍ଟ୍ରେସ୍ ବା ଉପପତ୍ନୀ। ସେ ଆଲବର୍ଟଙ୍କ ସହିତ ୧୯୬୬ରୁ ୧୯୮୪ ମସିହା ପର୍ଯ୍ୟନ୍ତ ରୁହନ୍ତି। ଏହି ୧୮ ବର୍ଷର ସମ୍ବନ୍ଧ ପ୍ରାରମ୍ଭରେ ଉଭୟଙ୍କ ଔରସରୁ ଏକ ଶିଶୁକନ୍ୟା ଜନ୍ମ ନିଅନ୍ତି, ଯାହାଙ୍କ ନାମ ହେଉଛି ଡେଲ୍‌ଫିନ ବୋଏଲ। ସେପଟେ ୧୯୯୩ରେ ବେଲ୍‌ଜିୟମର ଅପୁତ୍ରିକ ରାଜା କିଙ୍ଗ ବୋଉଦୋୟୁଇନ୍ (୬୨)ଙ୍କ ପରଲୋକ ହୁଏ। ଫଳରେ ଅପ୍ରତ୍ୟାଶିତ ଭାବେ ସାନଭାଇ ଆଲବର୍ଟ ଦ୍ୱିତୀୟଙ୍କ ରାଜାଭିଷେକ କରାଯାଏ। କିଙ୍ଗ ଆଲବର୍ଟ ରାଜକୀୟ ମର୍ଯ୍ୟାଦାକୁ ଦେଖି ଡେଲଫିନଙ୍କୁ ନିଜ ଝିଅ ବୋଲି ଅସ୍ୱୀକାର କରନ୍ତି। ସିବିଲେ ଡେ ସେଲିସ୍ ନିରାଶ ହୋଇ ଶେଷରେ ଅନ୍ୟତ୍ର ଚାଲିଯାଆନ୍ତି।

ଡେଲଫିନଙ୍କୁ ଯେତେବେଳେ ୧୬ ବର୍ଷ ହୋଇଥାଏ, ସେ ମା'ଙ୍କୁ ପଚାରିଥିଲେ ବାପାଙ୍କ ପରିଚୟ। ସିବିଲେ ଝିଅକୁ କହିଥିଲେ କିଙ୍ଗ ଆଲବର୍ଟ ଦ୍ୱିତୀୟ ତୋ ଜୈବିକ ପିତା। ଏହି ବିଷୟ ଜାଣିବା ପରେ ଡେଲଫିନ ଖୁସିରେ ଆତ୍ମହରା ହୋଇଯାଇଥିଲେ ସିନା ବାପାଙ୍କ ସ୍ନେହରୁ ବଞ୍ଚିତ ହେବାର ଯନ୍ତ୍ରଣା ବି ଖୁବ୍ ବାଧିଥିଲା ତାଙ୍କୁ। ଇତିମଧ୍ୟରେ ଆଲବର୍ଟ ପାଓଲାଙ୍କୁ ବିବାହ କରିସାରିଥିଲେ। ୧୯୯୯ରେ ରାଣୀଙ୍କୁ ନେଇ ଏକ ବହି ପ୍ରକାଶିତ ହୋଇଥିଲା। 'ଲା ଡୋଲ୍‌ସେ ଭିଟା ଟୁ କ୍ୱିନ୍' ଶୀର୍ଷକ ଉକ୍ତ ଜୀବନୀ ପୁସ୍ତକରେ ରାଜାଙ୍କ ଜଣେ ରକ୍ଷିତା ଓ ଝିଅ ଥିବା ନେଇ ଉଲ୍ଲେଖ କରାଯାଇଥିଲା। ବେଲ୍‌ଜିୟମ ପ୍ୟାଲେସ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଥିଲା। ସେପଟେ ବୟସ ବଢ଼ିବା ପରେ ସମାଜରେ ନିଜ ପରିଚୟ ପାଇଁ ଡେଲଫିନ ଆଇନଗତ ଲଢ଼େଇ ଆରମ୍ଭ କରିଥିଲେ। ୨୦୦୫ରେ ସେ ଦାବି କରିଥିଲେ ଯେ, କିଙ୍ଗ ଆଲବର୍ଟ ତାଙ୍କର ଜନକ। ରାଜା ଏହାକୁ ଅସ୍ୱୀକାର କରିବା ପରେ ଡେଲଫିନ ଅଦାଲତଙ୍କ ଆଶ୍ରୟ ନେଇଥିଲେ। କୋର୍ଟ ଆଲବର୍ଟଙ୍କୁ ଡିଏନ୍‌ଏ ପରୀକ୍ଷା କରାଇ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଆଲବର୍ଟ ରାଜା ହୋଇଥିବାରୁ ରାଜକୀୟ ମର୍ଯ୍ୟାଦାର ସୁଯୋଗ ନେଇ ଡିଏନ୍‌ଏ ଯାଞ୍ଚ ପାଇଁ ମନା କରିଦେଇଥିଲେ। ଏଥିପାଇଁ ରାଜାଙ୍କୁ ଦୈନିକ ୫,୯୦୦୦ ଡଲାର ଜରିମାନା ଦେବାକୁ ଅଦାଲତଙ୍କ ନିର୍ଦ୍ଦେଶ ରହିଥିଲା। କିଙ୍ଗ ଆଲବର୍ଟ ଦ୍ୱିତୀୟ ୨୦୧୩ରେ ରାଜପଦ ତ୍ୟାଗ କରିଥିଲେ ଓ ତାଙ୍କ ସ୍ଥାନରେ ପ୍ରିନ୍ସ ଫିଲିପ୍ ବେଲ୍‌ଜିୟମର ରାଜା ହୋଇଥିଲେ। ରାଜପଦ ଯିବା ପରେ ଗତ ଜାନୁୟାରୀରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆଲବର୍ଟ ଡିଏନ୍‌ଏ ପରୀକ୍ଷା କରାଇ ରିପୋର୍ଟ ଦାଖଲ କରିଥିଲେ। ସେଥିରୁ ସ୍ପଷ୍ଟ ହୋଇଥିଲା ଯେ, କିଙ୍ଗ ଆଲବର୍ଟ ହିଁ ଡେଲଫିନଙ୍କ ଜୈବିକ ପିତା। ଶେଷରେ ୨୦୨୦ ଅକ୍ଟୋବର ପହିଲାରେ ସେ ଡେଲଫିନଙ୍କୁ ନିଜ ଝିଅ ବୋଲି ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ।

କିଛି ଦିନ ତଳେ ଆଲବର୍ଟଙ୍କ ପୁଅ କିଙ୍ଗ ଫିଲିପ୍ ଡେଲଫିନଙ୍କୁ ସାକ୍ଷାତ କରିଥିବା ଜାଣି ଆଲବର୍ଟ ଖୁସି ବ୍ୟକ୍ତ କରିଥିଲେ। ବର୍ତ୍ତମାନର ରାଜା ଫିଲିପ୍‌ଙ୍କ ବ୍ୟତୀତ କ୍ୱିନ୍ ପାଓଲା ଏବଂ ଆଲବର୍ଟଙ୍କ ଅନ୍ୟ ଦୁଇଜଣ ଝିଅ ଓ ପୁଅ ଅଛନ୍ତି। ସେମାନେ ହେଲେ ପ୍ରିନ୍ସ ଲରେଣ୍ଟ ଓ ପ୍ରିନ୍ସେସ୍ ଆଷ୍ଟ୍ରିଡ୍। ଡେଲଫିନ ପ୍ରିନ୍ସେସ ମାନ୍ୟତା ପାଇଥିବାରୁ ଆଲବର୍ଟଙ୍କ ମୃତ୍ୟୁ ପରେ ସେ ତାଙ୍କ ୩ ସାବତ ଭଉଣୀଭାଇଙ୍କ ଭଳି ରାଜ ପରିବାର ସମ୍ପତ୍ତିରୁ ଉତ୍ତରାଧିକାରୀ ସୂତ୍ରରେ ଭାଗ ପାଇବେ। ଆର୍ଟିଷ୍ଟ ଡେଲଫିନଙ୍କ ଝିଅ ଓ ପୁଅ ମଧ୍ୟ ଅନୁରୂପ ଭାବେ ବେଲ୍‌ଜିୟମର ପ୍ରିନ୍ସେସ ଏବଂ ପ୍ରିନ୍ସ ଭାବେ ପରିଚିତ ହେବେ। ୫୨ ବର୍ଷ ବୟସରେ ବୟୋବୃଦ୍ଧ ବାପାଙ୍କୁ ପାଇ ଖୁସିରେ ଆତ୍ମହରା ହୋଇଯାଇଛନ୍ତି ଡେଲ୍‌ଫିନ। ପ୍ରିନ୍ସେସ୍ ଡେଲ୍‌ଫିନଙ୍କ ଏହି ସଂଗ୍ରାମର କାହାଣୀ ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି।

# ପ୍ରଥମ ପୃଷ୍ଠାରୁ...

## କାମରେ ଲାଗୁନି ...

ଢଙ୍ଗରେ ସେହିସବୁ ଯୋଜନା ଓ କାର୍ଯ୍ୟକ୍ରମ ଦିଗହରା ହୋଇଛି। ଗ୍ରାମ୍ୟ ନିର୍ମାଣ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ)ରେ ବ୍ୟାପକ ଅନିୟମିତତା ହୋଇଥିବା କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି)ଙ୍କ ପକ୍ଷରୁ ନିକଟରେ ପର୍ଦ୍ଦାଫାଶ ହୋଇଛି। ସିଏଜି ରିପୋର୍ଟରେ ଦର୍ଶାଯାଇଛି ଯେ, ନିର୍ବାହୀ ଯନ୍ତ୍ରୀମାନେ ଠିକାଦାରଙ୍କଠାରୁ କାର୍ଯ୍ୟ ବିଳମ୍ବ ପାଇଁ ଜରିମାନା ଆଦାୟ ନ କରିବାରୁ ୯ କୋଟି ଟଙ୍କା ପଡ଼ିରହିଛି। ଏହି କ୍ରମରେ ବିଭିନ୍ନ କୋଠା ନିର୍ମାଣ ବାବଦକୁ ମଧ୍ୟ ଆବଣ୍ଟିତ ଅର୍ଥ ଖର୍ଚ୍ଚ ହୋଇ ନ ପାରି ପଡ଼ି ରହିଥିବା ଭଳି ଗୁରୁତର ତଥ୍ୟ ସାମ୍ନାକୁ ଆସିଛି।

ଗତ ୧୯ ତାରିଖ ସୁଦ୍ଧା ହୋଇଥିବା ସରକାରୀ ହିସାବ ଅନୁଯାୟୀ, ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ କାର୍ଯ୍ୟାଳୟ କୋଠା ନିର୍ମାଣ କରିବାକୁ ରାଜ୍ୟର ୪୩ ଡିଭିଜନକୁ ୩୦ କୋଟି ୪୧ ଲକ୍ଷ ୯୮ ହଜାର ଟଙ୍କା ଆବଣ୍ଟିତ ହୋଇଛି। ସେଥିରୁ ୨୩ କୋଟି ୭୦ ଲକ୍ଷ ୬୨ ହଜାର ଟଙ୍କା ଖର୍ଚ୍ଚ (୭୭.୯୩%) ହୋଇଥିବାବେଳେ ୬ କୋଟି ୭୧ ଲକ୍ଷ ୩୬ ହଜାର ଟଙ୍କା ପଡ଼ିରହିଛି। ସେହିପରି ସ୍ୱାସ୍ଥ୍ୟ ବିଭାଗର କେତେକ ନିବାସ ନିର୍ମାଣ ପାଇଁ ୨୯ ଡିଭିଜନକୁ ୫ କୋଟି ୯୭ ଲକ୍ଷ ୭୫ ହଜାର ଟଙ୍କା ଆବଣ୍ଟିତ ହୋଇଛି। ସେଥିରୁ ୩ କୋଟି ୯୬ ଲକ୍ଷ ୭ ହଜାର ଟଙ୍କା ଖର୍ଚ୍ଚ (୬୬.୨୬%) ହୋଇଥିବାବେଳେ ୨ କୋଟି ୧ ଲକ୍ଷ ୬୮ ହଜାର ଟଙ୍କା ପଡିରହିଛି। ରାଜସ୍ୱ ବିଭାଗର କାର୍ଯ୍ୟାଳୟ କୋଠା ନିର୍ମାଣ ପାଇଁ ୩ଟି ପର୍ଯ୍ୟାୟରେ ଯଥାକ୍ରମେ ୪ କୋଟି ୮୬ ଲକ୍ଷ ୭୩ ହଜାର, ୧ କୋଟି ୨୮ ଲକ୍ଷ ଏବଂ ୭ କୋଟି ୯୪ ଲକ୍ଷ ୬୯ ହଜାର ଟଙ୍କା ଆବଣ୍ଟିତ ହୋଇଛି। ସେଥିରୁ ଖର୍ଚ୍ଚ ନ ହୋଇ ପଡ଼ିରହିଛି ଯଥାକ୍ରମେ ୧ କୋଟି ୨୨ ଲକ୍ଷ ୨୧ ହଜାର, ୬ ଲକ୍ଷ ୯୧ ହଜାର ଏବଂ ୧ କୋଟି ୭୭ ଲକ୍ଷ ୪୨ ହଜାର ଟଙ୍କା। ଏହାସହ ୭ ଡିଭିଜନ ଜରିଆରେ ରାଜସ୍ୱ ବିଭାଗର କେତେକ ନିବାସ ନିର୍ମାଣ ବାବଦକୁ ୨ କୋଟି ୭୩ ଲକ୍ଷ ୬୩ ହଜାର ଟଙ୍କା ଆବଣ୍ଟିତ ହୋଇଥିବାବେଳେ ସେଥିରୁ ୨୨ ଲକ୍ଷ ୪୬ ହଜାର ଟଙ୍କା ପଡ଼ିରହିଛି। ତେବେ ଅର୍ଥ ବିନିଯୋଗରେ ଯାଜପୁର ଜିଲାର ୨ ଡିଭିଜନ ବହୁ ଆଗରେ ରହିଥିବା ରିପୋର୍ଟରୁ ଜଣାପଡିଛି। ଯାଜପୁର-୧ ଡିଭିଜନକୁ ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟାଳୟ କୋଠା ନିର୍ମାଣ ବାବଦକୁ ଆବଣ୍ଟିତ ହୋଇଥିବା ୮ ଲକ୍ଷ ୯ ହଜାର ମଧ୍ୟରୁ ୮ ଲକ୍ଷ ୮ ହଜାର ଟଙ୍କା ବିନିଯୋଗ(୯୯.୮୮%) ହୋଇଛି। ସେହିପରି ଯାଜପୁର-୨ ଡିଭିଜନକୁ ଆବଣ୍ଟିତ ୨୦ ଲକ୍ଷ ୪୭ ହଜାର ଟଙ୍କା ମଧ୍ୟରୁ ୨୦ ଲକ୍ଷ ୨୪ ହଜାର ଟଙ୍କା ବିନିଯୋଗ ହୋଇପାରିଛି। ଅର୍ଥ ବିନିଯୋଗ କ୍ଷେତ୍ରରେ ଅନ୍ୟ କେତେକ ଡିଭିଜନର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ସେଥିମଧ୍ୟରୁ ଭୁବନେଶ୍ୱର ଇଲେକ୍ଟ୍ରିକାଲ ଡିଭିଜନ ୨୨.୧୧% ଏବଂ ବାରିପଦା, ସୋନପୁର, ସମ୍ବଲପୁର, ରାୟଗଡ଼ା ଓ କୋରାପୁଟ ଡିଭିଜନ ଶୂନ ପ୍ରତିଶତ ଅର୍ଥ ବିନିଯୋଗ କରିପାରିଛନ୍ତି। ସେହିପରି ବ୍ରହ୍ମପୁର ଇଲେକ୍ଟ୍ରିକାଲ ଡିଭିଜନ ୫୨.୭୨%, ଭୁବନେଶ୍ୱର ପିଏଚ୍ ଡିଭିଜନ ୨୪.୫୮%, ଝାରସୁଗୁଡ଼ା ୬୦%, ଖରିଆର ୨୮.୬୮ %, ଗୁଣପୁର ୨୬.୨୯%, ବଲାଙ୍ଗୀର ୨୦%, ମୋହନା ୩୪.୮୬%, ନୟାଗଡ଼ ୪୨.୩୦%, ବାଲେଶ୍ୱର ୨୮.୭୮% ଏବଂ ବାଲିଗୁଡା ଡିଭିଜନ ୧୯% ଅର୍ଥ ବିନିଯୋଗ କରିପାରିଛନ୍ତି।

ସରକାରୀ ଅର୍ଥ ବିନିଯୋଗ ନ ହୋଇ ପଡ଼ିରହିବା ନେଇ ସିଏଜି ରିପୋର୍ଟରେ ଦର୍ଶାଯିବା ପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗ୍ରାମ୍ୟ ନିର୍ମାଣ ବିଭାଗ ମୁଖ୍ୟ ଯନ୍ତ୍ରୀ (କୋଠା) ଗତ ୨୦ ତାରିଖରେ ଉପରୋକ୍ତ ଖିଲାପି ନିର୍ବାହୀ ଯନ୍ତ୍ରୀମାନଙ୍କୁ ଜବାବ ତଲବ କରିଛନ୍ତି। ଆବଣ୍ଟିତ ଅର୍ଥ ଆସନ୍ତା ୩୧ ତାରିଖ ସୁଦ୍ଧା ବିନିଯୋଗ କରି ରିପୋର୍ଟ ପ୍ରଦାନ କରିବାକୁ ଖିଲାପି ନିର୍ବାହୀ ଯନ୍ତ୍ରୀମାନଙ୍କୁ ମୁଖ୍ୟ ଯନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହା କାର୍ଯ୍ୟକାରୀ କରା ନ ଗଲେ ଆସନ୍ତା ୧ ତାରିଖରେ ସମସ୍ତ ଅର୍ଥ ଫେରସ୍ତ କରି ନିଆଯିବ। ଏହାସହ ଭୁଲ୍ ସୂଚନା ଦିଆଯାଇଥିବା ସମ୍ପର୍କରେ ସରକାରଙ୍କୁ ଅବଗତ କରାଯିବ ବୋଲି ମୁଖ୍ୟ ଯନ୍ତ୍ରୀ ଚେତାବନୀ ଦେଇଛନ୍ତି।



Tel-0674-2392916
E-mail: cercbuilding.bbsr@yahoo.com

GOVERNMENT OF ODISHA
OFFICE OF THE ENGINEER-IN-CHIEF
RURAL WORKS: BHUBANESWAR

5T
1. Transparency
2. Technology
3. Team work
4. Transformation
5. Time Limit

Letter No. 19593 Dtd. 20-10-2020

EXTREMELY URGENT

Bld- Allot /2020

To
All Executive Engineers.
Under Rural Works Organisation, (O) Bhubaneswar

Sub:- Irregular parking of allotments

Sir,

While reviewing the expenditure status under programme expenditure relating to various Government Departments (excluding RD Department) ending Dt.19.10.2020 it is observed that the expenditure is not satisfactory in comparison to the allotment issued by this office. When allotment is being issued to you basing on the passed vouchers or xerox copies of the bills, there is no reason for not incurring full expenditure against the allotment issued. It is clear that some Executive Engineers have parked the funds allotted to them or have submitted wrong information along with the requisition. This amounts to financial irregularities.

Hence, all the defaulting Executive Engineers are given the last chance to exhaust the allotment issued to them in full by 31st October 2020 positively failing which the unspent allotment available with them after the said cut off date will be withdrawn on Dt. 01.11.2020 and will be distributed among the eligible works of different Divisions and the fact of submission of incorrect information will be intimated to Government.

This is extremely Urgent.

Encl:- Statement of Expenditure

Yours faithfully,

Chief Engineer, Buildings

ନିର୍ବାହୀ ଯନ୍ତ୍ରୀମାନଙ୍କ ଉଦ୍ଦେଶ୍ୟରେ ମୁଖ୍ୟ ଯନ୍ତ୍ରୀଙ୍କ ଚିଠି।

## ପୁଞ୍ଜିନିବେଶରେ ଉଦାସୀନତା ...

୨୦୧୭-୧୮ ମଧ୍ୟରେ ଇଡ୍‌କୋକୁ ୧.୫ କୋଟି ଟଙ୍କା ପ୍ରଦାନ କରିଥିଲା। ହେଲେ ଏହି ଅର୍ଥ ଏକକାଳୀନ ପ୍ରଦାନ କରା ନ ଯିବାରୁ ଏସ୍‌ଇଜେଡ୍ ନିର୍ମାଣରେ ବିଳମ୍ବ ହୋଇଥିଲା। ଉକ୍ତ ଏସ୍‌ଇଜେଡ୍ ପାଇଁ ୨୦୧୧ ଅକ୍ଟୋବର ସୁଦ୍ଧା ୨୬୨.୫୭ ଏକର ଜମିର ଆବଶ୍ୟକତା ଥିବାବେଳେ ୨୦୧୫ ସୁଦ୍ଧା ଖୋର୍ଦ୍ଧା ଜିଲା ଜମି ଗ୍ରହଣ ଅଧିକାରୀ ଜମି ଅଧିଗ୍ରହଣ କରି ପାରି ନ ଥିଲେ। ଏହି ସମୟ ସୁଦ୍ଧା ମାତ୍ର ୨୭.୨୮୨ ଏକର ଜମିରେ ଏସ୍‌ଇଜେଡ୍ ପାଇଁ ବାହ୍ୟ ରାସ୍ତା ନିର୍ମାଣ କରାଯାଇଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

କେବଳ ସେତିକି ନୁହେଁ, ଆଇଟି ଏସ୍‌ଇଜେଡ୍ ପାଇଁ ବିଶ୍ୱସ୍ତରରୁ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ସକାଶେ ୩.୨୪ କୋଟି ଟଙ୍କା ବ୍ୟୟରେ ଏକ ଅନ୍ତର୍ଜାତୀୟ ସଂସ୍ଥା ଦ୍ୱାରା ୨୦୧୪ ଜୁଲାଇ ସୁଦ୍ଧା ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବାକୁ ଇଡ୍‌କୋ ନିଷ୍ପତ୍ତି ନେଇଥିଲା। ଉକ୍ତ ସଂସ୍ଥା ୨ ବର୍ଷ ବିଳମ୍ବରେ ଅର୍ଥାତ ୨୦୧୬ରେ ମାଷ୍ଟର ପ୍ଲାନ ଦାଖଲ କରିଥିଲା। ତେବେ ଏହି ମାଷ୍ଟର ପ୍ଲାନରେ ଅନେକ ତ୍ରୁଟି ଥିବାରୁ ଏହାକୁ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇ ନ ଥିଲା। ଫଳରେ ଏଥିଯୋଗୁ ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହେବା ସହ ଇଡ୍‌କୋ ପକ୍ଷରୁ ଉକ୍ତ ସଂସ୍ଥାକୁ ଦିଆଯାଇଥିବା ୩.୦୮ କୋଟି ଟଙ୍କା ମଧ୍ୟ ବରବାଦ ହୋଇଥିବା ସିଏଜି ଦର୍ଶାଇଛନ୍ତି। ମାଷ୍ଟର ପ୍ଲାନ ବିଳମ୍ବ ଯୋଗୁ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରାଯାଇପାରିଲା ନାହିଁ। ଏସ୍‌ଇଜେଡ୍ ନୀତି ବିଳମ୍ବ ହେବା ଏବଂ ସ୍ୱଚ୍ଛତା ଅଭାବ ଯୋଗୁ ଆଇଟି କ୍ଷେତ୍ରରେ ପୁଞ୍ଜିନିବେଶକୁ ଆକୃଷ୍ଟ କରାଯାଇପାରିଲା ନାହିଁ। ଫଳରେ ୨୦୧୪ରୁ ୨୦୧୭-୧୮ ସୁଦ୍ଧା ଇନ୍‌ଫୋସିଟି-୨ ଆଇଟି ଏସ୍‌ଇଜେଡ୍‌ରେ ୬୬୦୦ କୋଟିରୁ ମାତ୍ର ୫୦୮.୧୮ କୋଟି ଟଙ୍କାର ରପ୍ତାନି ହୋଇଥିବା ବେଳେ ୨୮ ହଜାରରୁ ମାତ୍ର ୧୫୨୦ ଜଣଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିଯୁକ୍ତି ଦିଆଯାଇଛି।

## ଆରୋଗ୍ୟ ସେତୁର ...

ସମ୍ପର୍କରେ ତଥ୍ୟ ଜାଣିବା ପାଇଁ ସୌରଭ ଦାସ ନାମକ ବ୍ୟକ୍ତି ସୂଚନା ଅଧିକାର ଆଇନ ବଳରେ ଏନ୍‌ଆଇସି, ଜାତୀୟ ଇ-ଗଭର୍ନାନ୍ସ ଡିଭିଜନ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ନିକଟରେ ଆବେଦନ କରିଥିଲେ। ଆରୋଗ୍ୟ ସେତୁ ଆପ୍‌ର ସ୍ରଷ୍ଟା କିଏ ସେ ଜାଣିବାକୁ ଚାହିଁଥିଲେ। ଲକ୍‌ଡାଉନ ସମୟରେ ଏହି ଆପ୍‌କୁ ଲକ୍ଷ ଲକ୍ଷ ଭାରତୀୟ ଡାଉନଲୋଡ୍ କରିଥିଲେ। ରେଷ୍ଟୁରାଣ୍ଟ, ସିନେମା ହଲ୍, ମେଟ୍ରୋ ଷ୍ଟେଶନ ଆଦିରେ ପ୍ରବେଶ ପୂର୍ବରୁ ଉକ୍ତ ମୋବାଇଲ୍ ଆପ୍ ଡାଉନଲୋଡ୍ କରିବାକୁ ବାଧ୍ୟତାମୂଳକ କରାଯାଇଛି। ତେବେ ଏନ୍‌ଆଇସି କିମ୍ବା ମନ୍ତ୍ରଣାଳୟ ପାଖରେ ଆପ୍ ସ୍ରଷ୍ଟାଙ୍କ ସମ୍ପର୍କରେ ତଥ୍ୟ ନ ଥିବା ଆବେଦନକାରୀ କହିଛନ୍ତି।

ଆପ୍ କିଏ ପ୍ରସ୍ତୁତ କରିଛନ୍ତି, ତାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିବାର କିଛି କାରଣ ନାହିଁ ବୋଲି ମାଇଁଗଭ୍ ଓ ଡିଜିଟାଲ ଇଣ୍ଡିଆ କର୍ପୋରେଶନର ସିଇଓ ଅଭିଷେକ ସିଂ ସ୍ପଷ୍ଟୀକରଣ ଦେଇଛନ୍ତି। ସିଆଇସି ସରକାରଙ୍କୁ ନୋଟିସ ଜାରି କରିବା ପରେ ଅଭିଷେକ କହିଛନ୍ତି, ଘରୋଇ ସହଭାଗିତାରେ ଏନ୍‌ଆଇସି ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ଆରୋଗ୍ୟ ସେତୁ ଆପ୍ ପ୍ରସ୍ତୁତ କରିଥିଲା। ଏନ୍‌ଆଇସି ଓ ମନ୍ତ୍ରଣାଳୟ ଆପ୍‌ର ବିକାଶ କରିଥିବା ଆରୋଗ୍ୟ ସେତୁ ୱେବ୍‌ସାଇଟରେ ମଧ୍ୟ ଉଲ୍ଲେଖ ରହିଛି। ଏ ସମ୍ପର୍କରେ ଖୁବ୍‌ଶୀଘ୍ର ସବିଶେଷ ସୂଚନା ପ୍ରଦାନ କରାଯିବ ବୋଲି ଅଭିଷେକ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଦ୍ୱିଜା ନକ୍ଷତ୍ରର ଦୀର୍ଘଦିନରୁ ଅଟକି ରହିଥିବା କାମଗୁଡ଼ିକ ଯୋଗୁ ମାନସିକ ଶାନ୍ତି ବ୍ୟାହତ ହେବ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ସକାଳୁ ସକାଳୁ ମାତ୍ରାଧିକ ଭ୍ରମଣ ମନକୁ ବିଭ୍ରାନ୍ତି କରାଇବ। ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ କରିପାରିବେ।

**ବୃଷ**

କୌଣସି କ୍ଷେତ୍ରରେ ଅଯଥା ଅଧୈର୍ଯ୍ୟ ହୁଅନ୍ତୁ ନାହିଁ, ବନ୍ଧୁଙ୍କ ସହାନୁଭୂତି ନିଶ୍ଚୟ ଲାଭ କରିବେ। ରୋହିଣୀ ନକ୍ଷତ୍ରର ଅଭାବ ପୂରଣ ଦିଗରେ ସହକର୍ମୀ କିମ୍ବା ପାଖ ପଡ଼ୋଶୀଙ୍କ ସାହାଯ୍ୟ କାମକୁ ଆସିବ। ଉପରିସ୍ଥ କର୍ମଚାରୀଙ୍କ ଅନୁକମ୍ପାରୁ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ସଭାସମିତିରେ ବିତର୍କଜନିତ ଅସ୍ଥିରତାର ସୂଚନା ମଧ୍ୟ ରହିଛି ।

**ମିଥୁନ**

ଆଜିର ପ୍ରତ୍ୟୁଷ ଯାତ୍ରା ଦୀର୍ଘଦିନର ଆଶା ଓ ଅଭିଳାଷକୁ ସାକାର କରାଇବ। ମୃଗଶିରା ନକ୍ଷତ୍ରର ସ୍ୱାସ୍ଥ୍ୟରେ ଉନ୍ନତି, ଗୃହ, ଜମିଜମା, ବନ୍ଧୁ ସମ୍ପର୍କ ଓ ପାରିବାରିକ ଦିଗରୁ ଆଜି ଅନୁକୂଳ ଫଳ ପାଇବେ। ମାଲିମକଦ୍ଦମା, ଗବେଷଣା, ପ୍ରେସ୍ ପବ୍ଲିକେଶନ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ।

**କର୍କଟ**

କୌଣସି ଏକ ନୂତନ ପରିବେଶରେ ଭିନ୍ନ ପ୍ରକାର ସ୍ୱାଦର ଅନୁଭୂତି ଲାଭ କରିବେ। ଭ୍ରମଣ ସୁଯୋଗ, ସତ୍‌ସଙ୍ଗ, ବନ୍ଧୁଙ୍କ ନିମନ୍ତ୍ରଣ, ଦୂରଯାତ୍ରା ଓ ବନ୍ଧୁମିଳନଜନିତ ମନ ଏକପ୍ରକାର ଖୁସି ରହିବ। ଅଶ୍ଳେଷାର ପାରିବାରିକ ଅସ୍ଥିରତା, ଅର୍ଥାଭାବ ହେତୁ କେତେକ ମାନସିକ ଦ୍ୱନ୍ଦ୍ୱ ଭିତରେ ସମୟ କଟାଇବେ।

**ସିଂହ**

ମଘା ନକ୍ଷତ୍ରର ସାମୟିକ ପାରିବାରିକ ସମସ୍ୟା ନେଇ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବ। ସଦାବେଳେ ହାତଖାଲି ରହିବା କାରଣରୁ ମନରେ ସରସତା ରହିବ ନାହିଁ। ଏହା ସାଙ୍ଗକୁ କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ଅଧୁରା କାମକୁ ସମ୍ପନ୍ନ କରିବା ପାଇଁ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ।

**କନ୍ୟା**

ଚିତ୍ରା ନକ୍ଷତ୍ର ପାଇଁ ପାରିବେଶିକ ବ୍ୟତିକ୍ରମ କର୍ମକ୍ଷେତ୍ରର ଯୋଜନାକୁ ବଦଳାଇ ଦେଇପାରେ। ଋଣ ସୂତ୍ରରେ ଅର୍ଥଲାଭ ପାଇଁ ପ୍ରଯତ୍ନ କରିବେ ତଥାପି ମନରେ ଶାନ୍ତି ଆସି ନ ପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିବ। ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**ତୁଳା**

ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ଦର୍ଶନୀୟ ସ୍ଥାନ ଭ୍ରମଣ ପାଇଁ ମନ ବଳାଇବେ। ସ୍ୱାତୀ ନକ୍ଷତ୍ର କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଆପଣଙ୍କର ଦୃଢ଼ ମନୋବଳ ସମସ୍ୟା ସମାଧାନରେ ସହାୟକ ହେବ।

**ବିଛା**

ସାଧାରଣ କଥାରେ ମନରେ ବିରକ୍ତି ଜାଗ୍ରତ ହେବା ସହ କଥାଭାଷାର କଠୋରତା ବୃଦ୍ଧିପାଇବ। ଆନୁଷ୍ଠାନିକ କାମ କିମ୍ବା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ବାଣିଜ୍ୟ, ବ୍ୟବସାୟ, ପରିବହନାଦିରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ବିଭିନ୍ନ କ୍ଷେତ୍ରରେ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ଧନୁ**

ଭୁଲ୍ ବୁଝାମଣା କାରଣରୁ ସମ୍ପର୍କ ହାନି ଘଟିବାର ଆଶଙ୍କା ରହିଛି । ପୂର୍ବାଷାଢ଼ା ନକ୍ଷତ୍ରର ଅର୍ଥନୈତିକ ଦୃଷ୍ଟିକୋଣରୁ ଦିନଟି ଶୁଭଙ୍କରୀ ରହିବ । ବ୍ୟବସାୟ, ଆଲୋଚନା, ଯାତ୍ରା କ୍ଷେତ୍ରରେ ଠିକ୍ ବିଚାର ବିନା ସରଳ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି । ପାରିବାରିକ କ୍ଷେତ୍ରରେ ହଠାତ୍ ପ୍ରତିକ୍ରିୟାଶୀଳ ହେବା ଠିକ୍ ହେବନାହିଁ।

**ମକର**

ଆଜି ସତର୍କତା ଅଭାବରୁ ଧନହାନି, କଳହ କିମ୍ବା କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଧନିଷ୍ଠା ନକ୍ଷତ୍ରର ବାଣିଜ୍ୟ,ନିର୍ମାଣ ଓ ପରିବହନରେ ସମସ୍ୟା ଦେଖାଦେବାର ସୂଚନା ରହିଛି । ନିଜସ୍ୱ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟ ହୋଇପାରନ୍ତି ।

**କୁମ୍ଭ**

ଶୁକ୍ରଙ୍କ ଶୁଭ ପ୍ରଭାବରୁ ନୂତନ ଗୃହ, ଯାନବାହନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର ପ୍ରଭୃତି ମୂଲ୍ୟବାନ ଜିନିଷ ପାଇଁ ମନ ବଳାଇବେ । ସ୍ତ୍ରୀ କିମ୍ବା ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ଶତଭିଷା ନକ୍ଷତ୍ରର ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆର୍ଥିକସମସ୍ୟା,ଜମିଜମା, ପିଲାଙ୍କ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିପାରେ।

**ମୀନ**

ପ୍ରିୟ ବନ୍ଧୁମାନଙ୍କ ଆଦରସୋହାଗ ମନକୁ ପ୍ରଫୁଲ୍ଲିତ କରି ରଖିବ। ପୂର୍ବଭାଦ୍ରବ ନକ୍ଷତ୍ର ଯୋଗୁ ଆଶାଜନକ ଅର୍ଥ, ସମ୍ମାନ, ଉପଢୌକନ, ବସ୍ତ୍ର ଭୂଷଣାଦି ପ୍ରାପ୍ତି ହୋଇପାରେ । ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି।

ଆଜି ଆଶ୍ୱିନ ଶୁକ୍ଳ ତ୍ରୟୋଦଶୀଯୁକ୍ତ ଚତୁର୍ଦ୍ଦଶୀ ଗୁରୁବାର,ଚାତୁର୍ମାସ୍ୟା ଗୁରୁବାର ବ୍ରତ,ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଅକ୍ଟୋବର ୨୯ ତାରିଖ,ଜାତୀୟ ବିପର୍ଯ୍ୟୟ ପରିଚାଳନା ଦିବସ,କବି ଦଣ୍ଡପାଣି ମିଶ୍ରଙ୍କ ତିରୋଧାନ ଦିବସ,ରାଶି ନକ୍ଷତ୍ର-ଦିବା, ଘ.୧୨।୦୦ ପରେ ରେବତୀ/ମୀନ, ଧନୁରାଶିର ଘାତଚନ୍ଦ୍ର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୫।୫୦ ମଧ୍ୟେ, ସନ୍ଧ୍ୟା ଘ.୦୬।୦୦ ଗତେ ଘ.୦୯।୨୩ ମଧ୍ୟେ ଅମୃତବେଳା। ଦିବା ଘ.୧୨।୫୫ ଗତେ ଘ.୦୨।୨୦ ମଧ୍ୟେ ରାହୁକାଳ।


# classifieds Everyday

0674-2580101, 2549302

automobile

**HIRE**

Required 30Nos of Hyva(10 wheels) for mines project at Joda & Barbil having long term basis. Trip wise billing per month estimate bill 4.5L -5L Call - 9439856856, 9776001000. D-18734

real estate

**SALE**

Only 5nos. of premium duplex 7BHK left near KIIT Jagannath Mandir. 9937095445 D-69567

ଭୁବନେଶ୍ୱର ଖୋର୍ଦ୍ଧା NH side ପିତାପଲ୍ଲୀ ଛକ ନିକଟରେ Electricity boundary ରାସ୍ତାଥାଇ ପ୍ଲଟ ମିଳୁଅଛି। Direct owner-9090963952 D-69192

to-let

For family house 3BHK Pujaghar, garage, borewell, Municipality water at Jagamara 300 meters from NH Khandagiri. Rent- Rs.13000/- 8585088850 D-18692

Godown space available near Puri bypass area 18000/-, open space 15000/-. 9938125254 D-18598

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

healthcare

Herbal full body massage by smart / expert therapist. Contact: 8338067247. D-69798

Refreshments rejuvenation Body Massage therapy with experienced therapists, Bhubaneswar. 9337973945. D-69800

Swarna Spa gives Durga Puja offer @899 all type massages Ashok Nagar, 9556978408 D-70001

Get refreshment body massage by expert therapist contact for 7205084157. D-69799

Monalisa massage club : All types body massage with hiprofile smart lady rooms service available 9708545108. D-18733

Refreshing your mind & body with best therapy at Lotus Spa. 8018234866 D-69571

Newly open full body massage SPA in Bhubaneswar. Contact: 7205058838. D-70003

Rejuvenate and Ayurvedic full body massage by smart therapist. 9348123330. D-70004

astrology

୨ଘଣ୍ଟାରେ ସବୁ ସମସ୍ୟାର ସମାଧାନ। ବଶୀକରଣ, ପ୍ରେମବିବାହ, ଶତ୍ରୁଦମନ ଇତ୍ୟାଦି। 8114853025 D-59969

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

I, Ameeya Kumar S/o Sadhu Charan Subudhi AT-Malipur, PO-Garhnial, District-Khordha, Odisha, have changed my name to Ameeya Kumar Subudhi for all future purposes, as per Affidavit no. 810 dated 26.10.2020. D-18745

**Happy Birthday**



**Sunita Panda**
**Khodasingi, Berhampur**

Dear Wifey/ Mummy, Happy wala Birthday. May Lord Jagannath bless you with loads of happiness & prosperity in life. Keep smiling & enjoying as always.

-:Best Wishes:-
Kanha, Bitu, Santanu & our loving Dash & Panda family.
D-18743

**Email ମାଧ୍ୟମରେ** କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

ଧରିତ୍ରୀ
DHARITRI
ଗୁରୁବାର, ୨୯ ଅକ୍ଟୋବର, ୨୦୨୦

ସଂସାର ପାଖରେ ହାରିଯାଇ ତୁମେ ଭଗବାନଙ୍କୁ ଧରିବା ପାଇଁ ଧାଇଁଛ ? ସଂସାର ଯଦି ତୁମଠାରୁ ବେଶି ବଳବାନ୍- ତେବେ ତୁମେ କ'ଣ ଭାବୁଛ ଭଗବାନ୍ ସଂସାରଠାରୁ ଦୁର୍ବଳ ? ବରଂ ଈଶ୍ୱରଙ୍କ ପାଖକୁ ଆସ- ତାଙ୍କୁ ପ୍ରାର୍ଥନା କରି ତାଙ୍କ ଆଦେଶ ପାଳନ କର। -**ଶ୍ରୀଅରବିନ୍ଦ**



# ମାଂସ ଉପରେ ଟିକସ ଲଗାଅ



ମାନେକା ଗାନ୍ଧୀ

ଲୋକମାନଙ୍କୁ ଗରିବ ଓ ଅସୁସ୍ଥ କରିବା ପାଇଁ ସରକାର କାହିଁକି ଏଭଳି ନୀତିମାନ ପ୍ରସ୍ତୁତ କରନ୍ତି? ସ୍ୱାସ୍ଥ୍ୟ ଓ ଅର୍ଥନୀତି ଉପରେ ଏହି ନୀତିଗୁଡ଼ିକ ସବୁଠୁ ଖରାପ ପ୍ରଭାବ ପକାଏ। ଏହି କାରଣରୁ ବାସ୍ତବ ଅର୍ଥନୀତି ସମ୍ପର୍କରେ ଏହା ଅଜ୍ଞ ବୋଲି ମୁଁ ମନେକରେ। ଏଭଳି ଏକ ନୀତି ଯୋଗୁ ଅର୍ଥନୀତି,ପରିବେଶ ଓ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି ମାଂସ। ଏହା କିଭଳି ପ୍ରଭାବ ପକାଉଛି ଓ ତାହାକୁ କାହିଁକି ଖାଇବା ଉଚିତ ନୁହେଁ ତା'ର କାରଣଗୁଡ଼ିକ ସଂକ୍ଷେପରେ ଜଣାଉଛି। ସବୁ ଜୀବଙ୍କ ପାଇଁ ଖାଦ୍ୟ ଓ ପାଣି ଆବଶ୍ୟକ। ପ୍ରାଣୀମାନଙ୍କ ପାଇଁ ଖାଦ୍ୟ ଯୋଗାଡ଼ କରିବା ଲାଗି ଆମକୁ ଅଧିକ ଜମି ଦରକାର, କିନ୍ତୁ ତାହା ଆମ ପାଖରେ ନାହିଁ। ଏଣୁ ଆମେ ସେମାନଙ୍କୁ ଚରିବା ଲାଗି ଜଙ୍ଗଲରେ ଛାଡ଼ି ଜଙ୍ଗଲ ନଷ୍ଟକରିବା ଦ୍ୱାରା ପରିବେଶ ପ୍ରଭାବିତ ହେବା ସହ ଭୂତଳ ଜଳସ୍ତର ହ୍ରାସ ପାଉଛି। ସେମାନଙ୍କୁ ପାଣି ପିଇବାକୁ ଦେଉଛେ, ହେଲେ ଆମ ପାଖରେ ପିଇବାକୁ ପାଣି ନାହିଁ। ଆମ ପାଇଁ ଖାଦ୍ୟ ଉତ୍ପାଦନ କରିବା ପରିବର୍ତ୍ତେ ପ୍ରାଣୀଙ୍କ ଲାଗି ତାହା କରୁଛେ। ୧କେ.ଜି.ମାଂସ ପାଇଁ ଗୋଟିଏ ପ୍ରାଣୀକୁ ୨୫ କେଜି ଖାଦ୍ୟଶସ୍ୟ ଖୁଆଇବାକୁ ପଡିଥାଏ,ପାଖାପାଖି ୧୫,୦୦୦ ଲିଟର ପାଣି ଆବଶ୍ୟକ ହୋଇଥାଏ। ଘୁଷୁରି ଓ ଛେଳି ଏହି ପରମାଣର ପାଣି ଓ ଖାଦ୍ୟ ଆବଶ୍ୟକ କରୁଥିବାବେଳେ କୁକୁଡ଼ା ପାଇଁ ଏହା କମ୍ ଦରକାର। ସେମାନେ ତ୍ୟାଗ କରୁଥିବା ମଳ, ମୂତ୍ର ଓ ମିଥେନ ଗ୍ୟାସ ମାଟି ଏବଂ ପାଣିକୁ ଦୂଷିତ କରେ । ଜଳବାୟୁ ବି ଅଧିକ ଉତ୍ତପ୍ତ ହୋଇଥାଏ। ପ୍ରାଣୀମାନେ ଛାଡୁଥିବା ମିଥେନ କାର୍ବନ ଡାଇଅକ୍ସାଇଡ୍‌ଠାରୁ ୨୪ଗୁଣ ଅଧିକ କ୍ଷତିକାରକ। ଗୋଟିଏ ଗାଈ ଦିନକୁ ୬୦୦ ଲିଟର ମିଥେନ ବାୟୁମଣ୍ଡଳକୁ ଛାଡ଼ିଥାଏ। ବିଶ୍ୱରେ ନିର୍ଗମନ ହେଉଥିବା ମୋଟ ଗ୍ରୀନ ହାଉସ୍ ଗ୍ୟାସର ୧୮% ପଶୁପାଳନରୁ ହିଁ ହୋଇଥାଏ। ଗମନାଗମନ ପାଇଁ ଉପଯୋଗ କରାଯାଉଥିବା ସବୁ ପ୍ରକାର ଯାନରୁ ଯେତିକି ଗ୍ୟାସ ନିର୍ଗମନ ହୋଇଥାଏ ତା'ଠାରୁ ଏହି ପରିମାଣ ମଧ ଅଧିକ। ଜଳବାୟୁ ଉତ୍ତପ୍ତ ହେବା ଯୋଗୁ ସମୁଦ୍ର ଜଳପତ୍ତନ ବଢି କେଉଁଠି ସ୍ଥଳଭାଗକୁ ବୁଡାଇଦେଉଛି ତ ଆଉ କେଉଁଠି ବର୍ଷାରେ ବନ୍ୟାପରିସ୍ଥିତି ସୃଷ୍ଟି ହେଉଛି। ହିମଉପତ୍ୟକା ତରଳି ଶେଷ ହୋଇଯିବା ଯୋଗୁ ମରୁଡ଼ି ପରିସ୍ଥିତି ଉପୁଜୁଛି। ମଶା ଓ ଅନ୍ୟ କୀଟ ବଂଶ ବୃଦ୍ଧିପାଇବା ଦ୍ୱାରା ରୋଗ ବି ବଢୁଛି। ମାଂସ ପାଇଁ ଆମେ ପ୍ରାଣୀମାନଙ୍କୁ ପ୍ରଚୁର ଖାଦ୍ୟଶସ୍ୟ ଖାଇବାକୁ ଦେବା ଯୋଗୁ ଏହାର ମୂଲ୍ୟ ବୃଦ୍ଧି ହେଉଛି। ଗରିବମାନଙ୍କ ପାଇଁ ଖାଦ୍ୟ ନିଅଣ୍ଟ ପଡୁଛି। ଏବେ ପ୍ରାଣୀମାନଙ୍କୁ ଦିଆଯାଉଥିବା ଖାଦ୍ୟକୁ ଯଦି ମଣିଷଙ୍କୁ ଦିଆଯାଆନ୍ତା ତେବେ ଦୈନିକ ୩.୫ ବିଲିୟନ ଲୋକଙ୍କୁ ଆମେ ସିଧାସଳଖ ଖାଇବାକୁ ଦେଇପାରନ୍ତେ ଓ ଏହାଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟରକ୍ଷା ମଧ ହୋଇପାରନ୍ତା।

ପ୍ରାଣୀମାନଙ୍କୁ ଜୀବ ଭାବେ ବିବେଚନା କରା ନ ଯାଇ 'ମିଟ୍ ମେଶିନ' ରୂପେ ଦେଖାଯାଉଛି। ଅର୍ଥାତ ସେମାନଙ୍କୁ କେବଳ ମାଂସ ପାଇଁ ପାଳନ କରାଯାଉଛି। ପ୍ରଚୁର ଆଣ୍ଟିବାୟୋଟିକ୍ସ,ହର୍ମୋନ ଏବଂ କେମିକାଲ୍ସ ଦିଆଯାଇ ସେମାନଙ୍କ ଓଜନ ବଢାଯାଉଛି। । ଉଭୟ ଭାରତ ଓ ଆମେରିକାରେ ୮୦% ଆଣ୍ଟିବାୟୋଟିକ୍ସ ପ୍ରାଣୀମାନଙ୍କୁ ଖାଇବାକୁ ଦିଆଯାଏ। ସେମାନଙ୍କ ମାଂସ ଖାଇବା ଦ୍ୱାରା ମଣିଷ ରୋଗଗ୍ରସ୍ତ ହେବା ପରେ କୌଣସି ଔଷଧ କାମ କରୁନାହିଁ । ଏହାଦ୍ୱାରା ଦୈନିକ ହଜାର ହଜାର ଲୋକଙ୍କ ମୃତ୍ୟୁ ଘଟୁଛି। ମାଂସ ଖାଇବା ଯୋଗୁ ହୃଦ୍‌ରୋଗ, ମଧୁମେହ ଏବଂ କ୍ୟାନ୍‌ସର ହେଉଛି। ଦେଶରେ ଚିକିତ୍ସା ବାବଦୀୟ ଖର୍ଚ୍ଚ ଅତ୍ୟଧିକ ବୃଦ୍ଧିପାଉଛି। ଏଥିପାଇଁ ଟିକସ ଆକାରରେ ଆମେ ତାହା ବହନ କରୁଛେ। ମାଂସ ଛାଡି ଶାକାହାର ଖାଦ୍ୟ ଖାଇଲେ ଅନେକ ଜୀବନ ରକ୍ଷା କରିହୁଅନ୍ତା। ଚିକିତ୍ସା ବ୍ୟୟ ଭାର ହ୍ରାସ ହେବା ସହ ଜଳବାୟୁ ପରିବର୍ତ୍ତନ ଯୋଗୁ କ୍ଷତି ହେଉଥିବା ୧.୫ ଟ୍ରିଲିୟନ ଡଲାର ବୋଝରୁ ତ୍ରାହି ମିଳନ୍ତା। ମାଂସ ଛାଡିବା ଖୁବ୍ ସହଜ ଓ ଏହାଦ୍ୱାରା ଆମେ ମଧ ଭଲରେ ବଞ୍ଚିପାରିବା। କିନ୍ତୁ ସରକାର ଏକ ନୀତିଗତ ନିଷ୍ପତ୍ତି ନ ନେବାଯାଏ ଏହା ସମ୍ଭବ ହୋଇପାରିବ ନାହିଁ। ମାଂସ ରପ୍ତାନି ବଢ଼ାଇବା ଲାଗି ସରକାର ପ୍ରୋତ୍ସାହିତ କରିବା ଅର୍ଥ ଆମ ମାଟି , ପାଣି ଓ ପବନକୁ ଶୀଘ୍ର ନଷ୍ଟ କରିବା। ଯଦି ମାଂସ ରପ୍ତାନିରୁ ଅର୍ଥ ଆୟ ହେଉଛି ବୋଲି କୁହାଯାଉଛି, ତେବେ ଏହାକୁ ଜଳସମ୍ପଦ ଏବଂ ଜଙ୍ଗଲ ସଂରକ୍ଷଣ ପାଇଁ କିମ୍ବା କୃଷକଙ୍କୁ କ୍ଷତିପୂରଣ ଦେବାରେ ବ୍ୟୟ କରାଯାଉଛି କି? ଜଳବାୟୁ ପରିବର୍ତ୍ତନ ପ୍ରଭାବକୁ ପ୍ରତିହତ କରିବାକୁ ଖର୍ଚ୍ଚ କରାଯାଉଛିକି? ମୋ ମତରେ ଏହା ଆଦୌ କରାଯାଉନାହିଁ।

ଦେଶରେ ସାମଗ୍ରୀ ଓ ସେବା ଟିକସ( ଜିଏସ୍‌ଟି) ଲାଗୁ କରାଯାଇଛି। ଏହାକୁ ସାମାଜିକ ତଥା ଅର୍ଥନୈତିକ ସ୍ତରରେ ଅଧିକ ସମ୍ବେଦନଶୀଳ ଓ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟକାରୀ କରାଯିବା ଉଚିତ। ଅର୍ଥାତ୍ ମାଂସରେ ମଧ ଜିଏସ୍‌ଟି ଲାଗୁ କରାଯିବା ଦରକାର। ମାଂସ ଲାଗି ପାଳନ କରାଯାଉଥିବା ଗୋରୁ,କୁକୁଡ଼ା,ଘୁଷୁରି,ଛେଳି,ହଂସ,ବତକ,ପେରୁପକ୍ଷୀ ଓ ଗିନିକୁକୁଡ଼ା ଉପରେ ସରକାର କୌଣସି ଜିଏସ୍‌ଟି ଲାଗୁ କରିନାହାନ୍ତି। ସରକାର ଗୋରୁ, ଘୁଷୁରି, ମେଣ୍ଢା,ଛେଳି ଏବଂ କୁକୁଡ଼ାମାଂସକୁ ଜିଏସ୍‌ଟି ମୁକ୍ତ କରିଛନ୍ତି। ଏଫ୍‌ଏସ୍‌ଏସ୍‌ଏଆଇ ଦ୍ୱାରା ଘୋଡ଼ା, ଗଧ ଓ ଖଚ୍ଚର ମାରିବାକୁ ନିଷେଧ କରାଯାଇଥିଲେ ବି କିଛି କାରଣ ଲାଗି ଏମାନଙ୍କ ମାଂସ ଉପରେ ଜିଏସ୍‌ଟି ଲଗାଯାଇନାହିଁ। ଏମାନଙ୍କର ମଳଦ୍ୱାର, ଅନ୍ତମୁଣା,ଖୁରା ସମେତ ଘୁଷୁରି ଓ କୁକୁଡ଼ାର ଚର୍ବିକୁ ଏଥିରୁ ମୁକ୍ତ କରାଯାଇଛି। ସବୁ ପ୍ରକାର ମାଛ,ଚିଙ୍ଗୁଡ଼ି,କଙ୍କଡ଼ା,ଶାମୁକା ଏବଂ ଅନ୍ୟ ପ୍ରତ୍ୟକଟି ଅମେରୁଦଣ୍ଡୀ ଜଳଚର ( ମୃତ ହେଉ ବା ଜୀବିତ)କୁ ଜିଏସ୍‌ଟି ମୁକ୍ତ କରାଯାଇଛି। ଏମାନଙ୍କ ମଧ୍ୟରୁ ସଂଖ୍ୟାଧିକଙ୍କୁ ଧରିବା କିମ୍ବା ଏମାନଙ୍କ ମାଂସ ଖାଇବା ବନ୍ୟପ୍ରାଣୀ ସୁରକ୍ଷା ଆଇନରେ ନିଷେଧ କରାଯାଇଥିଲେ ବି ତାହା ପାଳନ ନ କରାଯିବା ବିଚିତ୍ର ମନେହୁଏ। ଚିଙ୍ଗୁଡ଼ି ଚାଷ ସମ୍ଭବତଃ ସବୁଠୁ ଅଧିକ ପ୍ରଦୂଷିତ ଶିଳ୍ପ। ଏହା ସ୍ୱାସ୍ଥ୍ୟ ପକ୍ଷେ ବେଶି କ୍ଷତିକାରକ,କାରଣ ଏଥିରେ ଟନ୍ ଟନ୍ ଆଣ୍ଟିବାୟୋଟିକ୍ସ ଉପଯୋଗ କରାଯାଉଛି। ପରେ ଆଣ୍ଟିବାୟୋଟିକ୍ସ ମିଶ୍ରିତ ପାଣିକୁ ଚାଷ ଜମିକୁ ଛାଡି ଦିଆଯାଉଛି। ଏଥିରେ ଫଳୁଥିବା ପରିବା ଓ ଶସ୍ୟ ମଧ ସ୍ୱାସ୍ଥ୍ୟ ପାଇଁ ପାଇଁ ହାନିକାରକ । ହାଡ଼, ଶିଙ୍ଗ, ନଖ, ଅଣ୍ଟ, ଖୁରା ଓ ଏଥିରୁ ପ୍ରସ୍ତୁତ ସମସ୍ତ ସାମଗ୍ରୀକୁ ଜିଏସ୍‌ଟି ଛାଡ କରାଯାଇଛି। ଅନ୍ୟ ଆଇନରେ ହରିଣ ଶିକାର ନିଷେଧ କରାଯାଇଥିଲେ ମଧ ସେମାନଙ୍କ ଶିଙ୍ଗକୁ ଏଥିରେ ସାମିଲ କରାଯାଇଛି। ଅଣ୍ଡା,ଗାଈକ୍ଷୀର ଓ କ୍ଷୀରଜାତୀୟ ଖାଦ୍ୟକୁ ଜିଏସ୍‌ଟି ବାହାରେ ରଖାଯାଇଛି।

ଆମେରିକାର ଅନେକ ରାଜ୍ୟରେ ଗ୍ରସେରି ଉପରେ ବିକ୍ରୟକର ବା ଟିକସ ଲାଗୁ କରାଯାଇନାହିଁ। ଇଂଲଣ୍ଡ, ଆୟର୍ଲାଣ୍ଡ ଓ ମାଲଟାରେ ଖାଦ୍ୟ ସାମଗ୍ରୀ ଉପରେ ଭାଟ ନ ଥିବାବେଳେ ୟୁରୋପର ଅନ୍ୟ ଦେଶଗୁଡ଼ିକରେ ଏହା ଲାଗୁ ହୋଇଛି। କୌଣସି ଖାଦ୍ୟକୁ ଅଷ୍ଟ୍ରେଲିଆରେ ଜିଏସ୍‌ଟି ପରିସରଭୁକ୍ତ କରାଯାଇନାହିଁ। ସାଧାରଣତଃ ମାଂସ ଏବଂ ଫଳ ଓ ପରିବା ଭଳି ଅନ୍ୟ ଖାଦ୍ୟ ମଧ୍ୟରେ ଥିବା ପ୍ରଭେଦ ଚିହ୍ନଟ କରିବାରେ ଟିକସ ବ୍ୟବସ୍ଥା ଆଖି ବୁଜିଦେଇଛି। ଯେଉଁ ଖାଦ୍ୟ ପୃଥିବୀ ଓ ମଣିଷର କ୍ଷତି କରୁଛି ସେହି ଖାଦ୍ୟ ଉପରେ ଯେଉଁ ପରିମାଣର ଟିକସ ଲାଗୁ କରାଯାଇଛି ତା'ଠାରୁ ଯଥେଷ୍ଟ ଅଧିକ ଟିକସ ଲଦାଯାଇଛି ଉପଯୋଗୀ ଖାଦ୍ୟ ଉପରେ। ପ୍ରଦୂଷଣ ବଢ଼ାଇବା ସହ ମାଟି, ପାଣି, ପବନ ଓ ସ୍ୱାସ୍ଥ୍ୟକୁ କ୍ଷତି କରୁଥିବା ମାଂସକୁ କାହିଁକି ଫଳ ଏବଂ ପରିବା ସହ ସମାନ ଭାବେ ଦେଖାଯାଇଛି? ମାଂସ ଉତ୍ପାଦନ ଓ ବିକ୍ରି ଦ୍ୱାରା ସମାଜ ଉପରେ ପରିବେଶଗତ ଓ ସ୍ୱାସ୍ଥ୍ୟଗତ ବୋଝ ପଡୁଛି। ଏଣୁ ମାଂସ ଉପରେ ଟିକସ ଲାଗୁ କରାଯିବା ଉଚିତ। କଂସେଇଖାନାର ମିଲିୟନେୟାର ମାଲିକମାନଙ୍କ ମଧ୍ୟରୁ ଅଧିକାଂଶ ଏନ୍‌ଆର୍‌ଆଇ। ଏମାନେ ବିଭିନ୍ନ ଦେଶକୁ ମାଂସ ରପ୍ତାନି କରୁଛନ୍ତି। ଯଦି ସରକାର ମାଂସ ଉପରେ ୧୦% ଜିଏସ୍‌ଟି ଲାଗୁ କରନ୍ତେ ତେବେ କୋଟି କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇପାରନ୍ତା। ପରିବେଶ ଓ ସ୍ୱାସ୍ଥ୍ୟକୁ ଭିତ୍ତି କରି ଉପୁଜୁଥିବା କ୍ଷତିକୁ ବିଚାର କରି ଅନ୍ତଃରାଷ୍ଟ୍ରୀୟ ସ୍ତରରେ ମାଂସ ଉପରେ ଟିକସ ଲାଗୁ କରିବା ପାଇଁ ସ୍ୱର ଉଠୁଥିବାବେଳେ ଭାରତ କାହିଁକି ଅନ୍ୟ ବାଟରେ ଯିବ?

ମାଂସ ଉପରେ ଟିକସ ଲାଗୁ କରାଗଲେ ମାଂସ ବିକ୍ରି ଓ ଖାଇବା କମିଯିବ। ଏହା ଉଭୟ ପରିବେଶ ଓ ସ୍ୱାସ୍ଥ୍ୟ ପାଇଁ ଉପକାର ହେବ। ସରକାରଙ୍କ ପାଖରେ ଅଧିକ ଟଙ୍କା ରହିବ। ସ୍ୱାସ୍ଥ୍ୟ ବାବଦରେ ଯାହା ଖର୍ଚ୍ଚ ହେଉଛି ତାହା କମିଯିବ। ମାଂସ ଉତ୍ପାଦନ ଓ ବିକ୍ରି ଉପରେ ସରକାର ଠିକ୍ ଭାବେ ଟିକସ ଲାଗୁ ନ କରି ପରିବେଶ ଓ ସାଧାରଣ ସ୍ୱାସ୍ଥ୍ୟବ୍ୟବସ୍ଥାରେ ହେଉଥିବା କ୍ଷତି ଭରଣା କରିଚାଲିଛନ୍ତି। ପରିବେଶ ସୁରକ୍ଷା ଚୁକ୍ତି ପାଇଁ ଅନୁଷ୍ଠିତ ସମସ୍ତ ବୈଠକରେ ମାଂସ ଉପରେ ଟିକସ ଲାଗୁ କରିବା ଲାଗି ଯୁକ୍ତି ଉପସ୍ଥାପନ କରାଯିବା ଆବଶ୍ୟକ। ମାଂସରୁ ଆୟ ଟିକସକୁ କୃଷିକ୍ଷେତ୍ରର ବିକାଶ ଏବଂ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ସମସ୍ୟାର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ସହଯୋଗ କରିବାରେ ଉପଯୋଗ କରାଯାଇପାରିବ।

Email: gandhim@nic.in

# ଅଧୁରା ସ୍ୱପ୍ନ



ଦ୍ୱିତୀ ଚନ୍ଦ୍ର ସାହୁ

ସ୍ୱପ୍ନ କାଳେ କ୍ଷଣ ସ୍ଥାୟୀ ଠିକ୍ କଳାହାଣ୍ଡିଆ ମେଘ ପରି । ଆସିବ ରାଝିଯିବ । ନ ହେଲେ ପବନ ସହ ଆଉ କୁଆଡେ ଉଡିଯିବ। ବେଶି ସମୟ ରହିପାରେ ନାହିଁ ବୋଲି ଆମେ ଦେଖୁଥିବା ସ୍ୱପ୍ନ ବେଶି ସମୟ ଆମ ସ୍ମୃତିରେ ରହିପାରେନି । ଅନେକ ସ୍ୱପ୍ନ ସକାଳୁ ତାଜା ହୋଇ ମନେପଡେ । ଆଉ କିଛି ଝାପ୍‌ସା ହୋଇ ସ୍ମୃତିରେ ରହିଥାଏ ସକାଳ ସମୟତକ। ଅଧିକ ସ୍ୱପ୍ନ ଉଠିଲାପରେ ମନକୁ ଆସେ ନାହିଁ ଜମା। ଗତ ରାତିରେ ଦେଖିଥିବା ସବୁ ସୁଖଦ ସ୍ୱପ୍ନଗୁଡାକୁ ଯେତେ ଚେଷ୍ଟା କଲେ ବି ମନେପଡେନି। ଏପରି କି କ'ଣ ଦେଖିଥିଲେ ତା'ର ଆଦି ଅନ୍ତ ହିଁ ଜଣାପଡେନି। ଆମେ ଚେତନା ସ୍ତରରେ ଯାହା ପରିକଳ୍ପନା କରୁ, ଈପ୍‌ସିତ ମନରେ ଯାହା ଲୁଚି ରହିଥାଏ ସେସବୁ ଦୁର୍ବାର କାମନାଗୁଡିକ ଗଭୀର ନିଦରେ ସ୍ୱପ୍ନରୂପରେ ଭିନ୍ନ ଭିନ୍ନ ପ୍ରକାରେ ମନରେ କାଳ୍ପନିକ ଦୃଶ୍ୟକ୍ରମରେ କାୟା ବିସ୍ତାର କରିବସେ। ଅବଶ୍ୟ କେବେ ଅଦ୍ଭୁତ ଖିଆଲର ସ୍ୱପ୍ନ ସବୁ ବି ଦିଶେ। ସେସବୁ ସ୍ୱପ୍ନର ଚରିତ୍ର, ଘଟଣାର କୌଣସି ତାଳମେଳ ବି ରହେନି । ମୁଦ୍ରିତ ଆଖିରେ ଦେଖୁଥିବା ସ୍ୱପ୍ନର ବାସ୍ତବତା ଏମିତି କିଛି ଖଟାମିଠାରେ ଭରା । ସଚେତନ ଭାବେ ବି ଆମେ ଗୁଡାଏ ଅଭୀପ୍ସା ରଖୁ ଭବିଷ୍ୟତକୁ ନେଇ। ନିଜର ତଥା ପରିବାରର ବିକାଶର ଚିତ୍ରକୁ ମାନସିକସ୍ତରରେ ଅଙ୍କନ କରୁ । ସେହି ନକ୍ସାକୁ ମନରେ ଧରି ଘୁରି ବୁଲୁ । ସେସବୁକୁ ଆବଶ୍ୟକତା ଅନୁସାରେ କ୍ରମାନୁସାରେ ସଜେଇ ବି ଥାଉ ।

ବହୁତ ସ୍ୱପ୍ନ ନିଜର ସାମର୍ଥ୍ୟଠାରୁ ଅଧିକ ଥାଏ । ନିଜର ପାରିବାପଣଠାରୁ ଢେର ଗୁଣରେ ବିରାଟ। ନିଜର ସ୍ଥିତିଠାରୁ ବେଶି। ସ୍ୱପ୍ନକୁ ଦେଖିବା ଯେତିକି ସହଜ ତାକୁ ହାସଲ କରିବା ଭାରି କଷ୍ଟ। ଅନେକ ପରିଶ୍ରମ ଓ ଅର୍ଥ ଆବଶ୍ୟକ। ଆମେ ଦେଖୁଥିବା ବହୁତ ସ୍ୱପ୍ନ ସାଧାରଣତଃ ପାର୍ଥିବ ଓ ଭୋଗ ସହ ସଂଶ୍ଳିଷ୍ଟ। ସେଥିପାଇଁ ଆମେ ନିଜର ଆଚରଣ ଓ ଉଚ୍ଚାରଣ ବଦଳେଇବାକୁ ପଡେ ଅନେକକ୍ଷେତ୍ରରେ । କେବଳ ସ୍ୱପ୍ନଭୁକ ହୋଇ ନିଜର ଚିତ୍ର ଚରିତ୍ର ବି ବଦଳେଇପାରୁ ଅକ୍ଳେଶରେ। ବାଟଅବାଟ ଭୁଲିଯାଉ। ନିୟମବେନିୟମକୁ ହେଜିପାରୁନାହୁଁ। ସବୁ ଶକ୍ତି, ସାମର୍ଥ୍ୟକୁ ଉପଯୋଗ କରୁ। ପ୍ରାଣପଣ ଉଦ୍ୟମରେ ଅନେକ ସ୍ୱପ୍ନ ହାସଲ ହୁଏ। ବହୁତ କିଛି ହୋଇପାରେନି। ଗୋଟିଏ ସ୍ୱପ୍ନ ହାସଲ ପରେ ଚରମ ତୃପ୍ତିରେ ବିଭୋର ହେବା କଥା ମଣିଷ। କିନ୍ତୁ ସେମିତି କିଛି ହୋଇପାରେନି। ସ୍ୱପ୍ନ ପୂରଣ ପରେ ସାମୟିକ ଖୁସିରେ ଉତ୍‌ଫୁଲ୍ଲିତ ହୁଏ ସେ। ସେ ଖୁସିକୁ ଧରି ରଖିପାରେନି ବେଶି ସମୟ। କାରଣ ଅସମ୍ଭବଭାବେ ସେଇ ସ୍ୱପ୍ନ ସହ ସମ୍ପର୍କିତ ଆଉ କିଛି ସ୍ୱପ୍ନ ମନକୁ ଆପଣାଛାଏଁ ଆସିଯାଏ । ସେଇଠୁ ତା' ପଛରେ ଲାଗିପଡେ ମନ ଓ ହୃଦୟ । ଏଇକ୍ରମରେ ଦେଖିଲେ ସ୍ୱପ୍ନର ଅନ୍ତ ନାହିଁ । ସ୍ୱପ୍ନ ଦେଖିବା ସରେନି । ତାହା ପର୍ଯ୍ୟାୟକ୍ରମେ ହିସାବଖାତାର ଅଙ୍କ ଭଳି ଆଗର ଲାଗୁଆ ଛିଡେ, ପୁଣି ସଦ୍ୟ ନେଇଥିବା ଧାରକରଜ ଯୋଡେ। ହିସାବଖାତା ଚାଲିଥାଏ ସେମିତି ।

କାଠିପୋକର ଗଣିତ ଭଳି ଜୀବନବ୍ୟାପୀ ସ୍ୱପ୍ନ ସହ ମଣିଷ ଯୋଡି ରହେ। ଅପ୍ରାପ୍ତିରେ ଦୁଃଖ ମାଡି ବସେ । ପ୍ରାପ୍ତିରେ ସାମୟିକ ସୁଖ ପାଏ । କିନ୍ତୁ ଅଧୁରା ସ୍ୱପ୍ନ! ଏହା କେବଳ ଏକ ଭେଳିକି ମାତ୍ର। ଅଧୁରା ସ୍ୱପ୍ନ, କାନ୍ଦୁରା ସ୍ୱପ୍ନ, ଦୁଃଖଦ ସ୍ୱପ୍ନ, ସୁନେଲି ସ୍ୱପ୍ନ, ରୂପେଲି ସ୍ୱପ୍ନ ଏମିତି ଗୁଡାଏ ନାମ ଦିଆଯିବାରେ ସମସ୍ୟା ନାହିଁ। ଅଧୁରା ସ୍ୱପ୍ନ କେବଳ ରାଜନୈତିକ ସ୍ଲୋଗାନ। ନେତା ପ୍ରତିଥର ଅନୁରୋଧ କରେ ନିର୍ବାଚନ ଆସିଲେ ଅପୂରଣୀୟ ସ୍ୱପ୍ନକୁ ସାକାର କରିବା ଲାଗି ଏଥର ଭୋଟ ଦିଅନ୍ତୁ। ଭୋଟ ପାଇଗଲେ ନିଜର ସ୍ୱପ୍ନରେ ମସଗୁଲ ରୁହନ୍ତି। ପୁଣି ନିର୍ବାଚନ ଆସିଲେ ଅପୂର୍ଣ୍ଣ ସ୍ୱପ୍ନମାନେ ଡିଆଁଡେଇଁ ହୁଅନ୍ତି ଭାଷଣରେ, ଇସ୍ତାହାରରେ, ପ୍ରତିଶ୍ରୁତିର ପାହାଡରେ ଏବଂ ତୁଚ୍ଛା ଶବ୍ଦରେ। ଯା ଭିତରେ ବର୍ଷିଆନ ନେତାଙ୍କ ଦେହାନ୍ତ ହୋଇଗଲେ ସେଇ ତଥାକଥିତ ସ୍ୱପ୍ନର ପରିଭାଷା ବଦଳିଯାଏ। ନେତା କେଉଁ ସ୍ୱପ୍ନ ଦେଖିଥାଏ ତାହା ପରବର୍ତ୍ତୀ ଦାୟାଦ ଓ ଅନୁଗାମୀମାନଙ୍କୁ ଜ୍ଞାତ ନ ଥିଲେ ବି ତୁରନ୍ତ ସ୍ୱପ୍ନ ଅଙ୍କନ ହୁଏ। ଏଥର ନବ ପଲ୍ଲବିତ ସ୍ୱପ୍ନମାନେ ତୁରନ୍ତ ପରିବର୍ତ୍ତିତ ରୂପ ନେଇ ଅଧୁରା ସ୍ୱପ୍ନ ହୋଇଯାନ୍ତି। ଆଉ ଦଶକ ଦଶକ ବିତିଯାଉଥିଲେ ବି ଦିଗଂଗତ ନେତାମାନଙ୍କ ସ୍ୱପ୍ନ ତଥାପି ସେମିତି ଅଧୁରା ହୋଇ ରହିଥାଏ। କେବେ ତାହା ପୂରଣ ହୁଏ ଜଣାପଡେନି। ବରଂ ଜନମନରେ ତାକୁ ସାରିବାକୁ ଦିଆଯାଏନି। ତାଜା ରଖାଯାଏ। ଅନ୍ଧ ଅନୁଗତମାନଙ୍କ ଅନୁକମ୍ପା ହାସଲ ଲାଗି ନେତାଙ୍କ ଅଧୁରା ସ୍ୱପ୍ନ ନାମରେ ସମ୍ବେଦନଶୀଳତା ଉପରେ ପ୍ରହାର କରାଯାଏ। ତେବେ ସ୍ୱପ୍ନ ଦେଖିବା ଉଚିତ। ସ୍ୱପ୍ନ ନ ଦେଖିଲେ କାଳେ ବିକାଶ ସମ୍ଭବ ନୁହେଁ। ସମସ୍ତେ ନିଜର ବିକାଶର ରୋଡ ମ୍ୟାପ ପ୍ରସ୍ତୁତ କରିବା ଉଚିତ। ତାକୁ ନେଇ ଜୀବନର ଗତିପଥ ଆଗେଇବା ବି ଆବଶ୍ୟକ। କିନ୍ତୁ ସ୍ୱପ୍ନ ସବୁବେଳେ ନିଜ ଦକ୍ଷତା ଓ କ୍ଷମତାରୁ ଅତିରିକ୍ତ ଉପରକୁ ଉଠି ବୁଣିଲେ ବିଫଳତା ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି।

ବିଫଳତା ସଫଳତାର ମାର୍ଗ ବୋଲି ବିବେଚନା କରୁଥିବା ମଣିଷମାନେ ଗୋଟିଏ ବଡ ସ୍ୱପ୍ନକୁ ପୂରଣ ଲାଗି ଏକାଧିକବାର ଚେଷ୍ଟା କରି ସମୟ ଅପଚୟ କରିବା ଅପେକ୍ଷା ଛୋଟ ଛୋଟ ଗୁଡାଏ ସ୍ୱପ୍ନର ସମାହାରରେ ବଡ ସ୍ୱପ୍ନକୁ ହାସଲ କରିବା ବରଂ ଅଧିକ ପ୍ରଯୁଜ୍ୟ। ଏଥିରେ ସୁଖ, ଶାନ୍ତି, ଖୁସି ସହ ପ୍ରଗତି ଅହରହ ଲାଗି ରହିବା ଅଧିକ ଗ୍ୟାରେଣ୍ଟି ଥାଏ। ଅନ୍ୟପକ୍ଷରେ ଅଧୁରା ସ୍ୱପ୍ନରେ ବିଭୋର କରୁଥିବା ମଣିଷମାନଙ୍କର ବାସ୍ତବରେ ସ୍ୱପ୍ନ ବୋଲି ଅନ୍ୟ ପାଇଁ କିଛି ନ ଥାଏ। ଯଦି ଥାଏ ନିଜର ଖୁସି ଓ ପ୍ରାପ୍ତି। ସେଥିରେ ମଗ୍ନ ହେବା କିମ୍ବା ନିଜେ ଅଧୁରା ସ୍ୱପ୍ନରେ ବୁଡି ରହିବା ପରିବର୍ତ୍ତେ ସୁନ୍ଦର ସମ୍ଭାବନା ଥିବା ତାଜା ସ୍ୱପ୍ନରେ ବିଭୋର ହେବା ସର୍ବାଦୌ ଭଲ। ଏହା ହିଁ ସମ୍ଭବତଃ ସବୁ ସଫଳ ଓ ଉତ୍ତମ ମଣିଷଙ୍କ ବିଚାର!

ଇନ୍ଦିରାନଗର,ଚତୁର୍ଥଗଳି,ରାୟଗଡା
ମୋ-୯୫୫୬୨୮୭୭୭୫

## ଏଇ ଭାରତରେ

ସହରରେ ରହି ୬ ବର୍ଷ ହେବ ପାଣି ବାବଦରେ ଟଙ୍କାଟିଏ ଖର୍ଚ୍ଚ ନ କରିବା କଥା ଶୁଣି ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ବେଙ୍ଗାଲୁରର ସମ୍ପଥ ଏସ୍.ଙ୍କ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ସେ ଛାତ ଉପରୁ ବର୍ଷାଜଳ ସଂରକ୍ଷଣ କରି ତାହାକୁ ଘରର ସବୁ କାମରେ ଉପଯୋଗ କରୁଛନ୍ତି। ତାଙ୍କ ବୟସ ଏବେ ୬୬। ସେ ବ୍ୟାଙ୍କରେ ଚାକିରି କରି ଅବସର ନେଇଛନ୍ତି। ତାଙ୍କ ଘର ପାଖରେ ମାଟି ତଳେ ଏକ ପାଣି ଟାଙ୍କି କରି ସେଥିରେ ୪୦,୦୦୦ ଲିଟର ବର୍ଷାଜଳ ସଞ୍ଚୟ କରି ରଖୁଛନ୍ତି। ପରେ ତାହାକୁ ଫିଲଟର କରି ପିଇବା ସହ ଅନ୍ୟ ସମସ୍ତ କାର୍ଯ୍ୟରେ ଲଗାଉଛନ୍ତି। ବର୍ଷାଜଳ ସଂରକ୍ଷଣ ସହ ଏହାର ଫିଲଟର ସିଷ୍ଟମ ବା ପଦ୍ଧତି ସମ୍ପର୍କରେ ଇଣ୍ଟରନେଟରୁ ଶିଖି ତାହାକୁ ଉପଯୋଗ କରିଛନ୍ତି। ପାରମ୍ପରିକ ପଦ୍ଧତିରେ ପାଣି ଫିଲ୍‌ଟର କରୁଛନ୍ତି। ସୂତା ଓ ନାଇଲନ କପଡ଼ାରେ ଫିଲ୍‌ଟର ପ୍ରସ୍ତୁତ କରିଛନ୍ତି ସମ୍ପଥ। ଫିଲ୍‌ଟର ପଦ୍ଧତିରେ ସେ ୨୦ ଲିଟର ରଙ୍ଗ ବାଲଟିସବୁ ବ୍ୟବହାର କରିଛନ୍ତି। ଏହାକୁ ପିଭିସି ପାଇପ୍ ଦ୍ୱାରା ସଂଯୋଗ କରି ତ୍ରିସ୍ତରୀୟ ଫିଲଟର ସିଷ୍ଟମ କରିଛନ୍ତି। ବର୍ଷା ସମୟରେ ସେ ୧୫ ମିନିଟ ଛାତ ପାଣିକୁ ସକ୍‌ପିଟକୁ ଛାଡିଦିଅନ୍ତି। ଏହାପରେ ପାଣିକୁ ଫିଲଟର ସିଷ୍ଟମକୁ ଛାଡିଥାନ୍ତି। ପୂରା ସିଷ୍ଟମ ଲାଗି ସେ ୨୦,୦୦୦ ଟଙ୍କା ଖର୍ଚ୍ଚ କରିଛନ୍ତି। ସମ୍ପଥଙ୍କର ଏହି ଫିଲଟର ସିଷ୍ଟମକୁ ଅନ୍ୟମାନେ ଘରେ ଲଗାଇବା ସହ ପାଣି ବାବଦରେ ଖର୍ଚ୍ଚକାଟ କରିବାରେ ସକ୍ଷମ ହେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଅକ୍ଟୋବର ୧୯୯୫

- ଶ୍ରୀଲଙ୍କାର ମାଧାଘାଲଠାରେ ଥିବା ସାମରିକ ଘାଟି ମଧକୁ ପଶିବାକୁ ଉଦ୍ୟମ କରୁଥିବା ବେଳେ ସୈନ୍ୟଙ୍କ ପ୍ରତିଆକ୍ରମଣରେ ୨୦ ଏଲ୍‌ଟିଟିଇ ଉଗ୍ରପନ୍ଥୀ ନିହତ।
- ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ନୂଆଦିଲ୍ଲୀସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ପ୍ରଥମ ଓଡ଼ିଆ ଜେନେରାଲ ମ୍ୟାନେଜର ଭାବେ ମହେଶ ପ୍ରସାଦ ଦଳବେହେରା ଦାୟିତ୍ୱ ଗ୍ରହଣ କରିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 8 | | | | 9 | 4 | | D | | | 0 | | |
| D | | | | | | | | | 7 | 0 | | 1 | | 8 |
| | | | | 6 | | 3 | D | | | | | | 5 | B |
| | E | | 5 | | 7 | | | C | | | | | | A |
| 1 | | | | 9 | | | B | 0 | 4 | C | | | | |
| | | | | 8 | | | C | 3 | 0 | | | A | | |
| 7 | 3 | | | | D | B | | 2 | | 4 | C | | | 6 |
| 0 | 1 | C | 6 | | A | E | 7 | | | 9 | | | | |
| | 4 | | | 1 | 0 | | | | | | 2 | | C | |
| | 6 | | 2 | B | | | | | | | | | 8 | |
| 5 | B | 4 | | | 6 | | 8 | | | | | | | |
| | | | 0 | | | C | | 5 | A | 7 | | E | | |
| | 7 | | B | 2 | | | E | D | | | | | | |
| 2 | 0 | | E | | | | | | B | | | 6 | | |
| | | 6 | | | 8 | | A | | 5 | 2 | | | 4 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | A | 5 | 6 | 9 | 0 | 3 | C | 8 | 7 | 2 | E | D | 1 | B |
| 3 | 9 | 8 | B | A | C | 7 | 2 | 0 | D | 6 | 1 | 5 | 4 | E |
| E | C | 0 | 4 | 2 | D | B | 1 | 5 | 3 | A | 8 | 6 | 7 | 9 |
| 7 | B | 1 | E | 5 | 3 | D | 6 | 9 | 4 | C | 0 | 8 | 2 | A |
| D | 6 | 2 | 1 | 8 | 7 | 4 | A | E | 9 | B | 5 | 0 | 3 | C |
| 0 | 1 | 4 | C | B | 5 | 6 | 7 | A | E | D | 3 | 9 | 8 | 2 |
| 5 | 7 | 6 | 3 | 0 | E | C | 8 | 1 | 2 | 4 | 9 | A | B | D |
| B | 3 | D | 8 | 6 | 1 | 2 | 9 | 4 | A | 0 | 7 | C | E | 5 |
| C | E | 9 | 2 | 4 | A | 0 | 5 | D | 8 | 1 | B | 7 | 6 | 3 |
| 2 | 8 | A | 7 | D | 9 | E | 3 | B | 6 | 5 | C | 1 | 0 | 4 |
| 8 | 0 | C | 9 | 1 | 2 | 5 | D | 7 | B | E | 4 | 3 | A | 6 |
| 9 | 2 | 7 | D | E | 8 | A | 4 | C | 1 | 3 | 6 | B | 5 | 0 |
| 1 | 5 | E | A | 3 | 4 | 9 | B | 6 | 0 | 8 | D | 2 | C | 7 |
| A | 4 | B | 5 | 7 | 6 | 1 | 0 | 3 | C | 9 | 2 | E | D | 8 |
| 6 | D | 3 | 0 | C | B | 8 | E | 2 | 5 | 7 | A | 4 | 9 | 1 |

ଗତ କାଲିର ଉତ୍ତର

# ଅଭିଭାବକତ୍ୱରେ ଉତ୍ତରପିଢ଼ି



ଡ. ବାସନ୍ତୀ ମହାନ୍ତି

ସାରା ଭାରତରେ ଧର୍ମ ସଂସ୍ଥାପନା କରି ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଦିନରାତି ଏକାକାର କରିଦେଇଥିବା ଶ୍ରୀକୃଷ୍ଣ ନିଜ ପରିବାରର ଯୁବପିଢ଼ିଙ୍କୁ ଆୟତ୍ତ କରିପାରି ନ ଥିଲେ। ସେମାନେ ପ୍ରଜାମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଥିଲେ। ମୁନି ଋଷିମାନେ ସୁଦ୍ଧା ସେମାନଙ୍କ ଦୌରାତ୍ମ୍ୟରୁ ମୁକ୍ତି ପାଉ ନ ଥିଲେ। ସେମାନଙ୍କୁ ଥଟ୍ଟା ପରିହାସ କରିବା ଯାଦବ ଯୁବକଙ୍କର ଥିଲା ଅନ୍ୟତମ କ୍ରୀଡ଼ା ବିଳାସ। ଏହି ବିଳାସ ଯଦୁବଂଶ ପାଇଁ କାଳ ହୋଇଥିଲା। ଯାଦବ ଯୁବକଙ୍କ ଉଶୃଙ୍ଖଳତା ପାଇଁ ଦ୍ୱାରକା ଧ୍ୱଂସ ହୋଇଥିଲା ସତ କିନ୍ତୁ ଏଥିପାଇଁ କୃଷ୍ଣ, ବଳରାମ ମୂଳତଃ ଦାୟୀ। ମହାଭାରତରେ ଶ୍ରୀକୃଷ୍ଣ ବିଶ୍ୱ କଲ୍ୟାଣ ପାଇଁ ଅହରହ ଚିନ୍ତିତ ଥିଲେ। ସେ ନିଜ ପରିବାରର ଉତ୍ତର ପିଢ଼ି ପାଇଁ ସମୟ ଦେଇ ପାରି ନ ଥିଲେ କିମ୍ବା ସେମାନଙ୍କ ପାଇଁ କୌଣସି ସୁଚିନ୍ତିତ ଯୋଜନା କରିଥିବା କେଉଁଠି ଉଲ୍ଲେଖ ନାହିଁ। ବଳରାମ କେତେବେଳେ ଆଳସ୍ୟ ବିଳାସରେ ତ ଆଉ କେତେବେଳେ ଧ୍ୟାନ ଧାରଣାରେ କାଳାତିପାତ କରୁଥିଲେ, ଫଳରେ ନୂଆ ପିଢ଼ିଙ୍କୁ ଠିକ୍ ଉପାୟରେ ଲାଳନପାଳନ କରାଯାଇ ନ ଥିଲା। କୌରବ ଶହେ ଭାଇଙ୍କ ଅବସ୍ଥା ମଧ ଠିକ୍ ସେୟା। ଧୃତରାଷ୍ଟ୍ର ଥିଲେ ଦୃଷ୍ଟିହୀନ। ମାତା ଗାନ୍ଧାରୀ ମଧ ଆଖିରେ ଅନ୍ଧପଟିକା ବାନ୍ଧି ସନ୍ତାନମାନଙ୍କର କାର୍ଯ୍ୟକଳାପ ପ୍ରତି ଦୃଷ୍ଟି ଦେଇପାରିଲେ ନାହିଁ। ଏତେ ବଡ଼ ବିଦୁଷୀ ମାଆର ସନ୍ତାନମାନେ ବିଗିଡ଼ିଗଲେ। ପାପପୁଣ୍ୟର ବିଚାର ରହିଲା ନାହିଁ। ନିଜ ବିନାଶକୁ ଆହ୍ୱାନ କରି ଆଣିଲେ।

ଆମ ସମସ୍ତଙ୍କର ଅସନ୍ତୋଷ ଅଭିଯୋଗ ଆପତ୍ତି ଆଜି ଯୁବସମାଜ ଉପରେ ଲଦି ହୋଇପଡୁଛି। ସେମାନେ ଐତିହ୍ୟ ଓ ପରମ୍ପରା ଭୁଲୁଛନ୍ତି, ଗୁରୁଗୁରୁଜନ ମାନୁ ନାହାନ୍ତି। ଚୋରି, ଡକାୟତି, ହତ୍ୟା, ବ୍ୟାଙ୍କ ଲୁଟ୍, ପକେଟ୍‌ମାର କରୁଛନ୍ତି ତ ଆଉ କେହି ଗଣବଳାତ୍କାର ପରି ବର୍ବରୋଚିତ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଦୀର୍ଘସମୟବ୍ୟାପୀ ଲକ୍‌ଡାଉନ୍, ଶଟ୍‌ଡାଉନ୍‌ପରେ ଯୁବପିଢ଼ି ଏବେ ବଞ୍ଚିବା ପାଇଁ ଅପରାଧ ଦୁନିଆକୁ ଖସି ଆସୁଛନ୍ତି। ଏବେ ଭୁବନେଶ୍ୱରରେ କୌଣସି ଆପରାଧିକ ଇତିହାସ ନ ଥାଇ ଦୁଇଦୁଇଟା ବ୍ୟାଙ୍କ ଲୁଟ କରିଥିବା ଯୁବକଙ୍କ ବୟାନରୁ ଯେଉଁ ତଥ୍ୟ ମିଳିଥିଲା ସେଥିରୁ ଜଣାପଡୁଛି ସେମାନଙ୍କ ବିପଦ ସମୟରେ ଆନ୍ତରିକ ଆଶ୍ୱାସନା ଦେବା ପାଇଁ ତାଙ୍କ ପାଖରେ କେହି ନାହାନ୍ତି, ଯାହାଫଳରେ ସେମାନେ ବିଷାଦଗ୍ରସ୍ତ ହୋଇ ଯେକୌଣସି ଭୁଲ ପଦକ୍ଷେପ ନେଉଛନ୍ତି। ଯୁବକଙ୍କ ବୟାନ ଥିଲା, କରୋନା ସମୟରେ ତାଙ୍କ ବ୍ୟବସାୟ କ୍ଷତିଗ୍ରସ୍ତ ହେବାରୁ ସେ ବ୍ୟାଙ୍କ ଋଣ ଶୁଝି ପାରି ନ ଥିଲେ, ସେଥିପାଇଁ ସେ ବ୍ୟାଙ୍କ ଲୁଣ୍ଠନ କରି ବ୍ୟାଙ୍କର ଋଣ ଶୁଝିବାକୁ ଚେଷ୍ଟା କରିଥିଲେ। ତା' ପୂର୍ବରୁ କୌଣସି ଆପରାଧିକ ଇତିହାସ ନଥିଲା ବୋଲି ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିପାରିଥିଲା।

ଇଚ୍ଛା ଅନୁସାରେ କର୍ମନିଯୁକ୍ତି ନ ମିଳିବାରୁ ଯୁବ ସମାଜ ବିଭ୍ରାନ୍ତ ହେଉଥିବା ବେଳେ ଆଉ କାହା ପାଖରେ ଗୁଡ଼ାଏ ଶିକ୍ଷାଗତ ଯୋଗ୍ୟତା ଥାଇ ସୁଦ୍ଧା ଚାକିରି ପାଉନାହାନ୍ତି। ଅନେକ ସାର୍ଟିଫିକେଟ୍ କେବଳ ପଇସା ଦେଇ କିଣାଯାଉଥିବା ବେଳେ କପି କିମ୍ବା ଅନ୍ୟ ଅସାଧୁ ଉପାୟରେ ହାସଲ କରୁଛନ୍ତି ଯୁବପିଢ଼ି। ମାତାପିତାଙ୍କ ଇଚ୍ଛା ପୂରଣ କରି ହେଉ କିମ୍ବା ନ କରିପାରି ହେଉ ସେମାନେ ଯେଉଁ ଜୀବିକା ଗ୍ରହଣ କରିଛନ୍ତି ତାହା ମଧ ସେମାନଙ୍କ ପାଇଁ ଦୁର୍ବିଷହ ହୋଇପଡୁଛି। ଯନ୍ତ୍ର ପରି ବଞ୍ଚୁଛନ୍ତି। ନିଜ ଜୀବନର ବିଫଳପଣକୁ ଅନ୍ୟମାନଙ୍କ ଉପରେ ଉଦ୍‌ଗାର କରନ୍ତି। ଉପରିସ୍ଥ ଅଫିସରଙ୍କ ପ୍ରତି ବିଶ୍ୱସ୍ତ ରହନ୍ତି ନାହିଁ। ସେମାନଙ୍କ ଭିତରେ ଥିବା ସୃଜନଶୀଳତା ନଷ୍ଟ ହୋଇଯାଏ। ଆବେଗ ଧ୍ୱଂସ ହୋଇଯାଏ। କେବଳ ବେଗକୁ ନେଇ ସେମାନେ ବଞ୍ଚନ୍ତି। ଇଲେକ୍ଟ୍ରୋନିକ୍ ଜଗତ ତ ଆହୁରି ବିପଜ୍ଜନକ ଜଗତ ହୋଇ ରହିଛି। ଯେଉଁମାନଙ୍କୁ କୁହାଯାଉଛି ସାଇବର କୁଲି। ଆଉ ସେଇମାନେ ବେଶି ଅବସାଦଗ୍ରସ୍ତ ହେଉଛନ୍ତି। ବିବାହ ବଚ୍ଛେଦ, ଆତ୍ମହତ୍ୟା, ଡ୍ରଗ୍ସ ସେବନ ଏସବୁ ହେଉଛି ତା'ର ପାର୍ଶ୍ୱ ପ୍ରତିକ୍ରିୟା। ଗୋଟାଏ ଅର୍ଥରେ କହିଲେ ଏମାନେ ଭଲ ମଣିଷ ହୋଇ ପାରୁନାହାନ୍ତି ନା ଭଲ ପରିବାର ଗଢ଼ି ପାରୁଛନ୍ତି।

ଯୁବପିଢ଼ିଙ୍କ ମଧ୍ୟରେ ଆଉ ଏକ ମାନସିକତା ପରିଲକ୍ଷିତ ହେଉଛି, ଯେଉଁମାନଙ୍କୁ ଆମେ ଫକୀର ମୋହନ ସେନାପତିଙ୍କ 'ଡାକମୁନ୍‌ସୀ' ପର୍ଯ୍ୟାୟଭୁକ୍ତ କରିପାରିବା। ସେମାନଙ୍କୁ ସୁଖସ୍ୱାଚ୍ଛନ୍ଦ୍ୟ ଦେବା ପାଇଁ ମାତାପିତା ନିଜ ସୁଖ ସ୍ୱାଚ୍ଛନ୍ଦ୍ୟ ବଳି ଦେଇଥାନ୍ତି। ନିଜ ପେଟରୁ କାଟି ସେମାନଙ୍କୁ ମଣିଷ କରିଥାନ୍ତି, ଅଥଚ ରୋଜଗାରକ୍ଷମ ହେବା ପରେ ସେମାନେ ଭୁଲିଯାଆନ୍ତି ମାତାପିତାଙ୍କ ତ୍ୟାଗ। ମାତାପିତା ସେମାନଙ୍କ ପାଇଁ ବୋଝ ହୋଇଯାଆନ୍ତି। ସେମାନଙ୍କ ଅନାଦର ଅବହେଳାରେ ନିର୍ଯାତିତର ଜୀବନ ବଞ୍ଚନ୍ତି ଅଥବା ବୃଦ୍ଧାଶ୍ରମରେ ଆଶ୍ରୟ ନିଅନ୍ତି। ସେମାନଙ୍କ ଭିତରୁ ସବୁ କୋମଳପଣ ଓ ଭାବପ୍ରବଣତା ମରି ମରି ଆସୁଛି।

ସନ୍ତାନମାନଙ୍କୁ ଉପଯୁକ୍ତ ମଣିଷ କରିବା ପରିବର୍ତ୍ତେ ସେମାନଙ୍କ ଆର୍ଥିକ ସୁରକ୍ଷା ଯଦି ଆମର ଲକ୍ଷ୍ୟ ହୁଏ, ତେବେ ସେମାନେ ମଣିଷ ହେବେ ନାହିଁ। ସେମାନେ ଅର୍ଥରୋଜଗାରକାରୀ ଯନ୍ତ୍ର ହିଁ ହୋଇଯିବେ। ଅଭିଜାତ ପରିବାରଗୁଡ଼ିକରେ ପିଲାମାନେ ପରିଚାରକମାନଙ୍କ ଦ୍ୱାରା ପ୍ରତିପାଳିତ ହୁଅନ୍ତି। ମଧ୍ୟବିତ୍ତ ପରିବାରଗୁଡ଼ିକରେ ପିଲାମାନଙ୍କୁ ହଷ୍ଟେଲରେ ଛାଡ଼ି ଦିଆଯାଇଥାଏ। ହଷ୍ଟେଲରେ ବଢ଼ିଥିବା ପିଲାଟିଏ ତା' ବୃଦ୍ଧ ମାତାପିତାଙ୍କୁ ବୃଦ୍ଧାଶ୍ରମରେ ଛାଡ଼ିବାବେଳେ ଆଦୌ ଭାବପ୍ରବଣ ହୋଇ ନଥାଏ, କାରଣ ପାରିବାରିକ ଭାବବନ୍ଧନ ପ୍ରତି ସେମାନଙ୍କର ଅଭିଜ୍ଞତା କମ୍ ଥାଏ।

ଯୁବପିଢ଼ିଙ୍କୁ ଦୋଷଦେବା ପୂର୍ବରୁ ଆମେ ବୁଝିବା ଦରକାର ଆମେ ସେମାନଙ୍କୁ କି ପ୍ରକାର ସଂସ୍କାର ଦେଇଛୁ। ସନ୍ତାନମାନଙ୍କୁ କେତେ ସ୍ନେହ ମମତା ଦେଇଛୁ, କେତେ ସମୟ ସେମାନଙ୍କ ପାଇଁ ଆମେ ବିନିଯୋଗ କରିଛୁ? ସାମ୍ପ୍ରତିକ ପରିସ୍ଥିତିରେ କେତେ ଭରସାଯୋଗ୍ୟ ଆଦର୍ଶ ବ୍ୟକ୍ତିତ୍ୱମାନଙ୍କୁ ସେମାନଙ୍କ ଆଗରେ ଆମେ ଠିଆ କରେଇଛୁ? ଯେଉଁ ମାର୍ଗଦର୍ଶକଙ୍କୁ ଅନୁସରଣ କରି ସେମାନେ ଆଗକୁ ବଢ଼ନ୍ତେ, ଆମ ଭିତରେ କେତେଜଣ ସେମିତି ନିଷ୍ପାପ ବ୍ୟକ୍ତିତ୍ୱ ଅଛନ୍ତି? ଆଜି ଲୋକପ୍ରିୟତାର ଶୀର୍ଷରେ ଛିଡାହୋଇଥିବା ବ୍ୟକ୍ତିର ସାମ୍ରାଜ୍ୟ ରାତି ପାହିଲେ କେମିତି କେଉଁ କେଳେଙ୍କାରୀରେ ଫସି ତଳିତଳାନ୍ତ ହେଉଛି ତା'ର ସୀମା ନାହିଁ। ମହାଜନ 'ଯେନ ଗତଃ ସ ପନ୍ଥା'- କେଉଁ ମହତ୍‌ଜନଙ୍କୁ ଅନୁସରଣ କରି ଚାଲିବା ପାଇଁ ଆମେ ସେମାନଙ୍କୁ ଉପଦେଶ ଦେବା? ତଥାପି କ'ଣ ଏଇ ଯୁବ ବିଭ୍ରାନ୍ତି ପାଇଁ ଆମେ ଯୁବପିଢ଼ିଙ୍କୁ ଦୋଷ ଦେବା?

୨୧୩ ସି-ବ୍ଲକ୍, ଏମେରାଲ୍ଡ ଆପାର୍ଟମେଣ୍ଟ,
ଲକ୍ଷ୍ମୀସାଗର, ଭୁବନେଶ୍ୱର,
ମୋ-୯୪୩୭୦୩୩୦୭୪

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱାସ୍ଥ୍ୟରକ୍ଷାର ସୂତ୍ର

ମହାଶୟ,

ବିଶ୍ୱ ମହାମାରୀ କରୋନାର ପ୍ରାଦୁର୍ଭାବ ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟର ସୁରକ୍ଷା ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ପ୍ରମୁଖ ସମସ୍ୟା ରୂପେ ଠିଆ ହୋଇଛି। ଏହି ସମୟରେ ପ୍ରତ୍ୟେକ ବ୍ୟକ୍ତି ନିଜର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ଜରୁରୀ ହୋଇପଡିଛି। ଏଥିପାଇଁ ଦୈନନ୍ଦିନ ଜୀବନ ଶୈଳୀରେ ଶୃଙ୍ଖଳା ଓ ସଂଯମ ରକ୍ଷା କରିବା ସହ ଭିଟାମିନ୍ ସି ଯୁକ୍ତ ଓ ରୋଗ ପ୍ରତିରୋଧକ ଶକ୍ତି ବା ଇମୁନିଟି ବୃଦ୍ଧି କରୁଥିବା ଖାଦ୍ୟ ଗ୍ରହଣ କରିବା ଉଚିତ। କମଳା, କାଗେଜିଲେମ୍ବୁ, ଅଁଳା, ମେଥି ଶାଗ, ପାଳଙ୍ଗ ଶାଗ, ଶଜନା ଶାଗ, ବନ୍ଧାକୋବି, କଞ୍ଚାଲଙ୍କା ଓ ବିଲାତି ବାଇଗଣ ପରି ଭିଟାମିନ୍ ସି ଯୁକ୍ତ ଖାଦ୍ୟ ଖାଇବା ଦରକାର। ସେହିପରି ଗଜାମୁଗ, ଗଜାବୁଟ, ହଳଦୀ, ଜିରା, ଧନିଆ, ମହୁ, ରସୁଣ, ଲବଙ୍ଗଚୂର୍ଣ୍ଣ ଓ ଶୁଣ୍ଠି ମଧ ଖାଦ୍ୟ ତାଲିକାରେ ସାମିଲ ହେବା ଆବଶ୍ୟକ। ପ୍ରତ୍ୟକ ଦିନ ନଖ ଉଷୁମ ପାଣି ଯଥେଷ୍ଟ ମାତ୍ରାରେ ପିଇବା ଆବଶ୍ୟକ। ଦିନକୁ ଅନ୍ତତଃ ଅଧଘଣ୍ଟା ପାଇଁ ବ୍ୟାୟାମ ବା ଶାରୀରିକ ପରିଶ୍ରମ କରିବା ସହ କୋଭିଡ୍ ନିୟମ ପାଳନକୁ ସୁନିଶ୍ଚିତ କରିବା ଉଚିତ୍। ବିଶେଷଜ୍ଞଙ୍କ ମତରେ କରୋନା କବଳରୁ ମୁକ୍ତି ପାଇଁ ଏହା ହେଉଛି ରକ୍ଷା କବଚ।

ଅକ୍ଷୟ କୁମାର ମହାନ୍ତ, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

## ଚିରନ୍ତନୀ

ଦୁଃଖ ତା'ର ତାରାରାଜି
ଲଭି ମହା ଦୁଃଖ
ମଳିନ ତୁଷାରେ ପରା
ଆବରିଛି ମୁଖ। -(ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଏନ୍‌ଟିଏସ୍, ଏନ୍‌ଏମ୍‌ଏମ୍‌ଏସ୍ ପରୀକ୍ଷା ପାଇଁ ଆବେଦନ ଅବଧି ବୃଦ୍ଧି

ଭୁବନେଶ୍ୱର, ୨୮।୧୦ (ବ୍ୟୁରୋ)

୨୦୨୦-୨୦୨୧ର ନ୍ୟାଶନାଲ ଟ୍ୟାଲେଣ୍ଟ ସର୍ଚ୍ଚ (ଏନ୍‌ଟିଏସ୍) ଓ ନ୍ୟାଶନାଲ ମିନ୍ସ କମ୍ ମେରିଟ୍ ସ୍କଲାରସିପ୍ (ଏନ୍‌ଏମ୍‌ଏମ୍‌ଏସ୍) ପରୀକ୍ଷା ପାଇଁ ଫର୍ମ ପୂରଣ ଅବଧି ବୃଦ୍ଧି କରାଯାଇଛି। ଏ ନେଇ ବୁଧବାର ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ପକ୍ଷରୁ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖି ଜଣାଇ ଦିଆଯାଇଛି। ଏହି ପରୀକ୍ଷା ପାଇଁ ଫର୍ମ ପୂରଣର ଶେଷ ତାରିଖ ଅକ୍ଟୋବର ୨୮ତାରିଖ ରହିଥିଲା। କିନ୍ତୁ କୋଭିଡ୍-୧୯ ଓ ଛୁଟିଦିନ ପାଇଁ ଅନେକ ଯୋଗ୍ୟ ଛାତ୍ରୀଛାତ୍ର ଆବେଦନ କରିପାରି ନ ଥିବାରୁ ଫର୍ମ ପୂରଣ ଅବଧିକୁ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ଉକ୍ତ ଚିଠିରେ ଉଲ୍ଲେଖ ରହିଛି। ସେହିପରି ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନ ସ୍ତରରେ ଓ ୭ ତାରିଖ ମଧ୍ୟରେ ଜିଲା ସ୍ତରରେ ଯାଞ୍ଚ କରାଯିବ। ଆବେଦନ ଅବଧି ସମ୍ପର୍କରେ ସମସ୍ତ ପ୍ରଧାନଶିକ୍ଷକଙ୍କୁ ଜଣାଇବାକୁ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଶୀତରେ ସତର୍କ ନ ରହିଲେ ବଢ଼ିବ ସଂକ୍ରମଣ

ଭୁବନେଶ୍ୱର, ୨୮।୧୦ (ବ୍ୟୁରୋ)

## ଦିନକରେ ୧,୫୪୦ ଆକ୍ରାନ୍ତ, ୧୨ ମୃତ

- ଗଞ୍ଜାମରୁ ଆରମ୍ଭ ହୋଇପାରେ ଦ୍ୱିତୀୟ ପର୍ଯ୍ୟାୟ
- ପୁଣି ସଂକ୍ରମଣ ବଢ଼ିଲେ ସ୍ୱାସ୍ଥ୍ୟସେବା ସ୍ଥିତି ବିଗିଡିଯିବ

ଓଡ଼ିଶାରେ ଏପର୍ଯ୍ୟନ୍ତ କରୋନାର ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ ହୋଇନାହିଁ। ଶୀତ ଦିନରେ ଏହି ପର୍ଯ୍ୟାୟ ସଂକ୍ରମଣ ହେବାର ଅନୁମାନ କରାଯାଉଛି। ତେଣୁ ଶୀତ ଦିନ ପାଇଁ ସତର୍କତା ଜରୁରୀ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ନିରୋଜ ମିଶ୍ର କହିଛନ୍ତି। ଗଞ୍ଜାମରେ ଦ୍ୱିତୀୟ ପର୍ଯ୍ୟାୟ ଆସିବାର ଅଧିକ ସମ୍ଭାବନା ରହିଛି। କାରଣ ସେଠାରେ ପ୍ରଥମେ ସଂକ୍ରମଣ ପିକ୍ ସ୍ତରରେ ପହଞ୍ଚିବା ପରେ ହ୍ରାସ ପାଇଥିଲା। ଯଦି ଆଗକୁ ସେଠାରେ ସଂକ୍ରମଣ ବଢ଼େ, ତାହାକୁ ଦ୍ୱିତୀୟ ପର୍ଯ୍ୟାୟ କହିପାରିବା। ସେହିପରି ଭୁବନେଶ୍ୱରରେ ପୁଣି ସଂକ୍ରମଣ ବଢ଼ିଲେ, ତାହାକୁ ମଧ୍ୟ ଦ୍ୱିତୀୟ ପର୍ଯ୍ୟାୟ ବୋଲି କହିପାରିବା। ଓଡ଼ିଶାକୁ ପୁଣି ସଂକ୍ରମଣ ଲେଉଟିଲେ ବହୁ ଅସୁବିଧା ହେବ। ସଂକ୍ରମଣ ସଂଖ୍ୟା ବଢ଼ିଲେ ସ୍ୱାସ୍ଥ୍ୟସେବା ଓ ଭିତ୍ତିଭୂମି ଉପରେ ପ୍ରଭାବ ପକାଇବ। ସେଥିପାଇଁ ଆମକୁ ଯତ୍ନବାନ ହେବାକୁ ପଡ଼ିବ। କରୋନାର ସମସ୍ତ ନିର୍ଦ୍ଦେଶାବଳୀକୁ ପାଳନ କରିବାକୁ ପଡ଼ିବ। ଆମେ ସତର୍କ ରହିଲେ କରୋନାର ଦ୍ୱିତୀୟ ସଂକ୍ରମଣକୁ ଏଡ଼ାଇ ଦେଇ ପାରିବା ବୋଲି ଡା. ମିଶ୍ର କହିଛନ୍ତି।

ସେପଟେ ରାଜ୍ୟରେ ଶେଷ ୨୪ ଘଣ୍ଟାରେ ଆଉ ୧,୫୪୦ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୮୮୬ଜଣଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରରୁ ଚିହ୍ନଟ କରାଯାଇଥିବାବେଳେ ୬୫୪ଜଣ ସ୍ଥାନୀୟ ଆକ୍ରାନ୍ତ ବୋଲି ଜଣାପଡ଼ିଛି। ଏମାନଙ୍କ ମଧ୍ୟରୁ ଖୋର୍ଦ୍ଧାରୁ ୨୦୮ଜଣ ଥିବାବେଳେ ସୁନ୍ଦରଗଡ଼ରୁ ୧୧୧ ଓ ଅନୁଗୋଳ ୧୦୦ଜଣ ରହିଛନ୍ତି। ବାକିସବୁ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ଶହେ ତଳକୁ ରହିଛି। ବୌଦ୍ଧ ଜିଲାରେ ସର୍ବନିମ୍ନ ୩ଜଣ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨,୮୫,୪୮୨କୁ ବୃଦ୍ଧି ପାଇଛି। ଇତିମଧ୍ୟରେ ମୋଟ ୪୪,୨୨,୧୬୪ ନମୁନା ପରୀକ୍ଷା ହୋଇଥିବାବେଳେ ୬.୪୬% କରୋନା ପଜିଟିଭ୍ ବାହାରିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସେହିପରି ପୁଣି ୧୨ ଆକ୍ରାନ୍ତଙ୍କର କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା (ଭୁବନେଶ୍ୱର), ନୂଆପଡ଼ା ଓ ଝାରସୁଗୁଡ଼ାରୁ ୨ଜଣ ଲେଖାଏ ଥିବାବେଳେ ନବରଙ୍ଗପୁର, ପୁରୀ, ସୁନ୍ଦରଗଡ଼, ଗାମ, କଟକ, ସମ୍ବଲପୁରରୁ ଜଣେ ଲେଖାଏ ପ୍ରାଣ ହରାଇଛନ୍ତି। ଫଳରେ ଏବେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୨୮୪କୁ ବୃଦ୍ଧି ପାଇଛି।

# ଭିଏତ୍‌ନାମ୍‌ରେ ସାମୁଦ୍ରିକ ଝଡ଼: ୨ ମୃତ, ୨୬ ନିଖୋଜ

କ୍ୱାନ୍‌ଗାଲ, ୨୮।୧୦

ଭିଏତ୍‌ନାମରେ ବୁଧବାର ଭୟଙ୍କର ସାମୁଦ୍ରିକ ଝଡ଼ ମୋଲାଭେ ତାଣ୍ଡବ ରଚିଛି। ବ୍ୟାପକ କ୍ଷୟକ୍ଷତି କରିବା ସହ ୨ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିବାବେଳେ ୨୬ ଜଣ ନିଖୋଜ ଥିବା ଜଣାପଡ଼ିଛି। ପ୍ରଶାସନ ପକ୍ଷରୁ ନିଖୋଜଙ୍କୁ ଖୋଜିବା ଲାଗି ବୋଟ୍‌ଗୁଡ଼ିକୁ ଲଗାଯାଇଛି। କେନ୍ଦ୍ରୀୟ ଭିଏତ୍‌ନାମ୍‌ରେ ଗଛ ଭାଙ୍ଗିବା ଓ ଘର ଛାତ ଉଡ଼ିଯିବା ଭଳି ଘଟଣା ଦେଖିବାକୁ ମିଳିଛି। ପବନର ବେଗ ଘଣ୍ଟାକୁ ୧୪୫ କି.ମି. ରହିଥିବା ବେଳେ କରେଣ୍ଟ ଚାଲିଯାଇଛି। ଏଭଳି ସ୍ଥିତି ଯୋଗୁ ଶତାଧିକ ବିମାନ ଚଳାଚଳକୁ ବାତିଲ କରାଯାଇଥିବାବେଳେ ସ୍କୁଲ, କଲେଜ ବନ୍ଦକରିଦିଆଯାଇଛି। ଚାରିଆଡ଼ ଜଳାର୍ଣ୍ଣବ ହୋଇପଡ଼ି ବନ୍ୟା ପରିସ୍ଥିତି ସୃଷ୍ଟିହୋଇଛି।



# ୨୦୦ କି.ମି. ନନ୍‌ଷ୍ଟପ୍ ଗଡ଼ିଲା ଟ୍ରେନ୍



- ସ୍ତ୍ରୀଙ୍କ ସହ କଳି କରି ଝିଅକୁ ନେଇ ପଳାଉଥିଲେ ବାପା
- ଭୋପାଳ ଜଙ୍କ୍‌ଶନରୁ ଉଦ୍ଧାର ହେଲେ ଶିଶୁକନ୍ୟା

ଲଳିତପୁର, ୨୮।୧୦

ଅପହରଣର ଶିକାର ହୋଇଥିବା ଜଣେ ୩ ବର୍ଷର ଶିଶୁକନ୍ୟାଙ୍କୁ ଉଦ୍ଧାର କରିବାକୁ ଟ୍ରାକ୍‌ରେ ୨୦୦ରୁ ଊର୍ଦ୍ଧ୍ୱ କିଲୋମିଟର ନନ୍‌ଷ୍ଟପ୍ ଗଡ଼ିଲା ରାପ୍ତିସାଗର ସୁପରଫାଷ୍ଟ ଏକ୍ସପ୍ରେସ ଟ୍ରେନ୍। ରେଲୱେ ଅଧିକାରୀ, ଆର୍‌ପିଏଫ୍ ଏବଂ ଜିଆର୍‌ପିର ସମୁଚିତ ପଦକ୍ଷେପ ପରେ ଉତ୍ତରପ୍ରଦେଶର ଲଳିତପୁରରୁ ଅପହରଣ ହୋଇଥିବା ଶିଶୁକନ୍ୟାଙ୍କୁ ଭୋପାଳ ଜଙ୍କସନ୍‌ରୁ ଉଦ୍ଧାର କରାଯାଇଛି। ଅପହରଣକାରୀ ଜଣକ ନାବାଳିକାଙ୍କ ବାପା। ସ୍ତ୍ରୀଙ୍କ ସହ ଗଣ୍ଡଗୋଳ କରି ଅଭିଯୁକ୍ତ ବାପା ଏପରି କାରନାମା କରିଥିବା ସ୍ପଷ୍ଟ ହୋଇଛି। ଅନ୍ୟପଟେ ଶିଶୁକନ୍ୟାଙ୍କୁ ଉଦ୍ଧାର କରି କାଉନ୍‌ସେଲିଂ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

ରେଲୱେ ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୨୫ ତାରିଖ ସନ୍ଧ୍ୟା ପ୍ରାୟ ୭ଟାରେ ଲଳିତପୁର ଜିଆର୍‌ପି ପକ୍ଷରୁ ଝାନ୍ସି ଆର୍‌ପିଏଫ୍ ଉପ ନିରୀକ୍ଷକ ରବୀନ୍ଦ୍ର ସିଂ ରାଜାୱତଙ୍କୁ ଶିଶୁକନ୍ୟାଙ୍କ ଅପହରଣ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଅପହରଣକାରୀ ଜଣକ ଝିଅଙ୍କୁ ଧରି ଟ୍ରେନ୍ ନଂ ୦୨୫୧୧-ରାପ୍ତିସାଗର ସୁପରଫାଷ୍ଟ ଏକ୍ସପ୍ରେସ୍ ଟ୍ରେନ୍‌ରେ ଭୋପାଳ ଆଡ଼କୁ ଯାତ୍ରା କରୁଥିବା ସ୍ପଷ୍ଟ କରାଯାଇଥିଲା। ଯଦିଓ ଲଳିତପୁର ପରେ ଟ୍ରେନ୍‌ର ପରବର୍ତ୍ତୀ ଷ୍ଟପେଜ୍ ଭୋପାଳ ଜଙ୍କସନ ଥିଲା, ତଥାପି ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ଟ୍ରେନ୍‌କୁ ନନ୍‌ଷ୍ଟପ୍ ଯାତ୍ରା କରିବାକୁ ଭୋପାଳସ୍ଥିତ ବିଭାଗର ଉପରିସ୍ଥ ଅଧିକାରୀଙ୍କ ଅନୁମତି ଲୋଡ଼ାଯାଇଥିଲା। ଟ୍ରେନ୍‌ଟି ଭୋପାଳ ଜଙ୍କସନ୍‌ରେ ଅଟକିବା ପରେ ଅପହର୍ତ୍ତାଙ୍କ କବଳରୁ ଝିଅଙ୍କୁ ଉଦ୍ଧାର କରାଯାଇଥିଲା। ଯାଞ୍ଚବେଳେ ଅପହରଣକାରୀ ଜଣକ ଶିଶୁକନ୍ୟାଙ୍କ ପିତା ବୋଲି ଜଣାପଡ଼ିଥିଲା। କାଉସେଲିଂ ପରେ ଉଭୟ ବାପା ଏବଂ ଶିଶୁ କନ୍ୟାଙ୍କୁ ଘରକୁ ପଠାଇ ଦିଆଯାଇଥିବା ଲଳିତପୁର ଏସ୍‌ପି କ୍ୟାପ୍‌ଟେନ ଏମ୍. ଏମ୍. ବେଗ୍ କହିଛନ୍ତି।

ଅନ୍ୟପଟେ ଅଭିଯୁକ୍ତ ବ୍ୟକ୍ତି ଏବଂ ତାଙ୍କ ସ୍ତ୍ରୀ ଲଳିତପୁର ଷ୍ଟେଶନ ନିକଟବର୍ତ୍ତୀ ଅଞ୍ଚଳରେ ରୁହନ୍ତି। କୌଣସି କାରଣରୁ ସ୍ତ୍ରୀଙ୍କ ସହ ଗଣ୍ଡଗୋଳ କରିବା ପରେ ବ୍ୟକ୍ତିଜଣକ ନିଜ ଝିଅକୁ ନେଇ ଘରୁ ପଳାଇ ଯାଇଥିଲେ। ହେଲେ ମହିଳା ଜଣକ ତାଙ୍କ ସ୍ୱାମୀଙ୍କ ପରିଚୟ ଗୋପନ ରଖି ଝିଅକୁ କେହି ଜଣେ ଅପହରଣ କରି ନେଇଯାଇଥିବା କହିଥିଲେ ବୋଲି ଖୋଳତାଡ଼ରୁ ଜଣାପଡ଼ିଛି।

**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

**E-Auction Noitce (03.11.2020 - 79th E-Auction)**
**IRON ORE FINES**

No. CAD-652: The Odisha Mining Corporation Ltd. intends to sell various grades of Iron ore Fines produced at different iron ore mines at Daitari and Gandhamardan Regions (Block-A & B) in Keonjhar District & Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from 2.00 AM to 5.00PM on 03.11.2020. For details, please visit the website of MSTC i.e. **www. mstcecommerce.com**.

**C.G.M. (Min.)**
OIPR-30005/11/0095/2021

**OFFICE OF THE CDM & PHO, NAYAGARH**
**TENDER CALL NOTICE**

Advt. No.04/20-21 Dt.27.10.2020

Sealed quotations are invited from reputed manufacturers/authorised suppliers having valid GSTIN & PAN for supply of Drugs & Consumable items. Detailed tender documents, terms & conditions for the tender may be downloaded from the district website **www.nayagarh.nic.in**. Last date for receipt of tender documents in the Office of the Chief District Medical & Public Health Officer, Nayagarh is dt.21.11.2020 upto 5.00 P.M. with the superscription on the envelope that **"Tender for supply of Drugs & Consumables-Nayagarh"**. No tender documents will be entertained after the due date.

**Chief District Medical & Public Health Officer**
**Nayagarh**

**OFFICE OF THE CDM & PHO, NAYAGARH**
**TENDER CALL NOTICE**

Advt. No.02/20-21 Dt.27.10.2020

Sealed quotations are invited from registered local travel agencies/ individual vehicle owners having valid GSTIN, PAN & desired vehicle documents for providing vehicles on monthly hiring basis under NHM. Detailed tender documents, terms & conditions for the tender may be downloaded from the district website **www.nayagarh.nic.in**. Last date for receipt of tender documents in the Office of the Chief District Medical & Public Health Officer, Nayagarh is dt.21.11.2020 upto 5.00 P.M. with the superscription on the envelope that **"Tender for vehicles on monthly hiring basis"**. No tender documents will be entertained after the due date.

**Chief District Medical & Public Health Officer**
**Nayagarh**

**District Rural Development Agency, Kendrapara**
**Notice No.3337/Date 27.10.2020**

Sealed tenders are invited by District Rural Development Agency, Kendrapara from reputed and registered Firms/Agencies/Proprietors as per tender specifications for "Procurement of pictorial Tiles printed with (Pradhan Mantri Awas Yojana Gramin)- Biju Pucca Ghara Yojana" and Logo of both under Rural Housing Scheme. The detailed tender documents may be downloaded from the district website of Kendrapara district i.e. www.kendrapara.nic.in from 29.10.2020 to 12.11.2020.

**Sd./- Project Director, DRDA, Kendrapara**

**ODISHA TOURISM DEVELOPMENT CORPORATION LIMITED**
**(A Government of Odisha Undertaking)**
**Panthanivas [Old Block], Lewis Road, Bhubaneswar-751014**

**Tender Call Notice No – BP-I/38/2020-21 Dtd. 28.10.2020**
**for Organization of different festivals - 2020-21.**

**No. 4828** **Date: 28.10.2020**

No. CAD-654: Odisha Tourism Development Corporation Limited on behalf of Department of Tourism, Govt. of Odisha going to organize Konark Festival – 2020, International Sand Art Festival – 2020, Mukteswar Dance Festival – 2021 & Rajarani Music Festival - 2021. Offers are invited from reputed firms/ agencies and Event Managers for different arrangements having past experience and expertise in relevant field. The tenderer shall submit the bid in the prescribed format separately for both the events. Details can be downloaded from our website **www.panthanivas.com**. The bid should reach the office of the undersigned up to 01.00PM of 12.11.2020 & will be opened on the same day at 3.30P.M.

**Sd./- Superintending Engineer (I/C)**
**OTDC Ltd.**
OIPR-37002/11/0015/2021

See Career Appointment on every **Wednesday & Saturday**

**ODISHA PUBLIC SERVICE COMMISSION, CUTTACK**
**NOTICE**

**No. 5726/PSC** **Dt.28.10.2020**

No. D-91: It is for information of all 1880 OCS-19 Preliminary qualified candidates that, the OCS-19 main written examination scheduled to be conducted in the month of November vide this Office Notice No. 4305/ PSC, Dt.28.08.2020 shall be conducted tentively in the month of December as per the following time table.

**TIME TABLE FOR ODISHA CIVIL SERVICES (MAIN) EXAMINATION, 2019**

| Date | Forenoon Session 09.00 A.M. to 12.00 Noon | Afternoon Session 02.00 P.M. to 05.00 P.M. |
|---|---|---|
| 1 | 2 | 3 |
| 07.12.2020 | Odia Language | English |
| 08.12.2020 | General Studies, Paper - I | General Studies, Paper - II |
| 09.12.2020 | English Essay | - |
| 10.12.2020 | History, Paper - I | Mathematics, Paper - I, Statistics, Paper - I |
| 11.12.2020 | Political Science & International Relations, Paper - I Public Administration, Paper - I | Sociology, Paper - I Anthropology, Paper - I |
| 12.12.2020 | Economics, Paper - I | Education, Paper - I Psychology, Paper - I |
| 13.12.2020 | History, Paper - II | Mathematics, Paper - II Statistics, Paper - II |
| 14.12.2020 | Political Science & International Relations, Paper - II Public Administration, Paper - II | Sociology, Paper - II Anthropology, Paper - II |
| 15.12.2020 | Economics, Paper - II | Education, Paper - II Psychology, Paper - II |
| 16.12.2020 | Physics, Paper - I | Geography, Paper - I |
| 17.12.2020 | Botany, Paper - I | Commerce & Accountancy, Paper - I Management, Paper - I |
| 18.12.2020 | Physics, Paper - II | Geography, Paper - II |
| 19.12.2020 | Botany, Paper - II | Commerce & Accountancy, Paper - II Management, Paper - II |
| 20.12.2020 | Zoology, Paper - I | Indian Language & Literature, Paper - I (English/Hindi/ Odia/Persian/Sanskrit/Urdu) |
| 21.12.2020 | Chemistry, Paper - I | Law, Paper - I |
| 22.12.2020 | Home Science, Paper - I | Forestry, Paper - I |
| 23.12.2020 | Zoology, Paper - II | Indian Language & Literature, Paper - II (English/Hindi/ Odia/Persian/Sanskrit/Urdu) |
| 24.12.2020 | Chemistry, Paper - II | Law, Paper - II |
| 26.12.2020 | Home Science, Paper - II | Forestry, Paper - II |
| 27.12.2020 | Agricultural Engineering, Paper - I Civil Engineering, Paper - I Electrical Engineering, Paper - I Mechanical Engineering, Paper - I | Geology, Paper - I |
| 28.12.2020 | Agriculture, Paper - I Animal Husbandry & Veterinary Science, Paper - I | Philosophy, Paper - I |
| 29.12.2020 | Fisheries Science, Paper - I | Geology, Paper - II |
| 30.12.2020 | Agricultural Engineering, Paper - II Civil Engineering, Paper - II Electrical Engineering, Paper - II Mechanical Engineering, Paper - II | Philosophy, Paper - II |
| 31.12.2020 | Fisheries Science, Paper - II | Agriculture, Paper - II Animal Husbandry & Veterinary Science, Paper - II |

**N.B.:** The PWD candidates will be given one hour extra time in each sitting i.e. from 09.00 A.M. to 01.00 P.M. & 02.00 P.M. to 06.00 P.M.
2. The **"Admission Certificate"** and **"Instruction to Candidates"** for the aforesaid examination will be uploaded in the website of Commission shortly. The candidates are required to download their **"Admission Certificate"** & **"Instruction to Candidates"** from the website of the Commission at **http://opsc.gov.in** for admission to the examination centre.
3. The candidates are adivsed to visit the website of the Commission at **http://opsc.gov.in**.

**Sd./- Secretary**
OIPR-12002/11/0050/2021

**The Odisha Small Industries Corporation Ltd.**
**( A Government of Odisha Undertaking) )**
***(An ISO:9001:2008 certified Govt. Company)***
**Industrial Estate, Madhupatna, CUTTACK – 753 010. Odisha.**
**Tel No. : 0671-2341204 ,2342816 Fax : 0671-2341875/2342561**
e-mail: osicltd@gmail.com, osicmd@gmail.com, website: osicltd.in
**OSIC GST No. 21AAACO2101M1Z1**

**TENDER CALL NOTICE**

**Ref No. 4172** **Dt. 27.10.2020**

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of works as mentioned below. The bidding agency can bid for all or any no. of works described herein.
1)Supply and Installation of Solar lighting of Golamunda Stadium and Panchayat ground in Junagarh NAC, Kalahandi under CSR activities of OHPC.
2)Supply and installation of 100 KVA sub-station and providing 11 KV power supply to 1 No. of coffee processing unit at TDCCOL Sunabeda branch at TDCCOL godown (Church colony) under Sunabeda electrical section with 3 phase supply of 11000 Volts by providing 3 phase metering arrangement in HT for GP (HT) Tariff.

| | |
|---|---|
| Period of availabilty of tender document | 02.11.2020 to 16.11.2020 up to 4.00 PM |
| Last date of submission of tender | 16.11.2020 at 4.30 PM |
| Date of opening of tender | 17.11.2020 at 3.00 PM(if the day is declared as holiday the tender will be opened on next working day) |
| Validity of Tender | 90 Calendar days from the Last date of submission of tender. |
| Tender Bid Cost | **Rs. 5,000.00** |

The detailed tender call notice can be downloaded from the OSIC website **www.osicltd.in** . The tender for the work is to be dropped in the tender box kept in the office of the MD, OSIC Ltd., Cuttack by the schedule date and time. Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto.
Any corrigendum / changes / modifications will appear in OSIC Ltd. website **www.osicltd.in** only

**MANAGING DIRECTOR**

GOVERNMENT OF ORISSA No. O-494
**OFFICE OF THE EXECUTIVE ENGINEER, RURAL WORKS DIVISION, RAYAGADA**
**Email: rw_rayagada@yahoo.co.in**
**E-Procurement Notice**
**Bid Identification No. EERWRGD-Online-05/2020-21**

**No. 3544** **Date: 19.10.2020**

1. Name of the Work : M.M. +3 College, Bissamcuttack in the District of Rayagada
2. Total No. of Works : 01 No. (Percentage Rate Tender)
3. Estimated Cost : 258.68 lakhs
4. Class of Contractor : B & A Class
5. Time of Completion : Specified in DTCN
6. Other details : Detailed Tender condition specified in DTCN

| Procurement Officer | Bid Identification No. | No. of Works | Availability of Tender Online for Bidding | | Date & Time of Opening of Tender |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Rayagada | EERWRGD Online-05/2020-21 | 01 (One) No. | 06.11.2020 at 11.00 A.M. | 24.11.2020 upto 5.00 P.M. | 27.11.2020 at 11.30 A.M. |

Further details can be seen from the website: **www.tendersodisha.gov.in**.

**Sd./- Executive Engineer, R.W. Division, Rayagada**
OIPR-25072/11/0007/2021

**ତହସିଲଦାରଙ୍କ କାର୍ଯ୍ୟାଳୟ, ପାଟଣା, ଜିଲ୍ଲା- କେନ୍ଦୁଝର**
**ଲଘୁ ଖଣିଜ ସମ୍ପଦ ଲିଜ୍ ନିମନ୍ତେ ବିଜ୍ଞାପନ**
**ପତ୍ର ସଂଖ୍ୟା ୨୫୦୭ ତାରିଖ:୨୭।୧୦।୨୦୨୦**

No.F-64:-ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ପାଟଣା ତହସିଲ ଅଧୀନସ୍ଥ ନିମ୍ନଲିଖିତ ସୂଚୀ ବର୍ଣ୍ଣିତ ଲଘୁ ଖଣିଜ ଖାଦାନ (ବାଲି ଖଣି)ର ୨୦୨୦-୨୧ ଆର୍ଥିକବର୍ଷଠାରୁ ୨୦୨୪-୨୦୨୫ ଆର୍ଥିକବର୍ଷ ନିମନ୍ତେ ଦୀର୍ଘମିଆଦୀ ସୂତ୍ରେ ଅନ୍ୟୂନ ୫ (ପାଞ୍ଚ) ବର୍ଷ ପାଇଁ ଲିଜ୍ ଆକାରରେ ତହସିଲଦାର, ପାଟଣାଙ୍କ ଦ୍ୱାରା ବନ୍ଦୋବସ୍ତ କରାଯିବା ପାଇଁ ସ୍ଥିର କରାଯାଇଛି। ଇଚ୍ଛୁକ ବ୍ୟକ୍ତିବିଶେଷ OMMC Rules-2016ର Form-M ପୂରଣ କରି ତିନି କପି ସହ ନିମ୍ନଲିଖିତ ଦଲିଲ/କାଗଜାତ ସଂଲଗ୍ନ କରି ଜଉମୁଦ ଦିଆ ଲଫାପାରେ ତା୨୯।୧୦।୨୦୨୦ରିଖଠାରୁ ତା୧୨।୧୧।୨୦୨୦ରିଖ ଅପରାହ୍ନ ଘ୫ଟିକା ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉଦ୍ଦିଷ୍ଟ ଟେଣ୍ଡର ବାକ୍ସରେ ଦାଖଲ କରିବେ। ଉକ୍ତ ଦରଖାସ୍ତଗୁଡିକୁ ତା୧୩।୧୧।୨୦୨୦ରିଖ ଦିନ ଘ୧୧ଟିକା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ତନଖି କରାଯିବ। ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ କରାଯାଇ ନ ଥାଏ ବା ସମସ୍ତ ଦରଖାସ୍ତକାରୀ ଅଯୋଗ୍ୟ ବିବେଚିତ ହୁଅନ୍ତି ତାହାହେଲେ ୨ୟ ଥର ପାଇଁ ତା୨୦।୧୧।୨୦୨୦ରିଖ ଦିନ ଘ୨ଟିକା ସମୟ ପର୍ଯ୍ୟନ୍ତ ଇଚ୍ଛୁକ ବ୍ୟକ୍ତି ଦରଖାସ୍ତ କରିପାରିବେ ଏବଂ ସେଗୁଡିକ ଉକ୍ତ ଦିନ ଘ୪ଟିକା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ତନଖି କରାଯିବ। ଯଦି ୨ୟ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ କରାଯାଇ ନ ଥାଏ ବା ସମସ୍ତ ଦରଖାସ୍ତକାରୀ ଅଯୋଗ୍ୟ ବିବେଚିତ ହୁଅନ୍ତି ତାହାହେଲେ ୩ୟ ଥର ପାଇଁ ତା୨୭।୧୧।୨୦୨୦ରିଖ ଦିନ ଘ୧୨ଟିକା ସମୟ ପର୍ଯ୍ୟନ୍ତ ଇଚ୍ଛୁକ ବ୍ୟକ୍ତି ଦରଖାସ୍ତ କରିପାରିବେ ଏବଂ ସେଗୁଡିକ ଉକ୍ତ ଦିନ ଘ୪ଟିକା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ତନଖି କରାଯିବ। ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ। ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡିକ ବାତିଲ କରାଯିବ। ପୂର୍ବ ନିଲାମମାନଙ୍କରେ ନିଲାମ ଦେୟ ବକେୟା ରଖିଥିବା ବ୍ୟକ୍ତି ନିଲାମରେ ଭାଗ ନେଇପାରିବେ ନାହିଁ। କର୍ତ୍ତୃପକ୍ଷଙ୍କର କୌଣସି କାରଣ ନ ଦର୍ଶାଇ ନିଲାମ ଖାରଜ କିମ୍ବା ସ୍ଥଗିତ କରିବାର ଅଧିକାର ରହିଛି।
ନିଲାମ ସଂକ୍ରାନ୍ତୀୟ ସବିଶେଷ ବିବରଣୀ ତହସିଲ କାର୍ଯ୍ୟାଳୟ, ପାଟଣା ତଥା ଜିଲ୍ଲାପାଳ, କେନ୍ଦୁଝରଙ୍କ website: www.Kendujhar.nic.in ରେ ଉପଲବ୍ଧ ଅଟେ।

**ସ୍ୱା./- ତହସିଲଦାର, ପାଟଣା**

**ଲିଜ୍ ପାଇଁ ଉଦ୍ଦିଷ୍ଟ ଲଘୁ ଖଣିଜ ଖାଦାନର ବିବରଣୀ**

| କ୍ର. ନଂ. | ରାଜସ୍ୱ ମଣ୍ଡଳର ନାମ | ସୈରାତ ଉତ୍ସର ବିବରଣୀ | ମୌଜା | ଖାତା ନଂ | ପ୍ଲଟ ନଂ | ରକବା (ଏକର) | ସର୍ବନିମ୍ନ ରୟାଲଟି ମୂଲ୍ୟ Per CuM | ସର୍ବନିମ୍ନ ଅତିରିକ୍ତ ଦେୟ Per CuM | ସର୍ବନିମ୍ନ ଧାର୍ଯ୍ୟ ବାର୍ଷିକ ଉତ୍ତୋଳନ (MGQ) |
|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| ୧ | ପାଟଣା | ଦୁର୍ଗାଦେଇପୁର ବାଲି ଖଣି | ଦୁର୍ଗାଦେଇପୁର | ୪୫ | ୧ | ୨୪.୯୦ | ଟ୩୫.୦୦ | ଟ୫.୦୦ | ୭୨୨୨ କ୍ୟୁ.ମି. |

OIPR-24125/11/0001/2021

**BHUBANESWAR MUNICIPAL CORPORATION**
**COMPETITIVE BIDDING THROUGH e-Procurement**
**NOTICE INVITING TENDER**
**Bid Reference No. BMC-EE-DD-05/2020-21 Dtd.27.10.2020**

**No. 55478/BMC** **Dt.27.10.2020**

No. C-183: On behalf of the Commissioner, Bhubaneswar Municipal Corporation (BMC), Online e-tender **Percentage Rate Bids** are invited by the Executive Engineer, Drainage Division and BMC from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.
It is, urged that all the intending bidders should go through the tender call notice and DTCN thoroughly and submit their bids accordingly. In case of any miss-match or inconsistency or contradict among different clauses/conditions/instructions/ information furnished in this tender call notice or in the DTCN, then necessary clarification shall be issued by Executive Engineer, BMC Drainage Division on specific request without compromising the transparency. Clarifications required, if any, on any matter related to this tender notice, shall be furnished by an authorized officer of BMC Drainage Division (During office hours only) till the stipulated last date and time of submission of Online tender.

1. Total No. of works for which tenders invited **31 Nos**.
2. Place of Execution: Different locations in Bhubaneswar Municipal Corporation area.
3. Estimated Cost of Individual Work: Rs.2,34,760/- to Rs.48,66,251/- **Contractors of Class - 'D' to Class - 'A'** as indicated against each work mentioned in the tender call. The contractors having appropriate class or one higher up class can participate.
4. Intending bidders have to participate through **"Online"** bidding only. The website for Online bidding is **https://www.tendersodisha.gov.in**.
5. The bid documents will be available in the above website from **11 A.M. on Dt.29.10.2020 to 11 A.M. on Dt.09.11.2020** for online bidding.
6. Bids received online will be opened at **11.00 A.M. on Dt.10.11.2020**.
7. The bidder must possess valid and compatible **Digital Signature Certificate (DSC)**.
8. The successful bidder bidding @ less than the estimated cost has to furnish A.P.S. (Additional Performance Security) as per OPWD Code amendment to Para - 3.5.5(V) failing which the bid shall not be considered.
9. The DTCN of works shall be available in the e-procurement portal **https://www. tendersodisha.gov.in** for Online bidding.

**On behalf of Commissioner, BMC, Bhubaneswar**
**Sd./- Executive Engineer**
**Drainage Division, BMC**
OIPR-13002/11/0039/2021

## ସଂକ୍ଷେପରେ

### ଜଲାପୁଟ ଡଙ୍ଗାବୁଡ଼ି: ମୃତ୍ୟୁ ସଂଖ୍ୟା ୨

କୋରାପୁଟ, ୨୮।୧୦(ସ୍ୱ.ପ୍ର.): କୋରାପୁଟ ଜିଲା ପାଡୁଆ ଥାନା ଜଲାପୁଟ ଜଳଭଣ୍ଡାର ଡଙ୍ଗାବୁଡ଼ି ଘଟଣାରେ ମୃତ୍ୟୁସଂଖ୍ୟା ୨ରେ ପହଞ୍ଚିଛି। ନିଖୋଜ ଥିବା ପ୍ରଶାନ୍ତ ଖରାଙ୍କ ମୃତଦେହ ବୁଧବାର ଉଦ୍ଧାର କରାଯାଇଛି। ତାଙ୍କ ଘର ପାଡୁଆ ଉପରସାହିରେ। ଅଗ୍ନିଶମ ବିଭାଗ, କୋରାପୁଟ ଓଏସ୍ଏପି ତୃତୀୟ ବାଟାଲିୟନର ମିଳିତ ସହଯୋଗରେ ଜଳଭଣ୍ଡାରରେ ହୋଇଥିବା ରେସ୍କ୍ୟୁ ଅପରେଶନ ବେଳେ ପ୍ରଶାନ୍ତଙ୍କ ମୃତଦେହ ମିଳିଥିବା ନନ୍ଦପୁର ତହସିଲଦାର ନରସିଂହ ଗଦବା ସୂଚନା ଦେଇଛନ୍ତି। ଏଥିପୂର୍ବରୁ ମଙ୍ଗଳବାର ମନୋଜ କୁର୍ତ୍ତାଲଙ୍କ ମୃତଦେହ ମିଳିଥିବାବେଳେ ଚିତ୍ତଙ୍କ ପତ୍ତା ମିଳୁନାହିଁ। ସୂଚନାଯୋଗ୍ୟ, ରବିବାର ରାତିରେ ପାଡୁଆ ଉପରସାହିର ପ୍ରଶାନ୍ତ ଖରା, ଚିତ୍ତ ଖିଲ, ମନୋଜ କୁର୍ତ୍ତାଲ, ଅଭୟ ହନ୍ତାଳ ଏବଂ ମନୋଜ ହନ୍ତାଳ ଏକ ଦେଶୀ ଡଙ୍ଗାରେ ରାମତା ଗ୍ରାମକୁ ଯାଉଥିବାବେଳେ ଡଙ୍ଗାଟି ଭାରସାମ୍ୟ ହରାଇ ବୁଡ଼ିଯାଇଥିଲା। ମନୋଜ ଏବଂ ଅଭୟ ପହଁରି କୂଳକୁ ଚାଲି ଆସିଥିବାବେଳେ ଅନ୍ୟମାନେ ନିଖୋଜ ହୋଇଯାଇଥିଲେ।

### ଜେଲ ଗଲେ ସିଡିପିଓ

ଜୟପୁର, ୨୮।୧୦(ଡି.ଏନ.ଏ.): ଲାଞ୍ଚ କାରବାର ସମୟରେ ଭିଜିଲାନ୍ସ ହାତରେ ଧରାପଡ଼ିଥିବା କୋରାପୁଟ ଜିଲା ନନ୍ଦପୁର ବ୍ଲକର ସିଡିପିଓ ସ୍ନିଗ୍ଧାରାଣୀ ମିଶ୍ରଙ୍କୁ ବୁଧବାର ଜେଲ ହାଜତକୁ ପଠାଇଦିଆଯାଇଛି। ପୂର୍ବାହ୍ନରେ ଭିଜାଲନ୍ସ କୋର୍ଟରେ ଗିରଫ ସିଡିପିଓଙ୍କୁ ହାଜର କରାଯାଇଥିଲା। ଅଭିଯୁକ୍ତଙ୍କ ଓକିଲ ଜାମିନ ଆବେଦନ କରିଥିଲେ। ସ୍ୱତନ୍ତ୍ର ଜଜ୍ ଶ୍ରୀକାନ୍ତ ମିଶ୍ର ଆବେଦନକୁ ଗ୍ରହଣ କରି ଏହାର ଶୁଣାଣି ଆସନ୍ତା ୪ ତାରିଖକୁ ଧାର୍ଯ୍ୟ କରିଛନ୍ତି। ସୂଚନାଯୋଗ୍ୟ, ନନ୍ଦପୁରର ତିନି ଭୈରବୀ ଏସଏଚଜିର ଛତୁଆ ବାବଦ ୯ଲକ୍ଷ ୪୭ହଜାର ୮୩୦ ଟଙ୍କାର ବିଲ୍ କରାଇଦେବାକୁ ୧ ଲକ୍ଷ ୭୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସିଡିପିଓ ଭିଜିଲାନ୍ସ ହାତରେ ଧରାପଡିଥିଲେ।

### ୨୫୦ ଡାକ୍ତରୀ ଛାତ୍ରୀଛାତ୍ର ନେଲେ କୋଭିଡ୍ ତାଲିମ

କଟକ ଅଫିସ,୨୮।୧୦: ଏସ୍‌ସିବି ମେଡିକାଲରେ କରୋନା ରୋଗୀଙ୍କ ଚିକିତ୍ସାର ସୁପରିଚାଳନା ନିମନ୍ତେ ୨୫୦ ଜଣ ହାଉସ୍ ସର୍ଜନ ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯାଇଛି। ଏହି ଅବସରରେ ବୁଧବାର ରାଜ୍ୟ ସରକାରଙ୍କ କୋଭିଡ୍ ବୈଷୟିକ ମୁଖପାତ୍ର ଡା. ଜୟନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଏକ ତାଲିମ ଶିବିର ଆୟୋଜନ କରାଯାଇଥିଲା। ଏଥିରେ କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ଅନନ୍ୟା ଦାସ, ଏସ୍‌ସିବି ଅଧକ୍ଷ ଡା. ଦଣ୍ଡେଶ୍ୱର ହୋତା ଏବଂ ଅଧୀକ୍ଷକ ଡା. ଲୁସୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଅକ୍ସିଜେନ ଥେରାପି, କରୋନା ଓ ସ୍ତ୍ରୀ ରୋଗ ପରିଚାଳନା ସହ ବିଭିନ୍ନ ରୋଗୀଙ୍କ ଜଟିଳ ପରିସ୍ଥିତିର ପରିଚାଳନା ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଡା. ପି. କେ. ଥାଟୋଇ, ନିବେଦିତା ପାଣି, ତୁଷାର କର, ଶ୍ରୀକାନ୍ତ ନନ୍ଦ, ଦେବାଶିଷ ସ୍ୱାଇଁ ଓ ଡା. ବନବିହାରୀ ମିଶ୍ର ପ୍ରମୁଖ ତାଲିମ ପ୍ରଦାନ କରିଥିଲେ।

# ମାଉଜର କିଣାକୁ ନେଇ ରାଜାଙ୍କୁ ହତ୍ୟା

**ଯୁବ ବ୍ୟବସାୟୀ ନିଖୋଜ ଘଟଣାର ପର୍ଦ୍ଦାଫାଶ**

- ଖବରଦାତା ସମ୍ମିଳନୀରେ ପୋଲିସର ସୂଚନା


ଗିରଫ ଅଭିଯୁକ୍ତ।

ବୌଦ୍ଧ,୨୮।୧୦(ସ୍ୱ.ପ୍ର.)

ଦୀର୍ଘ ୧୮ ଦିନ ପରେ ବୌଦ୍ଧ ସହରସ୍ଥିତ ଲକ୍ଷ୍ମୀ ବଜାରର ଯୁବ ବ୍ୟବସାୟୀ ପ୍ରମୋଦ ପ୍ରସାଦ(ରାଜା) ନିଖୋଜ ଘଟଣାର ପର୍ଦ୍ଦାଫାଶ ହୋଇଛି। ଏକ ମାଉଜର କିଣାକୁ ନେଇ ରାଜାଙ୍କୁ ତାଙ୍କର ଦୁଇ ବନ୍ଧୁ ହତ୍ୟା କରିଥିବା ଜଣାଯାଇଛି। ବୁଧବାର ଅପରାହ୍ନରେ ବୌଦ୍ଧ ଏସପିଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ ଭି.ରଘୁନାଥ ରାଓ ଏହି ସୂଚନା ଦେଇଛନ୍ତି।

ଗତ ୧୧ ତାରିଖ ଅପରାହ୍ନରେ ମୋବାଇଲ ଦୋକାନ କରିଥିବା ରାଜା (୩୬)ଘରୁ ବାହାରକୁ ଯାଇଥିବା ବେଳେ ରାତିରେ ଆଉ ଫେରି ନ ଥିଲେ। ତାଙ୍କର ମୋବାଇଲ ବନ୍ଦ ଥିବା ସହ କୌଣସି ଖୋଜଖବର ମିଳି ନ ଥିଲା। ଗତ ୧୨ ତାରିଖରେ ରାଜାଙ୍କ ବାପା ବୌଦ୍ଧ ସହରର ପୋଡାପୋଡାର ଗୋପାଳ ଜୀ ପ୍ରସାଦ ବୌଦ୍ଧ ଥାନାରେ ପୁଅ ନିଖୋଜ ଥିବା ନେଇ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା କରି ତଦନ୍ତ ଚଳାଇଥିଲା। ଗତ ୧୩ ତାରିଖରେ ଏକ ନର କଙ୍କାଳ ବୌଦ୍ଧ ଦେଇ ପ୍ରବାହିତ ମହାନଦୀର ହନୁମାନ ଘାଟରେ ପଡିଥିବା ଦେଖିବାକୁ ମିଳିଥିଲା। ନରକଙ୍କାଳକୁ ପୋଲିସ ଜବତ କରି ଏଫଏମଟି ପାଇଁ ବୁର୍ଲା ମେଡିକାଲକୁ ପଠାଇଥିଲା। କିନ୍ତୁ ଏହା ରାଜାଙ୍କ କଙ୍କାଳ କି ଆଉ କାହାର ପୋଲିସ ସନ୍ଦେହରେ ରହିଥିଲା। ପୋଲିସ ରାଜାଙ୍କ ମୋବାଇଲ ଫୋନର ସମସ୍ତ କଲ୍ ରେକର୍ଡ ଯାଞ୍ଚ କରିଥିଲା। ଶେଷ ଫୋନ ସହରର ପୋଡାପୋଡା ଅଞ୍ଚଳର ଯୁବକ ଅଭିଷେକ ସାହାଣୀ (୧୯) କରିଥିବା ନେଇ ପୋଲିସ ଜାଣିବା ପରେ ତାଙ୍କୁ ନଜରରେ ରଖିଥିଲା। ଶେଷ ଫୋନ କଲକୁ ଆଧାର କରି ପୋଲିସ ଏହି ଘଟଣାରେ ରାଜାଙ୍କ ବନ୍ଧୁ ଅଭିଷେକ ଓ ମିଳନ ପାତ୍ର(୨୮)ଙ୍କୁ ଗତ ୧୫ ତାରିଖରେ ଭୁବନେଶ୍ୱର ଜାଗମରାରୁ ଧରି ଆଣି ପଚାଉରଚରା କରିଥିଲା। ଏଥିସହ ବୌଦ୍ଧ ସହର ଛାଡି ନ ଯିବାକୁ କହି ଛାଡି ଦେଇଥିଲା। ଏହାଭିତରେ ପୋଲିସ ଘଟଣାର ବିଭିନ୍ନ ଦିଗ ଓ ସିସିଟିଭି ଫୁଟେଜକୁ ନେଇ ଅଭିଷେକ ଓ ମିଳନଙ୍କୁ ଜେରା କରିବାରୁ ସେମାନେ ରାଜାଙ୍କୁ ମାରିଥିବା ନେଇ ସ୍ୱୀକାର କରିଥିଲେ। ଖବରଦାତା ସମ୍ମିଳନୀରେ ଏସପି ରାଓ ସୂଚନା ଦେଇଥିଲେ, ମାଉଜର କିଣାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଛି। ମୃତ ରାଜା ମାଉଜର ଦେବାକୁ କହି ପୋଡାପୋଡାର ମିଳନଙ୍କ ଠାରୁ ୩୫ ହଜାର ଟଙ୍କା ନେଇଥିଲେ। କିନ୍ତୁ ମାଉଜର ନ ଦେବାରୁ ତାଙ୍କୁ ହତ୍ୟା କରିବାକୁ ମିଳନ ଷଡଯନ୍ତ୍ର କରିଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ ଗତ ୧୧ ତାରିଖ ଦିନ ମିଳନ ରାଜାଙ୍କୁ ଫୋନ କରିଥିଲେ। ରାଜା ଫୋନ ନ ଉଠାଇବାରୁ ସେ ଅଭିଷେକଙ୍କ ଫୋନରୁ ତାଙ୍କ ପାଖକୁ ପୁଣି ଫୋନ କରି ପୋଡାପୋଡାର କ୍ଲବ ଘରକୁ ଆସିବାକୁ କହି ସେଠାକୁ ଯାଇଥିଲେ। ସେଠାରୁ ସେମାନେ ମିଳନ କରିଥିବା ଉକ୍ତ କ୍ଲବ ପାଖ ଜିମ୍‌କୁ ଯାଇଥିଲେ। ଅଭିଷେକ ଜିମ୍ ଘର ବାହାରେ ଥିବା ରାସ୍ତାରେ ଛିଡା ହୋଇ ଜଗିଥିବା ବେଳେ ମିଳନ ରାଜାଙ୍କୁ ଜିମ୍ ଘରର ଛାତ ଉପରକୁ ନେଇଯାଇ ଛୁରି ଭୁସି ହତ୍ୟା କରିଥିଲେ। ଏହାପରେ ରାଜାଙ୍କ ମୋବାଇଲକୁ ଅଭିଷେକଙ୍କୁ ଦେଇ ଫିଙ୍ଗି ଦେବାକୁ କହିଥିଲେ। ଅଭିଷେକ ମୋବାଇଲକୁ ନେଇ ସରସରା ଓ ବାମଣ୍ଡା ଜାତୀୟ ରାଜପଥ କଡରେ ଫୋପାଡି ଦେଇ ଫେରି ଆସିଥିଲେ। ଏହା ଭିତରେ ମିଳନ ରାଜାଙ୍କ ମୃତଦେହକୁ ଏକ ଜରି ଭିତରେ ବାନ୍ଧି ସାରିଥିଲେ। ପରେ ଉଭୟେ ମିଶି ମୃତଦେହକୁ ଜିମ୍ କଡରେ ଥିବା ମହାନଦୀ ପାର୍ଶ୍ୱକୁ ଫିଙ୍ଗି ଦେଇଥିଲେ। ଏହାପରେ ରାତି ଗୋଟାଏ ବେଳେ ପେଟ୍ରୋଲ ଦ୍ୱାରା ମୃତଦେହକୁ ପୋଡି ମହାନଦୀରେ ଭସାଇ ଦେଇଥିଲେ। ପରେ ଦୁଇ ଜଣ ଅଭିଯୁକ୍ତ ଭୁବନେଶ୍ୱର ଚାଲିଯାଇଥିବା ନେଇ ପୋଲିସ ଆଗରେ ପ୍ରକାଶ କରିଥିଲେ। ପୋଲିସ ଗିରଫ ଦୁଇ ଅଭିଯୁକ୍ତଙ୍କ ଠାରୁ ଦୁଇଟି ବାଇକ୍, ଗୋଟିଏ ଛୁରୀ ଓ ମୋବାଇଲ ଜବତ କରିଛି। ଏନେଇ ବୌଦ୍ଧ ଥାନାରେ କେସ ନଂ ୨୭୫/୨୦ ଦଫା ୩୦୨, ୨୦୧ ଓ ୩୪ ଆଇପିସିରେ ମାମଲା ରୁଜୁ ହୋଇଛି। ଦୁଇ ଅଭିଯୁକ୍ତ ମିଳନ ଓ ଅଭିଷେକଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବ ବୋଲି ଏସପି ରାଓ ପ୍ରକାଶ କରିଛନ୍ତି। ଏହାଛଡା ପୂର୍ବରୁ ଜବତ ନରକଙ୍କାଳର ଡିଏନଏ ପରୀକ୍ଷା କରାଯାଇ ରାଜା ହତ୍ୟାକାଣ୍ଡର ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଏସଡିପିଓ ସାଲେଷ୍ଟିନ ଟିଗା ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପଖାଳ ଭାତକୁ ନ ଥାଏ ଲୁଣ**
**ତବତ ଭାତକୁ ତିନି ଦୁଉଣ ।**

ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜ ଫମ୍ପା ଆଭିଜାତ୍ୟ ଦେଖାଇ ହେବାରେ କାଣିଚାଏ ହେଳା କରୁ ନ ଥିବା ଲକ୍ଷ୍ୟ କରାଯାଏ। ତେବେ ଅଭାବୀ ବ୍ୟକ୍ତି ପକ୍ଷେ ନିଜକୁ ଏପରି ଦେଖେଇ ହେବାରେ କୌଣସି ଯଥାର୍ଥତା ରହି ନ ଥାଏ। ବାହାରକୁ ନିଜ ବୃଥା ବଡ଼ିମା ଦେଖାଉଥିବା ବ୍ୟକ୍ତିର ଅସଲ ସ୍ୱରୂପ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପାନ ଟାଣେ ଗୁଆ**
**ଧାନ ଟାଣେ ରୁଆ ।**

ପାନରେ ଗୁଆ ଅପରିହାର୍ଯ୍ୟ। ବିନା ଗୁଆରେ ପାନ ଖାଇବାରେ ମଜା କିଛି ନ ଥାଏ। ସେହିପରି ରୁଆଧାନ ଥୁଆ ବୋଲି ଚାଷୀ ବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଧାନ କାଟିଲେ ବିଧାୟକ


ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଧାନ କାଟୁଛନ୍ତି।

ନବରଙ୍ଗପୁର,୨୮।୧୦(ବି.ପ୍ର.)

ନିଜର ନିଆରା କାର୍ଯ୍ୟଶୈଳୀକୁ ନେଇ ବିଭିନ୍ନ ସମୟରେ ଚର୍ଚ୍ଚାରେ ରହୁଥିବା ନବରଙ୍ଗପୁର ଜିଲା ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ବୁଧବାର ବିଲରେ ଧାନ କାଟୁଥିବା ଦେଖିବାକୁ ମିଳିଛି। ସେ ନିଜ ଜମିରେ ଅନ୍ୟ ମଜୁରିଆଙ୍କ ସହ ମିଶି ଧାନ କାଟିବା ସାଙ୍ଗରେ ତାହାକୁ ସଜାଡ଼ି ରଖିବା ସହ ବିଡ଼ା ବାନ୍ଧିଛନ୍ତି। ଏହି କାମରେ ତାଙ୍କ ସ୍ତ୍ରୀ ଚଇତି ମଧ୍ୟ ସହଯୋଗ କରିଛନ୍ତି।

କୃଷକ ପରିବାରରୁ ଆସିଥିବା ଯୋଗୁ ଚାଷ ପ୍ରତି ଦୁର୍ବଳତା ରହିଛି। ସମସ୍ତଙ୍କ ସହ ମିଶି ଚାଷ କାମ କଲେ ସେମାନଙ୍କ ମନୋବଳ ବୃଦ୍ଧି ପାଇବ ବୋଲି ବିଧାୟକ କହିଛନ୍ତି। ଲୋକେ ମୋତେ ଜନ ପ୍ରତିନିଧିଭାବେ ବାଛିଛନ୍ତି। ସେମାନଙ୍କ ସେବା କରିବି। ଦାୟିତ୍ୱ ଏବେ ବଢିଯାଇଛି। ତଥାପି ଏହା ମଧ୍ୟରେ ବାପା ଜେଜେ ଅମଳରୁ ଚାଲି ଆସୁଥିବା କୌଳିକ ବୃତ୍ତିକୁ ଅଳ୍ପ କିଛି ସମୟ ଦେଉଛି ବୋଲି ନିତ୍ୟାନନ୍ଦ କହିଛନ୍ତି। ବିଧାୟକ ନିତ୍ୟାନନ୍ଦଙ୍କ ସହ ତାଙ୍କ ସ୍ତ୍ରୀ ମଧ୍ୟ କ୍ଷେତରେ କାମ କରୁଥିବା ନଜର ଆସିଛି। ସେ ପେସାରେ ଜଣେ ଶିକ୍ଷୟିତ୍ରୀ। କରୋନା ଯୋଗୁ ସ୍କୁଲ ଛୁଟି ଥିବାରୁ ସେ ମଧ୍ୟ ଚାଷ କାମରେ ସାହାଯ୍ୟ କରୁଛନ୍ତି ବୋଲି ବିଧାୟକ କହିଛନ୍ତି। ଚାଷ କରି ଦେଶ ପ୍ରଗତିରେ ସହାୟକ ହେବାକୁ ଯୁବ ସମାଜକୁ ସେ ପରାମର୍ଶ ଦେଇଛନ୍ତି।

# 'କରୋନା ଗଲେ ତିର୍ତ୍ତୋଲ ଯିବି'

**ଭର୍ଚୁଆଲ ରାଲିରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି**


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)

କରୋନା ଦୂର ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତିର୍ତ୍ତୋଲ ଗସ୍ତ କରିବେ। ଲୋକଙ୍କୁ ଭେଟି ବିକାଶ କାମ ବୁଲି ଦେଖିବେ। ବୁଧବାର ଭର୍ଚୁଆଲ ରାଲିରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ଲୋକଙ୍କୁ ଏହି ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, କରୋନା ପରିଚାଳନାରେ ଓଡ଼ିଶା ସାରା ଦେଶରେ ଏକ ମଡେଲ ରାଜ୍ୟ ହୋଇଛି। ଆମ କାମକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପ୍ରଶଂସା କରିଛି। କୋଭିଡ୍ ଯୋଦ୍ଧାଙ୍କ ନିଷ୍ଠା, ପରିଶ୍ରମ ଓ ଜନସାଧାରଣଙ୍କ ସହଯୋଗ ଯୋଗୁ ଏହା ସମ୍ଭବ ହୋଇପାରିଛି। ଆଗକୁ ଆମେ ସମସ୍ତେ କୋଭିଡ୍ ଗାଇଡ୍‌ଲାଇନ ପାଳି କରୋନାକୁ ହରାଇବା ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ତାଙ୍କ ପ୍ରତି ଜନସାଧାରଣଙ୍କ ଭଲ ପାଇବା, ସ୍ନେହଆଦର ରହିଛି। ତିର୍ତ୍ତୋଲ ଯାଇଥିଲେ ବହୁସଂଖ୍ୟାରେ ଜନସମାଗମ ହୋଇଥାନ୍ତା। କୋଭିଡ୍ ପରିସ୍ଥିତିରେ ଏହା ଉଚିତ ନୁହେଁ। ସୁରକ୍ଷାକୁ ଦୃଷ୍ଟିରୁ ଭିଡିଓ କନ୍‌ଫରେନ୍ସରେ ଜନସାଧାରଣଙ୍କୁ ଭେଟିବାକୁ ନିଷ୍ପତ୍ତି ନେଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଗତ ନିର୍ବାଚନରେ ବିଷ୍ଣୁ ବାବୁଙ୍କୁ ଭୋଟରମାନେ ଜିତାଇଥିଲେ। ଦୁଃଖର କଥା ସେ ଆଜି ଆମ ଗହଣରେ ନାହାନ୍ତି। ତିର୍ତ୍ତୋଲ ବିକାଶ କାମ ନେଇ ସେ ବହୁବାର ଭେଟୁଥିଲେ। ଅଞ୍ଚଳର ସମସ୍ୟାର ସମାଧାନ ପାଇଁ ପ୍ରସ୍ତାବ ଦେଉଥିଲେ। ତିର୍ତ୍ତୋଲବାସୀ ସବୁବେଳେ ବିଜୁ ପରିବାର ସହିତ ଅଛନ୍ତି। ନିକଟରେ ତିର୍ତ୍ତୋଲ ଅଞ୍ଚଳରେ ଯୋଗାଯୋଗର ବିକାଶ ପାଇଁ ମହାନଦୀ ଉପରେ ଦୁଇଟି ବଡ଼ ସେତୁ ପାଇଁ କାମ ଆରମ୍ଭ ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟ ଭିତ୍ତିଭୂମି ବିକାଶ ସହ ଅଞ୍ଚଳରେ ବନ୍ୟା ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଆଯାଇଛି। ଗତ ୮ ମାସରେ କୋଭିଡ୍ ପରିସ୍ଥିତିରେ ମଧ୍ୟ ରାଜ୍ୟକୁ ଅନେକ ଶିଳ୍ପସଂସ୍ଥା ଆସିଛନ୍ତି। କେତେକ କାମ ଆରମ୍ଭ କଲେଣି। ଯୁବତୀଯୁବକଙ୍କ ପାଇଁ ନୂଆ ରୋଜଗାର ସୁଯୋଗ ସୃଷ୍ଟି କରିବା ସରକାରଙ୍କ ପ୍ରାଥମିକତା। କେହି ଯେପରି ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ନ ହେବେ ତାହା ହିଁ ପ୍ରଥମ ଲକ୍ଷ୍ୟ। ତିର୍ତ୍ତୋଲ ଅଞ୍ଚଳରେ ମିଶନ ଶକ୍ତିର ମା'ମାନେ ବହୁତ ଭଲ କାମ କରୁଛନ୍ତି। ସେମାନେ ବିକାଶର ନୂଆ ପରିଚୟ ଦେଇଛନ୍ତି। ଅଞ୍ଚଳର ବିକାଶକୁ ଆଗେଇ ନେବାକୁ ବିଜୁ ଜନତା ଦଳର ପ୍ରାର୍ଥୀଙ୍କୁ ଆଶୀର୍ବାଦ କରନ୍ତୁ। ଶଙ୍ଖ ଚିହ୍ନରେ ଭୋଟ୍ ଦିଅନ୍ତୁ। ଭୋଟ୍ କେନ୍ଦ୍ରକୁ ଗଲାବେଳେ ସାବଧାନତା ଅବଲମ୍ବନ କରିବାକୁ ମୁଖ୍ୟମନ୍ତ୍ରୀ ମତଦାତାଙ୍କୁ ଅନୁରୋଧ କରିଛନ୍ତି।

# ଅନ୍‌ଲାଇନ୍‌ରେ ଆକାଉଣ୍ଟରୁ ୬୦ହଜାର ଲୁଟ

ଗୁଣପୁର,୨୮।୧୦(ଡି.ଏନ୍.ଏ.)

ଅନ୍‌ଲାଇନରେ ଜଣେ ବ୍ୟକ୍ତିଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୬୦ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ମୋବାଇଲ୍ ୱାଲେଟ୍ ମାଧ୍ୟମରେ ଟଙ୍କା ଲୁଟ୍ ହୋଇଥିବା ନେଇ ଗୁଣପୁର ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଗୁଣପୁର ବ୍ଲକ୍ ଟଲଣା ଅଞ୍ଚଳର ସିପନ୍ ଶବରଙ୍କୁ ବୁଧବାର ସକାଳେ ୮୩୮୮୭୯୩୭୩ ନମ୍ବରରୁ ଏକ ଫୋନ୍ କଲ୍ ଆସିଥିଲା। ମୁଁ ତୁମ ଫୋନ୍ ପେ କାରବାରରେ ଖୁସି। ତୁମକୁ ରିୱାର୍ଡ ମିଳିବ ବୋଲି କହିଥିଲେ। ଏଥିସହ ଫୋନ ପେ ଅନ୍‌ଲକ୍ କରିବା ପାଇଁ କହିଥିଲେ। ସିପନ୍ ମୋବାଇଲ୍ ୱାଲେଟ୍ ଅନ୍‌ଲକ୍ କରିଥିଲେ। କିଛି ସମୟ ପରେ ତାଙ୍କ ଆକାଉଣ୍ଟରୁ ୬୦ହଜାର ଟଙ୍କା ଉଠାଣ ହୋଇଥିବା ସେ ଜାଣିବାକୁ ପାଇଥିଲେ। ଏ ନେଇ ସିପନ୍ ଗୁଣପୁର ଷ୍ଟେଟ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ। ହେଲେ ସେମାନେ କିଛି କରିପାରିବେ ନାହିଁ ବୋଲି କହିଥିଲେ। ତେଣୁ ସିପନ୍ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଗୁଣପୁର ଥାନାରେ ମାମଲା ରୁଜୁ ହୋଇଛି।

# ଖସିଗଲେ ଟପ୍ କ୍ୟାଡର ଅନିଲ, ଆନ୍ଧ୍ରୁ


ଜବତ ମାଓବାଦୀ ବ୍ୟବହୃତ ସାମଗ୍ରୀ।

- ବିପୁଳ ପରିମାଣର ସାମଗ୍ରୀ ଜବତ
- ଶିବିରରେ ଥିଲେ ଅରୁଣା, ଜଗନ

ମାଲକାନଗିରି/ଚିତ୍ରକୋଣ୍ଡା, ୨୮।୧୦ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳର ଡଲିଆମ୍ବ ନିକଟସ୍ଥ ତୁମାଡାଙ୍ଗ ଜଙ୍ଗଲରେ ମଙ୍ଗଳବାର ମାଓବାଦୀ-ପୋଲିସଙ୍କ ମଧ୍ୟରେ ହୋଇଥିବା ଗୁଳି ବିନିମୟରେ ଟପ୍ କ୍ୟାଡର ଅନିଲ, ଆନ୍ଧ୍ରୁ, ଅରୁଣା, ଜଗନ ଖସିଯାଇଛନ୍ତି। ଦୀର୍ଘ ୨ ଘଣ୍ଟା ଧରି ହୋଇଥିବା ଗୁଳି ବିନିମୟରେ ଲାଲ୍‌ବାହିନୀ ଛତ୍ରଭଙ୍ଗ ଦେଇଥିବାବେଳେ ଘଟଣାସ୍ଥଳରୁ ବିପୁଳ ପରିମାଣର ବିସ୍ଫୋରକ ଏବଂ ସାମଗ୍ରୀ ଜବତ ହୋଇଛି। ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ହୃଷିକେଶ୍ ଡି. ଖିଲାରି ଏ ନେଇ ସୂଚନା ଦେଇଛନ୍ତି। ଜବତ ସାମଗ୍ରୀ ମଧ୍ୟରେ ଆଇଡି ବୋମା, ୧୬ ଅଫୁଟା ଗୁଳି, ମାଓବାଦୀ ପୁସ୍ତିକା, ୩୨ ଡିଟୋନେଟର୍, କ୍ୟାମେରା, ରେଡିଓ, ୧୧ କିଟ୍ ବ୍ୟାଗ୍, ଟିଫିନ କ୍ୟାରେଜ୍, ୩ ମାଓବାଦୀ ପୋଷାକ ସମେତ ଅନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ରହିଛି।

# ମହାପ୍ରଭୁଙ୍କର ହେଲା ବନକଲାଗି

ପୁରୀ ଅଫିସ,୨୮।୧୦

ପ୍ରାୟ ୨ ମାସ ପରେ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ବନକଲାଗି ହୋଇଛି। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିରର ଜୟବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି କରାଯାଇଥିଲା। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ଦାରୁଦିଅଁଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୁତ ଭାବେ ପ୍ରସାଧାନ ପ୍ରସ୍ତୁତ କରିଥିଲେ। ହିଙ୍ଗୁଳ, ହରିତାଳ, କଳା ଆଦିକୁ ବ୍ୟବହାର କରାଯାଇ ଏହା ପ୍ରସ୍ତୁତ କରାଯାଇଥିଲା। ଏହି ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମଧ୍ୟ ମିଶିଥାଏ। କସ୍ତୁରୀ ଯୋଗୁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରୁହେ। ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢାହୁଏ ତାର ଗରମ ବାଷ୍ପ ଯୋଗୁ ମୁଖମଣ୍ଡଳର ଉଜ୍ଜ୍ୱଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।

# ବିକ୍ଷୋଭ ବେଳେ ଅଫିସକୁ ଧସେଇ ପଶିଲେ

ବନ୍ତ,୨୮।୧୦(ଡି.ଏନ୍.ଏ.)


ଆନ୍ଦୋଳନକାରୀଙ୍କ ସହ ଥାନାଧିକାରୀ ଆଲୋଚନା କରୁଛନ୍ତି।

ଭଦ୍ରକ ଜିଲା ବନ୍ତ ବ୍ଲକ ରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ସ୍ତରୀୟ ମହିଳା ମହାସଂଘର ସଭାପତି ଓ ସମ୍ପାଦିକାଙ୍କୁ ଅଗଣତାନ୍ତ୍ରିକ ଭାବେ ପଦବୀରୁ ବାହାର କରାଯାଇ ନୂତନ ସଭାପତି ଓ ସମ୍ପାଦିକା ଚୟନ କରିବା ପ୍ରତିବାଦରେ ସିପିଆଇ ଓ କଂଗ୍ରେସ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଥାନା ଛକଠାରୁ ୨ ଦଳର ଶତାଧିକ କର୍ମୀ ଏକ ପଟୁଆରରେ ବାହାରି ବଜାର ପରିକ୍ରମା ପରି ବ୍ଲକ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ କର୍ମୀମାନେ ନାରାବାଜି କରି ବ୍ଲକ ଅଫିସ ଭିତରକୁ ଧସେଇ ପଶି ବିପିଏମ୍‌ଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଥିଲେ। ସେଠାରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କ ସହ ଯୁକ୍ତିତର୍କ ହେବା ସହ ଠେଲାପେଲା ହୋଇଥିଲା। ଉତ୍ତ୍ୟକ୍ତ ଆନ୍ଦୋଳନକାରୀମାନେ ଅଫିସର କାଗଜପତ୍ର ଫିଙ୍ଗି ଦେଇଥିଲେ। ଧସ୍ତାଧସ୍ତି ବେଳେ ବିପିଏମ୍, ଜଣେ ପୋଲିସ କର୍ମଚାରୀଙ୍କ ସମେତ କେତେକ ମହିଳା ଆନ୍ଦାଳନକାରୀ ଆହତ ହୋଇଛନ୍ତି। ଖବରଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

# ମାମୁଙ୍କୁ ଶାବଳରେ ପିଟି ହତ୍ୟା

- ୨ ଭଣଜା ଗିରଫ
- ପୋଖରୀରେ ଫିଙ୍ଗି ଦେଇଥିଲେ ମୃତଦେହ
- ୧୮ବର୍ଷ ପରେ ପିତୃ ହତ୍ୟାର ପ୍ରତିଶୋଧ

କୁଆଁରମୁଣ୍ଡା,୨୮।୧୦(ଡି.ଏନ.ଏ.)


ବୀରମିତ୍ରପୁର ଥାନା ପୋଲିସ ଓ ସୁନ୍ଦରଗଡ଼ ସାଇଣ୍ଟିଫିକ୍ ଟିମ୍ ତଦନ୍ତ ଚଳାଇଛନ୍ତି।

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଗୋବିରା ଗ୍ରାମ ପୁରୁଣା ଗୀର୍ଜାଟୋଲିରେ ମଙ୍ଗଳବାର ରାତିରେ ସମ୍ପର୍କୀୟ ମାମୁ ବେଲେନ୍ ବରୁଆ(୪୫)ଙ୍କୁ ୨ ଭଣଜା ଶାବଳରେ ପିଟି ହତ୍ୟା କରିଛନ୍ତି। ହତ୍ୟା କରିବା ପରେ ବେଲେନଙ୍କ ମୃତଦେହକୁ ନେଇ ଉଭୟେ ମାମୁ ଘରଠାରୁ ପ୍ରାୟ ସାଢେ ୩ଶହ ମିଟର ଦୂର ଜଙ୍ଗଲ ଭିତରେ ଥିବା ପୋଖରୀରେ ଫିଙ୍ଗି ଦେଇଥିଲେ। ବୁଧବାର ସକାଳ ପ୍ରାୟ ୬ଟାରେ ବସ୍ତିର ମହିଳାମାନେ ଶୌଚ ପାଇଁ ଉକ୍ତ ପୋଖରୀକୁ ଯାଇଥିବା ବେଳେ ଏକ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେମାନେ ୱାର୍ଡସଭ୍ୟ ଓ ସରପଞ୍ଚଙ୍କୁ ଜଣାଇଥିଲେ। ଘଟଣା ଜଣାପଡ଼ିବା ପରେ ସେହିବସ୍ତିର ବାସିନ୍ଦା ତଥା ସାନଭଣଜା ଅମର କୁଜୁର(୩୦) କୁଆଁରମୁଣ୍ଡା ଫାଣ୍ଡିକୁ ଯାଇ ଦୋଷ ସ୍ୱୀକାର କରିବା ସହ ଆତ୍ମସମର୍ପଣ କରିଛନ୍ତି। କୁଆଁରମୁଣ୍ଡ ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମ ଓ ବୀରମିତ୍ରପୁର ଥାନା ଆଇଆଇସି ସ୍ମୃତିପ୍ରଭା ପ୍ରଧାନ ପୋଖରୀରୁ ମୃତଦେହ ଉଦ୍ଧାର କରି ଅନୁସନ୍ଧାନ ଚଳାଇଛନ୍ତି। ଅମରଙ୍କ ବଡଭାଇ ବିକି କୁଜୁର(୩୫) ଅମରଙ୍କୁ ହତ୍ୟାକାଣ୍ଡରେ ସହାୟତା କରିଥିବା ଜଣାପଡିବା ପରେ ପୋଲିସ ତାଙ୍କୁ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଶାବଳ ଜବତ ହୋଇଛି। ସୁନ୍ଦରଗଡ଼ରୁ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳକୁ ଯାଇ ଛାନଭିନ୍ ଆରମ୍ଭ କରିଛି। ମାଜିଷ୍ଟ୍ରେଟଭାବେ କୁଆଁରମୁଣ୍ଡା ତହସିଲଦାର ସୁଶ୍ରୀ ଚାନ୍ଦନୀ ଉପସ୍ଥିତ ଥିଲେ। ଏ ନେଇ ଦଫା ୩୦୨,୩୪ ଆଇପିସିରେ ଏକ ମାମଲା(ନଂ.୨୦୩/୨୦) ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

ମିଳିଥିବା ସୂଚନା ଅନୁଯାୟୀ, ମୃତ ବେଲେନ୍ ବରୁଆ ୧୮ ବର୍ଷ ତଳେ ଅଭିଯୁକ୍ତ ଭଣଜା ଅମର ଓ ବିକି କୁଜୁରଙ୍କ ବାପାଙ୍କୁ ହତ୍ୟା କରିବା ଅଭିଯୋଗରେ ଜେଲ୍ ଯାଇଥିଲେ। ସେତେବେଳେ ଅମର ଓ ବିକି ଛୋଟ ଥିଲେ। ବଡ ହେବା ପରେ ବାପାଙ୍କ ହତ୍ୟାକାରୀଙ୍କୁ ମାରିବାକୁ ସେମାନେ ଯୋଜନା କରିଥିଲେ ବୋଲି କହିଛନ୍ତି।

## ୧୯୯୯ ମହାବାତ୍ୟାକୁ ପୂରିଲା ୨୧ ବର୍ଷ

# କମିଛି ହେନ୍ତାଳବଣ, ବଢ଼ିଛି ଚିଙ୍ଗୁଡ଼ି ଘେରି

■ ଉଦ୍ଧାର, ଥଇଥାନରେ ସୀମିତ ବିପର୍ଯ୍ୟୟ ପରିଚାଳନା

■ ୨୦ରୁ ୧୦ ଆଲର୍ଟ କେନ୍ଦ୍ରରେ ବାଜୁନି ସାଇରନ୍

କେନ୍ଦ୍ରାପଡ଼ା ଅଫିସ, ୨୮।୧୦

୧୯୯୯ ଅକ୍ଟୋବର ୨୯ ମହାବାତ୍ୟାକୁ ଇତିମଧ୍ୟରେ ୨୧ ବର୍ଷ ବିତିଛି। ଜିଲା ଜରୁରିକାଳୀନ ବିଭାଗ ତଥ୍ୟ ଅନୁଯାୟୀ, ଏଥିରେ କେନ୍ଦ୍ରାପଡ଼ା ଜିଲାରେ ୨,୯୭,୮୧୪ ପରିବାରଙ୍କ ଘର ଭାଙ୍ଗିଥିବା ବେଳେ ୩୮୭ ଜଣଙ୍କ ଅମୂଲ୍ୟ ଜୀବନ ଯାଇଛି। ୧୮୦୩ ଗୁରୁତର ଆହତ ସହିତ ୩୮ ଜଣ ଅଦ୍ୟାବଧି ନିଖୋଜ ଅଛନ୍ତି। ଜିଲାର ୪୮,୯୦୭ ଗୃହପାଳିତ ପଶୁପକ୍ଷୀଙ୍କର ମୃତ୍ୟୁ ହୋଇଥିଲା। ଲୋକଙ୍କ ନିକଟରେ ପ୍ରଥମ ସରକାରୀ ସାହାଯ୍ୟ ପହଞ୍ଚିବାକୁ ୧୦ ଦିନରୁ ଅଧିକ ସମୟ ଲାଗିଥିଲା। ଏହି ମହାବାତ୍ୟା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ଏକ ନକ୍ସା ତିଆରି କରିଥିଲା। ଯାହାଫଳରେ ଏହା ପରବର୍ତ୍ତୀ ସାମୁଦ୍ରିକ ଝଡ଼ ସମୟରେ ଉଦ୍ଧାର ଓ ଥଇଥାନକୁ ଗୁରୁତ୍ୱ ଦିଆଯାଇଛି। ରାସ୍ତା, ବାତ୍ୟା ଆଶ୍ରୟସ୍ଥଳୀ, ସମ୍ଭାବ୍ୟ ବିପଦସ୍ଥଳୀରୁ ଜନସାଧାରଣଙ୍କୁ ସ୍ଥାନାନ୍ତର, ଆଲର୍ଟ ସାଇରନ ସେଣ୍ଟର, ସ୍ୱାସ୍ଥ୍ୟ ଓ ପରିବେଶ ପରିଚାଳନାକୁ ଗୁରୁତ୍ୱ ଦିଆଯାଇଛି। ତେବେ ଜିଲା ପାଇଁ ବିପଦ ସାଜିଥିବା ସାମୁଦ୍ରିକ ଝଡ଼ ଓ ସୁନାମିକୁ ପ୍ରତିହତ କରୁଥିବା ହେନ୍ତାଳ ବଣ ବିଭିନ୍ନ କାରଣ ପାଇଁ ପ୍ରତିବର୍ଷ ନଷ୍ଟ ହେଉଛି। ବଢ଼ିଚାଲିଥିବା ଚିଙ୍ଗୁଡି ଘେରି ଓ ଜଙ୍ଗଲ ଜମି ଜବରଦଖଲକୁ ରୋକା ନ ଗଲେ ଆଗାମୀ ୧୦ବର୍ଷ ମଧ୍ୟରେ ଜିଲାର ବହୁ ଅଞ୍ଚଳ ସମୁଦ୍ର ଗର୍ଭକୁ ଚାଲିଯିବ। ସେହିପରି ୨୦୧୮ରୁ ସ୍ଥାପିତ ଜିଲାର ୨୦ ସାଇରନ ଆଲର୍ଟ କେନ୍ଦ୍ରରୁ ୧୦ ଅଚଳ ହେବା ଜିଲାବାସୀଙ୍କ ପାଇଁ ବିପଦ ବୋଲି ବୁଦ୍ଧିଜୀବୀ ଓ ପରିବେଶବିତ୍ ମତ ଦେଇଛନ୍ତି।

ପରିବେଶବିତ୍ ହେମନ୍ତ କୁମାର ରାଉତ, ଅଶୋକ ସ୍ୱାଇଁ, ସେକ୍ ଚାନ୍ଦ ପ୍ରମୁଖ କହିଛନ୍ତି, ୪୮ କିଲୋମିଟର ସମୁଦ୍ର ତଟାଞ୍ଚଳରେ ଜାତୀୟ ଉଦ୍ୟାନ ଭିତରକନିକାର ୧୮୮ ବର୍ଗ କିଲୋମିଟର ଘଞ୍ଚ ହେନ୍ତାଳବଣ ଅଛି। ତେବେ ୧୯୬୦ରୁ ଏହାର ଦ୍ରୁତ ଅବକ୍ଷୟ ହେଉଛି। ସୁନାମି ଓ ସାମୁଦ୍ରିକ ଝଡ଼ ସମୟରେ ଜିଲାର ସାମୁଦ୍ରିକ ପ୍ରାଚୀର ଭାବେ ପରିଚିତ ଏହି ହେନ୍ତାଳବଣ ଗତ ୬ ଦଶନ୍ଧି ମଧ୍ୟରେ ୮୮ ବର୍ଗ କିଲୋମିଟର ସମୁଦ୍ର ଗର୍ଭକୁ ଚାଲିଯାଇଥିବା ବିଭିନ୍ନ ସର୍ଭେ ରିପୋର୍ଟରେ ଦେଖିବାକୁ ମିଳୁଛି। ହେନ୍ତାଳବଣର ସାନ୍ଦ୍ରତା ଓ ନମନୀୟତା ସମୁଦ୍ର ଢେ଼ଉକୁ ରୋକିବାକୁ ସକ୍ଷମ। ଏହାର ବିସ୍ତାର ହେଲେ ସାମୁଦ୍ରିକ ଝଡ଼ ଓ ସୁନାମିକୁ ରୋକିବାରେ ସଫଳ ହେବ। ଏହାର ଉଦାହରଣ ୧୯୯୯ ମହାବାତ୍ୟାରେ ଦେଖିବାକୁ ମିଳିଥିଲା।

ପ୍ରଚୁର ହେନ୍ତାଳ ବଣ ଯୋଗୁ ସମୁଦ୍ର ଜଳ ଜିଲାର ବହୁ ଅଞ୍ଚଳକୁ ପଶିପାରି ନ ଥିଲା। ଧନଜୀବନ ରକ୍ଷା ହୋଇଥିଲା। ଉପକୂଳ ଅଞ୍ଚଳ ପରିଯୋଜନା, ବନ ବିଭାଗ, ପ୍ରଶାସନ ଓ ରାଜନେତା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ଗୁରୁତ୍ୱ ଦେଉଥିବା କହୁଥିଲେ ମଧ୍ୟ ଭିତ୍ତିଭୂମି ଅସଜଡା ରହିଥିବା ସେମାନେ ପ୍ରକାଶ କରିଛନ୍ତି। ବୁଦ୍ଧିଜୀବୀ ମୀର ଅବୁ ଓବେଦା, ବିଭୂତିଭୂଷଣ ରାଉତ, ପ୍ରତାପ ଚନ୍ଦ୍ର ପାଢ଼ୀ କୁହନ୍ତି, ମହାବାତ୍ୟାର ସ୍ମୃତିରେ ଭୟଙ୍କର ଅନୁଭୂତି ଆଗକୁ ଆସୁଛି। ଗମନାଗମନଠାରୁ ଆରମ୍ଭ କରି ସରକାରୀ ଓ ବେସରକାରୀ ସହଯୋଗ, ପୂର୍ବାନୁମାନ ଓ ପ୍ରସ୍ତୁତି ନ ଥିବାରୁ ଜିଲାବାସୀଙ୍କ ଧନଜୀବନ ଯାଇଛି। ଏହାସତ୍ତ୍ୱେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କେବଳ ମକ୍‌ଡ୍ରିଲରେ ସୀମିତ ରହିଛି। ବାତ୍ୟା ଆଶ୍ରୟସ୍ଥଳର ରକ୍ଷଣାବେକ୍ଷଣ ନାହିଁ। ଗତ ଅମ୍ପନ୍ ସମୟରେ ଜିଲାର ରାଜନଗର ବ୍ଲକରେ ପ୍ରତିଷ୍ଠା ହୋଇଥିବା ୧୧ ଓ ମହାକାଳପଡ଼ାର ୯ଟି ଆଲର୍ଟ କେନ୍ଦ୍ର ମଧ୍ୟରୁ ୧୦ଟିରେ ସାଇରନ ବାଜି ପାରିଲା ନାହିଁ। ଏଥିସହିତ ଭିତରକନିକା ଜଙ୍ଗଲ ଏବେ ଅନୁପ୍ରବେଶକାରୀଙ୍କ ପାଇଁ ଅସୁରକ୍ଷିତ ହୋଇଛି। ପର୍ଯ୍ୟାପ୍ତ ବେଆଇନ ଚିଙ୍ଗୁଡି ଘେରି ବନ୍ଦ ହେଲେ ସମସ୍ୟାର କିଛି ସମାଧାନ ହେବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲା ଜରୁରୀକାଳୀନ ଅଧିକାରୀ ସମ୍ବିତ କୁମାର ଶତପଥୀ କୁହନ୍ତି, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ଜିଲା ପ୍ରଶାସନ ସର୍ବଦା ଗୁରୁତ୍ୱ ଦେଉଛି। ଏଥିପାଇଁ ବିଗତ ସାମୁଦ୍ରିକ ଝଡ଼ ସମୟରେ ଜିରୋ କାଜୁଆଲିଟି ହେଉଛି। ଉଦ୍ଧାର, ଥଇଥାନ, ମକ୍‌ଡ୍ରିଲ ଆଦି ବ୍ୟବସ୍ଥା ହୋଇଥିବା ବେଳେ ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ, ନୂତନ ହେନ୍ତାଳ ବଣ ସୃଷ୍ଟି କରାଯାଉଛି।



ମହାବାତ୍ୟା ପରେ ମହାକାଳପଡ଼ା ବ୍ଲକ ଜମ୍ବୁ ଗ୍ରାମର ଦୃଶ୍ୟ (ଫାଇଲ ଫଟୋ)



ବଟିଘର ଅଞ୍ଚଳରେ ହେନ୍ତାଳବଣ।

# ଛାରଖାର ହୋଇଥିଲା ଭୌଗୋଳିକ ସ୍ଥିତି

ଏରସମା,୨୮।୧୦(ସ୍ୱ.ପ୍ର.)

### ଦହିବର ଗ୍ରାମର ୫୮୬ ଲୋକଙ୍କ ମୃତ୍ୟୁ ହୋଇଥିଲା

ମହାବାତ୍ୟାର କରାଳ ରୂପକୁ ଯିଏ ଅଙ୍ଗେ ନିଭାଇଛି ସେ କାଳରାତ୍ରିର ଅନୁଭୂତିକୁ ଅନୁଭବ କରିଛି। ଏବେ କେବଳ ସ୍ମୃତି ଛଡ଼ା ଅନ୍ୟ କିଛିନାହିଁ। ଯେ ଶୁଣିଛି, ସେ ଅଧୀର ହୋଇଛି। ସେ ଯନ୍ତ୍ରଣା ଦଗ୍ଧ ଜୀବନର ବିଭୀଷିକାପୂର୍ଣ୍ଣ କାହାଣୀକୁ ଯେ, ନିକଟରୁ ଦେଖିଛି, ସେ କଥା ମନେପଡ଼ିଲେ ଏବେ ବି ଲୋମମୂଳ ଟାଙ୍କୁରି ଉଠେ। ପ୍ରକୃତିର ତାଣ୍ଡବ ଏତେ ଭୟଙ୍କର ରୂପ ନେଇପାରେ, ୧୯୯୯ ଅକ୍ଟୋବର ୨୯ ରାତି ଥିଲା ତା'ର ପ୍ରକୃଷ୍ଟ ଉଦାହରଣ। ସେଦିନ ତୀବ୍ର ହୋଇଥିଲା ପ୍ରବହମାନ ପବନର ତାଡ଼ନା। ମେଘ ସାଙ୍ଗକୁ ମାଟି ଉପରେ ଲମ୍ଫ ମାରୁଥିବା ପବନର ଧ୍ୱଂସଲୀଳା, ସବୁକିଛି ଓଲଟ ପାଲଟ କରିଦେଇଥିଲା। ସମୁଦ୍ରରୁ ଉଠି ଆସିଥିବା ୩୦ ଫୁଟ ଉଚ୍ଚର ଲୁଣା ଜୁଆର ପ୍ରଭାବରେ ସେ ଭୟାନକ ରାତି ପାହିଲାବେଳକୁ ଛାରଖାର ହୋଇଯାଇଥିଲା ଜଗତ୍‌ସିଂହପୁର ଜିଲା ଏରସମାର ଭୌଗୋଳିକ ସ୍ଥିତି। ମାଟିରେ ଲୋଟି ଯାଇଥିଲା ଅନେକ ମହାଦ୍ରୁମ। ନିଶ୍ଚିହ୍ନ ହୋଇଯାଇଥିଲା ଗାଁ ଗଣ୍ଡା, ଘରଦ୍ୱାର। ତାଳପତ୍ର ସାଙ୍ଗକୁ ଓରା ଲାଗିଥିଲା ହଜାର ହଜାର ମଣିଷ ଓ ପଶୁପକ୍ଷୀଙ୍କ ମୃତଦେହ। ସେ ମହାବିଭୀଷିକା, ଏରସମା ବିପର୍ଯ୍ୟୟ ଇତିହାସରେ ବିରଳ ଅଧ୍ୟାୟ ହୋଇ ରହିଯାଇଛି। ଚାହୁଁ ଚାହୁଁ ବିତି ଯାଇଛି ୨୧ ବର୍ଷ। ମହାବାତ୍ୟାର ଧ୍ୱଂସ ସ୍ତୂପରୁ ଜନ୍ମ ନେଇଛି ନୂତନ ଏରସମା। ବିନାଶ ଭିତରୁ ସୂତ୍ରପାତ ହୋଇଛି ବିକାଶର ପର୍ବ। ତଥାପି ୨୧ବର୍ଷ ଧରି ଏରସମାବାସୀଙ୍କ ମନରେ ସେ ଦୁର୍ଦ୍ଦିନର ଅମା ଅନ୍ଧାର ଅଲିଭା ସ୍ମୃତି ହୋଇ ରହିଯାଇଛି।

## ରାଜୁ, ରଞ୍ଜନଙ୍କୁ ଝୁରୁଛନ୍ତି ଚନ୍ଦନ



ଚନ୍ଦନ ଦାସ

ସେଦିନର ମହାବାତ୍ୟାର ମହାକ୍ଷତ ଏବେବି କେତେକ ଏରସମାବାସୀଙ୍କ ମନରେ ତାଜା ହୋଇ ରହିଛି। ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଏରସମା ବ୍ଲକ ଗୋଡ଼ା ଗ୍ରାମର ଚନ୍ଦନ ଦାସ। ସେ କୁହନ୍ତି, ଶଙ୍ଖ ନଦୀ ନିକଟବର୍ତ୍ତୀ ଏକ ତଳିଆ ଅଞ୍ଚଳ ପାତୁଆ ଗାଁରେ ମୁଁ ମୋର ଦୁଇ ସାଙ୍ଗ ରାଜୁ ସ୍ୱାଇଁ ଓ ରଞ୍ଜନ ମଣ୍ଡଳ ଚିଙ୍ଗୁଡି ଘେରି କରିଥିଲୁ। ଘେରି ଜଗିବା ପାଇଁ ନଦୀ ବନ୍ଧରେ ତିଆରି କରିଥିଲୁ ଅସ୍ଥାୟୀ କୁଡିଆ। ସେଠାରେ ଭୋଜିଭାତଠାରୁ ଆରମ୍ଭକରି ଜମୁଥିଲା ତାସ ଖେଳ। ଏହି ଜାଗାଠାରୁ ଗୋଡା ୬ କିମି ଦୂର। ଏମିତି ଭାବରେ ସମୟ ବିତୁଥିବାବେଳେ ଖବର ମିଳିଲା ବାତ୍ୟା ହେବ। ୨୭ ତାରିଖ ଦିନଠାରୁ ପାଗ ପୂରା ନରମି ଗଲା। ଛନକା ପଶିଲା ମନରେ। ୨୮ ରେ ବର୍ଷା ପବନ ଜୋର ଧରିଲା। ସେଇଠି ରୋଷେଇକରି ଏକାଠି ଖାଇଲୁ। ରାତିରେ ପବନ ବେଗ ବଢିବାରୁ ଶୋଇ ପାରିଲୁ ନାହିଁ। ବିଳମ୍ବିତ କିଟିମିଟିଆ ଅନ୍ଧାର ସାଙ୍ଗକୁ ସେଇ ପବନ ମେଘ ମାଡ଼ରେ ହୁଲିଡଙ୍ଗାରେ ପାତୁଆ ଗାଁକୁ ପଳେଇ ଆସିଲୁ। ଘରଠାରୁ ଦୂରରେ ରହୁଥିବାରୁ ପରିବାର ଲୋକଙ୍କ କଥା ମନେ ପଡିଲା। ପରଦିନ ପବନର ତୀବ୍ରତା ଏତେ ବଢିଗଲା ଯେ, ବଡ଼ବଡ଼ ଗଛ ସବୁ ଭାଙ୍ଗି ପଡିଲା। ଘର ଚାଳ ଉଡିଗଲା। ନଡିଆ ଗଛ ଉଚ୍ଚର ସମୁଦ୍ର ପାଣି ମାଡି ଆସିଲା। ପ୍ରକୃତିର ତାଣ୍ଡବରେ ଆମେ ଦିଗ ହରା ହୋଇଗଲୁ। ଆମ ହୁଲି ଡଙ୍ଗା ଓ ତିନି ସାଙ୍ଗ କିଏ କୁଆଡେ ଭାସିଗଲୁ ଜଣାପଡିଲା ନାହିଁ। ମୁଁ ୨ ଦିନ ଅଖିଆ ଅପିଆ ପ୍ରକୃତି ସହ ବହୁ କଷ୍ଟରେ ଲଢି ଏକ ତାଳ ଗଛକୁ ମାଡିବସିଲି। ଥଣ୍ଡାରେ କାଲୁଆ ହୋଇଯାଇଥିଲା ଦେହ। ଗଛପତ୍ର ଆହାର କରି ଜୀବନ ବଞ୍ଚାଇଥିଲି। ଏବେବି ରାଜୁ ଓ ରଞ୍ଜନ କଥା ମନେ ପଡିଲେ ଅନ୍ତରରୁ କୋହ ମାଡିଆସେ।

## ୩୧ ପରିଜନଙ୍କୁ ହରାଇଛନ୍ତି ଜୋଛନା



ଜୋଛନା ପ୍ରଧାନ

ଏରସମା ବ୍ଲକ ପଦ୍ମପୁର ପଞ୍ଚାୟତ ଶଙ୍ଖା ଗାଁରେ ଜୋଛନା ପ୍ରଧାନଙ୍କ ଘର। ତାଙ୍କ ସ୍ୱାମୀଙ୍କ ନାମ ତ୍ରୈଲୋକ୍ୟ ପ୍ରଧାନ। ସ୍ୱାମୀଙ୍କ ୫ ଭାଇ ଥିଲେ। ମୋଟ ୩୨ ଜଣଙ୍କୁ ନେଇ ହସିଉଠିଥିଲା ତାଙ୍କ ଯୌଥ ପରିବାର। ସମୁଦ୍ରରୁ ମାଛ ମାରି ଜୀବିକା ନିର୍ବାହ କରୁଥିଲେ ସେମାନେ। ମାତ୍ର ଦଇବର ବିଚାର ଥିଲା ନିଆରା। ଘରଠାରୁ ସମୁଦ୍ର ମାତ୍ର ୫୦ ମିଟର ଦୂର। ଗାଁରେ କୌଣସି କୋଠାଘର ନଥିଲା। କି ସେତେବେଳେ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ହୋଇ ନ ଥିଲା। କ'ଣ କରିବେ କିଛି ଜାଣି ପାରିଲେ ନାହିଁ। ଜୀବନ ବଞ୍ଚାଇବା ପାଇଁ ଭୟରେ ଖାଲି ଧାଁ ଧପଡ଼ କଲେ। ନିମିଷକ ମଧ୍ୟରେ ପବନର ଛାତିଥରା ବେଗ ସାଙ୍ଗକୁ ସମୁଦ୍ର ଜୁଆର ଧୋଇ ଦେଇଥିଲା ଶଙ୍ଖା ଗାଁକୁ। କେତେକ ଲୋକ ଚାକୁଣ୍ଡା ଗଛକୁ ଧରି ଜୀବନ ବଞ୍ଚାଇଲେ। ତିନି ଦିନ ଧରି ଗଛରେ ରହି ପାଣିପବନ ମାଡ଼ ସହି ଭାସି ଆସୁଥିବା କୁଟାପତର ଚୋବାଇଲେ। ଗଛ ପାଖରେ ଲାଗିଥିବା ଶବଦେହରୁ ଲୁଗା କାଢି ପିନ୍ଧିଥିଲେ। ୩୧ ପରିବାର ସଦସ୍ୟଙ୍କୁ ହରାଇ ଜୋଛନା ସେହି ଚାକୁଣ୍ଡା ଗଛରେ ରହି ଜୀବନ ବଞ୍ଚାଇଥିଲେ। ଏବେ ସେ ସିହା ଗାଁରେ ପର ଘରେ କାମ କରି ଜୀବନ ବିତାଉଛନ୍ତି। ମହାବାତ୍ୟା କଥା ପଚାରିଲେ ଶାଢ଼ି କାନିରେ ଲୁହ ପୋଛି କହନ୍ତି, ରଖେ ହରି ତ ମାରେ କିଏ।

# ଓଏମ୍‌ବିଏଡିସି ଜିଲା ପାଇଁ ୨୫୭ କୋଟି ଅନୁମୋଦନ

ଭୁବନେଶ୍ୱର,୨୮।୧୦(ବ୍ୟୁରୋ)

ଖଣିଜ ସମ୍ପଦ ଅଞ୍ଚଳ ନିଗମ (ଓଏମ୍‌ବିଏଡିସି) ଜିଲାଗୁଡ଼ିକ ପାଇଁ ୮ଟି ପ୍ରକଳ୍ପ ବାବଦରେ ୨୫୭ କୋଟି ଟଙ୍କା ଖର୍ଚ୍ଚ ହେବ। ବୁଧବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୋର୍ଡ ଅଫ୍ ଡାଇରେକ୍ଟର ବୈଠକରେ ଏହାକୁ ଅନୁମୋଦନ କରାଯାଇଛି।

ବୈଠକରେ ଓଏମବିଏଡିସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଉମା ନନ୍ଦୁରୀ ପ୍ରକଳ୍ପ ଗୁଡିକ ସମ୍ବନ୍ଧରେ ସୂଚନା ଦେବା ସହ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଅନୁମୋଦିତ ଅର୍ଥରୁ ମୟୂରଭଞ୍ଜ ଜିଲାର ସ୍ୱାସ୍ଥ୍ୟ ସେବାର ଉନ୍ନତୀକରଣ, ପ୍ରାଥମିକ ଚିକିତ୍ସାଳୟ , ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ଏବଂ ଜିଲାର ଦୁଇଟି ବ୍ଲକର ସବଡିଭିଜନାଲ ହେଡକ୍ୱାଟର୍ସ ହସ୍ପିଟାଲ ନିର୍ମାଣ ପାଇଁ ୪୭.୨୫ କୋଟି ଟଙ୍କା ଖର୍ଚ୍ଚ ହେବ। ସେହିପରି କେନ୍ଦୁଝର ଠାରେ ଥିବା ଇଞ୍ଜିନିୟରିଂ କଲେଜର ଲାଇବ୍ରେରୀ, ଲାବୋରେଟୋରୀ ଏବଂ ଶିକ୍ଷା ଭିତ୍ତିଭୂମି ନିର୍ମାଣ ପାଇଁ ୩୪ କୋଟି, ୬ ଜିଲାରେ ଆଇଟିଆଇ ଏବଂ ପଲିଟେକ୍ନିକରେ ସେଣ୍ଟର ଅଫ ଏକ୍ସିଲେନ୍ସ ଖୋଲିବା ପାଇଁ ୧୨୩.୪୫ କୋଟି, ହସ୍ପିଟାଲ ଓ ସ୍କୁଲ ଗୁଡିକରେ ବ୍ରଡବ୍ୟାଣ୍ଡ ସଂଯୋଗ ପାଇଁ ୩ କୋଟି, ଯାଜପୁର ଜିଲାରେ ଦୁଗ୍ଧ ସଂଗ୍ରହ ସୁବିଧା ପାଇଁ ୨୦.୪୮ କୋଟି ଖର୍ଚ୍ଚ କରାଯିବ। ସେହିପରି କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ ଓ ଯାଜପୁର ଜିଲାରେ ୪ଟି ମେଗା ନର୍ସରୀର ବିକାଶ ପାଇଁ ୧୧.୭୧ କୋଟି, ଆଦିବାସୀ ଯୁବତୀ ଯୁବକଙ୍କୁ ପଞ୍ଚକର୍ମ ଓ ନେରପ୍ୟାଥିରେ ସାର୍ଟିଫିକେଟ କୋର୍ଷ ଦେବା ଲାଗି ୦.୧୬ କୋଟି ଏବଂ ଶଙ୍କରଜାତୀୟ ବାଛୁରି ପାଇଁ ୧୬.୯୩ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି।

ଉଲ୍ଲେଖଯୋଗ୍ୟ ଓଏମବିଏଡିସି ଜିଲାଗୁଡିକର ମେଗା ପାଇପ ଜଳ ଯୋଗାଣ, ସ୍ୱାସ୍ଥ୍ୟ ସେବାର ଉନ୍ନତୀକରଣ,ଦକ୍ଷତା ବିକାଶ, ସମନ୍ୱିତ ଶିଶୁ ବିକାଶ ଯୋଜନାର ଉନ୍ନତୀକରଣ, ପରିବେଶ ସୁରକ୍ଷା ଆଦି ପାଇଁ ୧୩,୨୩୩.୨୫ କୋଟି ଟଙ୍କା ଅନୁମୋଦନ କରାଯାଇଥିଲା। ଏହି ବୈଠକରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପି.କେ. ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।





ପ୍ରୋଫେଟ୍ ମହମ୍ମଦଙ୍କ ବ୍ୟଙ୍ଗଚିତ୍ର ପ୍ରକାଶନ ପ୍ରତିବାଦରେ ମୁମ୍ବାଇର ମୁସଲିମ୍ ସଙ୍ଗଠନଗୁଡ଼ିକ ପକ୍ଷରୁ ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ୍ ମାକ୍ରଁଙ୍କ ବିରୋଧରେ ବିକ୍ଷୋଭ।

ପ୍ରଥମ ପୃଷ୍ଠାରୁ

## ସମ୍ବଲପୁରରେ ଶିଶୁବିକ୍ରି...



ସମ୍ବଲପୁର ଶିଶୁ କଲ୍ୟାଣ ସମିତିରେ ୨ ମହିଳାଙ୍କୁ ପଚରାଉଚରା କରାଯାଉଛି ।

କରାଯିବ ବୋଲି ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ବ୍ରଜେନ୍ଦ୍ର ପଣ୍ଡା କହିଛନ୍ତି। ଶିଶୁକନ୍ୟାକୁ ବରଗାଁସ୍ଥିତ ଆଶା ହୋମରେ ରଖାଯାଇ ଲାଳନପାଳନ କରାଯାଉଛି ବୋଲି ସେ କହିଛନ୍ତି।

ଅନ୍ୟପଟେ ଶିଶୁକନ୍ୟା ଦାନ କରିଥିବା ମହିଳା ଜଣଙ୍କ ସମସ୍ତ ସରକାରୀ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଆଧାର କାର୍ଡ, ଖାଦ୍ୟ ସୁରକ୍ଷା ଯୋଜନା ଓ ଆବାସ ଯୋଜନା ଭଳି ସୁବିଧା ସେ ପାଇ ନ ଥିବା କହିଛନ୍ତି। ସେହିପରି ଶିଶୁକନ୍ୟାକୁ ନେଇଥିବା ଦମ୍ପତି କହିଛନ୍ତି, ଉଭୟ ପରିବାର ମଧ୍ୟରେ ପୂର୍ବରୁ ସମ୍ପର୍କ ରହିଥିଲା। ତେଣୁ ରେଢାଖୋଲ ନୋଟାରୀ ପାଖରେ ସତ୍ୟପାଠ କରି ଶିଶୁକନ୍ୟାକୁ ନେଇଥିଲେ। ଶିଶୁକନ୍ୟାକୁ ଗ୍ରହଣ କରିଥିବା ଦମ୍ପତିଙ୍କ ପୂର୍ବରୁ କୌଣସି ସନ୍ତାନ ନ ଥିବା ଜଣାପଡିଛି।

ସୂଚନାଯୋଗ୍ୟ, ଚାରମାଳ ଥାନା ଅଞ୍ଚଳରେ ସ୍ୱାମୀ ପରିତ୍ୟକ୍ତା ସମ୍ପୃକ୍ତା ମହିଳା ଜଣଙ୍କ ଚାରମାଲ ଡାକ୍ତରଖାନାରେ ସେପ୍ଟେମ୍ବର ୧୯ରେ ଏକ ଶିଶୁ କନ୍ୟାକୁ ଜନ୍ମ ଦେଇଥିଲେ। କିଛି ଦିନ ଘରେ ରହିଥିଲେ। ହେଲେ ଦିନ ମଜୁରି କରି ପେଟ ପୋଷୁ ଥିବା ମହିଳା ଜଣକୁ ଏଥପାଇଁ ସମସ୍ୟା ହୋଇଥିଲା। ପୂର୍ବରୁ ପରିଚିତ ଥିବା ରେଢାଖୋଲ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ସେ ନିଜ ଶିଶୁ କନ୍ୟାକୁ ଦାନ କରିଥିଲେ। ଘଟଣା ସମ୍ପର୍କରେ ଚାଇଲ୍ଡ ଲାଇନ ନମ୍ବରେ ଅଭିଯୋଗ ଆସିଥିଲା। ଚାଇଲ୍ଡ ଲାଇନ ପକ୍ଷରୁ ଚାରମାଲ ଥାନାରେ ୧୫ ହଜାର ଟଙ୍କାରେ ଶିଶୁ ବିକ୍ରି କରାଯାଇଥିବା ଭଳି ସାଂଘାତିକ ଅଭିଯୋଗ ହୋଇଥିଲା। ପୋଲିସ,ଚାଇଲ୍ଡ ଲାଇନ ସଦସ୍ୟ,ସ୍ଥାନୀୟ ଜନ ପ୍ରତିନିଧି ପହଞ୍ଚି ଶିଶୁକନ୍ୟାକୁ ଉଦ୍ଧାର କରିଥିଲେ। ଏହି ଘଟଣା ଜିଲାରେ ଆଲୋଡନ ସୃଷ୍ଟି କରିଛି।

## ନଭେମ୍ବର ୩୦ ଯାଏ ଅନ୍ତର୍ଜାତୀୟ ...

ବିମାନ ସେବା ଉପଲବ୍ଧ ହେଉଛି। ଭାରତ ବର୍ତ୍ତମାନ ସୁଦ୍ଧା ୧୮ ଦେଶ ଏୟାର ବବଲ ଚୁକ୍ତିରେ ସାମିଲ ହୋଇଛି। ଆମେରିକା, ବ୍ରିଟେନ, ୟୁଏଇ, କେନିଆ, ଭୁଟାନ, ଫ୍ରାନ୍ସ ଭଳି ଅନ୍ୟ ଦେଶ ଏହା ମଧ୍ୟରେ ସାମିଲ ଅଛନ୍ତି। ଏଭଳି ଚୁକ୍ତି ଦ୍ୱାରା ଦେଶଗୁଡିକ ନିଜ ନିଜ ଦେଶରେ ନିର୍ଦ୍ଦିଷ୍ଟ ବିମାନ ସେବାକୁ ଅନୁମତି ଦେଇଥାନ୍ତି। ନୂଆ ନିଷ୍ପତ୍ତି ଦ୍ୱାରା ବିମାନ ଦ୍ୱାରା ମାଲ ପରିବହନ ଉପରେ କୌଣସି ପ୍ରଭାବ ପଡିବ ନାହିଁ ବୋଲି ଡିଜିସିଏ ସ୍ପଷ୍ଟ କରିଛି। ସେହିଭଳି ପ୍ରାୟ ୨ ମାସ ସେବା ବନ୍ଦ ରହିବା ପରେ ମେ ୨୫ ଠାରୁ ଘରୋଇ ବଜାରରେ ଉଡ଼ାଣକୁ ଅନୁମତି ମିଳିଛି।

# ଏସ୍‌ସିବି ମେଡିକାଲରେ କଏଦୀଙ୍କ ମୃତ୍ୟୁ

ଚୌଦ୍ୱାର,୨୮।୧୦(ଡି.ଏନ୍.ଏ.)

କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ଆଜୀବନ କଏଦୀଙ୍କ ବୁଧବାର ମୃତ୍ୟୁ ଘଟିଛି। ସେ ହେଲେ ଶ୍ରୀକାନ୍ତ ଜେନା(୩୮)। ସେ ଏକ ହତ୍ୟା ମାମଲାରେ ଯାଜପୁର ଜେଲ୍‌ରେ ସଜା କାଟୁଥିଲେ। ସେ ହୃଦ୍‌ରୋଗରେ ପୀଡ଼ିତ ହେବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ୩ବର୍ଷ ତଳେ ଚୌଦ୍ୱାର ଜେଲକୁ ସ୍ଥାନାନ୍ତର କରାଯାଇଥିଲା। ଶ୍ରୀକାନ୍ତ ନିୟମିତ ଭାବେ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିଲେ। ବୁଧବାର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାରୁ ସେ କରୋନା ପଜିଟିଭ ଥିବା ଜଣାପଡ଼ିଥିଲା। ତାଙ୍କୁ ତୁରନ୍ତ ଆଇସିୟୁରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଥିବା ଜେଲ ଅଧୀକ୍ଷକ ଶୁଭକାନ୍ତ ମିଶ୍ର ସୂଚନା ଦେଇଛନ୍ତି।

# ସମ୍ପ୍ରସାରଣ ହେବ ମୂଷା ନଦୀ

ପୁରୀ ଅଫିସ,୨୮।୧୦

### ୩ ମୌଜାର ୪୬.୬୦୯ ଏକର ଜମି ଅଧିଗ୍ରହଣ କରାଯିବ

ରାଜ୍ୟ ସରକାରଙ୍କ ଫୋକସ୍‌ରେ ରହିଛି ପୁରୀ। ଏଠାରେ ଅନେକ ବିକାଶମୂଳକ କାର୍ଯ୍ୟ ହାତକୁ ନିଆଯାଇଛି। ଏକାଧିକ ପ୍ରକଳ୍ପ କାମ ଚାଲିଥିବା ଆଗକୁ ଆହୁରି ଅନେକ ପ୍ରକଳ୍ପ କାମ ଆରମ୍ଭ କରାଯିବ। ତେବେ ପୁରୀ ସହର କଡ଼ରେ ରହିଥିବା ମୂଷା ନଦୀ ପ୍ରାୟ ସୁପ୍ତ ଅବସ୍ଥାରେ ରହିଛି। ଦଳ ଓ ଆବର୍ଜନାରେ ଭର୍ତ୍ତି ମୂଷା ନଦୀର ବିକାଶ କରାଯିବ। ଏହାକୁ ସମ୍ପ୍ରସାରଣ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ଏଥିପାଇଁ ପୁରୀ ସଦର ତହସିଲ ଅନ୍ତର୍ଗତ ୩ଟି ମୌଜା (ସମଙ୍ଗ, ମାଟିତୋଟା ଏବଂ ମାର୍କଣ୍ଡେଶ୍ୱର ସାହି)ର ୪୬.୬୦୯ ଏକର ଜମି ଅଧିଗ୍ରହଣ କରାଯିବ। ଏହି ଜମି ଅଧିଗ୍ରହଣ ନିମନ୍ତେ ସର୍ବସାଧାରଣ ଉଦ୍ଦେଶ୍ୟରେ ପ୍ରଭାବିତ ଅଞ୍ଚଳରେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ (ଏସ୍‌ଆଇଏ) ସର୍ବେକ୍ଷଣ ହେବ। ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ-୨୦୧୩ର ଧାରା ୪ ଅନୁଯାୟୀ ଉକ୍ତ ସର୍ବେକ୍ଷଣ କରାଯିବ ବୋଲି ସରକାରଙ୍କ ପକ୍ଷରୁ ଅଧିସୂଚନା ଜାରି କରାଯାଇଛି।

ହୁଲୁହୁଲିଆ ପୋଲଠାରୁ ଦେବୀଘାଟ ପର୍ଯ୍ୟନ୍ତ ମୂଷା ନଦୀର ସମ୍ପ୍ରସାରଣ କରାଯିବ। ନଦୀର ଉଭୟ ପାର୍ଶ୍ୱରେ ଜମି ଅଧିଗ୍ରହଣ ହେବ। ପୁରୀ ସଦର ତହସିଲ ଅନ୍ତର୍ଗତ ଉପରୋକ୍ତ ୩ଟି ମୌଜାର ୪୬.୬୦୯ ଏକର ଜମି ଅଧିଗ୍ରହଣ କରାଯିବ। ଏଥିରେ ଘରୋଇ ଜମି ୩୭.୬୨୯ ଏକର ରହିଥିବା ବେଳେ ୮.୯୮୦ ଏକର ସରକାରୀ ଜମି ରହିଛି। ସମଙ୍ଗ ମୌଜାର ୨୪.୯୪୬ ଏକର ଘରୋଇ ଜମି ଏବଂ ୩.୪୦୦ ଏକର ସରକାରୀ ଜମି, ମାଟିତୋଟା ମୌଜାର ୧୦.୮୯୮ ଏକର ଘରୋଇ ଜମି ଏବଂ ୦.୦୭୨ ଏକର ସରକାରୀ ଜମି, ମାର୍କଣ୍ଡେଶ୍ୱର ସାହିର ୧.୭୮୫ ଏକର ଘରୋଇ ଜମି ଏବଂ ୫.୫୦୮ ଏକର ସରକାରୀ ଜମି ରହିଥିବା ଜଣାପଡିଛି।

## ସଂକ୍ଷେପରେ

### କନଷ୍ଟେବଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଖୋର୍ଦ୍ଧା ଅଫିସ,୨୮।୧୦:** ଖୋର୍ଦ୍ଧା ତରତୁଆସ୍ଥିତ ଷଷ୍ଠ ଆଇଆରବିଏନ ବାଟାଲିୟନ ପରିସରରୁ ବୁଧବାର ଜଣେ କନଷ୍ଟେବଳଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହକୁ ଖୋର୍ଦ୍ଧା ଟାଉନ ପୋଲିସ ଉଦ୍ଧାର କରିଛି। ସେ ହେଲେ କେନ୍ଦ୍ରପଡ଼ା ଅଞ୍ଚଳର କନଷ୍ଟେବଳ ସୁବ୍ରତ ରାଉତ। ପରେ ଟାଉନ ଥାନାଧିକାରୀ ଉମାଶଙ୍କର ସିଂ ଏବଂ ଖୋର୍ଦ୍ଧା ତହସିଲଦାର ପଦ୍ମଚରଣ ସାହୁ ପହଞ୍ଚି ଘଟଣାର ଅନୁଧାନ କରିବା ସହ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଛି। ସୂଚନା ଅନୁଯାୟୀ, ସୁବ୍ରତ ଗତ କିଛି ଦିନ ହେବ ଖୋର୍ଦ୍ଧା ଷଷ୍ଠ ବାଟାଲିୟନରେ କନଷ୍ଟେବଳ ଭାବେ ଯୋଗ ଦେଇଥିଲେ। ବୁଧବାର ଅପରାହ୍ନ ୪ଟା ସମୟରେ ତାଙ୍କ କୋଠରି ଭିତରେ କେହି ନ ଥିବା ବେଳେ ସେ ଏକା ଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଭିତର ପଟୁ କବାଟ ବନ୍ଦ ରହିଥିବା ଦେଖି କେତେଜଣ ସହଯୋଗୀ ଏ ନେଇ ବାଟାଲିୟନ କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ଝରକା ପଟୁ ଦେଖିବାବେଳେ ସୁବ୍ରତ ବେକରେ ରସି ଲଗାଇ ପଙ୍ଖାରେ ଝୁଲୁଥିଲେ। ପରେ ବାଟାଲିୟନ ପକ୍ଷରୁ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ତଦନ୍ତ ଚଳାଇଥିଲେ ମଧ ମୃତ୍ୟୁର କାରଣ ଜଣାପଡ଼ି ନାହିଁ।

### ବ୍ରିଜ୍ ତଳୁ ବୃଦ୍ଧାଙ୍କ ମୃତଦେହ ମିଳିଲା

**ପିପିଲି,୨୮।୧୦(ସ୍ୱ.ପ୍ର.):** ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ତେଇସିପୁର ବଜାର ନିକଟ ଦେଇ ଯାଇଥିବା ସଫେଇ ନାଳ ପୋଲ ତଳୁ ଜଣେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ନିକଟବର୍ତ୍ତୀ ନିର୍ମଳା ଗ୍ରାମର ଆଶା ଖଟେଇ(୭୦) ଓ ସେ ଗତ ସୋମବାର ଠାରୁ ନିଖୋଜ ଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ଜଣେ ବ୍ୟକ୍ତି ସକାଳୁ ତାଙ୍କ ଜମିକୁ ଯିବା ବାଟରେ ମୃତଦେହ ପାଣିରେ ଭାସୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ପିପିଲି ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି ଓ ସାତଶଙ୍ଖ ଫାଣ୍ଡି ଅଧିକାରୀ ବି.ଭି. ପ୍ରସାଦ ଦାଶ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ମୃତଦେହକୁ ପାଣିରୁ ଉଦ୍ଧାର କରିଥିଲେ। ଏ ନେଇ ପିପିଲି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୬/୨୦) ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି।

### ଡକାୟତି ଯୋଜନା, ୪ ଗିରଫ

**ଜଟଣୀ,୨୮।୧୦(ଡି.ଏନ୍.ଏ.):** ଡକାୟତି ପାଇଁ ଯୋଜନା କରୁଥିବା ବେଳେ ଜଟଣୀ ଥାନା ପୋଲିସ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ପଦନପୁର ଗ୍ରାମର ରଘୁନାଥ ଦାସ, ଖୁଦୁପୁରର ଜିତେନ୍ଦ୍ର ରାଉତରାୟ, ଚିନ୍ମୟ ସାମନ୍ତରାୟ, ବଡ଼ତୋଟା ଗ୍ରାମର ଶମ୍ଭୁନାଥ ନାୟକ। ସେମାନଙ୍କଠାରୁ କଟୁରି, ଛୁରି, ଲୁହାରଡ଼ ଓ ୨ଟି ବାଇକ୍ ପୋଲିସ ଜବତ କରିଛି। ଏ ନେଇ ଥାନାରେ ନଂ.୪୧୭/୨୦ରେ ମାମଲା ରୁଜୁ ହୋଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ସ୍ଥାନୀୟ ବାଛରା ଓ ପାତ୍ରପଡ଼ା ଗ୍ରାମ ରାସ୍ତାର ଏକ ନିକାଞ୍ଚନ ସ୍ଥାନରେ ଏହି ୪ଜଣ ଡକାୟତି ପାଇଁ ଯୋଜନା କରୁଥିବା ଖବରପାଇ ପୋଲିସ ଚଢ଼ାଉ କରି ଏମାନଙ୍କୁ ଧରିଥିଲେ।

# ଶିଳ୍ପୀ ସମ୍ବର୍ଦ୍ଧନାରେ ଅବହେଳା

- ପରଲୋକ ଗମନ କଲେଣି ୫ ଶିଳ୍ପୀ
- ଧର୍ମପଦ ଦେଇ ଚୁପ୍ ବସିଛି ବିଭାଗ

**ଭୁବନେଶ୍ୱର,୨୮।୧୦(ବ୍ୟୁରୋ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡିଶା ଲଳିତ କଳା ଏକାଡେମୀ ପକ୍ଷରୁ ଧର୍ମପଦ ପୁରସ୍କାର ସହ ଶିଳ୍ପୀ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି। ଧର୍ମପଦ ପୁରସ୍କାର ଓଡ଼ିଶାରେ ଚାରୁକଳା କ୍ଷେତ୍ରରେ ଦିଆଯାଉଥିବା ସର୍ବୋଚ୍ଚ ସମ୍ମାନ ହୋଇଥିବାବେଳେ ପ୍ରତିବର୍ଷ ଜଣେ ବ୍ୟକ୍ତିଙ୍କୁ ଏହି ସମ୍ମାନ ଦିଆଯିବାର ବ୍ୟବସ୍ଥା ରହିଛି। ସେହିଭଳି ବରିଷ୍ଠ ଶିଳ୍ପୀମାନଙ୍କୁ ଏକାଡେମୀ ପକ୍ଷରୁ ଶିଳ୍ପୀ ସମ୍ବର୍ଦ୍ଧନା ଦିଆଯାଉଛି। ତେବେ ବହୁ ବାଦବିବାଦ ମଧ୍ୟରେ ଦୀର୍ଘ ୭ବର୍ଷ ଧରି ଅଟକି ରହିଥିବା ଧର୍ମପଦ ପୁରସ୍କାରର ଭାଗ୍ୟ ଚଳିତ ବର୍ଷ ଖୋଲିଥିଲା। ଗତ ଅଗଷ୍ଟରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ତେବେ ଏକାଡେମୀ ପକ୍ଷରୁ ୨୦୧୫ରେ ଘୋଷଣା ହୋଇଥିବା ଧର୍ମପଦ ପୁରସ୍କାର ଓ ଶିଳ୍ପୀ ସମ୍ବର୍ଦ୍ଧନା ଏକାସଙ୍ଗେ ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ହେଲେ ବିଭାଗ ପକ୍ଷରୁ ୭ଜଣ ଶିଳ୍ପୀଙ୍କୁ କେବଳ ଧର୍ମପଦ ପୁରସ୍କାର ପ୍ରଦାନ କରାଗଲା। ୧୦ଜଣ ବରିଷ୍ଠ ଶିଳ୍ପୀଙ୍କ ନାମ ଶିଳ୍ପୀ ସମ୍ବର୍ଦ୍ଧନା ପାଇଁ ଘୋଷଣା ହୋଇଥିଲେ ମଧ ସେମାନଙ୍କୁ ଏକାଡେମୀ ସମ୍ବର୍ଦ୍ଧିତ କଲାନାହିଁ। ସମ୍ବର୍ଦ୍ଧିତ ହେବାକୁ ଥିବା ଏହି ଶିଳ୍ପୀଙ୍କ ମଧ୍ୟରୁ ଇତିମଧ୍ୟରେ ୫ଜଣଙ୍କ ମୃତ୍ୟୁ ଘଟିସାରିଲାଣି। ଏହାସତ୍ତ୍ୱେ ବି ବିଭାଗ ପକ୍ଷରୁ ପୁରସ୍କାର ପ୍ରଦାନ ନେଇ ତତ୍ପରତା ପ୍ରକାଶ ପାଉନାହିଁ। ଏପରି ଅବହେଳା ଯୋଗୁ ଶିଳ୍ପୀଙ୍କୁ ଜୀବିତ ଅବସ୍ଥାରେ ସେମାନଙ୍କ ନାର୍ଯ୍ୟ ସମ୍ମାନ ପ୍ରଦାନ କରିବାକୁ ଦାବିହୋଇଛି।

ଧର୍ମପଦ ପୁରସ୍କାର ପାଇଁ ବାଟ ଫିଟିବା ପରେ ପ୍ରଥମେ ୨୦୦୯ରୁ ୨୦୧୫ ପର୍ଯ୍ୟନ୍ତ ୭ ବର୍ଷ ପାଇଁ ୭ଜଣ ବିଶିଷ୍ଟ ଶିଳ୍ପୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ପରଲୋକ ଗମନ କରିଥିବା ପଟ୍ଟଚିତ୍ର ଶିଳ୍ପୀ ସ୍ୱର୍ଗତ ଗୋକୁଳ ବିହାରୀ ପଟ୍ଟନାୟକ, ଚିତ୍ର ଓ ମଞ୍ଚଶିଳ୍ପୀ ସ୍ୱର୍ଗତ ଅସୀମ ବସୁ, ଶିଳ୍ପୀ ଓ କଳା ସମାଲୋଚକ ସ୍ୱର୍ଗତ ଡ. ଦିନନାଥ ପାଠୀଙ୍କୁ ପ୍ରଥମଥର ଲାଗି ଏକାଡେମୀ ମରଣୋତ୍ତରଭାବେ ସମ୍ମାନିତ କରିଥିଲା। ହେଲେ୨୦୧୪ ପାଇଁ ଏକାଡେମୀ ପକ୍ଷରୁ ସ୍ୱର୍ଗତ ଚିତ୍ରଶିଳ୍ପୀ ଶରତ କୁମାର ରଥ, ସ୍ୱର୍ଗତ ହରିସିହ୍ନା ବାବୁ, ସ୍ୱର୍ଗତ ଭାସ୍କର୍ଯ୍ୟ ଶିଳ୍ପୀ ଦେବରାଜ ସାହୁ, ସ୍ୱର୍ଗତ ଭାସ୍କର୍ଯ୍ୟ ଶିଳ୍ପୀ ପ୍ରମୋଦ ମହାନ୍ତି ଏବଂ ଚିତ୍ରଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର ମନୋନୀତ ହୋଇଥିଲେ ମଧ ସେମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇନାହିଁ। ସେହିଭଳି ୨୦୧୫ ଲାଗି ଚିତ୍ରଶିଳ୍ପୀ ଚନ୍ଦ୍ରମଣୀ ବିଶ୍ୱାଳ, ସ୍ୱର୍ଗତ ଚିତ୍ରଶିଳ୍ପୀ ଚିତ୍ରା ପଟ୍ଟନାୟକ, ଚିତ୍ରଶିଳ୍ପୀ କୈଳାସ ମେହେର, ରାମହରି ଜେନା ଏବଂ ଶୈଳବାଳା ନାୟକଙ୍କୁ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯିବାର ଥିଲା। ହେଲେ ତାହା ବି ହୋଇପାରିନାହିଁ। ଏମାନଙ୍କ ମଧ୍ୟରୁ ଶରତ କୁମାର ରଥ, ପ୍ରମୋଦ ମହାନ୍ତି, ହରିସିହ୍ନା ବାବୁ, ଦେବରାଜ ସାହୁ ଏବଂ ଚିତ୍ରା ପଟ୍ଟନାୟକ ପରଲୋକ ଗମନ କରିସାରିଲେଣି। ଏହାପରେ ବି ବିଭାଗର ଚେତା ପଶୁନି। ଶିଳ୍ପୀଙ୍କୁ ଜୀବିତ ଅବସ୍ଥାରେ ସେମାନଙ୍କ ହକ୍ ଦେବା ପରିବର୍ତ୍ତେ ମରଣୋତ୍ତରଭାବେ ଦିଆଯାଉଛି। ଏହା ସେମାନଙ୍କ ପ୍ରତି କେଉଁଭଳି ସମ୍ମାନ ବୋଲି ବରିଷ୍ଠ ଶିଳ୍ପୀମାନେ ପ୍ରଶ୍ନ ଉଠାଇଛନ୍ତି।

ଅନ୍ୟପକ୍ଷରେ ଏକଡେମୀର ସମ୍ବର୍ଦ୍ଧନା ପର୍ବ ସରି ନ ଥିବାବେଳେ ଏପଟେ ୨୦୧୫ରୁ ୨୦୨୦ ପର୍ଯ୍ୟନ୍ତ ୫ବର୍ଷ ନିମନ୍ତେ ଧର୍ମପଦ ପୁରସ୍କାର ଲାଗି ମନୋନୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଚୟନ କମିଟି ଗଠନ କରାଯାଇ ପ୍ରତିଭାଙ୍କ ମନୋନୟନ କରାଯାଉଛି। ଏନେଇ ଏକାଡେମୀ ସଚିବ ଗଜେନ୍ଦ୍ର ସାହୁ କହିଛନ୍ତି, ଧର୍ମପଦ ପୁରସ୍କାର ୧୨ବର୍ଷ ଧରି ଦିଆଯାଇ ନ ଥିବାରୁ ଏହା ଗୁରୁତ୍ୱପୂର୍ଣ୍ଣ ଥିଲା। ଯତିନ୍ ଦାସଙ୍କୁ ଛାଡ଼ି ସମସ୍ତ ଶିଳ୍ପୀ ଭୁବନେଶ୍ୱରର ହୋଇଥିବାରୁ ସେମାନଙ୍କ ବାସଭବନକୁ ଯାଇ ପୁରସ୍କାର ଦେବାରେ ଅସୁବିଧା ହେଲାନାହିଁ। ହେଲେ ସମ୍ବର୍ଦ୍ଧିତ ପ୍ରତିଭାମାନେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରେ ହୋଇଥିବାରୁ ବିଭାଗୀୟ ମନ୍ତ୍ରୀ ବର୍ତ୍ତମାନର କୋଭିଡ୍ ପରିସ୍ଥିତିରେ ଚାରିଆଡ଼େ ବୁଲି ସମ୍ବର୍ଦ୍ଧିତ କରିବା ସମ୍ଭବ ହେଲାନାହିଁ। ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧନା ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ମନ୍ତ୍ରୀ, ସଚିବ କରୋନା ଲାଗି ବ୍ୟସ୍ତ ଥିବାରୁ ସମ୍ବର୍ଦ୍ଧନା ଦେବା ସମ୍ଭବ ହେଉ ନ ଥିବା ସେ କହିଛନ୍ତି।



# ବିପଦ ସାଜିଲା ବ୍ଲୁ ଫ୍ଲାଗ୍ ବିଚ୍

> ସମୁଦ୍ରରୁ ଛାତ୍ରଙ୍କ ମୃତଦେହ ଉଦ୍ଧାର
>
> ଜିଲାପାଳ, ବ୍ଲୁ ଫ୍ଲାଗ ବିଚ୍ ପରିଚାଳନା ସଂସ୍ଥା ନାଁରେ ଏତଲା

**ପୁରୀ ଅଫିସ,୨୮।୧୦**

ବ୍ଲୁ ଫ୍ଲାଗ ବିଚ୍ ବାଥିଂ ଜୋନ୍‌ରେ ଗାଧୋଉଥିବାବେଳେ ବୁଡ଼ିଯାଇଥିବା ଜଣେ ଯୁକ୍ତ ଦୁଇ ଛାତ୍ରଙ୍କ ମୃତଦେହ ବୁଧବାର ହୋଟେଲ ପିଙ୍କ୍ ହାଉସ୍ ପଛ ସମୁଦ୍ରରୁ ଉଦ୍ଧାର କରାଯାଇଛି। ସେ ହେଲେ ଝାଡଖଣ୍ଡ ରାଞ୍ଚିର ବିନୟ ରାଏଙ୍କ ପୁଅ ତନୀଷ ବିନୟ(୧୬)। ସେ ପରିବାର ସହ ପୁରୀ ବୁଲିବାକୁ ଆସିଥିଲେ। ମଙ୍ଗଳବାର ବ୍ଲୁ ଫ୍ଲାଗ ବିଚ୍‌ରେ ଗାଧୋଉଥିବାବେଳେ ହଠାତ୍ ଭାସି ଯାଇଥିଲେ। ସେଠାରେ ମୁତୟନ ଲାଇଫ୍‌ଗାର୍ଡମାନେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ମଧ୍ୟାହ୍ନ ପ୍ରାୟ ୧୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅଗ୍ନିଶମ ବାହିନୀର ଗୋଟିଏ ଟିମ୍ ନୂଆନଈଠାରୁ ହୋଟେଲ ଷ୍ଟର୍ଲିଂ ପର୍ଯ୍ୟନ୍ତ ସମୁଦ୍ରରେ ଖୋଜାଖୋଜି କରିଥିଲେ ମଧ ତନୀଷଙ୍କର ସନ୍ଧାନ ପାଇ ନ ଥିଲେ। ବୁଧବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ହୋଟେଲ ପିଙ୍କ୍ ହାଉସ୍ ପଛ ପାର୍ଶ୍ୱ ସମୁଦ୍ରରେ ତନୀଷଙ୍କ ମୃତଦେହ ଭାସୁଥିବା ଦେଖି ଅଗ୍ନିଶମ କର୍ମଚାରୀ ଉଦ୍ଧାର କରିଥିଲେ।

ବ୍ଲୁଫ୍ଲାଗବିଚ୍‌ରେ ଗାଧୋଇବାବେଳେ ଏହି ଅଘଟଣ ଘଟିଥିବାରୁ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ବୁଧବାର ଜିଲାପାଳ ଏବଂ ବ୍ଲୁ ଫ୍ଲାଗ ବିଚ୍ ପରିଚାଳନା ସଂସ୍ଥା ନାଁରେ ସମୁଦ୍ରକୂଳ ଥାନାରେ ଏତଲା ଦିଆଯାଇଛି। ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଏହି ଏତଲା ଦେଇଛନ୍ତି। ସେ ଏତଲାରେ ଦର୍ଶାଇଛନ୍ତି, ପ୍ରାୟ ପ୍ରତିବର୍ଷ ଝଡ଼ ତୋଫାନ ଭଳି ପ୍ରାକୃତିକ ଦୁର୍ବିପାକକୁ ସାମ୍ନା କରିଥାଏ ପୁରୀ ବେଳାଭୂମି। ଅନେକ ସମୟରେ ଜୁଆର ରାସ୍ତା ପର୍ଯ୍ୟନ୍ତ ମାଡ଼ି ଆସିଥାଏ। ହେଲେ ତରବରିଆ ଭାବେ ଏହାକୁ ବ୍ଲୁ ଫ୍ଲାଗ ବିଚ୍ ଭାବେ ଘୋଷଣା କରାଯିବା ଏବଂ ଏଠାରେ ଗାଧୋଇବାବେଳେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିବା ପରେ ଏଠାରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ଏଥିପାଇଁ ଜିଲା ପ୍ରଶାସନକୁ ଦାୟୀ କରି ଜିଲାପାଳ ଏବଂ ବିଚ୍ ପରିଚାଳନା ସଂସ୍ଥା ନାଁରେ ଥାନାରେ ଏତଲା ଦିଆଯାଇଛି। ଗତ ୧୧ ତାରିଖରେ ପୁରୀର ସ୍ୱର୍ଣ୍ଣାଭ ବେଳାଭୂମିକୁ ବ୍ଲୁ ଫ୍ଲାଗର ମାନ୍ୟତା ମିଳିଛି। ୩୩ଟି ମାନଦଣ୍ଡକୁ ପୂରଣ କରିବା ପରେ ଏହି ଅନ୍ତର୍ଜାତୀୟ ସଫଳତା ପାଇଥିଲା ପୁରୀ ବେଳାଭୂମୀ। ଯେଉଁଥିରେ ସୁରକ୍ଷିତ ସ୍ନାନ ଥିଲା ଅନ୍ୟତମ। ମାତ୍ର ବ୍ଲୁଫ୍ଲାଗ ମାନ୍ୟତା ମିଳିବାର ୧୬ ଦିନ ମଧ ଏଠାରେ ଘଟିଛି ଏହି ବଡଧରଣର ଅଘଟଣ। ଫଳରେ ଏଠାରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ବଡ଼ ଯାଆ ମାଡ଼ରେ ସାନ ମୃତ

**ଖୋର୍ଦ୍ଧା ଅଫିସ/ ନିରାକାରପୁର (ଡି.ଏନ୍.ଏ.) ୨୮।୧୦**

ଜଙ୍କିଆ ଥାନାର ସିକୋ ଫାଣ୍ଡି ଅଧୀନ ଟାଙ୍ଗୋଳ ପଞ୍ଚାୟତ ପଣ୍ଡା ସାହିରେ ବୁଧବାର ବଡ଼ ଯାଆର ମାଡ଼ରେ ସାନ ଯାଆର ମୃତ୍ୟୁ ହୋଇଛି। ମୃତା ହେଲେ ଏହି ସାହିର ସର୍ବେଶ୍ୱର ପେଣ୍ଠୋଇଙ୍କ ସ୍ତ୍ରୀ ଜେମା ପେଣ୍ଠୋଇ। ଖବରପାଇ ପୋଲିସ ପହଞ୍ଚି ବଡ଼ ଯାଆ ଓ ତାଙ୍କ ସ୍ୱାମୀଙ୍କୁ ଅଟକ ରଖିଛି। ଅନ୍ୟପଟେ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲ ପଠାଯାଇଛି। ସୂଚନାଯୋଗ୍ୟ, ସର୍ବେଶ୍ୱର ବାହାରେ ଚାକିରି କରୁଥିବାବେଳେ ଜେମା ୨ ଝିଅପୁଅଙ୍କୁ ନେଇ ଶାଶୂଘରେ ରହୁଥିଲେ। ତେବେ ପାରିବାରିକ ସମସ୍ୟାକୁ ନେଇ ଅଧିକାଂଶ ଜେମା ଓ ଶାଶୁଘର ଲୋକଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିଲା। ବୁଧବାର ମଧ କୌଣସି କାରଣକୁ ନେଇ ଜେମା ଓ ବଡ଼ ଯାଆଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ବଡ଼ ଯା ଜେମାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଜେମାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

# ବୁଣାକାରଙ୍କ ଦକ୍ଷତା ବିକାଶକୁ ଗୁରୁତ୍ୱ

> ବରଗଡ଼ର ୧ ହଜାର ବୁଣାକାରଙ୍କୁ ଇଡିଆଇଆଇର ପ୍ରଶିକ୍ଷଣ

**ଭୁବନେଶ୍ୱର,୨୮।୧୦(ବ୍ୟୁରୋ)**

ହସ୍ତତନ୍ତ ଶିଳ୍ପକୁ ଆହୁରି ବ୍ୟାପକ ତଥା ସୁଦୃଢ଼ କରିବା ପାଇଁ ବୁଣାକାରଙ୍କ ଦକ୍ଷତା ବିକାଶକୁ ଗୁରୁତ୍ୱ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଏଣ୍ଟରପ୍ରିନିୟୋର୍‌ସିପ୍ ଡେଭଲପ୍‌ମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଇଡିଆଇଆଇ) ପକ୍ଷରୁ 'ହ୍ୟାଣ୍ଡମେଡ୍ ଇନ୍ ଇଣ୍ଡିଆ' ପ୍ରକଳ୍ପ ଅଧୀନରେ ବରଗଡ଼ ଜିଲାର ୧ ହଜାରରୁ ଊର୍ଦ୍ଧ୍ୱ ହସ୍ତତନ୍ତ ବୁଣାକାରଙ୍କୁ ବିଜନେସ୍ ଡେଭେଲପମେଣ୍ଟ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ହସ୍ତତନ୍ତ ମୂଲ୍ୟ ଶୃଙ୍ଖଳାକୁ ସୁଦୃଢ଼ କରିବା ଏବଂ ବୁଣାକାରଙ୍କୁ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟରେ ବରଗଡ଼ଠାରେ ଏହି ପ୍ରଶିକ୍ଷଣର ଆୟୋଜନ କରାଯାଇଥିଲା। ବରଗଡ଼ ହ୍ୟାଣ୍ଡଲୁମ୍ କ୍ଲଷ୍ଟରରେ କ୍ରେଡିଟ ଲିଙ୍କେଜ, ବଜାର ଲିଙ୍କେଜ, ଡିଜାଇନ ଡେଭଲପ୍‌ମେଣ୍ଟ, ସ୍କିଲ୍ ଡେଭଲପ୍‌ମେଣ୍ଟ ଓ ଏଣ୍ଟରପ୍ରାଇଜ ଆଦି ବିଷୟରେ ବୁଣାକାରଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଏହାବ୍ୟତୀତ ଗୁଜରାଟର ସୁରେନ୍ଦ୍ରନଗର ଓ ଭୂଜ, ଆସାମର କାମରୁପ, ମଧ୍ୟପ୍ରଦେଶର ମହେଶ୍ୱର ଏବଂ ତାମିଲନାଡୁର ସାଲେମ ଅଞ୍ଚଳର ପ୍ରାୟ ୩ହଜାରରୁ ଊର୍ଦ୍ଧ୍ୱ ବୁଣାକାରଙ୍କୁ ପ୍ରଥମ ପର୍ଯ୍ୟାୟରେ ପ୍ରଶିକ୍ଷଣ ଦିଆଯାଇଛି। ପରିବର୍ତ୍ତିତ ସମୟ ଓ ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଡିଜାଇନ୍‌ରେ ପରିବର୍ତ୍ତନ ଆଣିବା ଓ ଉତ୍ପାଦରେ ବିବିଧତା ଆଣିବାକୁ କୁହାଯାଇଛି। ସେହିଭଳି ଡିଜିଟାଲ କ୍ଷେତ୍ରରେ ଯେପରି ବୁଣାକାରମାନେ ନିଜକୁ ସକ୍ରିୟ କରିବେ, ଇ-କମର୍ସ ପୋର୍ଟାଲ ଓ ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରିପାରିବେ ସେଥିଲାଗି ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଛି। ଏହାବାଦ୍ ବୁଣାକାରଙ୍କ ଦକ୍ଷତା ବିକାଶ, ନୂଆ ବିପଣନ ରଣନୀତି ବିଷୟରେ ସେମାନଙ୍କୁ ଅବଗତ କରିବା, ଋଣ ଉପଲବ୍ଧତା ନିଶ୍ଚିତ କରିବା ଏବଂ ନୂଆ ପିଢ଼ିକୁ ହସ୍ତତନ୍ତ କ୍ଷେତ୍ରକୁ ଆସିବା ଲାଗି ଉତ୍ସାହିତ କରିବାକୁ ଇଡିଆଇଆଇ ପଦକ୍ଷେପ ନେଇଛି। ବିଶେଷକରି ବରଗଡ଼ର ବୁଣାକାରମାନେ ଏହାଦ୍ୱାରା ବିଶେଷ ଉପକୃତ ହେବେ ବୋଲି ଇଡିଆଇଆଇ ପକ୍ଷରୁ କୁହାଯାଇଛି।

# ଲୁଟେରାଙ୍କ ସହ ଲଢ଼ି ଜୀବନ ବଞ୍ଚାଇଲେ ଇଞ୍ଜିନିୟର

**ଭୁବନେଶ୍ୱର,୨୮।୧୦ (ବ୍ୟୁରୋ)**

ରାଜଧାନୀରେ ଲୁଟେରାଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀବିହାର ଅଞ୍ଚଳରେ ପ୍ରାତଃଭ୍ରମଣ କରିବାକୁ ଯାଇଥିବା ଇଞ୍ଜିନିୟର ସତ୍ୟନାରାୟଣ ମିଶ୍ରଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରି ଲୁଟ୍ ଉଦ୍ୟମ ହୋଇଛି। ତେବେ ଆକ୍ରମଣବେଳେ ନିଜର ସାହସ ଦେଖାଇ ସତ୍ୟନାରାୟଣ ଲୁଟେରାଙ୍କ ସହ ଲଢି ଖଣ୍ଡା ଛଡ଼ାଇ ନେଇଯିବାରୁ ଲୁଟେରାମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲେ ମଧ ଖବର ଲେଖାହେବା ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ କୌଣସି ପତ୍ତା ମିଳିପାରି ନାହିଁ।

ସୂଚନା ମୁତାବକ ଚନ୍ଦ୍ରଶେଖପୁର ଥାନା ଅନ୍ତର୍ଗତ ଶୈଳଶ୍ରୀ ବିହାର ପ୍ଲଟ ନଂ ଜିଏ/୨୪୯ରେ ବରିଷ୍ଠ ଇଞ୍ଜିନିୟର ସତ୍ୟନାରାୟଣ ରୁହନ୍ତି। ମଙ୍ଗଳବାର ସକାଳୁ ସେ ପ୍ରାତଃଭ୍ରମଣରେ ବାହାରଥିଲେ। ସେ ଫୁଲ ତୋଳୁଥିବାବେଳେ ୨ଜଣ ଲୁଟେରା ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ସତ୍ୟନାରାୟଣଙ୍କ ହାତରେ ଗଭୀର ଆଘାତ ଲାଗିଥିବା ସତ୍ତ୍ୱେ ନିଜ ଜୀବନକୁ ବଞ୍ଚାଇବାକୁ ଯାଇ ସେ ଲୁଟେରାଙ୍କଠାରୁ ଖଣ୍ଡାକୁ ଛଡ଼ାଇ ନେଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ଓ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚି ସତ୍ୟନାରାୟଣଙ୍କୁ ହସ୍ପିଟାଲ ପଠାଇଥିଲେ। ଗତ ୨୦ତାରିଖରେ ଶୈଳଶ୍ରୀ ବିହାର ଅଞ୍ଚଳରେ ଜଣେ ବରିଷ୍ଠ ନାଗରିକ ଶାନ୍ତିଲତା ବେହେରା(୬୯) ପ୍ରାତଃଭ୍ରମଣ କରୁଥିବାବେଳେ ୨ଲୁଟେରା ଆକ୍ରମଣ କରି କାନ ଫୁଲ ମଧ ଛଡ଼ାଇ ନେଇଥିଲେ।

# ମନ୍ଦିର ଖୋଲିବା ଦାବିରେ ଘଣ୍ଟ ପିଟିଲେ

**ପୁରୀ ଅଫିସ, ୨୮।୧୦**

କରୋନା ପାଇଁ ୭ ମାସରୁ ଊର୍ଦ୍ଧ୍ୱ ସମୟ ହେଲାଣି ଶ୍ରୀମନ୍ଦିର ସମେତ ରାଜ୍ୟର ଅନ୍ୟ ମନ୍ଦିରଗୁଡ଼ିକୁ ଭକ୍ତଙ୍କୁ ଛଡାଯାଉନାହିଁ। ଭକ୍ତଙ୍କ ପ୍ରବେଶ ଉପରେ କଟକଣା ଥିବାରୁ ଏହାର ପ୍ରଭାବ ପଡିଛି ସେବାୟତ ଓ ପୂଜକଙ୍କ ଉପରେ। ସେମାନଙ୍କ ଚଳିବା କଷ୍ଟକର ହୋଇପଡିଛି। ତେଣୁ ଶ୍ରୀମନ୍ଦିର ସମେତ ରାଜ୍ୟର ଅନ୍ୟ ଦେବଦେବୀ ପୀଠ ତୁରନ୍ତ ଖୋଲିବା ଦାବିରେ ବୁଧବାର ଓଡ଼ିଶାର ବିଭିନ୍ନ ମନ୍ଦିର ଆଗରେ ଓଡ଼ିଶା ମନ୍ଦିର ସେବାୟତ ସଂଘ ପକ୍ଷରୁ ଘଣ୍ଟ, ଘଣ୍ଟି ବଜାଯାଇଛି। ଏହି ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ସମ୍ମୁଖରେ ଓଡ଼ିଶା ମନ୍ଦିର ସେବାୟତ ସଂଘ ସମ୍ପାଦକ ସିଂହାରୀ ଆଲୋକ ଖୁଣ୍ଟିଆ ଘଣ୍ଟ ବଜାଇ ପ୍ରତିବାଦ କରିଛନ୍ତି। ରାଜ୍ୟର ପ୍ରାୟ ସବୁ ସ୍ୱାଭାବିକ ହୋଇଯାଇଥିବାବେଳେ ଭକ୍ତଙ୍କୁ କାହିଁକି ମନ୍ଦିର ଭିତରକୁ ଛଡାଯାଉନାହିଁ ବୋଲି ସେ ପ୍ରଶ୍ନ କରିବା ସହ ରାଜ୍ୟ ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି ଦାବି କରିଥିଲେ।



ଶ୍ରୀମନ୍ଦିର ସମ୍ମୁଖରେ ଜଣେ ସେବାୟତ ଘଣ୍ଟ ବଜାଇ ପ୍ରତିବାଦ କରୁଛନ୍ତି।

# ଅକାଳରେ ଚାଲିଗଲା ୪ ଜୀବନ

## କୂଅରୁ ମା' ପୁଅଙ୍କ ମୃତଦେହ ଉଦ୍ଧାର

**ନିରାକାରପୁର,୨୮।୧୦(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଗୋଡ଼ିପଡ଼ା ପଞ୍ଚାୟତ ଟାଙ୍ଗୀ ସାହିରେ ବୁଧବାର ଏକ କୂଅରୁ ଜଣେ ମା ପୁଅଙ୍କ ମୃତଦେହ ଦମକଳ ବାହିନୀ ଉଦ୍ଧାର କରିଛି। ମୃତା ହେଲେ ଏହି ସାହିର ମନୋଜ କୁମାର ଶ୍ରୀଚନ୍ଦନଙ୍କ ସ୍ତ୍ରୀ ବର୍ଷା ଓ ତାଙ୍କ ୬ବର୍ଷର ପୁଅ। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ମନୋଜ ଓ ବର୍ଷା କୌଣସି କାରଣକୁ ନେଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଝଗଡ଼ା ଲାଗିଥିଲା। ତେବେ ବୁଧବାର ଅପରାହ୍ନରେ ବର୍ଷାଙ୍କ ପଡ଼ୋଶୀରେ ରହୁଥିବା ଜଣେ ମହିଳା ନିକଟସ୍ଥ କୂଅକୁ ପାଣି ପାଇଁ ଯାଇଥିଲେ। ଏହି ସମୟରେ କୂଅ ଭିତରେ ଜଣେ ଛୋଟ ପିଲାର ମୃତଦେହ ଭାସୁଥିବାର ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଖବରପାଇ ଖୋର୍ଦ୍ଧା ଦମକଳ ବାହିନୀ ଓ ଟାଙ୍ଗୀ ଦମକଳ ବାହିନୀ ପହଞ୍ଚି ଦେଖିବାବେଳେ ଜଣେ ମହିଳାଙ୍କ ମୃତଦେହ ମଧ ଭିତରେ ପଡ଼ିଥିବା ଜାଣିଥିଲେ। ତେବେ ଉଭୟଙ୍କୁ ଉଦ୍ଧାର କରିବାରୁ ତାହା ବର୍ଷା ଓ ତାଙ୍କ ପୁଅର ମୃତଦେହ ବୋଲି ଜଣାପଡ଼ିଥିଲା। ପରେ ଜଙ୍କିଆ ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ସରକାରୀ ମେଡିକାଲକୁ ପଠାଇଛି। ଅନ୍ୟପଟେ ଘଟଣାସ୍ଥଳରେ ବର୍ଷାଙ୍କ ସ୍ୱାମୀ ମନୋଜ ଫେରାର ହୋଇଯାଇଛନ୍ତି। ଉଲ୍ଲେଖଯୋଗ୍ୟ, ୭/୮ବର୍ଷ ତଳେ ମନୋଜ ଖୋର୍ଦ୍ଧା ଗଡ଼ହଳଦିଆ ଗ୍ରାମର ବର୍ଷାଙ୍କୁ ବିବାହ କରିଥିଲେ। ତାଙ୍କର ୬ବର୍ଷର ପୁଅ ଓ ଅଢେଇ ବର୍ଷର ଝିଅ ରହିଛନ୍ତି। କିଛିଦିନ ହେବ ଉଭୟଙ୍କ ମଧ୍ୟରେ ଝଗଡ଼ା ହେଉଥିବାରୁ ଝିଅକୁ ବଡ଼ବାପାଙ୍କ ଘରେ ଛାଡ଼ି ଦେଇଥିଲେ।

## ନଦୀରେ ବୁଡ଼ି କଲେଜ ଛାତ୍ରଙ୍କ ମୃତ୍ୟୁ

> ସେଲ୍‌ଫି ନେବା ହେଲା କାଳ

**ନିରାକାରପୁର, ୨୮।୧୦(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ରାମେଶ୍ୱର ପଞ୍ଚାୟତ ନିକଟରେ ଥିବା ମନ୍ଦାକିନୀ ନଦୀରେ ବୁଡ଼ି ବୁଧବାର ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନିରାକାରପୁର ପଞ୍ଚାୟତ ଷ୍ଟେଶନ ନିକଟ ରଥ କଲୋନୀର ଆଦର୍ଶ ମିଶ୍ର ଓରଫ ଗୁଡୁ(୧୬)। ତାଙ୍କ ନିଜ ଘର ପୁରୀ ଜିଲା କଣାସ ବ୍ଲକ୍ ଚନ୍ଦ୍ରମାପାଟପୁର ହୋଇଥିବାବେଳେ ତାଙ୍କ ପରିବାର କିଛି ବର୍ଷ ହେବ ନିରାକାରପୁରରେ ରହି ଆସୁଛନ୍ତି। ସୂଚନା ଅନୁଯାୟୀ, ବୁଧବାର ଗୁଡୁ ସମେତ ତାଙ୍କର କେତେଜଣ ସାଙ୍ଗ ଏହି ନଦୀ କୂଳରେ ଭୋଜି କରିବା ପାଇଁ ଆସିଥିଲେ। ଭୋଜି ଚାଲିଥିବା ବେଳେ ସେମାନେ ନଦୀକୂଳରେ ରହି ସେଲ୍‌ଫି ନେଉଥିଲେ। ଏହି ସମୟରେ ଗୁଡୁ ପାଣିରେ ବୁଡ଼ି ଯିବାରୁ ସାଙ୍ଗମାନେ ପାଟି କରି ପାଖରେ ଭୋଜି କରୁଥିବା ଅନ୍ୟ ଲୋକମାନଙ୍କୁ ଜଣାଇଥିଲେ। ଖବରପାଇ ଟାଙ୍ଗୀ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗୁଡୁକୁ ପାଣିରୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ତେବେ ଗୁଡୁ ସ୍ଥାନୀୟ ଅଞ୍ଚଳରେ ଥିବା ମହାବିଦ୍ୟାଳୟର ଯୁକ୍ତ୨ ପ୍ରଥମ ବର୍ଷର ବିଜ୍ଞାନ ଛାତ୍ର ଥିଲେ।

## ଉଦ୍ଧାର କରିବାକୁ ଯାଇ ନଦୀରେ ବୁଡ଼ି ଶ୍ରମିକ ମୃତ

**ବାରଙ୍ଗ/ନରାଜ,୨୮।୧୦(ଡି.ଏନ୍.ଏ.)**

ବାରଙ୍ଗ ଥାନା ଅଧୀନ ନରଣପୁର କାଠଯୋଡ଼ି ନଦୀରେ ଜଣେ ଯୁବତୀକୁ ଉଦ୍ଧାର କରିବାକୁ ଯାଇ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଝାଡ଼ଖଣ୍ଡ ରାଜ୍ୟର ବର୍ଜମଡ଼ ଗ୍ରାମର ରୋହିତ ସାହାଣି(୨୦)। ଖବରପାଇ ବାରଙ୍ଗ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ୩ଘଣ୍ଟାର ପରିଶ୍ରମ ପରେ ମୃତଦେହ ଉଦ୍ଧାର କରିଥିଲେ। ପରେ ବାରଙ୍ଗ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲ ପଠାଇଛି। ସୂଚନାଯୋଗ୍ୟ, ଗତ ୧ମାସ ହେବ ରୋହିତ ତା' ଭଉଣୀ ସହ ନରଣପୁର ନିକଟ ଏକ ଇଟାଭାଟିରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ବୁଧବାର ଦ୍ୱିପ୍ରହରରେ ଭାଟି କାମ ବନ୍ଦ ଥିବାବେଳେ ରୋହିତ ଓ ତାଙ୍କ ସାଙ୍ଗ ସନାତନ ଲୋହର ଗାଧୋଇବା ପାଇଁ କାଠଯୋଡ଼ି ନଦୀକୁ ଯାଇଥିଲେ। ଏହି ସମୟରେ ଜଣେ ଯୁବତୀ ନଦୀରେ ବୁଡ଼ିଯାଉଥିବାର ଦେଖି ୨ଜଣ ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ। ସନାତନ ଯୁବତୀଙ୍କୁ ପାଣିରୁ ଉଦ୍ଧାର କରି କୂଳକୁ ଫେରିଥିବାବେଳେ ପ୍ରଖର ସ୍ରୋତରେ ରୋହିତ ବୁଡ଼ିଯାଇଥିଲେ। ପରେ ଅଗ୍ନିଶମ ବିଭାଗ ମୃତଦେହ ଉଦ୍ଧାର କରି ପୋଲିସ ଜିମା ଦେଇଥିଲେ।

**ରାଜେଶ ନାମ୍ଭିଆର ହେବେ କଗନିଜାଣ୍ଟ ଏମ୍‌ଡି**

ପ୍ରମୁଖ ଆଇଟି କମ୍ପାନୀ କଗନିଜାଣ୍ଟର ଭାରତ ବଜାର କାରବାରର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଭାବେ ରାଜେଶ ନାମ୍ଭିଆର ଅବସ୍ଥାପିତ ହେବେ। ନଭେମ୍ବର ୯ରେ ଭାରତ ୟୁନିଟର ପ୍ରମୁଖ ପଦବୀରେ ସେ ଯୋଗ ଦେବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ତାଙ୍କର ଦୀର୍ଘ ବର୍ଷର ଅଭିଜ୍ଞତା ଓ ବହୁ ବଡ ବଡ ସଂସ୍ଥାର କାର୍ଯ୍ୟ କରିବାର ଦକ୍ଷତା ରହିଛି। ସେ ଆଇବିଏମ୍‌ରେ ୧୨ ବର୍ଷ ଏବଂ ଟାଟା କନସଲଟାନ୍ସି ସର୍ଭିସେସରେ ୧୮ ବର୍ଷ କାର୍ଯ୍ୟ କରିଛନ୍ତି।

**ସଂକ୍ଷେପରେ**

## ବିଗ୍ ବାସ୍କେଟରେ ଅଂଶଧନ କିଣିପାରେ ଟାଟା ଗ୍ରୁପ୍




ନୂଆଦିଲ୍ଲୀ,୨୮।୧୦: ଅନ୍‌ଲାଇନରେ ଗ୍ରସେରି କ୍ଷେତ୍ରରେ ପ୍ରମୁଖ କମ୍ପାନୀ ବିଗ୍ ବାସ୍କେଟରେ ଟାଟା ଗ୍ରୁପ୍ ଅଂଶଧନ ହାସଲ କରିବା ନେଇ ଚର୍ଚ୍ଚା ଜୋର ଧରିଛି। ବିଗ୍ ବାସ୍କେଟ ଏହାର ବୃହତ୍ ପରିମାଣର ଅଂଶଧନକୁ ଟାଟାକୁ ବିକିପାରେ ବୋଲି ଶୁଣାଯାଉଛି। ଏହି ଡିଲ ଲାଗି ୨ କମ୍ପାନୀର ଅଲୋଚନା ବର୍ତ୍ତମାନ ଜାରି ରହିଥିବା ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ବିଗ୍ ବାସ୍କେଟରେ ଏହାର ପ୍ରାୟ ୫୦% ଅଂଶଧନ ଟାଟା ଗ୍ରୁପ୍‌କୁ ୭ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟରେ ବିକ୍ରି କରିବା ନେଇ ଆଲୋଚନା ହେଉଛି। ବିଗ୍ ବାସ୍କେଟରେ ଚାଇନା କମ୍ପାନୀ ଆଲିବାବାର ପ୍ରାୟ ୨୬% ଅଂଶଧନ ରହିଛି। ଚାଇନାର ଏହି କମ୍ପାନୀ ବିଗ୍ ବାସ୍କେଟରେ ରହିଥିବା ଏହାର ସମ୍ପୂର୍ଣ୍ଣ ଅଂଶଧନ ବିକିଦେବ ବୋଲି ମଧ୍ୟ ଶୁଣାଯାଉଛି।

## ଏୟାର ଇଣ୍ଡିଆ ବିମାନ ବାତିଲ କଲା ହଂକଂ

ନୂଆଦିଲ୍ଲୀ,୨୮।୧୦:ହଂକଂ ଚତୁର୍ଥ ଥର ଲାଗି ଏୟାର ଇଣ୍ଡିଆ ବିମାନକୁ ବାତିଲ କରିଛି। ଏହି ବିମାନ କମ୍ପାନୀ ଫ୍ଲାଇଟ୍‌ରେ ଜଣେ କୋଭିଡ୍-୧୯ ସଂକ୍ରମିତ ଯାତ୍ରୀ ବାହାରିବାରୁ କଟକଣା ଲଗାଯାଇଥିବା ଜଣାପଡିଛି। ନଭେମ୍ବର ୧୦ ଯାଏ ମୁମ୍ବାଇରୁ ଯାଉଥିବା ବିମାନଗୁଡିକ ଏଭଳି ନିୟମ ଲାଗୁ ହେବ। ଏହା ପୂର୍ବରୁ ଏୟାର ଇଣ୍ଡିଆ ଏବଂ ଭିସ୍ତାରା ଫ୍ଲାଇଟ୍‌କୁ ଅକ୍ଟୋବର ୧୭ ଏବଂ ୩୦ ମଧ୍ୟରେ ବାତିଲ କରାଯାଇଥିଲା। ଅକ୍ଟୋବର ୨୫ରେ ଏୟାର ଇଣ୍ଡିଆର ଏକ ବିମାନରେ ୫ ଜଣ କୋଭିଡ୍ ପଜିଟିଭ ବାହାରିଥିଲେ। ଏଭଳି କ୍ଷେତ୍ରରେ ହଂକଂ ପ୍ରାୟ ୨ ସପ୍ତାହ ଉଡ଼ାଣ ବାତିଲ କରୁଥିବା ଜଣାପଡ଼ିଛି।

# ଜିଡିପିର ଭରସା ଦେଲେ ରାଜୀବ କୁମାର

ନୂଆଦିଲ୍ଲୀ,୨୮।୧୦


ରାଜୀବ କୁମାର

ଚଳିତ ଆର୍ଥିକ ବର୍ଷରେ କରୋନା ମହାମାରୀ ପ୍ରଭାବ ଯୋଗୁ ଭାରତର ମୋଟ ଘରୋଇ ଉତ୍ପାଦ(ଜିଡିପି) ଲଗାତର ଖସିଚାଲିଛି। ଏହାକୁ ନେଇ ଚିନ୍ତା ପ୍ରକଟ କରାଯାଉଛି। ଏଭଳି ସ୍ଥିତିରେ ଦେଶର ଜିଡିପିକୁ ନେଇ ନୀତି ଆୟୋଗର ଉପାଧ୍ୟକ୍ଷ ରାଜୀବ କୁମାର ଭରସା ଦେଇଛନ୍ତି। ସେ କହିଛନ୍ତି, ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟାର୍ଦ୍ଧରେ ଦେଶର ଆର୍ଥିକ ଅଭିବୃଦ୍ଧି ହାରରେ ଉନ୍ନତି ପରିଲକ୍ଷିତ ହେବ। ୨୦୨୧-୨୨ରେ ଭାରତର ଅଭିବୃଦ୍ଧି ପ୍ରଦର୍ଶନ ବିଶ୍ୱର ଅନ୍ୟ ଦେଶ ତୁଳନାରେ ବେଶ୍ ଉନ୍ନତ ରହିବ। କରୋନା ଭାଇରସ୍ ଯୋଗୁ ବଜାର ବିଗିଡିଯାଇଥିବାରୁ ଏହାକୁ ନେଇ ସେ ଚିନ୍ତା ପ୍ରକଟ କରିଛନ୍ତି। ମହାମାରୀଠାରୁ ଚାପରୁ ଅର୍ଥ ବ୍ୟବସ୍ଥା ଯେତେ ଶୀଘ୍ର ବାହାରିବାକୁ ସକ୍ଷମ ହେବ ସେତେ ଶୀଘ୍ର ବଜାରରେ ଉନ୍ନତି ସମ୍ଭବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ସେ ପୁଣି କହିଛନ୍ତି, ବର୍ତ୍ତମାନ ଅର୍ଥ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ କରୋନା ପଞ୍ଝାରୁ ବାହାରିବାକୁ ସକ୍ଷମ ହୋଇନାହିଁ। ମାତ୍ର କିଛି କ୍ଷେତ୍ରରେ ଉନ୍ନତ ସ୍ଥିତି ଦେଖାଗଲାଣି। ଏହା ମଧ୍ୟରେ ମାଲ ପରିବହନ, ବିଜୁଳି ଚାହିଦା, କୃଷି ଉତ୍ପାଦନ ବୃଦ୍ଧି ଭଳି ଅନ୍ୟ କ୍ଷେତ୍ର ସାମିଲ ରହିଛି।

ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ ଜିଡିପିରେ ହ୍ରାସ ପରିଲକ୍ଷିତ ହେବ। ମାତ୍ର ପୂର୍ବ ତୁଳନାରେ ଏହାର ପ୍ରଭାବ ଏତେ ମାତ୍ରାରେ ରହିବ ନାହିଁ। ମାତ୍ର ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ଅଭିବୃଦ୍ଧି ହାର ସକାରାତ୍ମକ ରହିବ। ସରକାରଙ୍କ ଯୋଜନା ଉପରେ ମତ ରଖି ସେ କହିଛନ୍ତି, ଗତ ୬ରୁ ୭ ମାସ ମଧ୍ୟରେ ସରକାର ବିଭିନ୍ନ ପଦକ୍ଷେପ ହାତକୁ ନେଇଛନ୍ତି। ଏଫ୍‌ଡିଆଇ, ଶ୍ରମ ଆଇନ ଏବଂ କୃଷି ଭଳି ବିଭିନ୍ନ କ୍ଷେତ୍ରର ସଂସ୍କାର ଏହା ମଧ୍ୟରେ ସାମିଲ ରହିଛି। ବିଭିନ୍ନ ଢାଞ୍ଚାଗତ ସୁଧାର ଉପରେ ସରକାର ଫୋକସ କରୁଥିବାରୁ ଏହାର ଲାଭ ଅର୍ଥ ବ୍ୟବସ୍ଥାକୁ ମିଳିବ। ଜିଡିପିରେ ଯେଉଁ ହ୍ରାସ ପରିଲକ୍ଷିତ ହେଉଛି ତାକୁ ନେଇ ହତାଶ ନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ସରକାର ବିଭିନ୍ନ ଉପାୟରେ ସମସ୍ୟା ବିରୋଧରେ ଲଢ଼ିବାକୁ ଯୋଜନା ରଖିଛନ୍ତି। ସରକାର ନୂଆ ପ୍ୟାକେଜ ଆଣିବା ଦିଗରେ ପଦକ୍ଷେପ ନେବା ନେଇ ସମ୍ଭାବନା ରହିଛି। ଭାରତ ନିଜର ଉଦ୍ୟମ ଲାଗି ସମାନ ଅବସର ଲାଭ କରିବା ଆବଶ୍ୟକତା ରହିଛି। ଏହାଦ୍ୱାରା ରପ୍ତାନି ବୃଦ୍ଧି ଦିଗରେ ସହାୟତା ମିଳିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ପନିପରିବାରେ କେରଳ ଦେବ ଏମ୍‌ଏସ୍‌ପି

ଥିରୁଭାନନ୍ତପୁରମ,୨୮।୧୦



ପନିପରିବା ଉପରେ କେରଳ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ପ୍ରଦାନ କରିବ। ଏଭଳି ବ୍ୟବସ୍ଥା ଗ୍ରହଣ କ୍ଷେତ୍ରରେ କେରଳ ପ୍ରଥମ ରାଜ୍ୟ ବୋଲି ଜଣାପଡିଛି। ନୂଆ ବ୍ୟବସ୍ଥା ସମ୍ପର୍କରେ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଘୋଷଣା କରାଯାଇଛି। ଏହା ମଧ୍ୟରେ ୧୬ଟି ବର୍ଗର ପନିପରିବାକୁ ସାମିଲ କରାଯାଇଛି। ନଭେମ୍ବର ପହିଲାରୁ ଏହି ସ୍କିମ୍‌କୁ କାର୍ଯ୍ୟକାରୀ କରାଯିବ ବୋଲି ଜଣାପଡିଛି। କୃଷିକ୍ଷେତ୍ରର ବିକାଶ ଲାଗି ବିଭିନ୍ନ ଯୋଜନା ହାତକୁ ନିଆଯାଉଥିବା ବେଳେ ଏଭଳି ଯୋଜନା ଦ୍ୱାରା କୃଷକମାନେ ବିଶେଷ ଭାବେ ଲାଭବାନ ହେବେ ବୋଲି ବିଜୟନ ଭିଡିଓ କନ୍‌ଫରେନ୍ସ ଯୋଗେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି। ବର୍ତ୍ତମାନ ସାରା ଦେଶରେ ଡାଲି ଏବଂ ଖାଦ୍ୟସାମଗ୍ରୀଉପରେଏମ୍‌ଏସ୍‌ପିପ୍ରଦାନ କରାଯାଉଛି। ଫଳ ଏବଂ ପନିପରିବାକୁ ଏହା ପରିସରରେ ରଖାଯାଇନାହିଁ। ଉତ୍ପାଦନ ମୂଲ୍ୟଠାରୁ ଫ୍ଲୋର ପ୍ରାଇସ ପ୍ରାୟ ୨୦% ଉଚ୍ଚରେ ରଖିବାକୁ କେରଳ ଯୋଜନା ରଖିଛି। ପ୍ରାଥମିକ ପର୍ଯ୍ୟାୟରେ ୧୬ ବର୍ଗର ପନିପରିବାକୁ ଯୋଜନାରେ ସାମିଲ କରାଯାଇଛି।

## ଏକାମ୍ର ଆୟକର ଗ୍ରାମର ଭିତ୍ତିପ୍ରସ୍ତର



ଭୁବନେଶ୍ୱର,୨୮।୧୦: ଆୟକର ବିଭାଗର ନୂତନ ଗୃହ ନିର୍ମାଣ ପ୍ରକଳ୍ପ 'ଏକାମ୍ର ଆୟକର ଗ୍ରାମ'ର ମଙ୍ଗଳବାର ସ୍ଥାନୀୟ ଗାଡକଣ ଅଞ୍ଚଳରେ ଭିତ୍ତିପ୍ରସ୍ତର ହୋଇଛି। ଓଡ଼ିଶା ଆୟକର କାର୍ଯ୍ୟାଳୟର ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ପ୍ରଣବ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପର ଶୁଭ ଉଦଘାଟନ କରିଥିଲେ। ଏହି ନୂତନ ଗୃହ ନିର୍ମାଣ ପ୍ରକଳ୍ପ ଆୟକର ବିଭାଗର କର୍ମଚାରୀଙ୍କ ବାସଗୃହ ସମସ୍ୟାକୁ ଦୂର କରିବ ବୋଲି ଦାସ କହିଥିଲେ। ଏଥିରେ ମୋଟ ୧୧୫ଟି ବାସଗୃହ ନିର୍ମାଣ କରାଯିବ। ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଆୟକର ପ୍ରଧାନ ଆୟୁକ୍ତ ଆର୍ତ୍ତବନ୍ଧୁ ପାତ୍ର ଏବଂ ଶରତ ଦାଶ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟକର ପ୍ରଧାନ ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ବିଜୟ ପୃଷେଟ୍, ଧୀରେନ୍ଦ୍ର ମିଶ୍ର, ସସ୍ମିତା ମିଶ୍ର, ଆୟକର ଆୟୁକ୍ତ ଅସ୍ମି ମହାପାତ୍ର, ସରୋଜ ମହାପାତ୍ର, ଅତିରିକ୍ତ ଆୟୁକ୍ତ ଦିପି ଅଗ୍ରୱାଲ୍ ଓ ଆୟକର ଅଧିକାରୀ ମନୋଜ ପତି, ମିହିର ବଳ ପ୍ରମୁଖ ଉପସ୍ଥିତ ରହିଥିଲେ। ୯୨ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପର କାର୍ଯ୍ୟ ୨ ବର୍ଷ ମଧ୍ୟରେ କାର୍ଯ୍ୟ ଶେଷ ହେବ ବୋଲି ଜଣାପଡିଛି। ଆୟକର ଅଫିସର ଓ କର୍ମଚାରୀ ସଂଘର କେ.ଏସ୍. ଏନ୍. ପାତ୍ର, ଚିତ୍ତରଞ୍ଜନ ପଟ୍ଟନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆୟୁକ୍ତ ସରୋଜ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ନିବେଶକଙ୍କ କ୍ଷତି ୧.୫୬ ଲକ୍ଷ କୋଟି

ନୂଆଦିଲ୍ଲୀ, ୨୮।୧୦: ବିଶ୍ୱ ବଜାରରେ ପ୍ରଭାବ ଯୋଗୁ ଭାରତୀୟ ପୁଞ୍ଜିବଜାରରେ ନିବେଶକଙ୍କୁ ବୁଧବାର ବୃହତ୍ କ୍ଷତି ସହିବାକୁ ପଡିଛି। ନିବେଶକ ୧.୫୬ ଲକ୍ଷ କୋଟି ଟଙ୍କା କ୍ଷତି ସହିଥିବା ଜଣାପଡିଛି। ୩୦ ଶେୟାର ବିଶିଷ୍ଟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ୫୯୯.୬୪ ପଏଣ୍ଟ (୧.୪୯%) ନିମ୍ନରେ ରହି ୩୯,୯୨୨.୪୬ ପଏଣ୍ଟରେ ବନ୍ଦ ହୋଇଛି। ଦିନ ମଧ୍ୟରେ ସେନ୍‌ସେକ୍ସ ୭୪୭.୫ ପଏଣ୍ଟ ଖସି ୩୯,୭୭୪ ସ୍ତରକୁ ଖସି ଆସିଥିଲା। ଆମେରିକା ଏବଂ ୟୁରୋପରେ କରୋନା ମାମଲା ବଢୁଥିବାରୁ ନିବେଶକମାନେ ଏହାକୁ ନେଇ ଆଶଙ୍କାରେ ରହିବାକୁ ଏଭଳି ସ୍ଥିତି ଉପୁଜିଛି। ବୁଧବାର ଶେୟାର କାରବାରରେ ଇଣ୍ଡସଇଣ୍ଡ ଶେୟାର ୩.୪୫% ଖସିଛି। ସେହିଭଳି ଏଚ୍‌ଡିଏଫ୍‌ସି, ଆଇସିଆଇସିଆଇ ବ୍ୟାଙ୍କ, ଟେକ୍ ମହିନ୍ଦ୍ରା, ବଜାଜ ଫାଇନାନ୍ସ, ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଶେୟାର କାରବାର ପ୍ରଭାବିତ ହୋଇଥିବା ଜଣାପଡିଛି।

# ଛୋଟ ସହରରେ ସ୍ମାର୍ଟ ସ୍ପିକର ଚାହିଦା ବଢୁଛି

ଭୁବନେଶ୍ୱର,୨୮।୧୦


ପରାଗ ଗୁପ୍ତା

ଦେଶର ଅଣମେଟ୍ରୋ ଏବଂ ଛୋଟ ସହରଗୁଡ଼ିକରେ ସ୍ମାର୍ଟ ସ୍ପିକର ଚାହିଦା ଏବେ ଦ୍ରୁତ ହାରରେ ବଢୁଛି। ଏହି ସ୍ଥାନଗୁଡିକରେ ଲୋକମାନେ ସ୍ମାର୍ଟ ହୋମ୍, ସ୍ମାର୍ଟ ଲର୍ନିଂ ଏବଂ ସ୍ମାର୍ଟ ମ୍ୟୁଜିକ ଲାଗି ସ୍ମାର୍ଟ ସ୍ପିକରକୁ ବ୍ୟବହାର କରୁଥିବା ଜଣାପଡିଛି। ଏହି ସହରଗୁଡିକରେ ଗ୍ରାହକମାନେ ପ୍ରତିଦିନ ୨.୫ ଘଣ୍ଟାରୁ ଅଧିକ ସମୟ ସ୍ମାର୍ଟ ସ୍ପିକର ବ୍ୟବହାର କରିଥାନ୍ତି। ଆମାଜନ ଇଣ୍ଡିଆ ଏବଂ କାର୍‌ଭି ଇନ୍‌ସାଇଟ୍ସ ଦ୍ୱାରା ହୋଇଥିବା ଏକ ଅଧ୍ୟୟନ ମୁତାବକ, ପରିବାର ସଦସ୍ୟଙ୍କ ବ୍ୟବହାର ଲାଗି ପ୍ରାୟ ୮୧% ଓନର ସ୍ମାର୍ଟ ସ୍ପିକର ଲିଭିଂ ରୁମ୍‌ରେ ଲଗାଉଥିବା ନଜରକୁ ଆସିଛି। ଏଭଳି ଡିଭାଇସ ବ୍ୟବହାର ଦ୍ୱାରା ପ୍ରାୟ ୫୫% ଓନର ମ୍ୟୁଜିକ ଶୁଣିବାର ଲାଭ ଉଠାଉଛନ୍ତି। ସେହିଭଳି ସ୍ମାର୍ଟ ସ୍ପିକର ବ୍ୟବହାର ଦ୍ୱାରା ପିଲାମାନେ ନୂଆ ନୂଆ ଜିନିଷ ଶିଖିବାରେ ସହାୟକ ହେଉଛି ବୋଲି ୫୨% ଅଭିଭାବକ ସର୍ଭେରେ ନିଜର ମତ ରଖିଛନ୍ତି। ସ୍ମାର୍ଟ ହୋମ୍‌ରେ ବିଭିନ୍ନ ଡିଭାଇସ କଣ୍ଟ୍ରୋଲ ପାଇଁ ସ୍ମାର୍ଟ ସ୍ପିକର କ୍ରୟ କରୁଥିବା ପ୍ରାୟ ୫୦% ମତ ରଖିଛନ୍ତି। ଗୀତ ଶୁଣିବା, ସୂଚନା ଜାଣିବା, ଭଏସ୍ ଆସିଷ୍ଟାଣ୍ଟ ବ୍ୟବହାର ଦ୍ୱାରା କଥାବାର୍ତ୍ତା କରିବା, ଆଲାରାମ ଏବଂ ରିମାଇଣ୍ଡର ସେଟ୍ କରିବା, ସ୍ମାର୍ଟ ହୋମ୍‌ର ନିୟନ୍ତ୍ରଣ ଭଳି ବିଭିନ୍ନ କାର୍ଯ୍ୟ ଲାଗି ଲୋକମାନେ ସ୍ମାର୍ଟ ସ୍ପିକର ବ୍ୟବହାର କରୁଛନ୍ତି।

ଭାରତରେ ସ୍ମାର୍ଟ ସ୍ପିକର କନ୍‌ସେପ୍ଟ ସମ୍ପୂର୍ଣ୍ଣ ଭାବେ ନୂଆ। ଭାରତରେ ଏହା ଆରମ୍ଭ ହେବାର ଅବଧି ମାତ୍ର ୩ ବର୍ଷରୁ କମ୍। ହେଲେ ଅଣ ମେଟ୍ରୋ ସହରଗୁଡିକରେ ଏହାର ଆଦୃତି କାହିଁରେ କ'ଣ। ଅଣ ମେଟ୍ରୋ ସହରଗୁଡିକରେ ଏ ନେଇ ସଚେତନତା ହାର ଏବେ ୫୪%ରେ ପହଞ୍ଚିଥିବା ଅଧ୍ୟୟନରୁ ପ୍ରକାଶ ପାଇଛି। ଏହି ସହରଗୁଡିକରେ ପ୍ରାୟ ୪୩% ସ୍ମାର୍ଟ ସ୍ପିକର ମାଲିକ ନିଜର ସ୍ମାର୍ଟ ସ୍ପିକର ସହିତ ହିନ୍ଦୀରେ କଥାବାର୍ତ୍ତା ହୋଇପାରୁଛନ୍ତି। ଏହି ପରିପ୍ରେକ୍ଷୀରେ

**ଆମାଜନ-କାର୍‌ଭି ଇନ୍‌ସାଇଟ୍ସ ସର୍ଭେ**

ଆମାଜନ ଇଣ୍ଡିଆର ଡିଭାଇସ ବିଭାଗ ମୁଖ୍ୟ ପରାଗ ଗୁପ୍ତା କହିଛନ୍ତି, ଗ୍ରାହକଙ୍କ ଜୀବନକୁ ସରଳ କରିବା ଦିଗରେ ସ୍ମାର୍ଟ ସ୍ପିକର ସହାୟକ ହେଉଛି। ଭାରତରେ ଗ୍ରାହକଙ୍କ ଲାଗି ଆଲେକ୍ସାକୁ ଅଧିକ ବ୍ୟବହାରଯୋଗ୍ୟ କରାଯାଉଛି। ଆମାଜନ ଇକୋ ନିଜର ଅଭିବୃଦ୍ଧିକୁ ଦ୍ୱିଗୁଣିତ କରିଛି। ଗ୍ରାହକଙ୍କ ଜୀବନରେ ଉନ୍ନତି ଆଣିବା ଲାଗି ଆଲେକ୍ସା ଏବଂ ଇକୋ ପ୍ରଡକ୍ଟରେ ନୂଆ ଉଦ୍ଭାବନ ଜାରି ରହିବ ବୋଲି ସେ ମତ ପ୍ରକାଶ କରିଛନ୍ତି।

# ଖେଳ ଖବର

## ରୋହିତ ଡ. ଟ୍ରଷ୍ଟର ବ୍ରାଣ୍ଡ୍ ଆମ୍ବାସାଡର

ମୁମ୍ବାଇ,୨୮।୧୦(ପି.ଟି.): ଭାରତୀୟ ଅଭିଜ୍ଞ କ୍ରିକେଟର ରୋହିତ ଶର୍ମା ଜଣାଶୁଣା ହେଲ୍‌ଥ କେୟାର କମ୍ପାନୀ ଡ. ଟ୍ରଷ୍ଟର ବ୍ରାଣ୍ଡ୍ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି। ଏହି କମ୍ପାନୀ ବ୍ଲଡ ପ୍ରେସର, ରକ୍ତରେ ଅମ୍ଳଜାନ ସ୍ତର, ନିଃଶ୍ୱାସ ପ୍ରଶ୍ୱାସ ହାର, ପଲ୍ସ ରେଟ୍ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ମନିଟୋରିଂ ଭିଡିଓ ଉତ୍ପାଦନ କରିଥାଏ। ଡ. ଟ୍ରଷ୍ଟର ନୂଆ ଏକିକୃତ ଅଭିଯାନରେ ସାମିଲ ହେବେ। ଏଗୁଡିକ ଟିଭି, ପ୍ରିଣ୍ଟ ଓ ଅନ୍‌ଲାଇନ୍ ଚ୍ୟାନେଲଗୁଡକ ସହିତ ଇନ୍‌ଷ୍ଟୋର ରୋଲିଂ ଆଉଟ୍‌ରେ ରୋହିତ ଉପଲବ୍ଧ ହେବେ। ଆଜିର ଦୁନିଆରେ ସ୍ୱାସ୍ଥ୍ୟ ଓ କଲ୍ୟାଣ ଉପରେ ଫୋକସ କରିବାର ଆବଶ୍ୟକତା ରହିଛି। ତେଣୁ ଲୋକଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କରେ ଅବଗତ କରାଇବା ପାଇଁ ଏଭଳି ଅଭିଯାନର ଆବଶ୍ୟକତା ରହିଛି ବୋଲି ରୋହିତ କହିଛନ୍ତି। ରୋହିତ ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ହେବା ଦ୍ୱାର ଆମ କମ୍ପାନୀ ଓ ସାଧାରଣ ଲୋକଙ୍କର ହିତସାଧନ ହେବ ବୋଲି ଡ. ଟ୍ରଷ୍ଟର ମାଲିକାନା ହାସଲ କରିଥିବା ନୁରେକା ଲିମିଟେଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଆର୍ଯ୍ୟନ ଗୋଏଲ କହିଛନ୍ତି।

## ଅଧିକ ଭାରତୀୟ ଦର୍ଶକ ସାମିଲ ହେବା ନେଇ ଆୟୋଜକ ଆଶାବାଦୀ

ମୁମ୍ବାଇ,୨୮।୧୦(ପି.ଟି.)

ମଧ୍ୟପ୍ରାଚ୍ୟର ପ୍ରଥମ ଦେଶ ଭାବେ କାତାର ୨୦୨୨ ବିଶ୍ୱକପ୍ ଆୟୋଜନ କରିବ। ଏହି ବିଶ୍ୱକପ୍‌ରେ ୨୦୧୮ ସଂସ୍କରଣ ତୁଳନାରେ ଅଧିକ ଭାରତୀୟ ମ୍ୟାଚ୍ ଦେଖିବେ ବୋଲି କାତାର ଆୟୋଜକମାନେ ଆଶାବାଦୀ ଅଛନ୍ତି। ଭାରତୀୟ ଦର୍ଶକଙ୍କ ପାଇଁ ସୁବିଧାଜନକ

**୨୦୨୨ ଫିଫା ବିଶ୍ୱକପ୍**

ସମୟରେ ମ୍ୟାଚ୍‌ଗୁଡିକ ଆୟୋଜନ ହେବ। ଫଳରେ ଅଧିକ ଭାରତୀୟ ଦର୍ଶକ ଏହି ବିଶ୍ୱକପ୍‌ର ମ୍ୟାଚ୍‌ଗୁଡିକ ଦେଖିବେ ବୋଲି ବିଶ୍ୱକପ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ନାସିର ଅଲ ଖାତେର କହିଛନ୍ତି। ୨୦୨୨ ବିଶ୍ୱକପ୍ ନଭେମ୍ବର ୨୧ ତାରିଖରୁ ଆରମ୍ଭ ହେବା କାର୍ଯ୍ୟକ୍ରମ ରହିଛି।

ରୁଷିଆରେ ଆୟୋଜିତ ହୋଇଥିବା ୨୦୧୮ ଫିଫା ବିଶ୍ୱକପ୍‌କୁ ପାଖାପାଖି ୩୦୦ ମିଲିୟନ ଭାରତୀୟ ଉପଭୋଗ କରିଥିଲେ। ତେବେ ସୁବିଧାଜନକ ଟାଇମିଂ କାରଣରୁ ଏଥର ବିଶ୍ୱକପ୍‌କୁ ଅପେକ୍ଷାକୃତ ଅଧିକ ଭାରତୀୟ ଫୁଟ୍‌ବଲ ପ୍ରେମୀ ଦେଖିବେ। ତେବେ କ୍ରିକେଟ ବିଶ୍ୱକପ୍ ଭଳି ଏହା ଭାରତରେ ଲୋକପ୍ରିୟ ହେବନାହିଁ ବୋଲି ଖାତେର ସ୍ପଷ୍ଟ କରିଛନ୍ତି। ଭାରତୀୟ ସମୟ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଅଧିକାଂଶ ମ୍ୟାଚ୍ ସୁବିଧାଜନକ ସମୟରେ ଆରମ୍ଭ ହେବ। ଗ୍ରୁପ୍ ପର୍ଯ୍ୟାୟରେ ପ୍ରଥମ ମ୍ୟାଚ ଭାରତୀୟ ସମୟରେ ୩.୩୦ରେ ଆରମ୍ଭ ହେବ। ସେହିପରି ଅନ୍ତିମ ମ୍ୟାଚ୍ ୧୨.୩୦ରେ ଆରମ୍ଭ ହେବ। ଅନ୍ୟପଟେ ଦ୍ୱିତୀୟ ଓ ତୃତୀୟ ମ୍ୟାଚ୍ ଯଥାକ୍ରମେ ୬.୩୦ ଓ ୯.୩୦ରେ ଆରମ୍ଭ ହେବ। ତେଣୁ ଅଧିକରୁ ଅଧିକ ଭାରତୀୟ ପ୍ରଶଂସକ ଏହି ବିଶ୍ୱକପ୍ ମ୍ୟାଚ୍ ଦେଖିବା ନିଶ୍ଚିତ ହୋଇଛି।

ବିଶ୍ୱକପ୍ ଦେଖିବାପାଇଁ ଆସିବାକୁ ଥିବା ସବୁ ପ୍ରଶଂସକଙ୍କ ସୁବିଧାସୁଯୋଗ ପ୍ରଦାନ କରିବାରେ ଆମେ ଆଦୌ ହେଳା କରିବୁ ନାହିଁ ବୋଲି ସେ କହିଛନ୍ତି।

# ରିଦ୍ଧିମାନଙ୍କ ଇଞ୍ଜୁରି ଗୁରୁତର ନୁହେଁ

ଦୁବାଇ,୨୮।୧୦(ପି.ଟି.)


ରିଦ୍ଧିମାନ ଶାହା

ଅଭିଜ୍ଞ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଦ୍ଧିମାନ ଶାହା ଗ୍ରୋନ୍ ଇଞ୍ଜୁରିର ଶିକାର ହୋଇଛନ୍ତି। ତେବେ ଏହା ସେତେଟା ଗୁରୁତର ନୁହେଁ। କିନ୍ତୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଫ୍ରାଞ୍ଚାଇଜ ସନରାଇଜର୍ସ ହାଇଦ୍ରାବାଦ ତାଙ୍କ ଇଞ୍ଜୁରି ସମସ୍ୟା ନେଇ କାଳକ୍ଷେପଣ ନୀତି ଅବଲମ୍ବନ କରିଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମେଡିକାଲ ଟିମ୍ ସହିତ ଆଲୋଚନା ପରେ ଯାହା କିଛି ନିଷ୍ପତ୍ତି ନିଆଯିବ। ଆଇପିଏଲ୍ ପରେ ରିଦ୍ଧିମାନ ଦଳ ସହ ଅଷ୍ଟ୍ରେଲିଆ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ତେଣୁ ତରବର ଭାବେ କୌଣସି ନିଷ୍ପତ୍ତି ନେବାକୁ ଚାହୁଁନାହୁଁ ବୋଲି ଫ୍ରାଞ୍ଚାଇଜ୍ ତରଫରୁ କୁହାଯାଇଛି।

ଗତ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ମଙ୍ଗଳବାର ରିଦ୍ଧିମାନ ୪୫ ବଲରୁ ୮୭ ରନର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ଓ ଏହି ଅବସରରେ ସେ ଆହତ ହୋଇଥିଲେ। ଫଳରେ ସେ ଉଇକେଟକିପିଂ କରି ନ ଥିଲେ। ତାଙ୍କ ବଦଳରେ ଶ୍ରୀବତ୍ସ ଗୋସ୍ୱାମୀ ଏହି ଦାୟିତ୍ୱ ତୁଲାଇଥିଲେ। ଏହି ଇଞ୍ଜୁରି ସେତେଟା ଗୁରୁତର ନୁହେଁ ବୋଲି ତାଙ୍କ ଅଧିନାୟକ ଡେଭିଡ୍ ୱାର୍ନର କହିଛନ୍ତି। କେତେଜଣ ଜାତୀୟ ଖେଳାଳିଙ୍କ ଇଞ୍ଜୁରି ନେଇ ସତର୍କ ରହିବାକୁ ବିସିସିଆଇ ଫ୍ରାଞ୍ଚାଇଜ୍‌ଗୁଡ଼ୁକୁ ପରାମର୍ଶ ଦେଇଛି। ଆଉ ୩ ଦିନ ପରେ ହାଇଦ୍ରାବାଦ ତା'ର ପରବର୍ତ୍ତୀ ମ୍ୟାଚ୍ ଖେଳିବ। ତେଣୁ ଏବେଠାରୁ କିଛି କହିବା ଠିକ୍ ହେବ ନାହିଁ ବୋଲି ବୋର୍ଡର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଖୁବ୍‌ଶୀଘ୍ର ଇଞ୍ଜୁରିରୁ ମୁକ୍ତ ହେବି ବୋଲି ରିଦ୍ଧିମାନ କହିଛନ୍ତି। ୱାର୍ନରଙ୍କ କହିବା ଅନୁସାରେ ବ୍ୟାଟିଂ କରିଥିଲି ଓ ଏହା ଶେଷରେ କାମ ଦେଲା ସେ କହିଛନ୍ତି।

# ବିଜୟ ଲକ୍ଷ୍ୟରେ କୋଲକାତା

ଦୁବାଇ, ୨୮।୧୦(ପି.ଟି.)



ବୁଧବାର ବ୍ୟାଟିଂ ଅଭ୍ୟାସ ଅବସରରେ କୋଲ୍‌କାତା ନାଇଟ୍ ରାଇଡର୍ସର ରାହୁଲ ତ୍ରିପାଠୀ।

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଗୁରୁବାର ଚେନ୍ନାଇ ସୁପରକିଙ୍ଗ୍ସ ଓ କୋଲକାତା ନାଇଟ ରାଇଡର୍ସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। କୋଲକାତା ୧୨ ମ୍ୟାଚରୁ ୧୨ ପଏଣ୍ଟ ପାଇଥିବାରୁ ପ୍ଲେ-ଅଫ୍ ଆଶା ଉଜ୍ଜୀବିତ ରଖିବା ପାଇଁ ଅବଶିଷ୍ଟ ୨ଟି ମ୍ୟାଚ ଜିତିବା ଜରୁରୀ ହୋଇପଡ଼ିଛି। ତେଣୁ ଚେନ୍ନାଇ ବିପକ୍ଷରେ ନିଶ୍ଚିତ ବିଜୟ ଲକ୍ଷ୍ୟ ନେଇ ଦଳ ପଡ଼ିଆକୁ ଓହ୍ଲାଇବ। ନଭେମ୍ବର ୧ରେ ଦଳ ଏହାର ଶେଷ ଲିଗ୍ ମ୍ୟାଚ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଖେଳିବ। ଅନ୍ୟପକ୍ଷରେ ୧୨ ମ୍ୟାଚରୁ ମାତ୍ର ୮ ପଏଣ୍ଟ ପାଇ ପ୍ଲେ-ଅଫ୍ ଦୌଡ଼ରୁ ବାଦ୍ ପଡ଼ି ସାରିଥିବା ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସହଜରେ ବାଟ ଛାଡ଼ିବାକୁ ଚାହିଁବନାହିଁ। ଲିଗ୍ ଇତିହାସରେ ପ୍ରଥମଥରପାଇଁ ଦଳ ଏପରି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବାରୁ ସମ୍ମାନର ସହ ପ୍ରତିଯୋଗିତା ଶେଷ କରିବାକୁ ଚାହିଁବ। କୋଲକାତା ବିପକ୍ଷ ମ୍ୟାଚ ପରେ ଦଳ ଏହାର ଶେଷ ମ୍ୟାଚ ସେହି ୧ ତାରିଖରେ କିଙ୍ଗ୍ସ ଇଲେଭେନ ପଞ୍ଜାବ ସହିତ ଖେଳିବ।

ଚଳିତ ଆଇପିଏଲର ପଏଣ୍ଟ ଟେବୁଲକୁ ଦେଖିଲେ ଏକାଧିକ ଦଳ ୧୬ କିମ୍ବା ୧୪ ପଏଣ୍ଟରେ ସ୍ଥିର ରହିବା ଜଣା ପଡୁଛି। ଏପରି କ୍ଷେତ୍ରରେ ବଡ଼ ବିଜୟ ହାସଲ କରି ନେଟ୍ ରନହାର ବଢ଼ାଉଥିବା ଦଳ ହିଁ ଫାଇଦାରେ ରହିବେ। ଚେନ୍ନାଇ ଏହାର ପୂର୍ବ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ୮ ଉଇକେଟରେ ହରାଇ ମନୋବଳ ଦୃଢ଼ କରିଛି। ତେଣୁ ଧୋନୀଙ୍କ ଦଳକୁ ହରାଇବା କୋଲକାତା ପାଇଁ ଏତେଟା ସହଜ ହେବନି ନିଶ୍ଚିତ। ଲିଗ୍ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲେ ହେଁ ନାଇଟ ରାଇଡର୍ସର ବ୍ୟାଟିଂ ଅର୍ଡର ଏପର୍ଯ୍ୟନ୍ତ ସଜଡ଼ା ହୋଇ ପାରିଲା ନାହିଁ। ତେଣୁ ଇଅନ ମୋର୍ଗାନଙ୍କ ନେତୃତ୍ୱାଧୀନ ଦଳପାଇଁ ଏହା ଚିନ୍ତାର କାରଣ ହୋଇଛି। ଆଗାମୀ ମ୍ୟାଚରେ ପୂର୍ବତନ ଅଧିନାୟକ ଦୀନେଶ କାର୍ତ୍ତିକ ଶ୍ରେଷ୍ଠ ପ୍ରଦର୍ଶନ ଦେବା ଜରୁରୀ ହୋଇପଡ଼ିଛି। ଟପ୍ ଅର୍ଡରରେ ନୀତୀଶ ରାଣାଙ୍କ ପ୍ରଦର୍ଶନରେ ସ୍ଥିରତା ରହି ପାରିନାହିଁ। ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ସେ ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ ହେଁ କିଙ୍ଗ୍ସ ଇଲେଭେନ ପଞ୍ଜାବ ବିପକ୍ଷରେ ବିଫଳ ହୋଇଥିଲେ। ଟପ୍ ଅର୍ଡର କ୍ଲିକ୍ କଲେ ଯାଇ କୋଲକାତା ବଡ଼ ସ୍କୋର କରିପାରିବ। ଦଳର ବୋଲିଂ ବିଭାଗ ଏପର୍ଯ୍ୟନ୍ତ ଭଲ କରି ଆସିଛନ୍ତି। ବିଶେଷ କରି ତାମିଲନାଡୁ ସ୍ପିନର ବରୁଣ ଚକ୍ରବର୍ତ୍ତୀ ପ୍ରଭାବୀ ପ୍ରଦର୍ଶନ କରି ଭାରତୀୟ ଟି୨୦ ଦଳରେ ସ୍ଥାନ ପାଇ ପାରିଛନ୍ତି। ତେଣୁ ତାଙ୍କୁ ଆଗାମୀ ମ୍ୟାଚଗୁଡ଼ିକରେ ସେହି ପ୍ରଦର୍ଶନ ବଜାୟ ରଖିବାକୁ ହେବ। ନାଇଟରାଇଡର୍ସର ସବୁଠାରୁ ଦାମୀ ଖେଳାଳି ପ୍ୟାଟ୍ କୁମିନ୍ସ ଏପର୍ଯ୍ୟନ୍ତ ନିଜ ଦମ୍‌ରେ ଦଳକୁ ଜିତାଇପାରି ନାହାନ୍ତି। ଦଳର ଘଡ଼ିସନ୍ଧି ମୁହୂର୍ତ୍ତରେ ତାଙ୍କୁ ଦକ୍ଷତା ଅନୁସାରେ ଖେଳ ଦେଖାଇବାକୁ ପଡ଼ିବ। ମାର୍ଚ୍ଚ ୨୧ରେ ଅନୁଷ୍ଠିତ ଚେନ୍ନାଇ ବିପକ୍ଷ ମ୍ୟାଚରେ ଦଳ ୧୦ ରନରେ ବିଜୟ ହାସଲ କରିଥିଲା। ଇଂଲଣ୍ଡର ବିଶ୍ୱକପ ବିଜୟୀ ଅଧିନାୟକ ଇଅନ ମୋର୍ଗାନ ଆଗାମୀ ମ୍ୟାଚରେ ଦଳଗତ ପ୍ରଦର୍ଶନ ଆଶା ରଖିଛନ୍ତି। କେବଳ ସେତିକି ନୁହେଁ ବୃହତ୍ ବିଜୟ ଉପରେ ମଧ୍ୟ ଦଳର ନଜର ରହିବ।

ଲିଗ୍ ଇତିହାସରେ ପ୍ରଥମଥରପାଇଁ ପ୍ଲେ-ଅଫ୍‌ରୁ ବଞ୍ଚିତ ହୋଇଥିବା ଚେନ୍ନାଇ ଏବେ କେବଳ ସମ୍ମାନ ପାଇଁ ଖେଳିବ। ବାଙ୍ଗାଲୋର ବିପକ୍ଷ ବିଜୟ ମୋମେଣ୍ଟମ୍‌କୁ ଦଳ ପରବର୍ତ୍ତୀ ୨ଟି ମ୍ୟାଚରେ ମଧ୍ୟ ବଜାୟ ରଖିବାକୁ ଚାହିଁବ। ଯୁବ ଋତୁରାଜ ଗାଏକ୍ୱାଡ଼ଙ୍କୁ ସାମିଲ କରିବା ଦ୍ୱାରା ଦଳର ବ୍ୟାଟିଂ ବିଭାଗ ଶକ୍ତିଶାଳୀ ହୋଇଛି। ତାଙ୍କର ଏହି ଫର୍ମକୁ ଲିଗ୍ ଶେଷ ପର୍ଯ୍ୟନ୍ତ ଦେଖିବାକୁ ଧୋନୀ ଚାହାନ୍ତି। ରୟାଲ ଚ୍ୟାଲେଞ୍ଜର୍ସ ବ୍ୟାଟିଂ ବିଭାଗ ଶକ୍ତିଶାଳୀ ହୋଇଥିଲେ ହେଁ ଚେନ୍ନାଇର ବୋଲିଂ ୟୁନିଟ ଏହାର ପଥରୋଧ କରିବାରେ ସକ୍ଷମ ହୋଇଥିଲା। କୋଲକାତା ବ୍ୟାଟ୍ସମ୍ୟାନମାନେ ପ୍ରଦର୍ଶନରେ ସ୍ଥିରତା ରକ୍ଷାକରିପାରି ନ ଥିବାରୁ ଚେନ୍ନାଇ ବୋଲର ଏହାର ଫାଇଦା ନେବାକୁ ଚାହିଁବେ। ଚଳିତ ସିଜନରେ ଅଧିକ କିଛି ହାସଲ କରିବାର ନ ଥିବାରୁ ଅବଶିଷ୍ଟ ମ୍ୟାଚରେ କେବଳ ବିଜୟ ହାସଲ ଚେନ୍ନାଇର ମୁଖ୍ୟ ଲକ୍ଷ୍ୟ ହୋଇଯାଇଛି।

**ଆଇପିଏଲ୍**
(ଗୁରୁବାର ମ୍ୟାଚ୍)
ଚେନ୍ନାଇ ସୁପରକିଙ୍ଗ୍ସ ବନାମ କୋଲକାତା ନାଇଟ ରାଇଡର୍ସ
**ସ୍ଥାନ:** ଦୁବାଇ, **ସମୟ:** ରାତି ୭ଟା ୩୦
**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ

**ଚେନ୍ନାଇ ସୁପରକିଙ୍ଗ୍ସ:** ମହେନ୍ଦ୍ର ସିଂ ଧୋନୀ(ଅଧିନାୟକ), ଏନ. ଜଗଦୀଶନ, ଋତୁରାଜ ଗାଏକ୍ୱାଡ, କେ. ଏମ. ଅସିଫ, ରବୀନ୍ଦ୍ର ଜାଡେଜା, ମୁରଲୀ ବିଜୟ, ଜୋଶ ହାଜେଲଉଡ୍, କେଦାର ଯାଦବ, କର୍ନ ଶର୍ମା, ପୀୟୁଷ ଚାୱଲା, ଅମ୍ବାତି ରାୟୁଡୁ, ଇମ୍ରାନ ତାହିର, ଦୀପକ ଚହର, ଫାଫ୍ ଡୁ ପ୍ଲେସି, ଶାର୍ଦ୍ଦୁଳ ଠାକୁର, ମିଚେଲ ସାଣ୍ଟନର, ଲୁନ୍‌ଗି ଏନ୍‌ଗିଡି, ସାମ୍ କୁରାନ, ମୋନୁ କୁମାର, ଶେନ ୱାଟସନ, ସାଇ କିଶୋର। **କୋଲକାତା ନାଇଟ ରାଇଡର୍ସ:** ଇଅନ ମୋର୍ଗାନ (ଅଧିନାୟକ), ଦୀନେଶ କାର୍ତ୍ତିକ, ଆନ୍ଦ୍ରେ ରସେଲ, କମଲେଶ ନାଗରକୋଟି, କୁଲଦୀପ ଯାଦବ, ଲୋକି ଫର୍ଗୁସନ, ନୀତୀଶ ରାଣା, ପ୍ରସିଦ୍ଧ କ୍ରିଷ୍ଣା, ରିଙ୍କୁ ସିଂ, ସନ୍ଦୀପ ୱାରିୟର, ଶିଭମ୍ ମାଭି, ଶୁବମନ ଗିଲ, ସିଦ୍ଧେଶ ଲାଡ୍, ସୁନୀଲ ନାରିନ, ପ୍ୟାଟ୍ କୁମିନ୍ସ, ବରୁଣ ଚକ୍ରବର୍ତ୍ତୀ, ଟମ୍ ବାଣ୍ଟନ, ରାହୁଲ ତ୍ରିପାଠୀ, କ୍ରିସ୍ ଗ୍ରୀନ, ଏମ ସିଦ୍ଧାର୍ଥ, ନିଖିଲ ନାଏକ, ଟିମ୍ ସିଫର୍ଟ।

## ଟ୍ରକ୍ ଧକ୍କାରେ ଜଣେ ମୃତ

ଚଣ୍ଡିଖୋଲ,(ଡି.ଏନ୍.ଏ.) :ଚଣ୍ଡିଖୋଲ-ପାରଦୀପ ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ କୃଷ୍ଣଦାସପୁର ଛକରେ ଏକ ଟ୍ରକ୍ ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ସାଉଡ଼ିଆ ଗ୍ରାମର ବୈକୁଣ୍ଠନାଥ ପରିଡ଼ା(୬୦)। ସେ ଗ୍ରାମରୁ ମୋଟରସାଇକେଲ ଯୋଗେ ଚଣ୍ଡିଖୋଲ ଅଭିମୁଖେ ଯାଉଥିଲେ। ୫୩ ନଂ ଜାତୀୟ ରାଜପଥର କୃଷ୍ଣଦାସପୁର ଛକ ନିକଟରେ ରାସ୍ତା ଅତିକ୍ରମ କରିବା ବେଳେ ଏକ ହାଇୱା ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବୈକୁଣ୍ଠନାଥଙ୍କ ମୃତ୍ୟୁ ଘଟିଛି। ଧକ୍କା ଦେଇଥିବା ହାଇୱା ଓ ମୋଟର ସାଇକେଲକୁ ବାଲିଚନ୍ଦ୍ରପୁର ପୋଲିସ ଜବତ କରିଛି।

**ସଂକ୍ଷେପରେ**

### ବେଆଇନ ମାଟି ବୋଝେଇ ହାଇୱା ଜବତ

ରସୁଲପୁର, ୨୮।୧୦ (ଡି.ଏନ୍.ଏ.): ରସୁଲପୁର ବ୍ଲକ ଅଧୀନ ୧୬ନଂ. ଜାତୀୟ ରାଜପଥର ପୁରୁଣା ଥାନା ଛକଠାରେ ଚଢ଼ାଉ କରାଯାଇ ବେଆଇନ ଭାବେ ମାଟି ପରିବହନ କରୁଥିବା ଏକ ହାଇୱା (ଓଡି-୦୪ଏନ୍-୯୦୩୫) ଜବତ କରାଯାଇଛି। ବେଆଇନ ପରିବହନ ସମ୍ପର୍କରେ ଖବରପାଇ ତହସିଲଦାର ପକ୍ଷରୁ ଚଢ଼ାଉ କରାଯାଇଥିଲା। ତହସିଲ ପକ୍ଷରୁ ଚଢ଼ାଉ ସମ୍ପର୍କରେ ସୂଚନା ପାଇ ପଛରେ ଆସୁଥିବା ଆଉ ୪ଟି ମାଟି ବୋଝେଇ ଗାଡି ଛତ୍ରଭଙ୍ଗ ଦେଇ ପଳାଇ ଯାଇଥିଲା। ଜାରକା ଅଞ୍ଚଳର ବେଆଇନ ସ୍ଥାନରୁ ମାଟି ଉଠାଯାଇ କୁଆଖିଆ ଅଞ୍ଚଳରେ ନିର୍ମାଣାଧୀନ ଏକ ପେଟ୍ରୋଲ ପମ୍ପ କାର୍ଯ୍ୟରେ ବ୍ୟବହାର ପାଇଁ ଯାଉଥିବା ପ୍ରାଥମିକ ତଦନ୍ତରୁ ଜଣାଯାଇଛି। ଚଢାଉରେ ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ରାଜସ୍ୱ ନିରୀକ୍ଷକ ଦୁର୍ଯ୍ୟୋଧ ଷଡ଼ଙ୍ଗୀଙ୍କ ସମେତ କୁଆଖିଆ ଥାନାର ପୋଲିସ କର୍ମଚାରୀମାନେ ସାମିଲ ଥିଲେ।

### ମୋବାଇଲ ଚୋରି: ୩ଜଣଙ୍କୁ ଜେଲ

ନୟାଗଡ଼ ଅଫିସ,୨୮।୧୦: ମୋବାଇଲ ଚୋରି ଅଭିଯୋଗରେ ନୟାଗଡ଼ ଟାଉନ ଥାନା ପୋଲିସ ୩ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ନୟାଗଡ ସବ୍‌ଜେଲକୁ ପଠାଇ ଦିଆଯାଇଛି। ସେମାନେ ହେଲେ ଦୁର୍ଗାପ୍ରସାଦର ମୁନା ପ୍ରଧାନ (୨୨), ଜୟ ପ୍ରଧାନ (୨୧) ଓ ସନ୍ତୋଷ ବେହେରା (୨୪)। ସନ୍ତୋଷ ମୋବାଇଲ ଚୋରି କରୁଥିବା ଜଣାପଡିବା ପରେ ଅନ୍ୟ ଦୁଇ ସହଯୋଗୀ ଗିରଫ ହୋଇଥିଲେ। ଏମାନଙ୍କଠାରୁ ୫ଟି ମୋବାଇଲ ଜବତ ହୋଇଛି। ଏ ନେଇ ଟାଉନ ଥାନାରେ ପୂର୍ବରୁ ୩୯/୨୦ରେ ମାମଲା ରୁଜୁ ହୋଇଥିବା ବେଳେ ଏବେ ୧୭୦/୨୦ରେ ମାମଲା ରୁଜୁ ହୋଇଛି।

### ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ଅଭିଯୋଗ

ରସୁଲପୁର,୨୮।୧୦(ଡି.ଏନ୍.ଏ.): ରସୁଲପୁର ବ୍ଲକ ରାହାମ୍ବା ପଞ୍ଚାୟତ ଅନ୍ତର୍ଗତ ମିର୍ଜାପୁର ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ରଶି ଦେଇ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମୀନକେତନ ବିଶ୍ୱାଳ(୬୦)। ଏନେଇ ପରିବାର ସଦସ୍ୟ କୁଆଖିଆ ଥାନାରେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ୨୦୧୮ରେ ମୀନକେତନଙ୍କ ପୁଅ ପାଣିରେ ବୁଡ଼ିଯାଇଥିଲେ। ଏହାପରଠାରୁ ସେ ମାନସିକ ଦୁଶ୍ଚିନ୍ତାରେ ଥିଲେ। ଘଟଣା ଦିନ ରାତିରେ ମୀନକେତନ ଘରେ ଶୋଇଥିଲେ। ତାଙ୍କ ସ୍ତ୍ରୀ ବାହାରକୁ ଉଠିବା ସମୟରେ ସ୍ୱାମୀ ଘରେ ନ ଥିବା ଦେଖି ଖୋଜାଖୋଜି କରିଥିଲେ। ପରେ ବାଡିପଟେ ଥିବା କନିଅର ଗଛରେ ମୀନକେତନ ଝୁଲୁଥିବା ଦେଖି ପୋଲିସରେ ଖବର ଦେଇଥିଲେ। ପୋଲିସ ବୁଧବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବାସହ ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ପଠାଇଛି। ଏଥିସହ କୁଆଖିଆ ଥାନାରେ ଅପମୃତ୍ୟୁ ମାମଲା (ନଂ.୧୮/୨୦) ରୁଜୁ କରିଛି।

### ପରିବାରର ୭ ଜଣଙ୍କୁ ହରାଇଥିଲେ ରାଜାରାମ

ପାରାଦୀପ,୨୮।୧୦(ସ୍ୱ.ପ୍ର.): ୧୯୯୯ ଅକ୍ଟୋବର ୨୯ରେ ହୋଇଥିବା ମହାବାତ୍ୟାକୁ ଏହା ମଧ୍ୟରେ ୨୧ ବର୍ଷ ପୁରିଛି। କିନ୍ତୁ ସେହି ମହା ବିଭିଷୀକାର ଚିତ୍ର ଆଜି ବି କେଉଁଠି ନା କେଉଁଠି ରହିଛି। ବିଶେଷ ପ୍ରଭାବିତ ଅଞ୍ଚଳ ପାରାଦୀପ ଓ ଏରସମାରେ ଏବେବି ମହାବାତ୍ୟା କଥା କେହି ମନେ ପକାଇ ଦେଲେ ସେମାନଙ୍କ ଆଖିରୁ ଲୁହ ଆସି ଯାଉଛି। ମହାବାତ୍ୟା ପରେ ଅନେକ ବାତ୍ୟା ଉପକୂଳରେ ହୋଇସାରିଛି। ଯାହାକି ମହାବାତ୍ୟାଠାରୁ କମ ରହିଛି। ମହାବାତ୍ୟାରେ ସର୍ବସ୍ୱ ହରାଇଥିବା ପାରାଦୀପ ଷଣ୍ଢକୁଦବସ୍ତିର ରାଜାରାମ ପାଲଙ୍କୁ ସେହି କଥା ପଚାରିଲେ ସେ କେବଳ ଲୁହ ଗଡ଼ାଇବା ଛଡ଼ା କିଛି କହିପାରି ନ ଥିଲେ। କାରଣ ସେ ବାତ୍ୟାରେ ନିଜ ପରିବାରର ୭ ଜଣ ଯଥା: ସ୍ତ୍ରୀ, ପୁଅ, ଝିଅ, ମା', ବାପା, ଭଉଣୀ ଓ ଜେଜେମା)ଙ୍କୁ ହରାଇଛନ୍ତି। ନିଜେ ଏକ ଭଙ୍ଗା ଚାଳିଆକୁ ଧରି ୪ ଦିନ ପରେ ଉଦ୍ଧାର ହୋଇଥିଲେ। ସେହିଭଳି ଆଉଜଣେ ମହିଳା ହେଲେ ଆରତୀ ରଣଜିତ। ସେ ମଧ୍ୟ ତାଙ୍କର ୬ ଜଣ ଯଥା: ସ୍ୱାମୀ, ସନ୍ତାନ, ଶାଶୁ ଶ୍ୱଶୁର)ଙ୍କୁ ହରାଇଛନ୍ତି। ପରବର୍ତ୍ତୀ ସମୟରେ ରାଜାରାମ ଓ ଆରତୀଙ୍କ ବିବାହ ହୋଇଥିଲା। ଏବେ ସେମାନଙ୍କ ୨ଟି ସନ୍ତାନ ଅଛନ୍ତି। ଏମିତି ଅନେକ ହୃଦୟସ୍ପର୍ଶୀ ଘଟଣା ଷଣ୍ଢକୁଦବସ୍ତିର ରହିଛି।

# ଘାଇ ମରାମତି ନାଁରେ ଅର୍ଥ ଲୁଟ

**ଓସିସି ଓ ଜଳ ସମ୍ପଦ ବିଭାଗର ଅବହେଳା**

**■ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରାଯାଇଥିବା ଅଭିଯୋଗ**



ରସୁଲପୁର, ୨୮।୧୦ (ଡି.ଏନ୍.ଏ.)

ଗତ ଅଗଷ୍ଟ ବନ୍ୟାରେ ଜଳସମ୍ପଦ ବିଭାଗ ବରୀ ଉପଖଣ୍ଡ ଅଧୀନ ରସୁଲପୁର ବ୍ଲକର ବ୍ରାହ୍ମଣୀ ନଦୀ ବନ୍ଧର ବାମପାର୍ଶ୍ୱରେ ହୋଇଥିବା ୭ଟି ଘାଇ ମରାମତି କାର୍ଯ୍ୟ ଇତିମଧ୍ୟରେ ଶେଷ ହୋଇଛି। ହେଲେ ମରାମତି କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ, ଗତ ବନ୍ୟାରେ ଜଳସମ୍ପଦ ବିଭାଗ ବରୀ ଉପଖଣ୍ଡ ଅଧୀନ ରସୁଲପୁର ବ୍ଲକର ବ୍ରାହ୍ମଣୀ ନଦୀର ବାମପାର୍ଶ୍ୱ ବନ୍ଧର ୭ଟି ସ୍ଥାନରେ ଘାଇ ସୃଷ୍ଟି ହୋଇଥିଲା। ସେଥିମଧ୍ୟରୁ ରୁଦ୍ରପୁର ସେକ୍ସନ ଅଧୀନ ଗୋପାଳପୁର, ସାମନ୍ତରାପୁର, ଗଣେଶପାଟଣା ଓ ଖଣ୍ଡାସରେ ଗୋଟିଏ ଲେଖାଏ ଏବଂ ଲଙ୍କାବାଲିସାହିରେ ୨ଟି ସମୁଦାୟ ୬ଟି ସ୍ଥାନରେ ଘାଇ ସୃଷ୍ଟି ହୋଇଥିଲା। ସେହିପରି ରତ୍ନଗିରି ସେକ୍ସନ ଅଧୀନ ବନ୍ଧଡିହ ପଞ୍ଚାୟତ କଣ୍ଡିଆସାହିଠାରେ ଗୋଟିଏ ଘାଇ ହୋଇଥିଲା। ଓସିସି (ଓଡ଼ିଶା ନିର୍ମାଣ ନିଗମ) ମରାମତି ଦାୟିତ୍ୱ ନେଇଥିବା ବେଳେ କାର୍ଯ୍ୟ ତଦାରଖ ପାଇଁ ଜଳ ସମ୍ପଦ ବିଭାଗ ଉପରେ ନ୍ୟସ୍ତ କରାଯାଇଥିଲା। ଓସିସି ପକ୍ଷରୁ ଠିକାଦାରଙ୍କୁ ମରାମତି ଦାୟିତ୍ୱ ଦିଆଯାଇଥିଲା। ହେଲେ କାର୍ଯ୍ୟ ଚାଲିଥିବା ବେଳେ ତଦାରଖ ପାଇଁ ଥରେ ହେଲେ ଜଳସମ୍ପଦ ବିଭାଗ କର୍ତ୍ତୃପକ୍ଷ ସେଠାକୁ ଯାଇ ନ ଥିଲେ ବୋଲି ଅଭିଯୋଗ ହୋଇଛି। ଠିକାଦାର ଜଣକ ଜନସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକ ମଧ୍ୟ ଲଗାଇ ନ ଥିବା ବେଳେ ମରାମତି କାମରେ ବ୍ୟାପକ ଅନିୟମିତତା କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ଘାଇ ମରାମତି ପାଇଁ କାଠ ଖୁମ୍ବ, ବାଡ଼ ତିଆରି ପାଇଁ କାଠ ଛଡ଼ି, ତାର, ଦୁଇ ନଦୀପାର୍ଶ୍ୱରେ ଲୁହା ଚଦରର ଆସ୍ତରଣ ଏବଂ ଉପରେ ମାଟି ଓ ମୋରମ ବ୍ୟବହାର କରିବା ପାଇଁ ନିୟମ ରହିଛି। ହେଲେ ସମ୍ପୃକ୍ତ ଠିକାଦାର କାଠ ଖମ୍ବ, ଛଡ଼ ବ୍ୟବହାର ବଦଳରେ ବାଉଁଶ ବ୍ୟବହାର କରିଛନ୍ତି। ବାଡ ବାନ୍ଧିବା ପାଇଁ ତାର ବଦଳରେ ନଡିଆକତା ରଶି ବ୍ୟବହାର କରାଯାଇଛି। ନଦୀ ପାର୍ଶ୍ୱରେ କୌଣସି ଚଦର ଲାଲଗାଯାଇନି। ବାଲିବସ୍ତାରେ ନିର୍ମିତ ରାସ୍ତା ଉପରେ ମାଟି ବଦଳରେ ବାଲି ପକାଇଯାଇଛି ଓ ମୋରମ ବଦଳରେ କ୍ରସର ଗୁଣ୍ଡ ବ୍ୟବହାର ହୋଇଛି। ର, ଠ ଭାବେ ମରାମତି କରାଯାଇ ବିପୁଳ ଅର୍ଥ ତୋଷରପାତ କରିବାକୁ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ବରୀ ଏସ୍‌ଡିଓ ସୁବାସ ତ୍ରିପାଠୀଙ୍କୁ ପଚାରିବାରେ ଉକ୍ତ କାର୍ଯ୍ୟର ତଦାରଖ ଦାୟିତ୍ୱ ସମ୍ପୃକ୍ତ ସେକ୍ସନର କନିଷ୍ଠ ଯନ୍ତ୍ରୀମାନଙ୍କୁ ଦିଆଯାଇଥିଲା ବୋଲି କହିଛନ୍ତି। ରୁଦ୍ରପୁର ସେକ୍ସନ କନିଷ୍ଠ ଯନ୍ତ୍ରୀ ପ୍ରମୋଦ ବେହେରାଙ୍କୁ ଯୋଗାଯୋଗ କରିବାରୁ ସେ ଖବରଦାତାଙ୍କ ନାଁ ଶୁଣି ଫୋନ କାଟି ଦେଇଥିଲେ। ପରେ ନମ୍ବରଟିକୁ ବ୍ଲକ କରିଦେଇଥିଲେ। ତେଣୁ ତାଙ୍କ ମତାମତ ନେବା ସମ୍ଭବ ହୋଇପାରିନାହିଁ। ରତ୍ନଗିରି ସେକ୍ସନ ଯନ୍ତ୍ରୀ ଶିବାନନ୍ଦ ପାଣିଗ୍ରାହୀଙ୍କୁ ପଚାରିବାରୁ ଉକ୍ତ ମରାମତି କାର୍ଯ୍ୟକୁ ଡିସେମ୍ବର ମାସରେ ଭାଙ୍ଗି ଦିଆଯିବ। ତେଣୁ ସେ କାର୍ଯ୍ୟକୁ ଏତେ ଗୁରୁତ୍ୱ ନ ଦେଇ ଆଗକୁ ହେବାକୁ ଥିବା ସ୍ଥାୟୀ କାର୍ଯ୍ୟ ଠିକ୍ ଭାବରେ କରାଯିବ ବୋଲି ମତ ରଖିଛନ୍ତି।

## ମେଲାଣି ନେଲେ ମା'ଦୁର୍ଗା



ମା'ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତିକୁ ଭସାଣି ପାଇଁ ନିଆଯାଉଛି।

ବରୀ, ୨୮।୧୦ (ଡି.ଏନ୍.ଏ.)

ବରୀ ଅଞ୍ଚଳର ବିଭିନ୍ନ ସ୍ଥାନରେ ମା'ଦୁର୍ଗାଙ୍କ ପୂଜା ନିରାଡ଼ମ୍ବର ଭାବେ କରାଯାଇଥିବା ବେଳେ ବୁଧବାର ଭସାଣି ଉତ୍ସବ ଶେଷ ହୋଇଛି। ବ୍ଲକ ଅଧୀନ ଚନ୍ଦ୍ରଶେଖରପୁର, ଅଲିପୁର, ବାଲିବିଲି, ଭବାନିପୁର, କଳାମାଟିଆ, କାଇପଡ଼ା ପ୍ରଭୃତି ଅଞ୍ଚଳରେ ପୂଜା ପାଉଥିବା ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତିକୁ ପୂଜା କମିଟି ପକ୍ଷରୁ ଆଡମ୍ବରବିହୀନ ଭାବେ ଭସାଣି କରାଯାଇଛି। ଭସାଣି ବେଳେ କରୋନା କଟକଣା ଉଲ୍ଲଂଘନ ଯେପରି ନ ହେବ, ସେ ନେଇ ବରୀ ପୋଲିସ କର୍ମଚାରୀ ଭସାଣ ବେଳେ ଉପସ୍ଥିତ ରହିଥିଲେ।

## ୨୧ ଦିନ ପରେ ଧାରଣା ପ୍ରତ୍ୟାହୃତ



ତହସିଲ ଆଗରେ ଧାରଣାରତ ଭାଜପା କର୍ମୀମାନେ।

ଧର୍ମଶାଳା, ୨୮।୧୦ (ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଭାଜପା ପକ୍ଷରୁ ବିଭିନ୍ନ ଦାବି ନେଇ ତହସିଲ କାର୍ଯ୍ୟାଳୟ ପରିସରରେ ୨୧ ଦିନ ଧରି ଚାଲିଥିବା ଧାରଣା ବୁଧବାର ପ୍ରତ୍ୟାହୃତ ହୋଇଛି। ବନ୍ୟା ବିପନ୍ନଙ୍କୁ ସହାୟତା, ରମାପୁରଠାରେ ମନୁଷ୍ୟକୃତ ଘାଇ ଅଭିଯୋଗର ତଦନ୍ତରେ ଶିଥିଳତା, ବିଭିନ୍ନ ଖାଦାନରୁ ବେଆଇନ ଲୁଟ ଆଦି ଦାବିରେ ଧାରଣା ଦିଆଯାଇଥିଲା। ଭାଜପା ଜିଲା ସାଧାରଣ ସମ୍ପାଦକ ସର୍ବେଶ୍ୱର ବେହୁରାଙ୍କ ନେତୃତ୍ୱରେ ବହୁ କର୍ମୀ ଧାରଣାରେ ସାମିଲ ହୋଇଥିଲେ। ଧାରଣାକୁ ୨୧ ଦିନ ବିତିଯାଇଥିଲେ ବି ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ ନ କରିବାରୁ ଏହାକୁ ବନ୍ଦ କରିଦିଆଯାଇଛି ବୋଲି ବେହୁରା ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଭାଜପା ପରିବାର ସମ୍ପର୍କ ଅଭିଯାନ ମାଧ୍ୟମରେ ଏହି ସମସ୍ୟାକୁ ନେଇ ଘର ଘର ବୁଲି ଲୋକଙ୍କୁ ଅବଗତ କରାଯିବ ବୋଲି ସେ କହିଛନ୍ତି।

## ବେଆଇନ ଖାଦାନରେ ଚଢ଼ାଉ

ଧର୍ମଶାଳା, ୨୮।୧୦ (ଡି.ଏନ୍.ଏ.)

ଧର୍ମଶାଳା ତହସିଲ ଅଧୀନ ଆରୁହା କଳାପଥର ପାହାଡ଼ରେ ବେଆଇନ ଭାବେ ଚାଲିଥିବା ଖାଦାନ ଉପରେ ରବିବାର ଚଢାଉ କରାଯାଇ ଗୋଟିଏ କମ୍ପ୍ରେସର ଓ ୨ଟି ଗାଡି ଜବତ କରାଯାଇଛି। ଆରୁହା କଳାପଥର ପାହାଡରେ ଥିବା ଖାଦାନଗୁଡ଼ିକରେ ପ୍ରଶାସନ ପକ୍ଷରୁ ୧୪୪ ଧାର ଜାରି କରାଯାଇଥିଲେ ବି ବେଆଇନ ଭାବେ ଖାଦାନ ଚାଲୁଛି। ଏ ସମ୍ପର୍କରେ ଖବରପାଇ ତହସିଲ ଓ ପୋଲିସ ପକ୍ଷରୁ ମିଳିତ ଭାବେ ଚଢାଉ କରାଯାଇଥିଲା। ଜବତ କମ୍ପ୍ରେସର ଓ ଗାଡ଼ିଦୁଇଟିଠାରୁ ୮୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ତହସିଲଦାର ପ୍ରଶାନ୍ତ ସାମନ୍ତରାୟ ସୂଚନା ଦେଇଛନ୍ତି।

## ବକେୟା ଦରମା ଦାବିରେ ଶ୍ରମିକ ଆନ୍ଦୋଳନ

**ବାଲେଶ୍ୱର ଆଲଏଜ ଖଣି**

କାଳିଆପାଣି, ୨୮।୧୦ (ଡି.ଏନ୍.ଏ.)

ସୁକନ୍ଦା ଖଣି ଅଞ୍ଚଳ ଥିବା ବାଲେଶ୍ୱର ଆଲଏଜ ଖଣିରେ କର୍ମଚାରୀ ଓ ଶ୍ରମିକମାନେ ଶ୍ରମିକ ସଂଘ ନେତୃତ୍ୱରେ ବୁଧବାର ରାସ୍ତାରୋକୋ କରିବା ସହ ଗେଟ ଆଗରେ ଧାରଣା ଦେଇଥିଲେ। ଉକ୍ତ ଖଣିରେ କାର୍ଯ୍ୟ କରୁଥିବା ୬ ଶହରୁ ଊର୍ଦ୍ଧ୍ୱ କର୍ମଚାରୀ କରୋନା କାଳରେ ନିୟମିତ କାର୍ଯ୍ୟ କରିଥିଲେ ବି କମ୍ପାନୀ କର୍ତ୍ତୃପକ୍ଷ ଦରମା ଦେବାକୁ ଦିନ ଗଡ଼ାଇ ଚାଲିଛନ୍ତି।ବିଳମ୍ବ ପରେ ବିଳମ୍ବ କରିଚାଲିଛି। ଏ ନେଇ ବାହୁବାର ଆନ୍ଦୋଳନ ହୋଇଥିଲେ ବି କମ୍ପାନୀ କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି ପରେ ଏହା ପ୍ରତ୍ୟାହୃତ କରାଯାଇଛି। କିଛିଦିନ ପୂର୍ବରୁ କେନ୍ଦ୍ରୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ କମ୍ପାନୀ ପ୍ରତିନିଧି ୫ହଜାର ଟଙ୍କା ଅଗ୍ରୀମ ଦେବା ସହ ଆସନ୍ତା ମାସରେ ବକେୟା ଦରମା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ସମୟ ସୀମା ପାର ହୋଇଯାଇଥିଲେ ବି କର୍ମଚାରୀଙ୍କୁ ଏ ପର୍ଯ୍ୟନ୍ତ ଦରମା ପ୍ରଦାନ କରାଯାଇନାହିଁ। ଏହାର ପ୍ରତିବାଦରେ କର୍ମଚାରୀ ସଂଘ ଶାଖାର ବଳରାମ ଦାସ, ବିଶ୍ୱଜିତ ମହାନ୍ତ, ଜଗଦିଶ ହେସା, ତରେଣୀ ପ୍ରସାଦ ବରାଳ, ଧୀରେନ୍ଦ୍ର ମହାନ୍ତ, ଜଗତ ହେମ୍ବ୍ରମ, ପୁରୁଷୋତ୍ତମ ମହାନ୍ତ, ଭବାନୀ ମହାନ୍ତ ପ୍ରମୁଖଙ୍କ ନେତୃତ୍ୱରେ ଶ୍ରମିକ ଓ କର୍ମଚାରୀମାନେ ଗେଟ ବନ୍ଦ କରି ଧାରଣାରେ ବସିଥିଲେ। ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଧୀର, ଉପଦେଷ୍ଟା ଭଗବତି ମହାନ୍ତ, ସହ ସମ୍ପାଦକ ଭରତ ମହାନ୍ତ ଧାରଣାସ୍ଥଳରେ ପହଞ୍ଚି ବକେୟା ଦରମା ପ୍ରଦାନ କରା ନ ଯିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କହିଛନ୍ତି। ସନ୍ଧ୍ୟା ପର୍ଯ୍ୟନ୍ତ କମ୍ପାନୀ କର୍ତ୍ତୃପକ୍ଷ ଆନ୍ଦୋଳନସ୍ଥଳରେ ପହଞ୍ଚି ନ ଥିବା ଜଣାପଡ଼ିଛି।

## ପଟା ବୋଝେଇ ଟାଟା ଏସିଇ ଜବତ, ୨ ଜେଲ ଗଲେ

ନୟାଗଡ଼ ଅଫିସ,୨୮।୧୦

ନୟାଗଡ଼ ରେଞ୍ଜ ବନ କର୍ମଚାରୀ ମୁକ୍ତାପୁର ରାସ୍ତାର ଶାଳଭଞ୍ଜ ଠାକୁରାଣୀ ନିକଟରୁ ଏକ ଶାଗୁଆନ ପଟା ବୋଝେଇ ଟାଟା ଏସିଇ ଗାଡି ଜବତ କରିଛନ୍ତି। କାଠ ଚୋରା ଚାଲାଣ ମାମଲାରେ ଗାଡ଼ି ମାଲିକ ନୟାଗଡ଼ ପୁରୁଣା ସହରର ଭିକାରୀ ସାହୁ (୪୫) ଓ ଶରଣକୁଳ ଜାମୁସାହିର ଅଶୋକ କୁମାର ଜେନା(୪୩)ଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ବୁଧବାର ଉଭୟଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ପ୍ରାପ୍ତ ସୂଚନା ଅନୁସାରେ ମଙ୍ଗଳବାର ରାତିରେ ଓଡି୨୫ଏଚ-୮୪୨୭ ନମ୍ବର ଟାଟା ଏସିଇରେ କାଠ ଚୋରା ଚାଲାଣ ହେଉଥିବା ଜଣାପଡିଥିଲା। ଖବର ପାଇ ନୟାଗଡ଼ ରେଞ୍ଜର ବନ ବିଭାଗ କର୍ମଚାରୀ ପହଞ୍ଚି ଯାଞ୍ଚ କରିଥିଲେ। ଏଥିରୁ ୨୦ ହଜାର ଟଙ୍କାର ୪୫ ଶାଗୁଆନ ପଟା, ୧୩ ସାଇଜ ଜବତ ହୋଇଛି। ବନ ବିଭାଗ ପକ୍ଷରୁ ଓଆର ୫୦/୨୦ରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

## ୪ ବାଲିଗାଡ଼ି ଜବତ

କଳିଙ୍ଗନଗର, ୨୮।୧୦ (ଡି.ଏନ୍.ଏ.)

ଟମକା ପୋଲିସ ବୁଧବାର ୪ ବାଲି ବୋଝେଇ ଟ୍ରାକ୍ଟର କରିଛି। ଉକ୍ତ ଟ୍ରାକ୍ଟରରେ ବାଲି ଚୋରା ଚାଲାଣ ହେଉଥିବା ଖବରପାଇ ଥାନା ଅଧିକାରୀ ସଂଘମିତ୍ରା ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଟିଟିରି- ଗୋବର୍ଦ୍ଧନପୁରଠାରେ ଚଢ଼ାଉ କରିଥିଲା। ସେଠାରୁ ୪ଟି ଟ୍ରାକ୍ଟର (ଓଡି–୨୨–ଜେ ୭୦୫୭, ଓଡି–୦୪–ବି–୬୪୭୩), (ଓଡି–୦୪–ସି –୦୩୯୨, (ଓଡି–୦୪–ଏନ୍–୯୩୭୩)କୁ ଜବତ କରିଥିଲେ। ଉକ୍ତ ଗାଡିଗୁଡ଼ିକର ଡ୍ରାଇଭର ଚଗୁଲୁ ପାତ୍ର ଭରତ ପାତ୍ର, ଚିତ୍ରିନାଲୁ ପୃଷ୍ଟି, ଗୋବିନ୍ଦ ଚନ୍ଦ୍ର ଘଡାଇଙ୍କୁ ଗିରଫ କରାଯାଇଛି।

## ଦୁର୍ନୀତି ନିବାରଣ ସପ୍ତାହ ପାଳିତ



ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଶପଥପାଠ କରୁଛନ୍ତି।

କେନ୍ଦ୍ରାପଡ଼ା ଅଫିସ, ୨୮।୧୦

କେନ୍ଦ୍ରାପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲା ପ୍ରଶାସନ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ବୁଧବାର ପାଳିତ ହୋଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସତର୍କ ଭାରତ-ସମୃଦ୍ଧ ଭାରତ ସମ୍ପର୍କରେ ଶପଥ ପାଠ ହୋଇଥିଲା। ଏ ସମ୍ପର୍କରେ ଏଡିଏମ୍ ବସନ୍ତ କୁମାର ରାଉତ କହିଛନ୍ତି, ନାଗରିକଙ୍କ ସମୃଦ୍ଧି ପାଇଁ ଦୁର୍ନୀତି ପ୍ରତି ସତର୍କ ରହିବା ଆବଶ୍ୟକ। ନିମ୍ନଠାରୁ ଉପରସ୍ତର ପର୍ଯ୍ୟନ୍ତ କର୍ମଚାରୀ ନିଜର କର୍ତ୍ତବ୍ୟକୁ ଉଚିତ ସମ୍ମାନ ଜଣାଇବା ଆବଶ୍ୟକ। ଫଳରେ ଦେଶର ଗଣତନ୍ତ୍ର ବଞ୍ଚିରହିବ। କାର୍ଯ୍ୟକ୍ରମରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଚିନ୍ମୟୀ ରଥ, ଜିଲା ମଙ୍ଗଳ ଅଧିକାରୀ ମମତାରାଣୀ ପରିଡା, ଡିଏସ୍‌ଓ ଲୋକନାଥ ପାଣିଗ୍ରାହୀ, ସିଏସ୍‌ଓ ପ୍ରଶାନ୍ତ କୁମାର ଗନ୍ତାୟତ, ଏଡିପିଆର୍‌ଓ ଲକ୍ଷ୍ମଣ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ।

## ମାଙ୍କଡ଼ କାମୁଡ଼ାରେ ମହିଳା ଗୁରୁତର

ଖଣ୍ଡପଡ଼ା,୨୮।୧୦(ସ୍ୱ.ପ୍ର.)

ଖଣ୍ଡପଡ଼ା ଏନ୍‌ଏସି ୯ନଂ. ୱାର୍ଡ ମଣିକର୍ଣ୍ଣିକା ସାହିର ବିଧବା ନିବାସିନୀ ସାହୁ (୫୫) ବୁଧବାର ମାଙ୍କଡ଼ କାମୁଡ଼ାରେ ଗୁରୁତର ହୋଇଛନ୍ତି। ଅପରାହ୍ନରେ ସେ ଘରର ଛାତ ଉପରୁ ଲୁଗା ଆଣିବାକୁ ଯାଇଥିବା ବେଳେ ଏକ ହନୁମାଙ୍କଡ ହଠାତ୍ ତାଙ୍କୁ କାମୁଡି ଦେଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ନିମନ୍ତେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ମହିଳାଙ୍କ ଅଣ୍ଟାରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସେହିପରି ୧୦ନଂ. ୱାର୍ଡ ବ୍ରାହ୍ମଣ ସାହିର ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ୧୧ବର୍ଷର ପୁଅକୁ ମାଙ୍କଡ଼ କାମୁଡିଥିବା ଜଣାପଡିଛି। ସୂଚନାଯୋଗ୍ୟ ୭ଦିନ ତଳେ ମାଙ୍କଡ଼ କାମୁଡ଼ାରେ ଖଣ୍ଡପଡ଼ା ସହରର ୨ଜଣ ଶିଶୁ ଗୁରୁତର ଆହତ ହୋଇଥିଲେ । ମାଙ୍କଡଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଥିବାରୁ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଗିରଫ

ପାରାଦୀପ,୨୮।୧୦(ସ୍ୱ.ପ୍ର.)

ପାରାଦୀପ ଲକ୍ ଥାନା ଅଞ୍ଚଳରେ ବୁଧବାର ସନ୍ଧ୍ୟାରେ ଜଣେ ୧୧ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ହୋଇଛି। ଏନେଇ ଅଭିଯୋଗ ହେବାପରେ ପୋଲିସ ମାମଲା (ନଂ.୧୯୬/୨୦) ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗୁରୁବାର ସମ୍ପୃକ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ପ୍ରଭାସ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ସିଜୁ ଗ୍ରାମର ରଶ୍ମିରଞ୍ଜନ ସ୍ୱାଇଁ (୨୭)। ଅନ୍ୟପକ୍ଷରେ ଗିରଫ ଅଭିଯୁକ୍ତ ପୋଲିସକୁ ସଫେଇ ଦେଇ କହିଛନ୍ତି, ଅନ୍ୟ ଜଣେ ଯୁବତୀଙ୍କ ସହିତ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ତାଙ୍କର ଏକାଠି ହେବାକୁ ସ୍ଥିରୀକୃତ ହୋଇଥିଲା। ସମାନ ସମୟରେ ସେହି ସ୍ଥାନରେ ନାବାଳିକା ଜଣକ ପହଞ୍ଚି ଯାଇଥିଲେ। ତେଣୁ ଭୁଲବଶତଃ ସେ ନାବାଳିକାଙ୍କୁ ଆଲିଙ୍ଗନ କରିଥିଲେ। ନାବାଳିକା ଚିତ୍କାର କରିବାରୁ ସେ ତାଙ୍କ ପାଟିକୁ ଚାପି ଧରିଥିଲେ।

## ଘରୋଇ ସ୍କୁଲକୁ ସହଯୋଗ କରିବାକୁ ଦାବି

ଯାଜପୁର ଟାଉନ, ୨୮।୧୦(ଡି.ଏନ୍.ଏ.)

ଦଶରଥପୁର ବ୍ଲକ ଘରୋଇ ବିଦ୍ୟାଳୟ ସଂଘ ପକ୍ଷରୁ ଜିଲାପାଳଙ୍କୁ ୫ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। କରୋନା ପାଇଁ ଲକ୍‌ଡାଉନ ଯୋଗୁ ଗତ ମାର୍ଚ୍ଚ ମାସରୁ ସ୍କୁଲ ବନ୍ଦ ରଖାଯିବା ସହ ବେଳେ ସବୁ ସମୟରେ ଘରୋଇ ସ୍କୁଲରେ ସରକାରଙ୍କ ସମସ୍ତ ନିୟମ ଲାଗୁ କରାଯାଇଛି। କରୋନା ପାଇଁ ଏତେ ମାସ ଧରି ସ୍କୁଲ ବନ୍ଦ ରହିବା ଯୋଗୁ କର୍ତ୍ତୃପକ୍ଷ ଅନେକ କ୍ଷତି ସହିଛନ୍ତି। ତେଣୁ ଏଭଳି ଦୁଃସ୍ଥିତିରେ ସରକାରୀ ସ୍କୁଲ ଭଳି ଘରୋଇ ସ୍କୁଲଗୁଡ଼ିକୁ ବିଭିନ୍ନ କ୍ଷେତ୍ରରେ ସହଯୋଗ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଦଶରଥପୁର ଘରୋଇ ବିଦ୍ୟାଳୟ ସଂଘର ସଭାପତି କୃଷ୍ଣ ଚନ୍ଦ୍ର ବେହେରା, ସମ୍ପାଦକ ସୁବ୍ରତ ସାମଲ, ପଞ୍ଚାନନ ଦାସ, ରମାକାନ୍ତ ସାହୁ, ବିଶ୍ୱଜିତ ମହାପାତ୍ର ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## କୋଭିଡ୍ ମାର୍ଗଦର୍ଶିକା ପାଳନ କରିବାକୁ ପରାମର୍ଶ

**ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଉପନିର୍ବାଚନ ପ୍ରସ୍ତୁତି, ଅଗ୍ରଗତି ସମୀକ୍ଷା**



ବୈଠକରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ, ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀ।

ଜଗତ୍‌ସିଂହପୁର ଅଫିସ୍,୨୮।୧୦

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ବୁଧବାର ଜଗତ୍‌ସିଂହପୁର ଜିଲା ଗସ୍ତ କରିଛନ୍ତି। ଏହି ସମୟରେ ସେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ସଦ୍‌ଭାବନା ସଭାଗୃହଠାରେ ତିର୍ତ୍ତୋଲ ଉପନିର୍ବାଚନର ପ୍ରସ୍ତୁତି ଓ ଅଗ୍ରଗତି ସମ୍ପର୍କରେ ବିଭିନ୍ନ ନୋଡାଲ ଅଧିକାରୀଙ୍କ ସହ ସମୀକ୍ଷା କରିଥିଲେ। ଉପନିର୍ବାଚନକୁ ଅବାଧ, ମୁକ୍ତ, ନୀରପେକ୍ଷ ଓ କୋଭିଡ ମାର୍ଗ ଦର୍ଶିକା ଅନୁଯାୟୀ କରିବାକୁ ନୋଡାଲ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ନିର୍ବାଚନରେ ନିୟୋଜିତ ସମସ୍ତ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀଙ୍କ ଥର୍ମାଲ ସ୍କାନିଂ କରାଯିବ। କୋଭିଡ୍ ଆକ୍ରାନ୍ତ କର୍ମଚାରୀଙ୍କୁ ବାଦ ଦିଆଯାଇ ରିଜର୍ଭରେ ଥିବା କର୍ମଚାରୀଙ୍କୁ ନିର୍ବାଚନରେ ନିୟୋଜିତ କରାଯିବ। ନିର୍ବାଚନ ଦିନ ପ୍ରତ୍ୟେକ ବୁଥ୍‌ରେ କୋଭିଡ୍ ମାର୍ଗଦର୍ଶିକା ଅନୁଯାୟୀ ସାମାଜିକ ଦୂରତ୍ୱ ବଜାୟ ରଖିବା, ମାସ୍କ ପରିଧାନ, ହାତ ସାନିଟାଇଜର କରିବା, ଗ୍ଲୋବସ୍ ପିନ୍ଧିବା, ଥର୍ମାଲସ୍କାନିଂ କରିବାକୁ ବାଧ୍ୟତା ମୂଳକ କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଲୋହାନୀ ପ୍ରକାଶ କରିଥିଲେ। ଏତଦ୍‌ବ୍ୟତୀତ କ୍ଲଷ୍ଟର ବୁଥ୍‌ମାନଙ୍କରେ ଆସ୍କାଲାଇଟ୍ ଲଗାଇବା, ଭୋଟ ଗ୍ରହଣ ଦିନ ବୁଥ୍ ବାହାରେ ସାନିଟାଇଜ୍ କରିବା, ୫ଟି ବୁଥ୍‌ର ସ୍ଥାନ ପରିବର୍ତ୍ତନ ସମ୍ପର୍କରେ ଭୋଟରଙ୍କୁ ସଚେତନତା କରାଇବା ନିମନ୍ତ ଗୁରୁତ୍ୱାରୋପ କରିଥିଲେ। ନିର୍ବାଚନ ପୂର୍ବଦିନ ସମସ୍ତ ବୁଥ୍‌କୁ ସାନିଟାଇଜ କରାଯିବ। ପ୍ରତ୍ୟେକ ବୁଥ୍ ପାଇଁ ଜଣେ ଲେଖାଏ ଆଶାକର୍ମୀଙ୍କୁ ନିୟୋଜିତ କରାଯିବ। ସେମାନେ ଭୋଟରଙ୍କ ଥର୍ମାଲ ସ୍କାନିଂ ଓ ସାନିଟାଇଜ କରିବେ। ଭୋଟର ଯେପରି ନୂତନ ବୁଥ୍‌କୁ ସହଜରେ ଯାଇ ପାରିବେ ସେଥିପାଇଁ ସଚେତନତା କରିବା ଉପରେ ମୁଖ୍ୟ ନିର୍ବାଚନ ଅଧିକାରୀ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଯୋଗଦେଇ ଜିଲାପାଳ ତଥା ଜିଲାନିର୍ବାଚନ ଅଧିକାରୀ ସରୋଜ କୁମାର ମିଶ୍ର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଉପନିର୍ବାଚନର ପ୍ରସ୍ତୁତି ଓ ଅଗ୍ରଗତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ତାଙ୍କ ସୂଚନା ଅନୁସାରେ, ଉପନିର୍ବାଚନରେ ୨,୩୯,୧୫୩ ଭୋଟରଙ୍କ ମଧ୍ୟରୁ ୧,୨୪,୧୬୮ ପୁରୁଷ ଭୋଟର ଓ ୧,୧୪,୯୫୬ ମହିଳାଭୋଟର ଅଛନ୍ତି। ୩୭୩ ବୁଥ୍ କରାଯାଇଛି। ସମସ୍ତ ବୁଥ୍‌ରେ ମୌଳିକ ସୁବିଧା ବ୍ୟବସ୍ଥା କରାଯାଇଛି। ୧୫୫ କ୍ରିଟିକାଲ ବୁଥ୍ ଚିହ୍ନଟ କରାଯାଇଛି।

୩୩ ସେକ୍ଟର ଅଫିସରଙ୍କୁ ନିୟୋଜିତ କରାଯାଇଛି। ଏସଭିଏମ କଲେଜରେ ୩୭ ଡିସପର୍ସାଲ ଓ ରିସିଭିଙ୍ଗ୍ କେନ୍ଦ୍ର କରାଯାଇଛି। ଜିଲାରେ ୩୦୩୨ ଜଣ ୮୦ ବର୍ଷରୁ ଊର୍ଦ୍ଧ୍ୱ ଭୋଟର, କୋଭିଡ ସଂକ୍ରମିତ ଓ ସନ୍ଦିଗ୍ଧ ଏବଂ ଭିନ୍ନକ୍ଷମ ଭୋଟର ପୋଷ୍ଟାଲ ବାଲାଟ ପେପର ମାଧ୍ୟମରେ ଭୋଟ ଦେବାକୁ ସମ୍ମତି ଜଣାଇଥିବା ବେଳେ ୨୭ ତାରିଖ ସୁଦ୍ଧା ୨୫୬୪ ଜଣ ଭୋଟଦାନ କରିଛନ୍ତି। ବୈଠକରେ ଆଇଜି ପରବିନ କୁମାର, ଆରକ୍ଷୀ ଅଧୀକ୍ଷକ ପ୍ରକାଶ ଆର, ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ ମହାନ୍ତି, ନିର୍ବାଚନ ନିମନ୍ତ ନିୟୋଜିତ ବିଭିନ୍ନ ନୋଡାଲ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## କବିତା

### କାଳିଝିଅ

ପ୍ରତିଭା ପରିଡ଼ା

ନଈପାଣିରେ
କାଳିଝିଅ କଳା ଦେହକୁ ମାଜୁଥାଏ...
କଳାଘୁମର ଜଳଦର୍ପଣରେ
ଝିଅ ତା' ଦେହରୁ
କଳାରଙ୍ଗ ପୋଛୁଥାଏ
ନା ତା' ଦେହର ଛାଇରେ
ନଈପାଣି ଝଲସୁଥାଏ–

ଝିଅ ନିଠେଇ ଦେଖୁଥାଏ
କଅଁଳି ଆସୁଥିବା ପତ୍ରକଢ଼,
ଶୁଣୁଥାଏ ବର୍ଷାର ରିମ୍‌ଝିମ୍ ଝଙ୍କାର,
ବାରୁଥାଏ ଚୋରା ଚଇତାଳିର ବାସ୍ନା...
ପୁଣି ଖୋଜି ହେଉଥାଏ
ଅମଡ଼ାବାଟର ଠିକଣା–
ଝିଅ ଚିହ୍ନୁଥାଏ ଭଅଁରର ଫୁଲଖେଳ
ମହୁମାଛି ଭିଡ଼
ଜାତିଜାତିକା ପକ୍ଷୀମାନଙ୍କ ଅଭିସାର...

ଝିଅ ଦେଖୁଥାଏ
ମାଟି ଆକାଶର ଅତନ୍ଦ୍ର ନିଶାରେ
ଜଳୁଥିବା ସ୍ୱପ୍ନଭିଜା ନିଶୀଥ ପ୍ରହର–
ଚିତ୍ରଖେଳ ଦେଖୁ ଦେଖୁ
ଝିଅ ନିଜେ ଉଚ୍ଛାଟ ହୋଇ ପଡୁଥାଏ...
ଆପଣା ମହକରେ ଆପେ ମହକି
ଉଠୁଥାଏ...
ବାମନର ତ୍ରିପାଦ ଭୂମି ପରି
ସଂସାରର ସାରା ଛାଇ ଆଲୁଅକୁ
ନିଜ ଭିତରେ ଆବୋରି ଧରିଥାଏ–

ଦୁଆର ସାମ୍ନାରେ
ଢାଲ କରିଦେଇ ତା'ର କଳାଦେହକୁ
ଚାରିପଟେ ଟାଣିଦେଇ ତିନିଗାର
କାଳିଝିଅ ଆବାହନ ମନ୍ତ୍ର ପଢୁଥାଏ
କେଉଁ ଜଣକର ପଦପାତକୁ;
ଯିଏ ପାହୁଣ୍ଡ ବଢ଼େଇ ଦେବ
ସବୁତକ ବିଷ ଶୋଷିନେବାର
ନିଆଁ ଧାରରେ...
ଯିଏ ବିଭୋର ହୋଇପଡୁଥିବ
ମାଟିର ଉଲଙ୍ଗ ଆଲିଙ୍ଗନରେ...
ଯିଏ ମୁକୁଳି ଯାଉଥିବ
ଚମକ ନୁହେଁ,
ନିରୁତା ବିଶ୍ୱାସର ସ୍ନିଗ୍ଧ
ଅଙ୍ଗୀକାରରେ... ।

ମୋ– ୯୮୬୧୫୬୭୭୬୮

### ମଝି ମଣିଷ

ଡ. ହୁସେନ ରବିଗାଂଧୀ

ଜୀବନ ଓ ଯମର ମଝିରେ
ଠିଆ ହୋଇଚି ଏ ଚିକିତ୍ସାଳୟ,
ଯହିଁ ଅହୋରାତ୍ର ଜୀବନର
ଯଜ୍ଞକୁଂଡରେ
ପବିତ୍ର ଅଗ୍ନି ଜ୍ୱଳମାନ।

ଅନ୍ୟପଥେ ଯମର ନିମଂତ୍ରଣ,
ଜୁଇର ଅଗ୍ନିଶିଖାରେ ନିଘୋଡ଼ ନିଦରେ
ଚିର ବିଶ୍ରାମ ଘେନିବାକୁ।

କିଂତୁ ମୁଁ ତ ପଣ କରିଚି ଯେ
ମୁଦିବା ଆଗରୁ ପଲକ
ଲଂବା ପଥ ଅତିକ୍ରମ କରିବି
ଏବଂ ଏବେ ତ ଲକ୍ଷ୍ୟର
ମଧ୍ୟଭାଗ ବି ଦୃଶ୍ୟମାନ ନୁହେଁ।
ଜୀବନ ଯାଜ୍ଞିକ ଚିକିତ୍ସକର ଆଶ୍ୱାସନା
ଓ ଯମ ଯଂତ୍ରଣାର ମୁରୁକିହସା।

ଜୀବନ ଓ ଯମ ମଝିରେ
ଠିଆ ହୋଇ ପଥ ଖୋଜୁଚି ଯେ,
କେଉଁଆଡ଼େ ପଥ ନିୟତିର ?

ମୋ– ୯୪୩୮୪୬୮୧୨୫

# ଭୁଲିବି କେମିତି

ଗଳ୍ପ

ରାଧାଶ୍ୟାମ ରାଉଳ

ଜୀବନରେ ଯାହା କିଛି ଘଟିଯାଇଛି, ବର୍ତ୍ତମାନ ସ୍ଥିତିରେ ସେ ସବୁ ଆମ ପାଇଁ ସ୍ମୃତି। ସବୁ ସ୍ମୃତିକୁ ମନେରଖିବା ସମ୍ଭବପର ନୁହେଁ। ତେବେ କିଛି ସ୍ମୃତିକୁ ଶତଚେଷ୍ଟା କରି ମଧ୍ୟ ଭୁଲି ହୁଏ ନାହିଁ। ଅବଶ୍ୟ ସାମୟିକ ଭାବେ କିଛି କ୍ଷଣ ପାଇଁ ସେ ସେମନ୍ତ ସ୍ମୃତି ମନରୁ ଅନ୍ତର୍ହିତ ହୋଇ ପୁନଶ୍ଚ ପରବର୍ତ୍ତୀ ସମୟରେ ଆବିର୍ଭୂତ ହୁଅନ୍ତି। ସ୍ୱଭାବରେ ସେମନ୍ତ ସ୍ମୃତି ପ୍ରୀତିକର, ପ୍ରାଣବନ୍ତ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ। ଯାହା ଆମ ଜୀବନକୁ ମଧୁମୟ ଓ ଆବେଗମୟ କରାଏ।

ଦୁଷ୍ମନ୍ତ ଭାଇ ଆପଣାର ମଣିଷଟିଏ। ଅଂଶୁମାନର ସ୍ରଷ୍ଟାପଣକୁ ସେ ଆଦର କରନ୍ତି। ଚିଠି ଲେଖିବସନ୍ତି। 'ଶ୍ରଦ୍ଧେୟ ଅଂଶୁମାନ, ଶୁଭେଚ୍ଛା ନେବ। କେତେ ଖୁସି ଲାଗେ, ଯେତେବେଳେ ତୁମ ଲେଖାଟି ପତ୍ରପତ୍ରିକା କି ଖବରକାଗଜ ପୃଷ୍ଠାରୁ ପଢ଼େ। ଆଶିଷ ଦେଉଛି, ଯଶସ୍ୱୀ ହୁଅ। ଆମ ଅଞ୍ଚଳର ଗୌରବ ବୃଦ୍ଧିରେ ତୁମର ପ୍ରଚେଷ୍ଟା ଏମିତି ଲାଗିରହୁ।'

ଦୁଷ୍ମନ୍ତ ଭାଇ, ଅଂଶୁମାନର ସହପାଠିନୀ ମିତାଲିର ବଡ଼ଭାଇ। ମିତାଲି ସାଥେ ଅଂଶୁମାନର ପ୍ରଥମ ପରିଚୟ ହୋଇଥିଲା କଲେଜ ଜୀବନରେ। ସେଇଠୁ ୟୁନିଭର୍‌ସିଟି ପର୍ଯ୍ୟନ୍ତ ସେମାନଙ୍କ ଭିତରେ ଦେଖାସାକ୍ଷାତ, କଥାବାର୍ତ୍ତା। ଏସବୁ କେତେବେଳେ ଔପଚାରିକ ତ ପୁଣି କେତେବେଳେ ଅନ୍ତରଙ୍ଗ।

ୟୁନିଭର୍‌ସିଟି ଛାଡ଼ିବାର ପାଞ୍ଚ ବର୍ଷ ପରେ, ମିତାଲି ସାଥେ ପୁଣି ଦେଖାହୁଏ ଜଳେଶ୍ୱର ଚାକିରି କ୍ଷେତ୍ରରେ। ଅଂଶୁମାନ ବଦଳି ହୋଇଯାଇଥାଏ ଜଳେଶ୍ୱରକୁ। ଏକ ଘରୋଇ କଲେଜରେ ମିତାଲି କିନ୍ତୁ ଜଣେ ଅବୈତନିକ ଅଧ୍ୟାପିକା ଜୀବନ ଆରମ୍ଭ କରିଥାଏ ସେଇଠି। ପରିବର୍ତ୍ତିତ ବେଶଭୂଷାରେ ହଠାତ୍ ମିତାଲିକୁ ଅଂଶୁମାନ ଦେଖି ପ୍ରଥମେ ସଂଶୟୀ ହୋଇଗଲା। ମନେମନେ ଭାବିଲା, 'ଝିଅଟି ଚିହ୍ନାଚିହ୍ନା ଲାଗୁଛି। ୟା'କୁ କେଉଁଠି ଭେଟିଛି ଆଗରୁ! ତେବେ ଯେ ମିତାଲି ନୁହେଁ ତ ?'

କିଛି ମୁହୂର୍ତ୍ତ ପାଇଁ ଦୁହେଁ ପରସ୍ପରକୁ ଦେଖୁଥିଲେ। ମିତାଲି ମୃଦୁ ହସିଲା। ସାହସ ସଂଚି ଅଂଶୁମାନ ପଚାରିଲା, 'ହଇରେ ମିତାଲି କିରେ ? କଥା କ'ଣ ?' ମିତାଲି ମୃଦୁ ହସରୁ ଉତୁରି ଯାଇ ଖୋଲା ହସ ସ୍ତରରେ ପହଞ୍ଚି କହିଲା, 'ଅଂଶୁ କିରେ ? ବୁଝିଲୁ, ତୋର ଜୋକିଙ୍ଗ୍ ନେଚର୍ ଗଲାନାହିଁ ?' ଏଇ କେଇ ବର୍ଷର ବ୍ୟବଧାନ ପରେ ତୁ କେମିତି ମୋତେ ଚିହ୍ନି ପାରୁନୁ କିରେ ?' ଅଂଶୁମାନ କାନମୂଳ ଆଉଁଶି କହିଲା, 'ଚିହ୍ନିବି କେମିତି କହିଲୁ ? ତୁ ଆଉ କ'ଣ ପୂର୍ବ ଭଳିଆ ଦିଶୁଛୁ ? ସାଲ୍‌ୱାର ପଂଜାବୀ ଛାଡ଼ି ଏବେ ଶାଢ଼ି ପିନ୍ଧିଲୁଣି। ମୁଖମଣ୍ଡଳରେ ବି ଛଟାର ଅଦଳବଦଳ। ଛାତ୍ରୀର ଔଜ୍ଜ୍ୱଲ୍ୟ ପରିବର୍ତ୍ତେ ଅଧ୍ୟାପିକାର ପରିପକ୍ୱତା ! ହେଁ, ହେଁ।'

ଦୁହେଁ ବହେ ହସିଲେ, ଖାସ୍ ସେମାନଙ୍କର ସ୍ମୃତି ପାଇଁ। ଅଂଶୁମାନ କହିଲା, 'ମିତାଲି, ତୋ ଘରେ ଖାଇଥିବା ମୁଢ଼ି, ବସାଦହି, ଆଚାର, ଧାନୁଆ ଲଙ୍କା, ବାଇଗଣ ଭରତା, ନଡ଼ିଆ କୋରା ଆଉ ବରକୋଳିର କଥା ଏବେ ମୋର ଢେର୍ ମନେପଡ଼େ।' ମିତାଲି କହିଲା 'ତୋର ଅଧ୍ୟବସାୟ ଓ ସୃଜନଶୀଳତାକୁ ମୁଁ ମୋ' ସାଙ୍ଗମାନଙ୍କୁ କହି ଆନନ୍ଦ ପାଏ।'

ଅଂଶୁମାନ ବେଶ୍ ଭଲଭାବରେ ଲକ୍ଷ୍ୟ କରିପାରୁଥିଲା ମିତାଲି ମନ ଭିତରେ ହୁଏତ କିଛି ଗୋଟାଏ ଭାବନା ବାରମ୍ବାର ଆନ୍ଦୋଳିତ ହେଉଛି। ଛୁଟ୍‌ରାଟ୍ କରି ଦଂଶୁଛି, ତା' ଅସ୍ଥି, ମଜ୍ଜାକୁ। ସେଇଟା ଥିଲା ତା'ର ଅବ୍ୟକ୍ତ ଯନ୍ତ୍ରଣାର ମଗ୍ନ ଅନୁଭବ ! ସେଇ ଯନ୍ତ୍ରଣା ଭିତରେ ସେ ପ୍ରତ୍ୟହ ହନ୍ତସନ୍ତ ହୋଇ ବଂଚୁଥିଲା ପଛକେ, କେବେ ବି ତା' ମନର କଥା, ହୃଦୟର ବ୍ୟଥାକୁ ଅଂଶୁମାନ ପାଖରେ ବ୍ୟକ୍ତ କରି ନ ଥିଲା।

ଅତଃପର ଅଂଶୁମାନ ସଂସାର ମନସ୍କ ହୋଇ ଦାମ୍ପତ୍ୟ ଜୀବନରେ ପାଦ ଥାପିଲା ଓ ଦୂରକୁ ବଦଳି ହୋଇଗଲା। ମିତାଲି ସଂପର୍କରେ ଏତିକି ଜାଣିପାରିଲା ଯେ, ୟା'ଭିତରେ ମିତାଲି ସରକାରୀ କଲେଜରେ ଅଧ୍ୟାପିକା ଚାକିରି ପାଇଯାଇଛି। ବେତନ ଭଲ। ୟୁ.ଜି.ସି. ସ୍କେଲ ଶୀଘ୍ର ଲାଗୁ ହୋଇଯିବ।

ମିତାଲି କଥା ଆଗଭଳି ଆଉ ସେତେଟା ମନେ ପଡ଼େନାହିଁ ଅଂଶୁମାନର। ଏବେ ଖାଲି ସଂସାର–ଜଂଜାଳ। ତଥାପି ତା'ଭିତରୁ ମୁକୁଳି ଆଗକୁ ବାଟ ଚାଲିବାର ଦମ୍ଭ ସେ ପାଉଛି ସାହିତ୍ୟରୁ। କେଉଁ ଦୁର୍ବଳ ମୁହୂର୍ତ୍ତରେ ସେ ସାହିତ୍ୟକୁ ଭଲପାଇ ବସିଲା, ସେ କଥା ସେ ଜାଣେନି। ପ୍ରିୟ ପାଠକ, ପରିବାର ଲୋକ ଓ ଆତ୍ମୀୟ ସ୍ୱଜନଙ୍କ ବିଚାରରେ ସେ ଜଣେ ସାହିତ୍ୟାସକ୍ତ ଅଭାବୀ ମଣିଷ। ତା' ଭିତରେ ପ୍ରଚୁର ଅଭାବ। ନିଜକୁ ନିଜେ ସେ ବହୁବାର ପ୍ରଶ୍ନ କରିଛି, 'ସାହିତ୍ୟକୁ ଭଲ ପାଇ ମୁଁ କ'ଣ ପାଇଛି, ଆଉ କ'ଣ ହରେଇଛି ଜୀବନରେ ?'

ସେଦିନ ପୁଣି ଦୁଷ୍ମନ୍ତ ଭାଇଙ୍କର ଚିଠି ଆସି ଅଂଶୁମାନ ପାଖରେ ପହଞ୍ଚିଲା। ଚିଠିରେ ସେ ଲେଖିଥିଲେ, 'ଶ୍ରଦ୍ଧେୟ ଅଂଶୁମାନ, ଆଜିକାଲି ତୁମେ ସ୍ୱପ୍ନ ଓ ସମ୍ଭାବନା ଠାରୁ ଦୂରେଇ ଯାଇଛ ନା କ'ଣ ? ଉତ୍ସବ ଆସନ୍ତା ତିରିଶ ତାରିଖ ରବିବାର। ଗତ ଦୁଇବର୍ଷ ଧରି ଉତ୍ସବକୁ ଆସି ନ ଥିବାରୁ ତୁମ ଉପରେ ମୋର ଭୀଷଣ ଅଭିମାନ। ତୁମର ଏଇଟା ନୈତିକ କର୍ତ୍ତବ୍ୟ। ତୁମେ ଯେଉଁଠି ଥିଲେ ବି ପ୍ରତିବର୍ଷ ଅନ୍ତତଃ ଥରେ ଆସି ଉତ୍ସବରେ ଯୋଗଦାନ କରିବ। ତୁମ ପାଇଁ ଆମେ ସବୁ ଅଣ୍ଟା ଭିଡ଼ିଛୁ। ଏ ମାଟି ତୁମ ପାଇଁ ଧନ୍ୟ। ଏଇ ମାଟିର ମୋହରେ ଆମେ ସବୁ ମୋହଗ୍ରସ୍ତ। ନିରାଶ କରିବ ନାହିଁ। ନିଶ୍ଚୟ ଆସିବ, ତୁମର ଦୁଷ୍ମନ୍ତ ଭାଇ।'

'ଉତ୍ସବକୁ ଯିବା ପାଇଁ ନିଶ୍ଚୟ ଚେଷ୍ଟା କରିବି' ବୋଲି ଅଂଶୁମାନ ଚିଠିରେ ଉତ୍ତର ପଠେଇଥିଲା। ଅଥଚ ଠିକଣା ବେଳରେ ତା'ର ସମସ୍ତ ଚେଷ୍ଟା ବିଫଳ ହେଲା। ଉତ୍ସବକୁ ଯାଇ ନ ପାରିବାର ଚରମ ଅବସୋସ ଓ ଅବସାଦରେ ସେ ଗୋଟାପଣେ ଶଢ଼ିଗଲା। ଦୁଷ୍ମନ୍ତ ଭାଇ ପାଖକୁ ଚିଠି ଲେଖିବାକୁ ସେ ଚାହୁଁଥିଲା, 'ଭାଇ, ଅସୁବିଧା ହେତୁ ଉତ୍ସବକୁ ଯାଇପାରିଲି ନାହିଁ।' ଗତ ଦୁଇ ବର୍ଷ ଯାଇ ପାରି ନ ଥିଲି। ଏ ବର୍ଷ ମଧ୍ୟ ସେଇ ଅବସ୍ଥା। ଅସୁବିଧାକୁ ଖୋଲି ଲେଖି ଦିଅନ୍ତି ଯେ, ହେଲେ ଆପଣ କିଛି ଶୁଣିବା କିମ୍ବା ବୁଝିବା ଅବସ୍ଥାରେ ନ ଥିବେ। କହିବେ, କିଛି ନା କିଛି ଆଳ ଦେଖେଇ ମୁଁ ଦୂରେଇ ଯାଉଛି ଆପଣଙ୍କଠାରୁ, ନିଜ ଜନ୍ମ ମାଟିରୁ। ହେଲେ ମୋ' ଜନ୍ମମାଟିର ମମତାକୁ ମୁଁ କ'ଣ କେବେ ଭୁଲି ପାରିବି ଭାଇ ?'

ଅଥଚ ସେମିତି କିଛି ସେ ଲେଖିପାରିଲା ନାହିଁ। ଅସମ୍ଭବ ଅଭାବବୋଧ ଭିତରେ ତା' ସ୍ରଷ୍ଟାପଣ ତୁହାକୁ ତୁହା ବିଳପି ଉଠୁଥିଲା। ଆଉ ସେଇ ବିଳାପ ଭିତରୁ ସ୍ୱତଃ ଝରି ଆସୁଥିଲା କବିତାର ପଙ୍କ୍ତି, 'ଅଭାବବୋଧ ନୁହେଁ, ବରଂ ଏ ମୋର ସ୍ମୃତି ରୋମନ୍ଥନ ! ଭୁଲିବି କେମିତି, ମୋ' ଜନ୍ମ ମାଟି, ଏନ୍ଥୁଡ଼ିଶାଳ, ଗାଁ ରାସ୍ତା, ସାଙ୍ଗସାଥୀ ମେଳର ଅନୁଭୂତି, ଶୈଶବର ଅବୁଝାପଣ, କୈଶୋରର ଖିଆଲି ଜୀବନ ଏବଂ ଯୌବନରେ ସାମ୍ନା କରିଥିବା ବାସ୍ତବତାର ଖୋଲାଖୋଲି ଆହ୍ୱାନ !'




ମିତାଲି କଥା ଆଗଭଳି ଆଉ ସେତେଟା ମନେ ପଡ଼େନାହିଁ ଅଂଶୁମାନର। ଏବେ ଖାଲି ସଂସାର–ଜଂଜାଳ। ତଥାପି ତା'ଭିତରୁ ମୁକୁଳି ଆଗକୁ ବାଟ ଚାଲିବାର ଦମ୍ଭ ସେ ପାଉଛି ସାହିତ୍ୟରୁ...

## କାଳକାଳକୁ



"ମୁଁ ଲେଖେ,
ଯେଉଁଠି ଲେଖିବା ହୋଇଥାଏ
ବିଷପାନ
ଓ ମୃତ୍ୟୁ ହୋଇଥାଏ ସଂଗୀତ,
ଯା'ର ମୂର୍ଚ୍ଛନାରେ ଜୀବନ
ପ୍ରତିଶ୍ରୁତ।"

– ମୋହସେନ୍ ଇମାଡ଼ି

ମୋହସେନ୍ ଇମାଡ଼ିଙ୍କ ଜନ୍ମ ୨୯ ଅକ୍ଟୋବର ୧୯୭୬ରେ, ଇରାନ୍‌ରେ। ପିଲାଟି ଦିନରୁ କବିତା ଲେଖା ଆରମ୍ଭ କରିଥିବା ଏହି କବି ପାର୍ଶୀ ଓ ସ୍ପାନିଶ୍ ଭାଷାରେ ବିଦ୍ୱାନ୍। ବୃତ୍ତି ଅଧ୍ୟାପନା, ରୁଚି କବିତା ରଚନା ଓ ତୁଳନାତ୍ମକ ସାହିତ୍ୟରେ ଗବେଷଣା। ପ୍ରଥମ କବିତା ସଂକଳନ "The Flower on the Lines" (ଲା ଫ୍ଲୋର୍ ଏନ୍ ରେଙ୍ଗ୍‌ଲୋନ୍‌ସ) ୨୦୦୩ରେ ପ୍ରକାଶିତ। "Standing on Earth" ତାଙ୍କର ବହୁଚର୍ଚ୍ଚିତ କବିତାଗ୍ରନ୍ଥ, ଉପରୋକ୍ତ ଉଦ୍ଧୃତିଟି ଯାହାର ଏକ ବଜ୍ରଗର୍ଭୀ ଝଟକ।

## ଲକ୍ଷଣ

ମିନିଗଳ୍ପ

ଅଲେଖ ଚନ୍ଦ୍ର ମିଶ୍ର

ସଦ୍ୟଜାତ ଶିଶୁପୁତ୍ରଟିର ମୁହଁକୁ ଦେଖି ଆନନ୍ଦରେ ବିଭୋର ହୋଇ ଉଠିଲେ ପତିପତ୍ନୀ। ନିମିଷକରେ ସାରା ପ୍ରସବ ବେଦନା ଭୁଲିଗଲେ ପତ୍ନୀ ଓ ଗଡ଼ ଜିଣିଲାପରି ମଣିଲେ ପତି। ପାଦଠାରୁ ମୁଣ୍ଡଯାଏ ନିରୀକ୍ଷଣ କରୁକରୁ ହଠାତ୍ ଉତ୍ସାହରେ ଚିତ୍କାର କରି ଉଠିଲେ ପତ୍ନୀ। "ଦେଖ ଦେଖ, ଆମ ପୁଅର ଡାହାଣ ହାତରେ କେମିତି ଛଅଟା ଆଙ୍ଗୁଠି! ଏହା କୋଟିପତି ହେବାର ଲକ୍ଷଣ।" "କାହିଁ ଦେଖି! ଆରେ ହଁ ତ! ଏଭଳି ଭାଗ୍ୟବାନ୍ ହାତ କୋଟିକରେ ଗୋଟିଏ ମିଳେ। ହାତଟି ପଣ୍ଡିତ ହେବାର ନିଦର୍ଶନ!" ପତ୍ନୀ କହିଲେ ଧନୀ, ପତି କହିଲେ ଜ୍ଞାନୀ। ଏହିଭଳି ଯୁକ୍ତିତର୍କ ଭିତରେ ହଠାତ୍ ତାଙ୍କ ବେଡ୍ ପାଖକୁ ଲମ୍ବି ଆସିଲା ହାତଟିଏ। ପତିପତ୍ନୀ ବୁଲି ଚାହିଁଲେ। ପାଖରେ ଠିଆ ହୋଇଥିଲେ ସେହି ଅସହାୟ ନିରକ୍ଷର ବୃଦ୍ଧଟି, ଯିଏ ନିତିଦିନ ୱାର୍ଡର ଚଟାଣକୁ ନିଜ ଗାମୁଛାରେ ସଫାସୁତୁରା କରି କିଛି ବକ୍‌ସିସ୍ ମାଗନ୍ତି ଓ ରୋଗୀମାନେ ଛାଡ଼ି ଯାଇଥିବା ପଥିକୁ ଆଗ୍ରହରେ ନେଇ ଖାଆନ୍ତି। ହଠାତ୍ ନୀରବ ହୋଇଯାଇ ତାଙ୍କର ଡାହାଣ ହାତକୁ ଅପଲକ ନୟନରେ ଚାହିଁ ରହିଲେ ଦୁହେଁ। ସ୍ପଷ୍ଟ ଭାବରେ ବାରି ହୋଇ ପଡୁଥିଲା ସେଥିରେ ଥିବା ଛଅଟି ଆଙ୍ଗୁଠି!!

ମୋ– ୯୪୩୮୬୭୩୮୯୮

## ପୁସ୍ତକ ପରିଚୟ

### କ୍ରାନ୍ତଦର୍ଶୀ ଅନ୍ନଦା ଶଙ୍କର

**ମୂଳ ବଙ୍ଗଳା:** ସୁରଜିତ୍ ଦାସଗୁପ୍ତ
**ଭାଷାନ୍ତର:** ଡ. ମୀନାକ୍ଷୀ ଦାସ
**ପ୍ରକାଶକ:** ଗାୟତ୍ରୀ, ବଡ଼ଗଡ଼, ଭୁବନେଶ୍ୱର–୧୮
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୨୨୦/–




ଆଲୋଚ୍ୟ ପୁସ୍ତକର ଭୂମିକାରେ ମୂଳ ଲେଖକ ସୁରଜିତ୍ ଲେଖିଛନ୍ତି ଅନ୍ନଦାଶଙ୍କରଙ୍କ ସହ ତାଙ୍କ ସମ୍ପର୍କ ବିଷୟ, ଯାହା ତାଙ୍କୁ ଅନ୍ନଦାଶଙ୍କରଙ୍କ ଜୀବନୀ ଲେଖିବାକୁ ଆଗ୍ରହୀ କରିଛି। ପୁସ୍ତକଟିରେ ଅନ୍ନଦାଶଙ୍କରଙ୍କ ବଂଶଲତା, ଜନ୍ମ, ବାଲ୍ୟ–କୈଶୋର, ଶିକ୍ଷା ଓ ସାରସ୍ୱତ ଜୀବନ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲିପିବଦ୍ଧ ରହିଛି। ବିଶେଷକରି ଓଡ଼ିଶାରେ ଅନ୍ନଦାଶଙ୍କରଙ୍କ ଜୀବନଯାତ୍ରା, ଶିକ୍ଷା ଓ ସାରସ୍ୱତ–ଜୀବନ ସମ୍ବନ୍ଧରେ ଯାହା ଉଲ୍ଲେଖ ଅଛି, ତାହା ଓଡ଼ିଆ 'ସବୁଜ ସାହିତ୍ୟ'କୁ ବୁଝିବାରେ ଓ ସେହି ସାରସ୍ୱତ–ପର୍ବର ଉତ୍ସସନ୍ଧାନ କରିବାରେ ସହାୟକ ହୋଇଛି। ବହିଟିକୁ ମୀନାକ୍ଷୀ ଅତ୍ୟନ୍ତ ନିଷ୍ଠାର ସହ ଅନୁବାଦ କରିଛନ୍ତି ଓଡ଼ିଆରେ। ଅନୁବାଦ ଅନୁରାଗପ୍ରେରିତ ହୋଇଥିବାରୁ ମୂଳ ପୁସ୍ତକର ବିଶ୍ୱସ୍ତ ହୋଇପାରିଛି। ବହିଟିକୁ ପ୍ରତ୍ୟେକ ଓଡ଼ିଆ ବିଦ୍ୱାନ୍ ପାଠକରିବା ଉଚିତ୍।

### ଦିନ ପରେ ଦିନ

**କବି:** ଅକ୍ଷୟ ବେହେରା
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର–୧୧
**ପ୍ରଥମ ପ୍ରକାଶ:** ୨୦୧୮,
**ମୂଲ୍ୟ:** ଟ.୨୨୫/–




ମୋଟ ୮୮ଟି କବିତା ସଂକଳନରେ ସ୍ଥାନିତ। ଅକ୍ଷୟ ପ୍ରେମର କବି, ଜୀବନର କବି। ମଲାଟଲେଖରେ କ୍ଷୀରୋଦ ପରିଡ଼ା ଲେଖିଛନ୍ତି: "ସନ୍ନିବେଶିତ କବିତାଗୁଡ଼ିକ କବିଙ୍କ ସରଳ ନିଷ୍କପଟ ହୃଦୟର ମାନ୍ତ୍ରିକ ଉଚ୍ଚାରଣ।" ଅକ୍ଷୟଙ୍କ କବିତା ଭିତରୁ ଗୋଟେ ନିଃସଙ୍ଗ ମଣିଷର ଛବି ଦିଶେ, ଗୋଟିଏ ଭାଙ୍ଗିପଡ଼ିବାର ସ୍ୱର ଶୁଭେ। ନହେଲେ କି ସେ କହନ୍ତେ– "କେଉଁ କୂଳେ ହେବ ଠିଆ/କୂଳରୁ କୂଳଯେ କେତେ ଡାକ ଆସେ/ସମାଧି ତଳୁ କିଏ ପୁଣି ଡାକେ–/ ଭାରି ଲାଗେ ନିଛାଟିଆ।" (ଦ୍ୱନ୍ଦ୍ୱ ପୃ: ୧୬୩)। ଜିଇବାର ଗୋଟେ ଡର ସମ୍ଭବତଃ ଆବୋରି ରହିଥାଏ କବିଙ୍କୁ ଅବିରତ: "ନିଶା ଗରଜୁଛି ବିଜୁଳି ମାରୁଛି/ ରହିରହି ଆସେ ଝଡ଼/ସେ ଝଡ଼ରେ କିବା ନିଶ୍ଚିହ୍ନ ହୋଇବ/ ମୋର ଏ ଦଦରା ନୀଡ଼।" (ନୀଡ଼, ପୃ:୧୬୪)। କବିତାର ଶୈଳୀରେ ଏକ ସୁଧାର ସରଳତା ଆମୂଳଚୂଳ ବର୍ତ୍ତମାନ ଥାଏ ଅକ୍ଷୟଙ୍କ କବିତାରେ, ଯାହାର ବହୁ ପ୍ରମାଣ ଆଲୋଚ୍ୟଗ୍ରନ୍ଥର ନାନା କବିତାରେ ଦୃଶ୍ୟମାନ। ଯଥା: "ଏ ସନର ଅଧାଝରା ବର୍ଷା/ ଆଉ ତମେ– ଏକା କଥା।" (ନରୁଦ୍ଦିଷ୍ଟ ସ୍ୱପ୍ନ, ପୃ:୨୫୫) ଏବଂ "କଥା ଦେଇ କଥା ରଖିବାର/ ପୁଣ୍ୟଠାରୁ ଆଉ କିଛି ପୁଣ୍ୟ/ ଅଛି କି ପୃଥ୍ୱୀରେ ?" (ଅଦୃଶ୍ୟ ଚିତ୍ରକର, ପୃ:୨୪୩)।

# ଝରଣା ଝରିଯିବା ପରି ଥିଲା ମୋର ଲେଖିବା ପ୍ରକ୍ରିୟା

ସୃଜନ-ସ୍ମୃତି


ପ୍ରବୀଣା ମହାନ୍ତି

**ପ୍ରବୀଣା ମହାନ୍ତିଙ୍କ ଜନ୍ମ ୨୦ ଫେବୃୟାରୀ ୧୯୫୭ରେ, ବ୍ରହ୍ମପୁରରେ। 'ଅଗ୍ରଦୂତ' ପ୍ରକାଶ କରନ୍ତି ତାଙ୍କ ପ୍ରଥମ ଉପନ୍ୟାସ 'ସ୍ୱାତୀ' ୧୯୮୯ରେ। ୮ଟି ଉପନ୍ୟାସ ଓ ୬ଟି ଗଳ୍ପ ସଂକଳନର ଏହି ସ୍ରଷ୍ଟା ନିଜର ଜୀବନବାଦୀ ଅନନ୍ୟ ଦୃଷ୍ଟିଭଙ୍ଗୀ ପାଇଁ ଓଡ଼ିଆ କଥା ସାହିତ୍ୟରେ ନିଜ ଭଳି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି...**

ଖୁବ୍ ଛୋଟ ଥିଲି ସେତେବେଳେ– ରାତି ଅଧରେ କେବେକେବେ ମୋର ନିଦ ଭାଙ୍ଗିଗଲେ ଦେଖେ ଟେବୁଲ ଲ୍ୟାମ୍ପ୍ ଜଳାଇ ମୋ' ବୋଉ କିଛି ଲେଖୁଛି। ବୋଉର ସେଇ ଆତ୍ମନିମଜ୍ଜିତ ମୁହଁଟି ମୋତେ ଖୁବ୍ ଭଲ ଲାଗେ। ମୋର ଧାରଣା ଥିଲା ପ୍ରଧାନ ଶିକ୍ଷୟିତ୍ରୀ ବୋଉ ମୋର ହୁଏତ ତା'ର ଅଫିସ୍ କାମ କିଛି କରୁଛି। କିନ୍ତୁ ଆଉଟିକେ ବଡ଼ ହେବା ପରେ ଜାଣିଲି, ବୋଉ ରାତିର ନିରୋଳା ସମୟରେ ବସି ଗଳ୍ପ, ଉପନ୍ୟାସ ଲେଖେ। ସେ ଜଣେ ଲେଖିକା। ମୋ' ଭିତରେ ମଧ୍ୟ ସେବେଠାରୁ ସ୍ୱପ୍ନଟିଏ ଅଙ୍କୁରିତ ହୁଏ ଲେଖିକା ହେବାର। ପିଲାଦିନେ ମୁଁ ଟିକେ ଅନ୍ତର୍ମୁଖୀ ସ୍ୱଭାବର ଥିଲି। ମୋର ମନକଥା କାହା ପାଖରେ ପ୍ରକାଶ କରୁ ନ ଥିଲି ସହଜରେ। କିନ୍ତୁ ମୋ' ମନ ଭିତରେ କୌଣସି କଥାକୁ ନେଇ ଆଲୋଡ଼ନ ସୃଷ୍ଟି ହେଲେ, ସେ ସୁଖ ହେଉ ବା ଦୁଃଖ, ଆନନ୍ଦ ହେଉ ବା ବିଷାଦ, ସେଇ ଭାବନାକୁ ଶବ୍ଦ ମାଧ୍ୟମରେ ବ୍ୟକ୍ତ କରିବାକୁ ପ୍ରୟାସ କରୁଥିଲି। ଅନାବନା କାଗଜକୁ ଏକାଠି କରି ତିଆରି କରିଥିବା ଡାଏରୀରେ। ସେଗୁଡ଼ିକ କେବେକେବେ କବିତା ପାଲଟିଯାଉଥିଲା ତ କେବେ ଗପ! ସଂଗୋପନରେ ସାଇତା ହୋଇ ରହୁଥିଲା ମୋର ସେଇ ଭାବ ସମ୍ପଦ।

ଆମ ଘରର ସାରସ୍ୱତ ପରିବେଶ ତଥା ମୋର ଶୈଶବ ଏବଂ କୈଶୋରର ମଧୁମୟ ଦିନସବୁ ମୁକୁଳିତ ହୋଇଥିବା କେନ୍ଦୁଝରର ନୈସର୍ଗିକ ପ୍ରାକୃତିକ ପରିବେଷ୍ଟନୀ ମୋତେ ଲେଖିକାଟିଏ ହେବା ଦିଗରେ ପ୍ରେରିତ କରିଥିଲା। ମୋ' ଭିତରେ ସେମାନଙ୍କର ସୃଜନଶୀଳ ପ୍ରତିଭାର ଝଲକ ଦେଖି ବାପା ବୋଉ ବହୁତ ଖୁସି ହୋଇଥିଲେ। ମୋର ଆଜୁରୁବାଜୁରୁ ଲେଖାସବୁକୁ ସଜାଡ଼ି ଲେଖିବା ପାଇଁ ଦିଗ୍‌ଦର୍ଶନ ଦେଇଥିଲେ।

ଲେଖା କ'ଣ ଜାଣିବା ପୂର୍ବରୁ ମୁଁ ସ୍ୱତଃସ୍ଫୂର୍ତ୍ତ ଭାବରେ ଲେଖିବା ଆରମ୍ଭ କରିଦେଇଥିଲି ମୋର ଆଦ୍ୟ କୈଶୋରରୁ। ନିଃଶ୍ୱାସ ପ୍ରଶ୍ୱାସ ପରି, ଫୁଲଫୁଟିବା ପରି ବା ଝରଣା ଝରିଯିବା ପରି ଥିଲା ସେହି ପ୍ରକ୍ରିୟା ଖୁବ୍ ସ୍ୱଚ୍ଛନ୍ଦ ଏବଂ ସ୍ୱାଭାବିକ। ଭାବନାର ଅଫୁରନ୍ତ ସମ୍ଭାରରେ ହୃଦୟର ପାତ୍ରଟି ଟଳମଳ ହୋଇ ଉଠିଲେ ତାକୁ କାଗଜ କଲମ ସହାୟତାରେ ଢାଳି ନ ଦେବାଯାଏ ଶାନ୍ତି ମିଳୁ ନ ଥିଲା। ଲେଖିବାର ଉଚ୍ଛ୍ୱସିତ ପ୍ରେରଣା ଭିତରୁ ଆସିଲେ କୌଣସି ବାଧାବନ୍ଧନ ମାନୁ ନ ଥିଲି।

ଅଷ୍ଟମ ଶ୍ରେଣୀରେ ମୁଁ ପଢୁଥିବା ବେଳେ ଗୋଟିଏ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମୋର ଲେଖା ପୁରସ୍କୃତ ହୋଇ 'ନବଦିଗନ୍ତ' ନାମକ ଏକ ସଂକଳନରେ ପ୍ରକାଶିତ ହୋଇଥିଲା। ଏକାବେଳକେ ଦୁଇଟି ବିଭାଗରେ ମୋ' ଲେଖା ସ୍ଥାନ ପାଇଥିଲା। କବିତାଟି ଥିଲା 'ବୀର ଯବାନ' ଏବଂ ଗଳ୍ପର ଶୀର୍ଷକ ଥିଲା 'ମୁକ୍ତ ବିହଙ୍ଗ'। ଛପା ଅକ୍ଷରରେ ନିଜର ନାମ ଏବଂ ନିଜର ଲେଖାକୁ ପ୍ରଥମ କରି ଦେଖିବାର ଶିହରଣ ଏବଂ ଖୁସି ଥିଲା ଅବର୍ଣ୍ଣନୀୟ।

ମାସିକ ସାହିତ୍ୟ ପତ୍ରିକା 'ସୌରଭ'ରେ ଶିଶୁ କିଶୋରମାନଙ୍କ ପାଇଁ 'ଇନ୍ଦ୍ରଧନୁ' ବୋଲି ବିଭାଗଟିଏ ଥିଲା। ସେଇଥିରେ ମୋର ପ୍ରଥମ କବିତା 'ପେଟୁରାମର ମୋଟର ବୁଲା' ପ୍ରକାଶିତ ହୋଇଥିଲା। ସେଇଟା ଗୋଟିଏ ମଜା କବିତା ଥିଲା। କବିତାଟି ତ ମୋର ଥିଲା, ମାତ୍ର ମୁଦ୍ରଣ ତ୍ରୁଟି ହେତୁ ମୋ' ନାଁଟି 'ପ୍ରବୀଣା ବଦଳରେ 'ପ୍ରଦୀପା' ହୋଇଯାଇଥିଲା। ପତ୍ରିକାର କପିଟିଏ ବାପାଙ୍କ ଠିକଣାରେ ଆସିଥିଲା। ନିଜର ଲେଖାକୁ ପତ୍ରିକାରେ ଦେଖି ମୁଁ ଯେତିକି ଖୁସି ହୋଇଥିଲି, ମୋର ନୂଆ ନାଆଁଟିକୁ ଦେଖି ଅଧିକ ଖୁସି ହୋଇଯାଇଥିଲି। ମୋର ନୂଆ ନାମଟି ଭାରି ପସନ୍ଦ ହୋଇଯାଇଥିଲା। ବାପା ବୋଉଙ୍କ ପାଖରେ ଅଳି କରିଥିଲି ମୋର ପ୍ରବୀଣା ନାମଟିକୁ ବଦଳାଇ 'ପ୍ରଦୀପା' କରିଦେବାକୁ। ସେମାନେ କିନ୍ତୁ ଆଦୌ ରାଜି ହୋଇ ନ ଥିଲେ। ବରଂ 'ପ୍ରବୀଣା' ନାମଟିକୁ ସାର୍ଥକ କରିବାକୁ ଯଥାସାଧ୍ୟ ଚେଷ୍ଟା କରିବାକୁ କହିଥିଲେ। ମୁଁ ମନ ଖରାପ କରିବା ଦେଖି ବୋଉ କହିଥିଲା– ଠିକ୍ ଅଛି ତୁ 'ପ୍ରଦୀପା' ନାମରେ ଲେଖାଲେଖି କର। ମାତ୍ର ସ୍କୁଲରେ ତୋ' ନାଁ 'ପ୍ରବୀଣା' ହିଁ ରହିବ। ସେତିକି ମୋ' ପାଇଁ ଯଥେଷ୍ଟ ଥିଲା। ନିଜକୁ ନିଜେ ନାଁଟିଏ ଦେବାର ଖୁସି କେତେଜଣଙ୍କୁ ମିଳିଥାଏ !

ମୋର କଲେଜ ଜୀବନର ପ୍ରଥମ ବର୍ଷରେ 'ପ୍ରଜାତନ୍ତ୍ର' ଖବରକାଗଜରେ ସମାଲୋଚନାମୂଳକ ଫିଚରଟିଏ ଲେଖି ଅନେକ ଦିନ ପର୍ଯ୍ୟନ୍ତ ଚର୍ଚ୍ଚାରେ ଥିଲି। କେତେକ କହିଲେ 'କାହିଁକି ଲେଖିଲୁ ଏମିତି ଲେଖା ?' ଆଉ କେତେକ ସାବାସୀ ଦେଲେ 'ଖୁବ୍ ଭଲ ଲେଖିଛୁ'। ସବୁ ସମାଲୋଚନାର ଅନ୍ତ ଘଟିଥିଲା ସେ ବର୍ଷ ପ୍ରଜାତନ୍ତ୍ର ପ୍ରଚାର ସମିତି ଆନୁକୂଲ୍ୟରେ ଆୟୋଜିତ ବିଷୁବ ମିଳନରେ ମୋତେ ଯୁବ ବିଭାଗରେ ପୁରସ୍କାର ମିଳିବା କଥା ଘୋଷଣା ହେବା ପରେ। ସେ ପୁରସ୍କାର କିନ୍ତୁ ମିଳିଥିଲା 'ପ୍ରଦୀପା ପଟ୍ଟନାୟକ'ଙ୍କୁ। ମୋର ଶୁଭେଚ୍ଛୁମାନେ କହୁଥିଲେ "ନିଜ ନାଁରେ ଲେଖୁନାହାନ୍ତି କାହିଁକି ? ଏତେ ସବୁ ପୁରସ୍କାର, ସାର୍ଟିଫିକେଟ୍ ବେକାର ହୋଇଯିବ ଯେ !" ପ୍ରକୃତରେ ବେକାର ହେଉ ନ ଥିଲା ସେ ସବୁ। ଲେଖିକା ଭାବରେ ମୋର ଆତ୍ମବିଶ୍ୱାସକୁ ସୁଦୃଢ଼ କରିଥିଲା।

ବିବାହ ପରେ ହିଁ ମୁଁ ନିଜସ୍ୱ ନାମରେ ଲେଖିବା ଆରମ୍ଭ କଲି। ପତ୍ରପତ୍ରିକାର ପାଠକ/ପାଠିକାମାନେ ନୂଆ ଲେଖିକା 'ପ୍ରବୀଣା ମହାନ୍ତି'ଙ୍କୁ ଚିହ୍ନିଲେ ଗାଳ୍ପିକା, ଔପନ୍ୟାସିକା ଭାବରେ। ସେତେବେଳର ଲୋକପ୍ରିୟ ମାସିକ ସାହିତ୍ୟ ପତ୍ରିକା 'ସୁଚରିତା'ରେ ମୋର କେତୋଟି ଗଳ୍ପ ପ୍ରକାଶ ପାଇବା ପରେ ମୋତେ ବେଶ୍ ପାଠକୀୟ ଆଦୃତି ମିଳିଥିଲା। ତା'ପରେ ଦୁଇଟି ଧାରାବାହିକ ଉପନ୍ୟାସ 'ସୁଚରିତା'ରେ ପ୍ରକାଶ ପାଇଥିଲା। ସେତେବେଳେ ଟିଭି ସିରିଏଲର ଯୁଗ ଆରମ୍ଭ ହୋଇ ନ ଥିଲା। ତେଣୁ ପାଠିକାପାଠକମାନେ ଖୁବ୍ ଉତ୍କଣ୍ଠାର ସହିତ ଅପେକ୍ଷା କରି ରହୁଥିଲେ ମୋ' ଉପନ୍ୟାସର ପରବର୍ତ୍ତୀ ଅଧ୍ୟାୟ ପାଇଁ। ଅନେକ ପାଠିକାପାଠକ ଚିଠି ଲେଖୁଥିଲେ। ଫୋନ୍ କରୁଥିଲେ, କେହିକେହି ଦେଖା କରିବାକୁ ଚାଲି ଆସୁଥିଲେ ଘରକୁ।

ୟା' ମଧ୍ୟରେ ଅନେକ ବର୍ଷ ଅତିକ୍ରାନ୍ତ ହୋଇଗଲାଣି। ବୟସର ପାହାଚରେ ପାଦ ଥାପିଥାପି ମୋର ସେହି ମଧୁମୟ କୈଶୋରର ଆନନ୍ଦମୟ ସ୍ୱପ୍ନ ଦେଖାର ଦିନଗୁଡ଼ିକରୁ ମୁଁ ଅନେକ ବାଟ ଚାଲି ଆସିଲିଣି। ତଥାପି ନିରବରେ ଆଖି ବନ୍ଦ କରି ବସିଗଲେ ମନ ଭିତରେ ଦିଶିଯାଏ ସେଇ ସୁଉଚ୍ଚ ନୀଳ ପର୍ବତଶ୍ରେଣୀର ଶୀତଳ ଛାୟାଘେରା ସବୁଜବନାନୀ, କଳକଲ୍ଲୋଳିତ ପାହାଡ଼ୀ ନଦୀ ଆଉ ଝରଣାର ସୁଲଳିତ ଛନ୍ଦ, ଯୋଉମାନେ ମୋ' ଅଜାଣତରେ ମୋତେ ଲେଖିକା ବନେଇବାରେ ସହଯୋଗ କରିଥିଲେ। ସେମାନଙ୍କ ନିକଟରେ ମୁଁ ଆଜୀବନ କୃତଜ୍ଞ ରହିଥିବି।

ମୋ– ୯୯୩୭୩୬୭୨୪୮



ପରବର୍ତ୍ତୀ ଫିଲ୍ମରେ ଶାହରୁଖ୍ ଖାନ୍‌ଙ୍କ ସହ ରୋମାନ୍ସ କରିବାକୁ ମୋର ଭାରି ଇଚ୍ଛା। ଏଥିଲାଗି ଫିଲ୍ମନିର୍ମାତା ରାଜ୍‌କୁମାର ହିରାନିଙ୍କୁ ମୁଁ ଅନୁରୋଧ କରିଛି।
-ଫତିମା ସାନା ଶେଖ୍, ବଲିଉଡ୍ ଅଭିନେତ୍ରୀ

# ୫ ଦଶନ୍ଧି ଧରି ଜଳୁଛି 'ଦରୱାଜା'

**ମଧ୍ୟ ଏସିଆର ସ୍ୱାଧୀନ ରାଷ୍ଟ୍ର ତୁର୍କମେନିସ୍ତାନରେ ଦୀର୍ଘ ୫୦ ବର୍ଷ ହେଲା ମାଟି ଜଳୁଛି। ବେଳେ ବେଳେ ନିଆଁ ପ୍ରଳୟଙ୍କରୀ ରୂପ ଧାରଣ କରି ଚତୁର୍ଦ୍ଦିଗକୁ ମାଡ଼ିଯାଉଛି। ଶତାଧିକ ମିଟର ଉଚ୍ଚତା ଯାଏ ସୃଷ୍ଟି ହେଉଛି ନିଆଁର ଲହଡ଼ି। ଭୟଙ୍କର ପରିବେଶ ପାଇଁ ଏହି ସ୍ଥାନ 'ନର୍କକୁ ଦ୍ୱାର' ବା 'ଡୋର ଟୁ ହେଲ୍' ନାମରେ ପରିଚିତ।**



କୋଭିଡ୍ ମହାମାରୀ ସମୟରେ ଚର୍ଚ୍ଚାର ପରିସରକୁ ଆସିଥିଲା ତୁର୍କମେନିସ୍ତାନ। ଦେଶରେ ଗୋଟିଏ ବି କରୋନା ମାମଲା ନ ଥିବା ସେଠାକାର ସରକାର ଘୋଷଣା କରିଥିଲେ। ଏପରି କି କରୋନା ଶବ୍ଦ ଉଚ୍ଚାରଣ କରିବା ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। ଏଥିପୂର୍ବରୁ ନିଆଁର ଭୂଖଣ୍ଡ 'ଦରୱାଜା' ପାଇଁ ଏହି ଦେଶ ବିଶ୍ୱ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିଲା। ତୁର୍କମେନିସ୍ତାନର କାରାକୁମ ମରୁଭୂମିରେ ଏକ ବିରାଟ ଗର୍ତ୍ତ ରହିଛି, ଯାହାର ନାମ 'ଦରୱାଜା'। ଦୀର୍ଘ ୫ ଦଶନ୍ଧି ଧରି ଏହି ଗର୍ତ୍ତ ଜଳୁଛି। ପୃଥିବୀର ଆଭ୍ୟନ୍ତରକୁ ସଂଯୁକ୍ତ ହୋଇଥିବା ଉକ୍ତ ଗର୍ତ୍ତ ଦେଇ ମିଥେନ ଗ୍ୟାସ୍ ନିର୍ଗତ ହେଉଥିବାରୁ ନିଆଁ ଅନବରତ ଜଳୁଛି। ଖାସ୍ ଏହି କାରଣରୁ 'ଦରୱାଜା' ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ପାଲଟିଛି ଆକର୍ଷଣର କେନ୍ଦ୍ରବିନ୍ଦୁ।

ତୁର୍କମେନିସ୍ତାନ ପ୍ରଥମେ ସୋଭିଏତ୍ ରୁଷର ଅଂଶବିଶେଷ ଥିଲା। ସତୁରି ଦଶକରେ ଦେଶର ଭୂ-ଅଭ୍ୟନ୍ତରରେ ବିପୁଳ ପରିମାଣରେ ପ୍ରାକୃତିକ ଗ୍ୟାସ୍ ଗଚ୍ଛିତ ଥିବା ଜଣାପଡ଼ିଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ରୁଷିଆ ଭୟଙ୍କର ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଥିଲା। ତେଣୁ ଏହି ଗ୍ୟାସ୍‌କୁ ଉତ୍ତୋଳନ କରାଗଲେ ଆର୍ଥିକ ସ୍ଥିତି ସୁଦୃଢ଼ ହୋଇପାରିବ ବୋଲି ଚିନ୍ତା କରାଯାଇଥିଲା। ତେବେ ୧୯୭୧ରେ ଉକ୍ତ ସ୍ଥାନରେ ଭୟଙ୍କର ବିସ୍ଫୋରଣ ହେବା ସହ ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିଲା। ବୈଜ୍ଞାନିକମାନେ ମିଥେନ ଗ୍ୟାସ୍ ପ୍ରବାହ ରୋକିବାକୁ ଗର୍ତ୍ତରେ ନିଆଁ ଲଗାଇ ଦେଇଥିଲେ। ମିଥେନ ଗ୍ୟାସ୍ ସ୍ରୋତ ଶେଷ ହେବା ସହ ନିଆଁ ଲିଭିଯିବ ବୋଲି ସେମାନେ ଅନୁମାନ କରିଥିଲେ। ହେଲେ ବୈଜ୍ଞାନିକଙ୍କ ସବୁ ଗଣନା ଭୁଲ୍ ସାବ୍ୟସ୍ତ ହେଲା। ନିଆଁ ଆଉ ଲିଭିଲା ନାହିଁ, ଯାହା ଆଜିକାର ସମୟରେ 'ଡୋର ଟୁ ହେଲ୍' ନାମରେ ପରିଚିତ। ୫ ଦଶନ୍ଧି ଧରି ନିଆଁ ଲାଗି ରହିବାର କାରଣ ସମ୍ପର୍କରେ ବହୁ ଅନୁଧ୍ୟାନ କରାଯାଇଥିଲେ ମଧ୍ୟ ବୈଜ୍ଞାନିକମାନଙ୍କୁ ବିଶେଷ ସଫଳତା ମିଳିନାହିଁ। ନିଆଁ ଲାଗିଥିବା ଗର୍ତ୍ତର ଚଉଡ଼ା ୨୨୯ ଫୁଟ ଏବଂ ଗଭୀରତା ପାଖାପାଖି ୬୫ ଫୁଟ। ଏହି ଗାତରୁ ନିର୍ଗମ ହେଉଥିବା ମିଥେନର ଉତ୍କଟ ଗନ୍ଧ ଆଖପାଖ ଅଞ୍ଚଳକୁ ଦୂଷିତ କରିଚାଲିଛି। ସୂଚନାଯୋଗ୍ୟ, କାରାକୁମ ମରୁଭୂମି ଦେଶର ୭୦% ଭୂ-ଭାଗରେ ପରିବ୍ୟାପ୍ତ। ଏହା ପୃଥିବୀର ବୃହତ୍ତମ ମରୁଭୂମି ମଧ୍ୟରୁ ଗୋଟିଏ। ଏଠାରେ ହାରାହାରି ୧୦ ବର୍ଷରେ ଥରେ ଅଧେ ବର୍ଷା ହୋଇଥାଏ। ଏଥିରୁ ଅଞ୍ଚଳର ଭୌଗୋଳିକ ସ୍ଥିତି ସହଜରେ ଅନୁମେୟ।

ପେନ୍‌ସିଲଭାନିଆର ସେଣ୍ଟ୍ରେଲିୟା ସହରରେ ମଧ୍ୟ ଅନୁରୂପ ଘଟଣା ଦେଖିବାକୁ ମିଳିଛି। ଭୂ-ଚଳନ ଯୋଗୁ ଏଠାକାର ସଡ଼କରେ ଫାଟ ସୃଷ୍ଟି ହୋଇଛି। ଶତାଧିକ ଶୂନ୍‌ଶାନ ଘର ଅଗ୍ନିକାଣ୍ଡର ମୂକସାକ୍ଷୀ ଭାବେ ଛିଡ଼ା ହୋଇଛି। ଏହାକୁ ଦେଖିବାକୁ ହଜାର ହଜାର ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ତେବେ ସେମାନଙ୍କ ସୁରକ୍ଷା ପାଇଁ ସହରର ବିଭିନ୍ନ ସ୍ଥାନରେ ସତର୍କତାମୂଳକ ସୂଚନା ଫଳକ ଲଗାଯାଇଛି। ୧୯୬୨ ଯାଏ ଏହି ସହରର ସ୍ଥିତି ସ୍ୱାଭାବିକ ଥିଲା। ତେବେ ଭୂତଳ କୋଇଲା ଖଣିରୁ ନିର୍ଗତ ଦହନଶୀଳ ଗ୍ୟାସ୍ ସହରର ରୂପରେଖ ବଦଳାଇ ଦେଇଛି। ୧୮୫୦ରେ ସେଣ୍ଟ୍ରେଲିୟାରେ କୋଇଲା ଖଣି ଠାବ କରାଯାଇଥିଲା। କୋଇଲା ଉତ୍ତୋଳନ କରିବାକୁ ୨୭୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ଶ୍ରେଣୀର ଲୋକ ପରିବାର ସହ ରହିବା ଆରମ୍ଭ କରିଥିଲେ। ୧୯୩୦ ଆର୍ଥିକ ମାନ୍ଦାବସ୍ଥା (ଗ୍ରେଟ୍ ଡିପ୍ରେସନ)ର ସର୍ବାଧିକ ପ୍ରଭାବ ପଡ଼ିଥିଲା କୋଇଲା ଖଣି ଉପରେ। ଏହା ସତ୍ତ୍ୱେ ସହରୀ ଚାଲିଚଳନ ମଳିନ ପଡ଼ି ନ ଥିଲା। ତେବେ କୋଇଲା ଖଣିରେ ନିଆଁ ଲାଗିବା ପରେ ସବୁକିଛି ଉଜୁଡ଼ିଯାଇଥିଲା। ତେବେ ନିଆଁ ଲାଗିବାର କାରଣ ଅଦ୍ୟାବଧି ସ୍ପଷ୍ଟ ହୋଇପାରିନି।

# କୋଟିଏ ଟଙ୍କାର କାର୍ ଜାଳିଦେଲେ ୟୁଟ୍ୟୁବର

**ନୂଆଦିଲ୍ଲୀ:** ଆରାମଦାୟକ କାର୍‌ଟିଏ କିଣିବା ଅନେକଙ୍କ ଜୀବନର ସ୍ୱପ୍ନ ହୋଇଥାଏ। ହେଲେ ସମସ୍ତେ ଏହାକୁ ପୂରଣ କରିପାରି ନ ଥାନ୍ତି। କିନ୍ତୁ ଜଣେ ବ୍ୟକ୍ତି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଦାମୀ କାର୍ ନିଜ ହାତରେ ଜାଳିଦେଇଛନ୍ତି। ଏକଥା ଶୁଣିବା ବେଳକୁ ଅବିଶ୍ୱାସ ଏବଂ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ରୁଷିଆର ଲୋକପ୍ରିୟ ୟୁଟ୍ୟୁବର ମିଖେଲ୍ ଲିଟ୍‌ଭିନ୍ ନିଜର ଦେଢ଼ ଲକ୍ଷ ଡଲାର ମୂଲ୍ୟର ମର୍ସିଡିଜ୍-ଏଏମ୍‌ଜି ଜିଟି ୬୩ ଏସ୍ କାର୍‌ରେ ନିଜ ହାତରେ ନିଆଁ ଲଗାଇ ଚର୍ଚ୍ଚିତ ଚେହେରା ପାଲଟିଛନ୍ତି। ଏହାର ଏକ ଭିଡିଓ ୟୁଟ୍ୟୁବ୍‌ରେ ଶେୟାର କରାଯାଇଥିବାବେଳେ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏହାକୁ ପସନ୍ଦ କରିଛନ୍ତି। ସେହିପରି ୪୭ହଜାରରୁ ଊର୍ଦ୍ଧ୍ୱ ଲୋକ ନାପସନ୍ଦ ମଧ୍ୟ କରିଛନ୍ତି। ୟୁଟ୍ୟୁବ୍‌ର ଭିଡିଓ ସହ କ୍ୟାପ୍‌ଶନରେ ଲେଖିଛନ୍ତି, 'କାର୍‌ର କ'ଣ କରିବି ବୋଲି ବହୁତ ଚିନ୍ତା କଲି, ନିଆଁ ଭଲ ଉପାୟ ଥିଲା। ମୁଁ ଖୁସି ନାହିଁ।' ଭିଡିଓରେ ୟୁଟ୍ୟୁବର ନିଜ ନୂଆ କାର୍‌କୁ ଏକ ଖୋଲା ପଡ଼ିଆରେ ରଖି ନିଆଁ ଲଗାଇ ଦେଇଥିବା ନଜରକୁ ଆସିଛି। ଅନେକ ବ୍ୟକ୍ତି ଭିଡିଓରେ ପ୍ରତିକ୍ରିୟା ରଖି କହିଛନ୍ତି, ଫଲୋଅର୍ସ ବଢ଼ାଇବା ପାଇଁ ଏହା ଏକ ଯୋଜନା। ସେହିପରି ଅନ୍ୟ ଜଣେ ବ୍ୟକ୍ତି କହିଛନ୍ତି, ଆମେରିକୀୟ ବ୍ଲଗରମାନେ ଆଇଫୋନ୍ ଭାଙ୍ଗୁଛନ୍ତି ଏବଂ ରୁଷିଆ ୟୁଟ୍ୟୁବରମାନେ କାର୍ ଜାଳୁଛନ୍ତି। ବାଃରେ ଦୁନିଆ। ତେବେ ଏକ ରିପୋର୍ଟ ଅନୁଯାୟୀ, କାର୍‌ରେ ବାରମ୍ବାର ସମସ୍ୟା ଦେଖାଦେଇଥିଲା। ଡିଲର କାର୍ ଠିକ୍ କରିବାକୁ ମନା କରିବାରୁ ସେ ବିରକ୍ତ ହୋଇ ଏଭଳି ନିଷ୍ପତ୍ତି ନେଇଥିଲେ। ସୂଚନାଯୋଗ୍ୟ, ଏହି ଲୋକପ୍ରିୟ ୟୁଟ୍ୟୁବରଙ୍କ ପ୍ରାୟ ୫୦ଲକ୍ଷ ସବ୍‌ସ୍କ୍ରାଇବର ରହିଥିବାବେଳେ ୧୧.୩ ମିଲିୟନ ଫଲୋଅର୍ସ ଥିବା ଜଣାପଡ଼ିଛି।



# ଚର୍ଚ୍ଚାରେ କ୍ରିତିଙ୍କ ପୋଲ୍ ଡ୍ୟାନ୍ସ ଭିଡିଓ



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କ୍ରିତି ଖର୍‌ବନ୍ଦା ଏବେ ସୋସିଆଲ ମିଡିଆରେ ବେଶ୍ ଆକ୍ଟିଭ୍। ସେ ନିଜର ଫଟୋ ଏବଂ ଭିଡିଓ ଶେୟାର କରି ସବୁବେଳେ ଫ୍ୟାନ୍‌ଙ୍କ ସହିତ ଜଡ଼ିତ ଅଛନ୍ତି। ନିକଟରେ କ୍ରିତି ଏକ ଚ୍ୟାଲେଞ୍ଜ ଗ୍ରହଣ କରି ଏକ ପୋଲ ଡ୍ୟାନ୍ସ ଭିଡିଓ ଶେୟାର କରିଛନ୍ତି। ଯେଉଁଥିରେ ସେ ଏକ ବ୍ଲାକ୍ କଲର୍ ଆଉଟ୍‌ଫିଟ୍ ସହ ଜବରଦସ୍ତ ଅନ୍ଦାଜ୍‌ରେ ନଜର୍ ଆସିଛନ୍ତି। ଏହି ଭିଡିଓକୁ ବର୍ତ୍ତମାନ ସୁଦ୍ଧା ୧୦ ଲକ୍ଷରୁ ଅଧିକ ଥର ଦେଖାସରିଲାଣି। ଏଥିରେ ତାଙ୍କ ଡ୍ୟାନ୍ସକୁ ମଧ୍ୟ ଫ୍ୟାନ୍‌ମାନେ ବେଶ୍ ପସନ୍ଦ କରିଛନ୍ତି। ତେବେ ଏହି ଚ୍ୟାଲେଞ୍ଜ ତାଙ୍କୁ ଆଉ କେହି ନୁହେଁ ତାଙ୍କ ବୟଫ୍ରେଣ୍ଡ ଅଭିନେତା ପୁଲକିତ୍ ସମ୍ରାଟ ଦେଇଛନ୍ତି। ଏହାକୁ ପୋଷ୍ଟ କରି କ୍ରିତି ଲେଖିଛନ୍ତି ଯେ, 'ତୁମର ଚ୍ୟାଲେଞ୍ଜ ମୁଁ ସ୍ୱୀକାର କରୁଛି'। ଏଥିରେ ବଲିଉଡ୍‌ର ବହୁ ଅଭିନେତା ଏବଂ ଅଭିନେତ୍ରୀ ତାଙ୍କୁ ଜବରଦସ୍ତ ଡ୍ୟାନ୍ସର ବୋଲି କମେଣ୍ଟ କରିଛନ୍ତି। ସୂଚନା ଥାଉ କି, କ୍ରିତି କନ୍ନଡ, ତେଲୁଗୁ ଏବଂ ହିନ୍ଦୀ ଭାଷାରେ ଫିଲ୍ମ କରିସାରିଛନ୍ତି। ତେବେ ତାଙ୍କର ବହୁତ ଫିଲ୍ମ ହିଟ୍ ମଧ୍ୟ ହୋଇଛି। ୱାର୍କ ଫ୍ରଣ୍ଟ କଥା କହିବାକୁ ଗଲେ ଆଗକୁ ୱାନ୍ ମୁଭିରେ ତାଙ୍କୁ ଦେଖିବାକୁ ମିଳିବ।

# ୨୬ ବର୍ଷରେ ୧୪ ସନ୍ତାନଙ୍କ ମା'



**ନୂଆଦିଲ୍ଲୀ:** ମାତ୍ର ୨୬ ବର୍ଷ ବୟସରେ ସେ ହୋଇଛନ୍ତି ୧୪ ସନ୍ତାନଙ୍କ ମା'। ଆଜିର ଯୁଗରେ ବି ଏ କଥା ହୁଏ ତ କେହି ସହଜରେ ବିଶ୍ୱାସ କରିପାରିବେନି। କିନ୍ତୁ ଏଭଳି ଏକ କାମ କରି ଏବେ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ବ୍ରିଟେନ୍‌ର ଲେଟି ମ୍ୟାକ୍ ମାଷ୍ଟର। ତାଞ୍ଜାନିଆର ୧୪ଜଣ ପିଲାଙ୍କୁ ପୋଷ୍ୟ ଭାବେ ଗ୍ରହଣ କରି ସେ ଏବେ ସେମାନଙ୍କର ଦାୟିତ୍ୱ ଗ୍ରହଣ କରିଛନ୍ତି।

ଲେଟି ପ୍ରଥମେ ୧୮ ବର୍ଷ ବୟସରେ ଇଂଲଣ୍ଡରୁ ତାଞ୍ଜାନିଆ ଆସିଥିଲେ ପାଠ ପଢ଼ିବା ପାଇଁ। ସେ ପାଠପଢ଼ା ଶେଷକରିବା ପରେ ସେହିଠାରେ ହିଁ ରହିବା ପାଇଁ ନିଷ୍ପତ୍ତି ନେଇଥିଲେ। କାହିଁକିନା ସେଠାରେ ରହି ସେ ଲୋକଙ୍କ ସମସ୍ୟାର ସମାଧାନ କରିବା ପାଇଁ ଚାହିଁଥିଲେ। ସେଠାରେ ଲୋକଙ୍କ ଦୁଃଖ କଷ୍ଟ ଦେଖି ଭାବୁକ ହୋଇଯାଇଥିଲେ। ବହୁ ଅନାଥ ପିଲା ଖାଇବାକୁ ନ ପାଇ ରାସ୍ତା ଉପରେ ଯେଉଁଭଳି ଜୀବନ ବିତାଉଥିଲେ, ତାହା ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏହାପରେ ସେ ସମାଜର ବିଭିନ୍ନ ସମସ୍ୟାକୁ ଦୂର କରିବା ପାଇଁ ଲାଗି ପଡ଼ିଲେ। ଧୀରେ ଧୀରେ ତାଙ୍କର ଏହି କାମ ତାଙ୍କୁ ସ୍ଥାନୀୟ ଅଞ୍ଚଳରେ ଲୋକପ୍ରିୟ କରିବାରେ ଲାଗିଲା। ଲୋକଙ୍କ ଦୁଃଖ ଦୂରକରିବା ପାଇଁ ସେ କେତେବେଳେ ଅନାଥ ଆଶ୍ରମରେ ଅନେକ ଦିନ ରହିଯାଉଥିଲେ ତ କେବେ ବସ୍ତି ଭିତରେ ଲୋକଙ୍କ ସହ ରହି ତାଙ୍କ କଥା ବୁଝୁଥିଲେ। ଏଭଳି ଭାବରେ ବିଭିନ୍ନ ସ୍ଥାନରେ ରହିବା ମଧ୍ୟରେ ସେ ଅନେକଙ୍କୁ ବିଭିନ୍ନ ପ୍ରକାର ସାହାଯ୍ୟ ତ କରିଛନ୍ତି,ଏହା ସହିତ ୧୪ଜଣଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। ସେମାନଙ୍କର ସମସ୍ତ ଦାୟିତ୍ୱ ନିଜେ ବହନ କରି ଏବେ ଲୋକଙ୍କ ପାଇଁ ଉଦାହରଣ ସାଜିଛନ୍ତି। ଏବେ ତାଞ୍ଜାନିଆରେ ସେ ଏକ ଅନାଥ ଆଶ୍ରମ ଖୋଲି ଗରିବ ଆଉ ଅସହାୟମାନଙ୍କୁ ସାହାଯ୍ୟ କରୁଛନ୍ତି। ଏଥିପାଇଁ ସେ ଏକ ଚ୍ୟାରିଟି ସଂସ୍ଥା ବି ଗଢ଼ିଛନ୍ତି। ଏହି ମାଧ୍ୟମରେ ସେ ବିଭିନ୍ନ ସ୍ଥାନରୁ ଅର୍ଥ ସଂଗ୍ରହ କରି ଗରିବ ଓ ଅନାଥଙ୍କୁ ସାହାଯ୍ୟ କରୁଛନ୍ତି।

# ଯୌନ ରାକ୍ଷସଙ୍କୁ ୧୨୦ ବର୍ଷ ଜେଲ



କିଥ୍ ରାନିଅର

**୧.୭୫ ନିୟୁତ ଡଲାର ଜରିମାନା ନିର୍ଦ୍ଦେଶ**

**ମହିଳାଙ୍କୁ ଯୌନଦାସୀ ହେବାକୁ ବାଧ କରୁଥିଲେ**

**ନ୍ୟୁୟର୍କ:** ସଂସ୍କୃତି ନାମରେ ମହିଳାଙ୍କୁ ଫସାଇ ଯୌନଦାସୀ (ସେକ୍ସ ସ୍ଲେଭ୍) କରିବା ଓ ପରେ ସେମାନଙ୍କ ସହ ଯୌନସମ୍ପର୍କ ରଖିଆସୁଥିବା ଆମେରିକାର ଆତ୍ମଘୋଷିତ ଗୁରୁ କିଥ୍ ରାନିଅରଙ୍କୁ ନ୍ୟୁୟର୍କର ବ୍ରୁକ୍‌ଲିନ୍ କୋର୍ଟ ୧୨୦ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ତାଙ୍କୁ ୧.୭୫ ନିୟୁତ ଡଲାର ଜରିମାନାଦେଶ ମଧ୍ୟ ଶୁଣାଇଛନ୍ତି।

୧୯୯୮ରେ ରାନିଅର 'ଏନ୍‌ଏକ୍ସଆଇଭିଏମ୍' ନାମକ ଏକ ସଙ୍ଗଠନ କରି ସମ୍ଭ୍ରାନ୍ତ ଶ୍ରେଣୀର ମହିଳାମାନଙ୍କୁ ଏଥିରେ ସାମିଲ କରିଥିଲେ। ଆତ୍ମ ବିକାଶ ଶିକ୍ଷା ଲାଗି ପ୍ରତି ମହିଳାଙ୍କଠାରୁ ୫ ଦିନକୁ ୫ ହଜାର ଡଲାର ସେ ନେଉଥିଲେ। ପରେ ସେମାନଙ୍କୁ ଯୌନଶୋଷଣ କରି ଯୌନଦାସୀ ଭାବେ ରଖିଥିଲେ। ପଶୁଙ୍କଠାରୁ ଅଧିକ ଭୟଙ୍କର ଭାବେ ମହିଳାଙ୍କୁ ଯୌନଶୋଷଣ କରାଯାଇ ସେମାନଙ୍କ ଭିଡିଓ ରେକର୍ଡ ସହ ବ୍ଲାକ୍‌ମେଲିଂ ମଧ୍ୟ କରାଯାଉଥିଲା। ଏମିତିକି ଜଣେ ୧୫ ବର୍ଷୀୟା ନାବାଳିକାକୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ କରାଯାଇଥିଲା। ଏନେଇ ୯୦ରୁ ଅଧିକ ମହିଳା ମୁହଁ ଖୋଲି କୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ମଙ୍ଗଳବାର ବିଚାରପତି ନିକୋଲାସ୍ ଗରୌଫିସ୍ ରାନିଅରଙ୍କୁ ଦୋଷୀ ଭାବେ ଚିହ୍ନଟ କରି ଏଭଳି କଠୋର ଦଣ୍ଡାଦେଶ ଦେଇଛନ୍ତି। ଯୌନଶୋଷଣ, ଆପରାଧିକ ଷଡ଼ଯନ୍ତ୍ର ଭଳି ୭ ମାମଲାରେ ତାଙ୍କୁ କୋର୍ଟ ଦୋଷୀ ଭାବେ ଚିହ୍ନଟ କରିଥିଲେ। ଏବେ ରାନଅର ସାରା ଜୀବନ ଜେଲର କଳା କୋଠରି ମଧ୍ୟରେ ବିତାଇବେ।


## ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଦ୍ୱାଦଶାହ ଉପଲକ୍ଷେ



ଏ ପ୍ରଫୁଲ୍ଲ କୁମାର ସାମନ୍ତରାୟ
ଜୟଦେବ ବିହାର, ଭୁବନେଶ୍ୱର
ଆବିର୍ଭାବ: ୦୨।୦୬।୧୯୩୩
ତିରୋଧାନ: ୧୮।୧୦।୨୦୨୦
ବାପା, ଆପଣଙ୍କର ଆକସ୍ମିକ ବିୟୋଗରେ ଆମେ ସମସ୍ତେ ମର୍ମାହତ। ଆପଣଙ୍କ ଅନୁପସ୍ଥିତି ଆମ ସମସ୍ତଙ୍କ ମନରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି କରିଛି ତାହା ଏ ସଂସାରରେ ଆଉ କେହି ପୂରଣ କରିପାରିବେ ନାହିଁ। ଆପଣଙ୍କର ଅମର ଆତ୍ମା ସଦୈବ ମହାପ୍ରଭୁ ଶ୍ରୀଶ୍ରୀଜଗନ୍ନାଥଙ୍କର ଅପାର କରୁଣା ଲାଭ କରୁଥାଉ ଏତିକି କାମନା।
ଶୋକସନ୍ତପ୍ତ: ପରିବାରବର୍ଗ।
ଧ-୧୮୭୪୭

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ଏ କୁନ୍ତଳା ବେହେରା
ସ୍ୱାମୀ - ଏ ଇଂ.ଦୈତ୍ୟାରୀ ବେହେରା
୨୧୨୦, କଳ୍ପନା ଏରିଆ,
ସବରସାହି ଲେନ୍, ଭୁବନେଶ୍ୱର
ଆବିର୍ଭାବ : ୦୧.୧୨.୧୯୩୦
ତିରୋଧାନ : ୨୭.୧୦.୨୦୧୨
ଆଜି ଆପଣଙ୍କର ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମ୍ଳାନ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ବନ୍ଧୁ ଓ ପରିବାରବର୍ଗ
ଧ-୧୮୭୪୨



## ZILLA SWASTHYA SAMITI, ANGUL
O/o CDM & PHO-Cum-District Mission Director, Angul
**TENDER CALL NOTICE FOR HIRING OF VEHICLES**

No.2634 Date: 27.10.2020

1. **TENDER CALL FOR HIRING OF VEHICLES: (DPMU, BPMU & RBSK-MHT)**
Sealed tenders are invited from Registered Agencies or Individuals for hiring of commercial light diesel/petrol vehicles with & without A/C towards engagement under National Health Mission (NHM-Angul) on monthly basis. The vehicles to be engaged should not belong to any employee of NHM, CDM&PHO-Cum-District Mission Director Office, Angul, any Health Department employee or the close relative of the employee of NHM.
2. **TENDER CALL FOR HIRING OF VEHICLE: (SUNETRA)**
Sealed tenders are invited from Registered Agencies or individuals for hiring of commercial light diesel/petrol vehicles with & without A/C towards engagement for Mobile Vision Centre under SUNETRA.

Details regarding eligibility criteria, terms & conditions and the formats of submission of tender (Technical & Price bid) may be downloaded from the website i.e. www.angul.nic.in. The undersigned reserves the rights to reject any or all the tenders without assigning any reason thereof. The proposed date of opening of bidding documents/finalisation of the same may change in case of any emergency/exigency. The typographical error (if any) may be exempted.

**Sd./- CDM & PHO-Cum-District Mission Director, Angul**



## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Shri Ram Finance
ଆଧାରକାର୍ଡ | ଏଗ୍ରିକଲ୍ଚର | ମାର୍କଶିଟ୍ | ପର୍ସନାଲ | ପ୍ରପର୍ଟି | ଗ୍ରୁପ୍
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
94666-18733
94337-13915
B-34/7 A Block Vijay Enclave, Bururi, New Delhi

ନର୍ସିଂ ଓ ପାରାମେଡିକାଲ୍ ନାମଲେଖା
Bhava Institute Of Medical Science & Research
G.N.M
ଷ୍ଟାଫ୍ ନର୍ସ
Duration : 3 Year, Eligibility : +2 Pass (Any Stream) 40% Mark
A.N.M
ମହିଳା ସ୍ୱାସ୍ଥ୍ୟ କର୍ମୀ
Duration : 2 Year, Eligibility : +2 Pass (Any Stream)
Operation Theater Technician
ଅପରେସନ ଥିଏଟର ଟେକ୍ନିସିଆନ୍
Medical Lab Technician
ମେଡିକାଲ୍ ଲ୍ୟାବ୍ ଟେକ୍ନିସିଆନ୍
X-Ray Technician
ଏକ୍ସରେ ଟେକ୍ନିସିଆନ୍
ସମୟସୀମା : ୧ ବର୍ଷ ଓ ୨ ବର୍ଷ,
ଯୋଗ୍ୟତା : ୧୦ମ ଓ + ୨ ପାଶ୍
ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
Phone : 0674 - 2553122,
8456845313, 9040009727 (M)

ବହୁ ପୁରାତନ ରୋଗର ଚିକିତ୍ସା
ଲିଙ୍ଗ ଅର୍ଶ, ପେଟ ଅର୍ଶ ଓ ମଳକଣ୍ଟକ ଇତ୍ୟାଦିର ପଞ୍ଚାମୃତ ଦ୍ୱାରା ସଫଳ ଚିକିତ୍ସା ନିମନ୍ତେ ଯୋଗାଯୋଗ କରନ୍ତୁ।
ପର୍ଶୁରାମ ମଲ୍ଲିକ
ଫୋନ ନଂ.-୮୮୯୫୫୭୩୮୬୬
ମା' ବାସନ୍ତୀ ମନ୍ଦିର ନିକଟ
ଚାଟରାଚକଡ଼ା, ଡେରାବିଶ
କେନ୍ଦ୍ରାପଡ଼ା

AMBA Finance
ମାର୍କସିଟ | ବ୍ୟବସାୟ | ବ୍ୟକ୍ତିଗତ | ଆଧାରକାର୍ଡ | ସମ୍ପତି ଋଣ | ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
9667721447

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ,
ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



କରୀନା

# ପ୍ରଶଂସା ଅନ୍ତରାଳେ..

କରୀନା ଏବେ ଆମୀରଙ୍କ ପ୍ରଶଂସାରେ ଶତମୁଖ। କଥା କ'ଣ କି ଦୁହେଁ ଏବେ ନିର୍ମାଣାଧୀନ ହିନ୍ଦୀ ସିନେମା 'ଲାଲ୍ ସିଂ ଚଢ଼ା'ରେ ଅଭିନୟ କରୁଛନ୍ତି। ତେବେ ଏହି ଫିଲ୍ମରେ ନିଜ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି କରୀନା। ବର୍ତ୍ତମାନ ସେ ଯୁଆଡେ ଗଲେ ତାଙ୍କ ମୁହଁରୁ ଆମୀରଙ୍କ ପ୍ରଶଂସା ଶୁଣିବାକୁ ମିଳୁଛି। ଏ ନେଇ କରୀନା କହନ୍ତି, ''ଆମୀର ଜଣେ ନିଆରା ଅଭିନେତା। ତାଙ୍କ ଅଭିନୟ ମୋତେ ବେଶ୍ ପ୍ରଭାବିତ କରିଛି। ଭୂମିକାଟି ଯେପରି ହେଉ ନା କାହିଁକି ତାହାକୁ ତୁଲାଇବାକୁ ସେ ବେଶ୍ ସିଦ୍ଧହସ୍ତ। 'ଲାଲ୍ ସିଂ ଚଢ଼ା'ରେ ଆମୀରଙ୍କ ରୋଲ୍ ଦର୍ଶକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ। ଶୁଟିଂ ସମୟରେ ସେ ବେଶ୍ କୋଅପରେଟିଭ। ସତ କଥା କହିବାକୁ ଗଲେ ଆକ୍ଟିଂ ବିଷୟରେ ଅନେକ ନୂଆ କଥା ମୁଁ ତାଙ୍କ ନିକଟରୁ ଶିଖିଛି। ଏହି ଫିଲ୍ମରେ ମୋତେ ଯେଉଁ ଭୂମିକା ମିଳିଛି ତାହାକୁ ନେଇ ବେଶ୍ ଆଶା ରହିଛି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।'' ତେବେ କରୀନାଙ୍କର ଏହି ଆଶା କେତେ ପୂରଣ ହେଉଛି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡ଼ିବ।



ରିୟା

# ପ୍ରଦୀପଙ୍କ ନୂଆ ଯୋଜନା



ଆଞ୍ଜେଲା କ୍ରିସଲିନଜିକି- ପ୍ରଦୀପ କୁମାର

ମନରେ ଭରି ରହିଛି ସଙ୍ଗୀତ ନିଶା। ମନକୁ ଛୁଇଁଲା ଭଳି ଗୀତଟିଏକୁ ଭିଜୁଆଲ୍‌ରେ ରୂପାନ୍ତରିତ କରିବାକୁ ସେ ଡେରି କରି ନ ଥାନ୍ତି। ଦେଖୁନାହାନ୍ତି, ନିକଟରେ କେମିତି ତାଙ୍କର ଏକ ମ୍ୟୁଜିକ ଆଲବମ୍ 'ଦିଲ୍ କୋ ହର୍ଟ କରଦା' ୟୁଟ୍ୟୁବ୍‌ରେ ଭାଇରାଲ ହେବାରେ ଲାଗିଛି। ସେ ହେଲେ ପ୍ରଦୀପ କୁମାର। ତା'ସହ ଏକ ଓଡ଼ିଆ ସିନେମା ନିର୍ମାଣ କରିବା ସହ ସେଥିରେ ଅଭିନୟ କରିବାକୁ ଆଶା ରହିଛି ବୋଲି କହନ୍ତି ଏହି ଅଭିନେତା। 'ମ୍ୟୁଜିକ ଆଲବମ୍‌ରେ ଅଭିନୟ କରିବା ଏବଂ ବଡ଼ ପରଦାରେ ଅଭିନୟ କରିବା ଦୁଇଟି ଭିନ୍ନ କଥା। ହେଲେ ସେ ନେଇ ମୁଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଛି। ଏ ନେଇ ଆଗକୁ ଆଗେଇଲେ ସେ ବିଷୟରେ ସବିଶେଷ ତଥ୍ୟ ସମସ୍ତଙ୍କୁ ଜଣାଇଦେବି ବୋଲି କହନ୍ତି ସେ।' ଆରା ମୁଭିଜ ବ୍ୟାନରରେ ଏକ ଏନ୍‌ଗେଜମେଣ୍ଟ ରାତିର କାହାଣୀକୁ ନେଇ ଉକ୍ତ ଆଲବମ୍‌ର ଗୀତଟିକୁ ରଚନା କରିଛନ୍ତି ପ୍ରଦୀପ କୁମାର ଏବଂ ଶୁଭମ ପ୍ରଧାନ। ଶୁଭମ ପ୍ରଧାନଙ୍କ ସ୍ୱର ସଂଯୋଜନାରେ କଣ୍ଠଦାନ କରିଛନ୍ତି ଉଦିତ ନାରାୟଣ ଏବଂ ନିତି ମୋହନ। ଏହାର ଭିଜୁଆଲରେ ଅଭିନୟ କରିଛନ୍ତି ପ୍ରଦୀପ କୁମାର ଏବଂ ତେଲୁଗୁ ଏବଂ ବଲିଉଡ୍ ଅଭିନେତ୍ରୀ ଆଞ୍ଜେଲା କ୍ରିସଲିନଜିକି। ଭିଜୁଆଲ ନିର୍ଦ୍ଦେଶନା ଦେଇଛନ୍ତି କୁରେଶ ମହାରଣା। ସୂଚନାଯୋଗ୍ୟ ଏହି ବ୍ୟାନରରେ ନିର୍ମିତ ହରର୍ ଓଡ଼ିଆ ଫିଲ୍ମ 'ଫିୟର ଅଫ ଦ ଇୟର' ୨୦୧୪ରେ ପରଦା ଉପରକୁ ଆସିଥିଲା।

# ଅଭିନେତାରୁ ନିର୍ଦ୍ଦେଶକ

ଓଡ଼ିଆ ଚଳଚ୍ଚିତ୍ର 'ରୁପା ଗାଁରେ ସୁନା କନିଆ'ରୁ ଆରମ୍ଭ ହୋଇଥିଲା ତାଙ୍କର ଅଭିନୟ ଜୀବନ। ପରବର୍ତ୍ତୀ ସମୟରେ ସେ 'ସ୍ତ୍ରୀ', 'ସତମିଛ', 'କିଏ ପୋଛିବ ମୋ ମା' ଆଖିର ଲୁହ'ରେ ଆକ୍ଟିଂ କରିଥିଲେ। ଆଉ ଏବେ ସେ ନିଜକୁ ଜଣେ ସଫଳ ନିର୍ଦ୍ଦେଶକ ଭାବରେ ପରିଚିତ କରାଇପାରିଛନ୍ତି। ସେ ହେଲେ ରାଜୀବ ମହାନ୍ତି। ଅମୋଲ ପାଲେକରଙ୍କ 'ଦାୟରା'ରେ ସେ ଏକ ଦମ୍‌ଦାର ଭୂମିକାରେ ଅଭିନୟ କରିଥିଲେ। ରାଜୀବଙ୍କ ନିର୍ଦ୍ଦେଶିତ ପ୍ରଥମ ଓଡ଼ିଆ ସିନେମା ଥିଲା 'ଅଭିମାନୀ ପ୍ରିୟା ମୋର'। ଏ ସମ୍ପର୍କରେ ରାଜୀବ କହନ୍ତି, 'ପ୍ରଥମ ନିର୍ଦ୍ଦେଶନାରୁ ସଫଳତା ପାଇବା ପରେ ମୁଁ ଆଉ ପଛକୁ ଫେରି ଚାହିଁ ନ ଥିଲି। ସିନେମାଟିଏ ନିର୍ଦ୍ଦେଶନା ସେବା ସମୟରେ ମୁଁ ସବୁଦିଗ ପ୍ରତି ଭଲ ଭାବରେ ଦୃଷ୍ଟି ଦିଏ।' 'ଚୋରି ଚୋରି ମନ ଚୋରି' ଏବଂ 'ତୁ ମୋ ସୁନା ତୁ ମୋ ହୀରା' ପରେ ଏବେ ତାଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ତୁ ମୋର ନିହାତି ଦରକାର' ଏବଂ 'ସହୀଦ ରଘୁ ସର୍ଦ୍ଦାର' ରିଲିଜ ଅପେକ୍ଷାରେ ରହିଛି।



ରାଜୀବ

# ଆଇସକ୍ରିମପ୍ରିୟ ତମନ୍ନା

ତମନ୍ନାଙ୍କ ସବୁଠାରୁ ପସନ୍ଦୀୟ ଖାଦ୍ୟ କ'ଣ ? ନିଜର ମନ ପସନ୍ଦର ଖାଦ୍ୟ ଖାଇବାକୁ ସେ ତ ପଛାଇ ନ ଥାନ୍ତି। ହେଲେ ଗୋଟିଏ ଜିନିଷ ଦେଖିଲେ ତାଙ୍କ ପାଟିରୁ ଲାଳ ଗଡ଼େ। ତାକୁ ନ ଖାଇବା ପର୍ଯ୍ୟନ୍ତ ତାଙ୍କ ମନକୁ ଶାନ୍ତି ଆସି ନ ଥାଏ। ତାହା କ'ଣ ଜାଣନ୍ତି ? ଆଇସକ୍ରିମ୍। ଆଇସକ୍ରିମ୍ ବ୍ୟତୀତ ଚକୋଲେଟ୍ ଖାଇବାକୁ ସେ ପସନ୍ଦ କରିଥାଆନ୍ତି। ତମନ୍ନା ଭାଟିଆଙ୍କର ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୦୫ରୁ। ସେତେବେଳେ ତାଙ୍କୁ ହୋଇଥିଲା ମାତ୍ର ୧୪ବର୍ଷ। ହେଲେ ପ୍ରଥମ ସିନେମା ଦର୍ଶକଙ୍କୁ ପ୍ରଭାବିତ କରିବାରେ ବିଫଳ ହୋଇଥିଲା। କିନ୍ତୁ ବର୍ତ୍ତମାନ କେବଳ ଦକ୍ଷିଣ ଭାରତୀୟ ସିନେମା ନୁହେଁ ବଲିଉଡ୍‌ରେ ତମନ୍ନା ଭାଟିଆ ଜଣେ ପରିଚିତା ଅଭିନେତ୍ରୀ। ଏବେ ନିଜର ଅଭିନୟ ଦକ୍ଷତା ବଳରେ ସେ ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ତାଙ୍କର ପସନ୍ଦୀୟ ରଙ୍ଗ ହେଲା ଧଳା। ପୁଣି ସେ ଅଧିକାଂଶ ସମୟ ଧଳା ଡ୍ରେସ ପିନ୍ଧିବାକୁ ପସନ୍ଦ କରିଥାଆନ୍ତି। ସୁପରଷ୍ଟାର ମହେଶ ବାବୁ ହେଉଛନ୍ତି ତାଙ୍କର ମନ ପସନ୍ଦର ଅଭିନେତା। ସମୟ ମିଳିବା ମାତ୍ରେ ସେ ଜିମ୍ ଯାଇଥାଆନ୍ତି। ତା' ସହ ଇଣ୍ଟରନେଟ୍ ସହ ନିଜକୁ ଜଡିତ ରଖନ୍ତି ଏବଂ ବହି ମଧ୍ୟ ପଢ଼ନ୍ତି। ଇଂଲିଶ, ହିନ୍ଦୀ ବ୍ୟତୀତ ତାମିଲ, ତେଲୁଗୁ, ମାଲାୟାଲମ, ସିନ୍ଧି ଏବଂ ମରାଠୀ ଭାଷାରେ ତାଙ୍କର ବେଶ୍ ଦକ୍ଷତା ରହିଛି।



ଶୁଟିଂ ଚାଲିଛି

# ତୋ ପାଇଁ କିଛି ବି..

ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର କରି ନିର୍ମିତ ହେଉଛି ନୂଆ ଓଡ଼ିଆ ସିନେମା 'ତୋ ପାଇଁ କିଛି ବି'। ଏହାର ଶୁଟିଂ ଏବେ ଭୁବନେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳରେ ଚାଲୁ ରହିଛି। ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ଅମ୍ଲାନ ଏବଂ ରିୟା। ଖାସ୍ କଥା ହେଲା ବବି ମିଶ୍ର ଏଥିରେ ଏକ ଭିନ୍ନ ଅବତାରରେ ଦର୍ଶକଙ୍କ ସାମ୍‌ନାକୁ ଆସିବେ। ଅନ୍ୟପକ୍ଷରେ ଏହାର ନିର୍ଦ୍ଦେଶକ ନିରଞ୍ଜନ ବେହେରା କହନ୍ତି, 'ନିଜ ପ୍ରେମକୁ ସଫଳ କରିବା ପାଇଁ ପ୍ରେମିକା-ପ୍ରେମିକ କେତେ ବାଟ ଯାଇପାରନ୍ତି ତାହା ଏହି ସିନେମାରେ ଦେଖିବାକୁ ମିଳିବ। ମୋର ପୂର୍ବ ସିନେମା ପରି ଏହି ଫିଲ୍ମରେ ମଧ୍ୟ ମୁଁ କିଛି ପରୀକ୍ଷା ନିରୀକ୍ଷା କରିଛି। ଫିଲ୍ମଟିର କାହାଣୀ ସମ୍ପୂର୍ଣ୍ଣ ମୌଳିକ।' ଉକ୍ତ ଫିଲ୍ମର କାହାଣୀ, ଚିତ୍ରନାଟ୍ୟ, ସଂଳାପ ରଚନା କରିବା ସହ ନିର୍ଦ୍ଦେଶନା ପରି ଗୁରୁଦାୟିତ୍ୱ ତୁଲାଉଛନ୍ତି ନିରଞ୍ଜନ। ପାଣ୍ଡବାଶୁଣୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହି ଚିତ୍ରରେ ଅମ୍ଲାନ, ରିୟା, ବବି ଏବଂ ରାଇମୋହନଙ୍କ ବ୍ୟତୀତ ପପି ସନ୍ତୁକା, ଦେବୁ ବ୍ରହ୍ମା, ପ୍ରତିଭା ପଣ୍ଡା, ସାତ୍ତ୍ୱିକୀ ମିଶ୍ର ଏବଂ ତୃପ୍ତି ସିହ୍ନା ମଧ୍ୟ ଅଭିନୟ କରୁଛନ୍ତି। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଗୁଡଲି ରଥ।

# ନୂଆ ଯୋଡ଼ି କ୍ରିଷ୍ଣା-ଅସୀମା

ଆଉ ଏକ ନୂଆ ଯୋଡ଼ି ଖୁବ୍‌ଶୀଘ୍ର ବଡ଼ ପରଦାରେ ମୁହଁ ଦେଖାଇବାକୁ ଯାଉଛନ୍ତି। ଏହି ଯୋଡ଼ି ହେଲେ କ୍ରିଷ୍ଣା-ଅସୀମା। ସୁବ୍ରତ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ ହେବାକୁ ଯାଉଥିବା ନୂଆ ଓଡ଼ିଆ ସିନେମା 'ଇସ୍କ ତେରେ ନାମ୍'ରେ ଉକ୍ତ ଯୋଡ଼ିକୁ ବ୍ରେକ୍ ଦେଉଛନ୍ତି ନବାଗତ ପ୍ରଯୋଜକ ବାଇଧର ପଟ୍ଟନାୟକ। ଫିଲ୍ମଟିର ନିର୍ଦ୍ଦେଶନା ଦେବେ ସୁବ୍ରତ ମୋହନୀ। ବିଭୁନ-ଚିନ୍ମୟ ଏହାର ସ୍ୱର ସଂଯୋଜନା ଦାୟିତ୍ୱ ତୁଲାଇବେ। ଏହା ପୂର୍ବରୁ ଏହି ଯୋଡ଼ି ବାଇଧରଙ୍କ ମ୍ୟୁଜିକ ଆଲବମ୍ 'ଆଇ ଲଭ୍ ୟୁ ସୋନା'ରେ ଅଭିନୟ କରି ସାଉଁଟିଛନ୍ତି ଢେର ପ୍ରଶଂସା। ତେବେ ଏହି ନୂଆ ଯୋଡ଼ି ନିଜ ବଡ଼ ପରଦା କ୍ୟାରିୟରକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। ଏମାନଙ୍କ ବ୍ୟତୀତ ତୃପ୍ତି ସ୍ୱାଇଁ, ମହେଶ ଦାଶ, କାଳିଆ, ପିଣ୍ଟୁ, ରାଜା, ରଶ୍ମିତା, ଟନିଆ, ଲୀନା ମଧ୍ୟ ଏହି ଚଳଚ୍ଚିତ୍ରରେ ଅଭିନୟ କରିବେ। ଅନ୍ୟପକ୍ଷରେ ଫିଲ୍ମଟି ଖୁବ୍ ଶୀଘ୍ର ଫ୍ଲୋର୍‌କୁ ଯିବ ବୋଲି ପ୍ରଯୋଜକ ବାଇଧର ସୂଚନା ଦେଇଛନ୍ତି।



କ୍ରିଷ୍ଣା-ଅସୀମା

ନୂଆ ସିନେମା

# ମନ ମୋର କାଗଜ ଗୁଡ଼ି



ଭୂମିକା-ରାକେଶ

ସୁମିତ୍ରା ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ ହେବାକୁ ଯାଉଛି ଏକ ଭିନ୍ନ ଧରଣ ପ୍ରେମଭିତ୍ତିକ ଚଳଚ୍ଚିତ୍ର 'ମନ ମୋର କାଗଜଗୁଡ଼ି'। ଶିବିର ପରିଡ଼ା-ଲକ୍ଷ୍ମୀପ୍ରିୟା ପରିଡ଼ାଙ୍କ ପ୍ରଯୋଜିତ ଏବଂ ବିବେକାନନ୍ଦ ବାରିକ-ପାର୍ବତୀ ବାରିକଙ୍କ ସହ ପ୍ରଯୋଜନାରେ ଏହାର ମହୁରତ ନିକଟରେ ଅନୁଷ୍ଠିତ ହୋଇଯାଇଛି। ନିଜ ପ୍ରଥମ ପ୍ରଯୋଜିତ ଚଳଚ୍ଚିତ୍ରକୁ ସବୁଦୃଷ୍ଟିରୁ ସରସ ସୁନ୍ଦର କରିବା ପାଇଁ ଚେଷ୍ଟା କରାଯିବ ବୋଲି କହନ୍ତି ନବାଗତ ପ୍ରଯୋଜକ ଶିବିର। ଏହାର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ ଦେବଜ୍ୟୋତି ପାତ୍ର (ଦୀପୁ)। ପାଖାପାଖି ୬୦ଟି ସିନେମାର ଆସୋସିଏଟ୍ ନିର୍ଦ୍ଦେଶକ ଭାବରେ କାମ କରିବା ପରେ ସେ ପ୍ରଥମ ଥର ପାଇଁ ନିର୍ଦ୍ଦେଶକ ସାଜିବାକୁ ଯାଉଛନ୍ତି। ଏହି ଫିଲ୍ମରେ ସଂଯୋଜିତ ତଥା ବସନ୍ତରାଜ ସାମଲ ଏବଂ ସୁବ୍ରତ ସ୍ୱାଇଁଙ୍କ ଦ୍ୱାରା ରଚିତ ଗୀତଗୁଡ଼ିକୁ ସ୍ୱର ଦେଉଛନ୍ତି ଜାପାନୀ ଭାଇ। ରାକେଶ ଚଳଚ୍ଚିତ୍ରର ନାୟକ ସାଜୁଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିବେ ବୁଲ୍‌ବୁଲି ଭୂମିକା ଦାଶ। ନଭେମ୍ବର ଦ୍ୱିତୀୟ ସପ୍ତାହରୁ ଏହି ଫିଲ୍ମଟି ଫ୍ଲୋର୍‌କୁ ଯିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଗୁରୁବାର, ଅକ୍ଟୋବର ୨୯/୨୦୨୦ Thursday, October 29/ 2020

# ପ୍ରଥମ ଟେଷ୍ଟ ପୂର୍ବରୁ ଦିବାରାତ୍ର ୱାର୍ମଅପ୍

ମେଲବୋର୍ନ, ୨୮।୧୦(ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍) ପରେ ଭାରତୀୟ କ୍ରିକେଟ ଦଳ ୬୯ ଦିନିଆ ଗସ୍ତରେ ଅଷ୍ଟ୍ରେଲିଆ ଯିବ। ଏଥିପାଇଁ ଆୟୋଜକ ବୋର୍ଡ ପକ୍ଷରୁ ଏହି ଗସ୍ତର ପୂର୍ଣ୍ଣାଙ୍ଗ କାର୍ଯ୍ୟସୂଚୀ ବୁଧବାର ପ୍ରକାଶ କରାଯାଇଛି। ଏଥିରେ ଏକ ଦିବାରାତ୍ର ୱାର୍ମଅପ୍ ଗେମ୍‌କୁ ସାମିଲ କରାଯାଇଛି। ଡିସେମ୍ବର ୧୭ରେ ପିଙ୍କ୍‌ବଲ୍ ଟେଷ୍ଟ ଖେଳିବା ପୂର୍ବରୁ ଭାରତୀୟ ଦଳ ଏହି ୱାର୍ମଅପ୍ ମ୍ୟାଚ ଖେଳିବ। ନଭେମ୍ବର ୧୦ରେ ଆଇପିଏଲ ଫାଇନାଲ ପରେ ୧୨ ତାରିଖରୁ ଭାରତୀୟ ଦଳର ଅଷ୍ଟ୍ରେଲିଆ ଗସ୍ତ ଆରମ୍ଭ ହେବ। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଦଳ ପ୍ରଥମେ ୧୪ ଦିନିଆ କ୍ୱାରାଣ୍ଟାଇନ୍ ଅବଧି ମଧ୍ୟରେ ସିଡ୍‌ନୀରେ ଟ୍ରେନିଂ ଜାରି ରଖିବେ। ବର୍ଡର-ଗାଭାସ୍କର ଟ୍ରଫି ପାଇଁ ଡିସେମ୍ବର ୧୭ରୁ ଆଡିଲେଡ ଓଭାଲରେ ଟେଷ୍ଟ ସିରିଜ ଆରମ୍ଭ ହେବ। ଏହା ଦିବାରାତ୍ର ବିଶିଷ୍ଟ ରହିବ। ଏହାପରେ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଡିସେମ୍ବର ୨୬, ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଜାନୁୟାରୀ ୭ ଓ ଗାବାରେ ଜାନୁୟାରୀ ୧୫ରୁ ପରବର୍ତ୍ତୀ ୩ଟି ଟେଷ୍ଟ ଖେଳାଯିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ପ୍ରସ୍ତାବ ଅନୁସାରେ ବକ୍ସିଂ ଡେ' ଟେଷ୍ଟ ଏବଂ ନୂଆବର୍ଷ ଟେଷ୍ଟ ମଧ୍ୟରେ ଏକ ସପ୍ତାହ ବ୍ୟବଧାନ ରହିବ।

ଭାରତୀୟ ଦଳ ସିଡ୍‌ନୀରେ ନଭେମ୍ବର ୧୨ରେ ପହଞ୍ଚିବ। ସେଠାରେ କ୍ୱାରାଣ୍ଟାଇନ୍‌ରେ ରହିବାପରେ ନଭେମ୍ବର ୨୭ରୁ ଦିନିକିଆ ସିରିଜର ପ୍ରଥମ ମ୍ୟାଚ ଖେଳିବ। ଟେଷ୍ଟ ସିରିଜ ପୂର୍ବରୁ ଟୁର୍ ମ୍ୟାଚର କାର୍ଯ୍ୟସୂଚୀ ମଧ୍ୟ କ୍ରିକେଟ ଅଷ୍ଟ୍ରେଲିଆ ସ୍ପଷ୍ଟ କରିଛି। ଭାରତ 'ଏ' ନ୍ୟୁ ସାଉଥ୍ ୱେଲ୍ସଠାରେ ଡିସେମ୍ବର ୬ରୁ ୮ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ 'ଏ'କୁ ଭେଟିବ। ଏହାପରେ ଭାରତୀୟ ଦଳ ସହିତ ଅଷ୍ଟ୍ରେଲିଆ 'ଏ'ର ଏକ ଦିବାରାତ୍ର ୱାର୍ମଅପ୍ ମ୍ୟାଚ ଡିସେମ୍ବର ୧୧ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଘୋଷିତ କାର୍ଯ୍ୟସୂଚୀ ଅନୁସାରେ ୩ ମ୍ୟାଚବିଶିଷ୍ଟ ଦିନିକିଆ ସିରିଜ ନଭେମ୍ବର ୨୭, ୨୯ ଓ ଡିସେମ୍ବର ୨ରେ ଅନୁଷ୍ଠିତ ହେବ। ଏହାପରେ ୩ ମ୍ୟାଚ ବିଶିଷ୍ଟ ଟି୨୦ ଅନ୍ତର୍ଜାତୀୟ ସିରିଜ ଡିସେମ୍ବର ୪, ୬ ଓ ୮ରେ ଖେଳାଯିବ।

## ଟିମ୍ ଇଣ୍ଡିଆର ଅଷ୍ଟ୍ରେଲିଆ ଗସ୍ତ




## କାର୍ଯ୍ୟସୂଚୀ

### ଦିନିକିଆ ସିରିଜ
ପ୍ରଥମ ଦିନିକିଆ: ନଭେମ୍ବର ୨୭, ସିଡ୍‌ନୀ (ଦିବାରାତ୍ର)
ଦ୍ୱିତୀୟ ଦିନିକିଆ: ନଭେମ୍ବର ୨୯, ସିଡ୍‌ନୀ (ଦିବାରାତ୍ର)
ତୃତୀୟ ଦିନିକିଆ: ଡିସେମ୍ବର ୨, କାନ୍‌ବେରା (ଦିବାରାତ୍ର)

### ଟି୨୦ ସିରିଜ
ପ୍ରଥମ ଟି୨୦: ଡିସେମ୍ବର ୪, କାନ୍‌ବେରା (ଦିବାରାତ୍ର)
ଦ୍ୱିତୀୟ ଟି୨୦: ଡିସେମ୍ବର ୬, ସିଡ୍‌ନୀ (ଦିବାରାତ୍ର)
ତୃତୀୟ ଟି୨୦: ଡିସେମ୍ବର ୮, ସିଡ୍‌ନୀ (ଦିବାରାତ୍ର)

### ଟେଷ୍ଟ ସିରିଜ
ପ୍ରଥମ ଟେଷ୍ଟ: ଡିସେମ୍ବର ୧୭ରୁ ୨୧, ଆଡିଲେଡ୍ (ଦିବାରାତ୍ର)
ଦ୍ୱିତୀୟ ଟେଷ୍ଟ: ଡିସେମ୍ବର ୨୬ରୁ ୩୦, ମେଲବୋର୍ନ
ତୃତୀୟ ଟେଷ୍ଟ: ଜାନୁୟାରୀ ୭ରୁ ୧୧, ସିଡ୍‌ନୀ
ଚତୁର୍ଥ ଟେଷ୍ଟ: ଜାନୁୟାରୀ ୧୫ରୁ ୧୯, ବ୍ରିସ୍‌ବେନ୍

# ମୁମ୍ବାଇ ୧୬ ପଏଣ୍ଟରେ ପହଞ୍ଚିଲା

ଆବୁଧାବି, ୨୮।୧୦

ଯଶପ୍ରୀତ ବୁମ୍‌ରାଙ୍କ ଘାତକ ବୋଲିଂ ପରେ ସୂର୍ଯ୍ୟକୁମାର ଯାଦବଙ୍କ ମ୍ୟାଚ ବିଜୟୀ ଇନିଂସ ସହାୟତାରେ ମୁମ୍ବାଇ ଇଣ୍ଡିଆନ୍ସ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ର ପ୍ଲେ-ଅଫ୍ ଦ୍ୱାରରେ ପହଞ୍ଚିଯାଇଛି। ବୁଧବାର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି)କୁ ୫ ଉଇକେଟରେ ହରାଇବା ପରେ ପ୍ରଥମ ଦଳଭାବେ ମୁମ୍ବାଇ ୧୬ ପଏଣ୍ଟରେ ପହଞ୍ଚିଛି। ପ୍ରଥମେ ବ୍ୟାଟିଂ କରିଥିବା ଆରସିବି ୬ ଉଇକେଟ ହରାଇ ୧୬୪ ରନ କରିଥିବାବେଳେ ମୁମ୍ବାଇ ୧୯.୧ ଓଭରରେ ୫ ଉଇକେଟ ହରାଇ ୧୬୬ ରନ ସଂଗ୍ରହ କରି ନେଇଥିଲା। କ୍ରମାଗତ ୨ଟି ମ୍ୟାଚ ହାରିଥିବାରୁ ଆରସିବି ୧୪ ପଏଣ୍ଟରେ ସ୍ଥିର ରହିଛି। ଫଳରେ ପ୍ଲେ-ଅଫ୍ ସ୍ଥାନ ପାଇଁ ବିରାଟ କୋହଲିଙ୍କ ଦଳର ସଂଘର୍ଷ ଜାରି ରହିଛି।

ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ମୁମ୍ବାଇର କାମଚଳା ଅଧିନାୟକ କିରନ ପୋଲାର୍ଡ। ଆରସିବିର ଦୁଇ ଓପନର ଦେବଦତ୍ତ ପଡିକାଲ ଓ ଜୋଶ୍ ଫିଲିପେ ସୁନ୍ଦର ଭାବରେ ଇନିଂସ ଆରମ୍ଭ କରିଥିଲେ। ଦୁହେଁ ୩୪ ବଲ୍‌ରୁ ଦଳପାଇଁ ୫୦ ରନର ଭାଗୀଦାରି ଗଢ଼ିଥିବାବେଳେ ପାୱାରପ୍ଲେ ୬ ଓଭରରେ ଆରସିବି କୌଣସି ଉଇକେଟ ନ ହରାଇ ୫୪ ରନ ସଂଗ୍ରହ କରି ନେଇଥିଲା। ପଡିକାଲ ମାତ୍ର ୩୦ ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରିଥିଲେ। ଚଳିତ ସିଜନରେ ଏହାଥିଲା ତାଙ୍କର ୪ର୍ଥ ଅର୍ଦ୍ଧଶତକ ଏବଂ ସେଥିମଧ୍ୟରୁ ଦ୍ରୁତତମ। ପୂର୍ବରୁ ସେ ଯଥାକ୍ରମେ ୩୬, ୩୭ ଓ ୩୪ ବଲ୍‌ରୁ ୩ଟି ଅର୍ଦ୍ଧଶତକ ପୂରଣ କରିଥିଲେ। ଚତୁର୍ଥ ଭାରତୀୟ ଖେଳାଳିଭାବେ ନିଜ ପଦାର୍ପଣ ସିଜନରେ ୪ ଅର୍ଦ୍ଧଶତକ ହାସଲ କରିଛନ୍ତି ପଡିକାଲ। ତାଙ୍କ ପୂର୍ବରୁ ୨୦୦୮ରେ ଶିଖର ଧାୱନ ଓ ୨୦୧୫ରେ ଶ୍ରେୟାସ ଆୟାର ଏହି ସଫଳତା ପାଇଥିଲେ। ସ୍କୋର ୪୭ ବଲ୍‌ରୁ ୭୧ରେ ପହଞ୍ଚିବାପରେ ଆଉଟ ହୋଇଥିଲେ ଫିଲିପେ। ସେ ୨୪ ବଲ୍‌ରୁ ୪ ଚୌକା ଓ ୧ ଛକା ସହାୟତାରେ ୩୩ ରନ ସ୍କୋର କରିଥିଲେ। ପଡିକାଲ ଦ୍ରୁତ ହାରରେ ରନ ସଂଗ୍ରହ ପ୍ରକ୍ରିୟା ଜାରି ରଖିବାରୁ ଆରସିବି ୧୦ ଓଭରରେ ୧ ଉଇକେଟ ହରାଇ ୮୮ ରନ ସଂଗ୍ରହ କରି ନେଇଥିଲା। ମାତ୍ର ଏହାପରେ ଦଳର ରନ ହାରରେ ପତନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଅଧିନାୟକ ବିରାଟ କୋହଲି ପାରମ୍ପରିକ ଭାବରେ ଧିମା ଆରମ୍ଭ କରିଥିଲେ। ତେବେ ସେ ୧୪ ବଲ୍‌ରୁ ମାତ୍ର ୯ ରନ କରିଥିବାବେଳେ ପ୍ୟାଭିଲିୟନ ପଥ ଦେଖିଥିଲେ। କୋହଲିଙ୍କୁ ସୌରଭ ତିୱାରୀଙ୍କ ହାତରେ କ୍ୟାଚ କରାଇ ମୁମ୍ବାଇର ଯଶପ୍ରୀତ ବୁମ୍‌ରା ଆଇପିଏଲରେ ୧୦୦ ଉଇକେଟ ପୂରଣ କରିଥିଲେ। ବୁମ୍‌ରାଙ୍କ ଅଫ୍‌ଷ୍ଟମ୍ପ ବାହାରର ବଲ୍‌କୁ କୋହଲି ପୁଲ୍ ଶଟ୍ ଖେଳିବାକୁ ଯିବାପେଳେ ଟପ୍ ଏଜ୍ ହୋଇ ବହୁ ଉପରକୁ ଉଠିଯାଇଥିଲା। ଶର୍ଟ ମିଡ୍ ଉଇକେଟ ଅଞ୍ଚଳରେ ଏହି କ୍ୟାଚ ନେଇଥିଲେ ସୌରଭ। ସଂଯୋଗ ବଶତଃ ବୁମ୍‌ରାଙ୍କ ପ୍ରଥମ ଆଇପିଏଲ ଉଇକେଟ ମଧ୍ୟ କୋହଲି ଥିଲେ। ଦଳ ବଡ଼ ସ୍କୋର କରିବାକୁ ହେଲେ ବିସ୍ଫୋରକ ବ୍ୟାଟ୍ସମ୍ୟାନ ଏବି ଡି'ଭିଲିର୍ସଙ୍କୁ ତିଷ୍ଠି ରହିବାର ଥିଲା। ମାତ୍ର ଏହି ଦକ୍ଷିଣ ଆଫ୍ରିକୀୟ ଖେଳାଳି ଗୋଟିଏ ଲେଖାଏ ଚୌକା ଓ ଛକା ସହାୟତାରେ ମାତ୍ର ୧୫ ରନ କରି କିରନ ପୋଲାର୍ଡଙ୍କ ବଲ୍‌ରେ ଆଉଟ ହୋଇଥିଲେ। ସ୍ମରଣୀୟ ଇନିଂସ ଖେଳିଥିବା ପଡିକାଲ ୪୫ ବଲ୍‌ରୁ ୧୨ ଚୌକା ଓ ୧ ଛକା ସହାୟତାରେ ସର୍ବାଧିକ ୭୪ ରନ କରି ୫ମ ଖେଳାଳିଭାବେ ପ୍ୟାଭିଲିୟନ ଫେରିଥିଲେ। ମିଡିଲ ଅର୍ଡରରେ ଶିବମ୍ ଦୁବେ ୬ ବଲ୍‌ରୁ ୨ ଓ କ୍ରିସ୍ ମୋରିସ ୨ ବଲ୍‌ରୁ ୪ ରନ କରି ଆଉଟ ହେବାରୁ ୧୭.୨ ଓଭର ବେଳକୁ ସ୍କୋର ୧୩୮/୬ ହୋଇ ଯାଇଥିଲା। ୧୭ତମ ଓଭରରେ ବୁମ୍‌ରା ମେଡେନ ନେବା ସହ ପଡିକାଲ ଓ ଦୁବେଙ୍କ ଉଇକେଟ ନେଇ ଆରସିବିକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ଶେଷ ଭାଗରେ ଗୁରକୀରଟ ସିଂ ମାନ୍ ୧୧ ବଲ୍‌ରୁ ୧୪(୨ ଚୌକା) ଓ ୱାଶିଂଟନ ସୁନ୍ଦର ୬ ବଲ୍‌ରୁ ୧୦(୧ ଚୌକା) ରନରେ ଅପରାଜିତ ରହିବାରୁ ଆରସିବି ସ୍କୋର ୨୦ ଓଭରରେ ୧୬୪ରେ ପହଞ୍ଚିଥିଲା। ଶେଷ ୪ ଓଭରରେ ଦ୍ରୁତ ରନ ସଂଗ୍ରହ କରି ନ ପାରିବା ଆରସିବି ପାଇଁ ଚିନ୍ତାର କାରଣ ହୋଇଛି। ଗତ ଚେନ୍ନାଇ ସୁପରକିଙ୍ଗ୍ସ ବିପକ୍ଷ ମ୍ୟାଚରେ ଦଳ ୧୬ରୁ ୨୦ ଓଭର ମଧ୍ୟରେ ୪୪ ରନ କରି ୪ ଉଇକେଟ ହରାଇଥିଲା। ଏଥର ଦଳ ଶେଷ ୫ ଓଭରରେ ମାତ୍ର ୩୫ ରନ କରି ୪ ଉଇକେଟ ହରାଇ ବିପଦକୁ ଡାକି ଆଣିଥିଲା। ମୁମ୍ବାଇ ପକ୍ଷରୁ ବୁମ୍‌ରା ଚମତ୍କାର ସ୍ପେଲ (୪-୧-୧୪-୩) ପକାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରେଣ୍ଟ ବୋଲ୍ଟ, ରାହୁଲ ଚହର ଓ କିରନ ପୋଲାର୍ଡ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ମୁମ୍ବାଇ ଓପନିଂ ଯୋଡ଼ିରେ ୩୭ ରନ ଯୋଗକରି ପ୍ରଥମ ଉଇକେଟ ହରାଇଥିଲା। କ୍ୱିଣ୍ଟନ ଡି'କକ୍ ୧୯ ବଲ୍‌ରୁ ୧୮ ରନ କରି ଆଉଟ ହୋଇଥିଲେ। ଅନ୍ୟତମ ଓପନର ଇଶାନ କିଶନ ୧୯ ବଲ୍‌ରୁ ଦ୍ରୁତ ୨୫(୩ ଚୌକା, ୧ ଛକା) ରନର ଯୋଗଦାନ ଦେଇଥିଲେ। ତେବେ ସୂର୍ଯ୍ୟକୁମାର ଯାଦବ ଖେଳିଥିଲେ ମ୍ୟାଚ ବିଜୟୀ ଇନିଂସ। ସେ ଆରସିବି ବୋଲରଙ୍କୁ ସଫଳ ମୁକାବିଲା କରି ଦଳକୁ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସୌରଭ ତିୱାରୀ ୫ ଓ କୃନାଲ ପାଣ୍ଡ୍ୟା ୧୦ ରନ କରି ଆଉଟ ହୋଇ ଯାଇଥିଲେ ହେଁ ଏହାର କୌଣସି ପ୍ରଭାବ ସୂର୍ଯ୍ୟକୁମାରଙ୍କ ଉପରେ ପଡ଼ି ନ ଥିଲା। ଶେଷ ୨ ଓଭରରେ ମୁମ୍ବାଇକୁ ୧୬ ରନ ଆବଶ୍ୟକ ହେଉଥିଲା। ୧୯ତମ ଓଭରରେ କ୍ରିସ୍ ମୋରିସ ୧୩ ରନ ଦେଇ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉଇକେଟ ନେଇଥିଲେ। ମାତ୍ର ଆରସିବି ପାଇଁ ଉଇକେଟ ନେବାରେ ସେତେବେଳକୁ ବହୁ ବିଳମ୍ବ ହୋଇ ଯାଇଥିଲା। ସୂର୍ଯ୍ୟକୁମାର ଓ ହାର୍ଦ୍ଦିକ ୫ମ ଉଇକେଟରେ ୫୧ ରନର ଭାଗୀଦାରି ଗଢ଼ି ଦଳକୁ ବିଜୟ ଦ୍ୱାରରେ ପହଞ୍ଚାଇ ସାରିଥିଲେ। ହାର୍ଦ୍ଦିକ ୧୫ ବଲ୍‌ରୁ ୧୭(୨ ଛକା) ରନ ସ୍କୋର କରିଥିଲେ। ୨୦ତମ ଓଭର ବୋଲିଂ କରିଥିବା ମହମ୍ମଦ ସିରାଜଙ୍କ ପ୍ରଥମ ବଲ୍‌ରେ ଚୌକା ମାରି ମୁମ୍ବାଇ ବିଜୟରେ ମୁଣ୍ଡି ମାରିଥିଲେ ସୂର୍ଯ୍ୟକୁମାର। ସେ ୪୩ଟି ବଲ୍ ଖେଳି ୧୦ ଚୌକା ଓ ୩ ଛକା ସହାୟତାରେ ୭୯ ରନକରି ଅପରାଜିତ ରହିଥିଲେ। ଆରସିବି ବୋଲରଙ୍କ ମଧ୍ୟରେ ଡେଲ୍ ଷ୍ଟେଇନ୍‌ଙ୍କୁ ଖେଳାଇବା ରଣନୀତି ଫେଲ୍ ମାରିଥିଲା। ସେ ପୁଣି ମହଙ୍ଗା ସାବ୍ୟସ୍ତ ହୋଇ ୪ ଓଭରରେ ୪୩ ରନ ବ୍ୟୟ କରିଥିଲେ। ଶେଷରେ ତାହା ହିଁ ଦଳ ପରାଜୟର ଅନ୍ୟତମ କାରଣ ପାଲଟିଥିଲା। ଯୁଜବେନ୍ଦ୍ର ଚହଲ ଓ ମହମ୍ମଦ ସିରାଜ ୨ଟି ଲେଖାଏ ଏବଂ କ୍ରିସ୍ ମୋରିସ ଗୋଟିଏ ଉଇକେଟ ନେଇଥିଲେ।




ଶହେ ଉଇକେଟ୍ ପୂରଣ ପରେ ଯଶପ୍ରୀତ୍ ବୁମ୍‌ରା। ଶଟ୍ ଖେଳିବା ଅବସରରେ ଦେବଦତ୍ତ ପଡିକାଲ୍।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୮ | ୪ | ୧୬ | +୧.୧୮୬ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୨ | ୭ | ୫ | ୧୪ | +୦.୦୪୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୭ | ୫ | ୧୪ | +୦.୦୩୦ |
| କିଙ୍ଗ୍ସ ଇଲେଭେନ | ୧୨ | ୬ | ୬ | ୧୨ | -୦.୦୪୯ |
| ନାଇଟ ରାଇଡର୍ସ | ୧୨ | ୬ | ୬ | ୧୨ | -୦.୪୭୯ |
| ସନ୍‌ରାଇଜର୍ସ | ୧୨ | ୫ | ୭ | ୧୦ | +୦.୩୯୬ |
| ରାଜସ୍ଥାନ ରୟାଲ୍ସ | ୧୨ | ୫ | ୭ | ୧୦ | -୦.୫୦୫ |
| ଚେନ୍ନାଇ ସୁପରକିଙ୍ଗ୍ସ | ୧୨ | ୪ | ୮ | ୮ | -୦.୬୦୨ |

## ସୂର୍ଯ୍ୟକୁମାର ଯାଦବ ମ୍ୟାନ୍ ଅଫ୍ ଦି ମ୍ୟାଚ୍

### ସଂକ୍ଷିପ୍ତ ସ୍କୋର

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୬୪/୬(ପଡିକାଲ-୭୪, ଫିଲିପେ-୩୩, ବୁମ୍‌ରା-୩/୧୪, ପୋଲାର୍ଡ-୧/୫, ବୋଲ୍ଟ-୧/୪୦, ରାହୁଲ ଚହର-୧/୪୩)। ମୁମ୍ବାଇ ଇଣ୍ଡିଆନ୍ସ ୧୯.୧ ଓଭରରେ ୧୬୬/୫ (ସୂର୍ଯ୍ୟକୁମାର-୭୯*, ଚହଲ-୨/୩୭, ସିରାଜ-୨/୨୮, ମୋରିସ-୧/୩୬)।

# କୋଲ୍‌ମ୍ୟାନ ଖେଳିବେନି ଟୋକିଓ ଅଲିମ୍ପିକ୍ସ

**ମୋନାକୋ,୨୮।୧୦(ଏପି):** ପୁରୁଷ ୧୦୦ ମିଟର ବିଶ୍ୱ ଚାମ୍ପିୟନ ତଥା ଆମେରିକୀୟ ସ୍ପ୍ରିଣ୍ଟର ଖ୍ରୀଷ୍ଟିଆନ କୋଲମ୍ୟାନ ଡୋପିଂ କଣ୍ଟ୍ରୋଲ ନିୟମର ୩ଟି ଉଲ୍ଲଂଘନ କରି ଦୁଇ ବର୍ଷ ବାସନ୍ଦ ହୋଇଛନ୍ତି। ସେ ୨୦୨୨ ପର୍ଯ୍ୟନ୍ତ ବାସନ୍ଦ ହୋଇଛନ୍ତି ବୋଲି ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ ତରଫରୁ କୁହାଯାଇଛି। ଫଳରେ ସେ ଆସନ୍ତାବର୍ଷ ଆୟୋଜନ ହେବାକୁଥିବା ଟୋକିଓ ଅଲିମ୍ପିକ୍ସ ନ ଖେଳିବା ନିଶ୍ଚିତ ହୋଇଛି। ଗତ ମେ'ରୁ ପ୍ରତିଯୋଗିତାରୁ ସାମୟିକ ଭାବେ ୨୪ ବର୍ଷୀୟ କୋଲମ୍ୟାନ ବାସନ୍ଦ ହୋଇଥିଲେ। ଏହାର କିଛି ସପ୍ତାହ ପରେ ତାଙ୍କ ତ୍ରୁଟି ସମ୍ପର୍କରେ ସାର୍ବଜନୀନ କରାଯାଇଥିଲା। ୨୦୧୯ରେ ସଂଗ୍ରହ କରାଯାଇଥିବା ନମୁନାରେ ତାଙ୍କର ଏକାଧିକ ତ୍ରୁଟିଥିବା ଜଣାଯାଇଥିଲା। ହୋୟାର ଏବାଉଟ୍ ନିୟମ ଉଲ୍ଲଂଘନ ୧୨ ମାସ ମଧ୍ୟରେ ୩ଥର କଲେ ଜଣେ ଆଥଲେଟ୍ ଦୁଇବର୍ଷ ବାସନ୍ଦ ହୋଇଥାନ୍ତି। ଏବେ ବାସନ୍ଦାଦେଶ ବିରୋଧରେ ସେ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ (କାସ)ରେ ଅପିଲ କରିପାରିବେ। କାତାରର ଦୋହାରେ ଅନୁଷ୍ଠିତ ୨୦୧୯ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ୧୦୦ ଓ ୪X ୧୦୦ ମିଟର ରିଲେ ରେସ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତେଣୁ ଟୋକିଓ ଅଲିମ୍ପିକ୍ସରେ ସେ ଟାଇଟଲ ହାସଲ କରିବେ ବୋଲି ଆଶା କରାଯାଉଥିଲା। ଲଣ୍ଡନରେ ଅନୁଷ୍ଠିତ ୨୦୧୭ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ଏହି ଦୁଇଟି ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିଲେ। ପୂର୍ବରୁ ସେ ଥରେ ହୋୟାର ଏବାଉଟ୍ ନିୟମ ଉଲ୍ଲଂଘନ କରିଥିଲେ ଓ ଏହାକୁ ବାଦ୍ ଦେବା ଫଳରେ ସେ ଦୌଡିବାକୁ ସକ୍ଷମ ହୋଇଥିଲେ।




ଖ୍ରୀଷ୍ଟିଆନ କୋଲ୍‌ମ୍ୟାନ

# 'ସ୍ପୋର୍ଟ୍ସ ମ୍ୟାନେଜମେଣ୍ଟରେ କ୍ୟାରିୟର' ୱେବିନାର

ଭୁବନେଶ୍ୱର,୨୮।୧୦(ସ୍ପୋର୍ଟ୍ସ ବ୍ୟୁରୋ)

'ସ୍ପୋର୍ଟ୍ସ ମ୍ୟାନେଜେମେଣ୍ଟରେ କ୍ୟାରିୟର' ଶୀର୍ଷକ ଏକ ୱେବିନାର ଟାଟା ଷ୍ଟିଲ୍ ପକ୍ଷରୁ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବିଶ୍ୱରେ କ୍ରୀଡ଼ା ଶିଳ୍ପର ଉନ୍ନତି ହେଉଥିବା ବେଳେ ସ୍ପୋର୍ଟ୍ସ ମ୍ୟାନେଜମେଣ୍ଟର ଚାହିଦା, ମିଳିବାକୁ ଥିବା ସୁବିଧା ସୁଯୋଗ ନେଇ ଏଥିରେ ଆଲୋଚନା ହୋଇଥିଲା। ୱେବିନାରରେ ଅଂଶଗ୍ରହଣ କରିଥିବା ପ୍ୟାନେଲିଷ୍ଟମାନେ ହେଲେ ଜାଭିଅର ଏମିଲିୟନ ବିଜନେସ୍ ସ୍କୁଲ୍ ଆଣ୍ଡ ଇଟ୍ସ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଇନ୍ ସ୍ପୋର୍ଟ୍ସ ମ୍ୟାନେଜମେଣ୍ଟର ଅଧକ୍ଷ ଆଶଲେ ଫର୍ନାଣ୍ଡିଜ୍, ପ୍ୟାରିସ୍ ସାକ୍‌ଲେ ୟୁନିଭର୍ସିଟିର ପ୍ରଫେସର ମିଚେଲ ଡେସ୍‌ବୋର୍ଡେସ୍, ଆଇଆଇଟି କାନପୁରର ଡିପାର୍ଟମେଣ୍ଟ ଅଫ୍ ଇକୋନୋମିକ ସାଇନ୍ସ ପ୍ରଫେସର ସୋମେଶ କେ. ମାଥୁର, ପୂର୍ବତନ ଭାରତୀୟ ହକି ଅନ୍ତର୍ଜାତୀୟ ଖେଳାଳି ତଥା ଭାରତୀୟ ଦଳର ପୂର୍ବତନ କୋଚ୍ ହରେନ୍ଦ୍ର ସିଂ, ଦି ବ୍ୟାଡମିଣ୍ଟନ ପ୍ରଫେସ୍‌ନାଲର ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ବିଜୟ ଲନ୍ସି ମାସ୍କାରେନହାସ ଓ ୪୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟାଡମିଣ୍ଟନ ପୁରୁଷ ଡବଲ୍ସର ୧ ନମ୍ବର ଖେଳାଳି ତଥା ଫନ୍‌ଏଜ୍ ମୁଖ୍ୟ କାର୍ଯ୍ୟନିର୍ବାହୀ କରନ ସିଂ। ନାଭାଲ ଟାଟା ହକି ଏକାଡେମୀ (ଏନ୍‌ଟିଏଚ୍‌ଏ) ଓଡ଼ିଶାର ପ୍ରକଳ୍ପ ନିର୍ଦ୍ଦେଶକ ରାଜୀବ ସେଠ, ମାଇ ସିଟି ଲିଙ୍କ୍ସ ମାଗାଜିନର କନ୍‌ସଲଟିଂ ସିନିୟର ଆସୋସିଏଟ ଏଡିଟର ଦୀକ୍ଷା ତିୱାରୀ ଏହି ୱେବିନାରର ସଂଯୋଜନା କରିଥିଲେ।

ଭାରତରେ ଦ୍ରୁତଗତିରେ କ୍ରୀଡ଼ାର ଅଭ୍ୟୁଦୟ ହେଉଛି। ଏହା ସହିତ କ୍ୟାରିୟର ଭାବେ ସ୍ପୋର୍ଟ୍ସ ମ୍ୟାନେଜମେଣ୍ଟ ମଧ୍ୟ ବେଶ୍ ଆଦୃତ ହେଉଛି। ପୂର୍ବରୁ ଭାରତୀୟମାନେ କ୍ରିକେଟ, ହକି, ଟେନିସ ଓ କେତୋଟି ଦୌଡ଼ ଇଭେଣ୍ଟ ବିଷୟରେ ଅବଗତ ଥିଲେ। ଏବେ କିନ୍ତୁ କଥା ଅଲଗା ହୋଇଛି। ଗତ ଏକ ଦଶନ୍ଧିରେ ଇଣ୍ଟରନେଟର ବହୁଳ ପ୍ରଚଳନ, ଡିଟିଏଚ୍‌ର ବ୍ୟାପକ ବ୍ୟବହାର ଦ୍ୱାରା ଅଧିକରୁ ଅଧିକ କ୍ରୀଡ଼ା ସମ୍ପର୍କରେ ଲୋକେ ଜାଣିବାକୁ ପାଇଛନ୍ତି। ଫଳରେ ଲୋକେ ଅନ୍ୟ କ୍ରୀଡ଼ାକୁ ନେଇ ନିଜର ଉତ୍ସାହ ପ୍ରକଟ କରିଛନ୍ତି। ଅଧିକ କ୍ରୀଡ଼ା ଖେଳିବା ସହିତ ଲୋକେ ବିଭିନ୍ନ ଖେଳକୁ ଫଲୋ କରୁଛନ୍ତି ଓ ଦେଖୁଛନ୍ତି ମଧ୍ୟ। ବର୍ତ୍ତମାନ ଯୁଗରେ କ୍ରୀଡ଼ାକୁ ଜବରଦସ୍ତ ମୋମେଣ୍ଟମ ମିଳିଛି। କ୍ରୀଡ଼ା ଏବେ କେବଳ ବଡ ସହରରେ ସୀମିତ ହୋଇ ରହିନାହିଁ। ଏହା ଏବେ ଛୋଟ ସହର ଓ ଗ୍ରାମାଞ୍ଚଳରେ ମଧ୍ୟ ବେଶ୍ ଲୋକପ୍ରିୟତା ହାସଲ କରିଛି। ଏହି ଆଲୋଚନାରେ ଦେଶରେ ସ୍ପୋର୍ଟ୍ସ ମ୍ୟାନେଜମେଣ୍ଟର ଭବିଷ୍ୟତ ନେଇ ମଧ୍ୟ ଆଲୋକପାତ କରାଯାଇଥିଲା।

ବ୍ୟବସାୟ ପଛରେ କ୍ରୀଡ଼ାର ମହତ୍ତ୍ୱ ତଥା ଜୋଶ୍‌କୁ ଜଣେ କ୍ରୀଡ଼ାବିତ ହୃଦୟଙ୍ଗମ କରିବା ଉଚିତ ବୋଲି ଆଶଲେ ଫର୍ନାଣ୍ଡିଜ କହିଛନ୍ତି। ଠିକ୍ ସେହିପରି ଜଣେ ସାଧାରଣ ଲୋକ କ୍ରୀଡ଼ା ପଛରେ ଥିବା ଉତ୍ସାହକୁ ମଧ୍ୟ ଜାଣିବା ଦରକାର। ତେଣୁ ଆମକୁ ରାଜସ୍ୱର ନିୟମଗୁଡ଼ିକୁ ବୁଝିବାକୁ ପଡିବ। ସୌଭାଗ୍ୟ କିମ୍ବା ଦୁର୍ଭାଗ୍ୟବଶତଃ କ୍ରୀଡ଼ା ଏବେ ବ୍ୟବସାୟରେ ପରିଣତ ହେବା ସହ ଫଳାଫଳ କୈନ୍ଦ୍ରିକ ହୋଇଛି। ଇ- ସ୍ପୋର୍ଟ୍ସ ଇତିମଧ୍ୟରେ ଲୋକପ୍ରିୟତା ହାସଲ କରିଛି ଓ ଏହାକୁ ପାଠ୍ୟକ୍ରମରେ ସାମିଲ କରାଯାଇଛି। ଏହା ବିଭିନ୍ନ କୌଶଳ, ଜ୍ଞାନକୁ ବିକଶିତ କରିଛି। ବ୍ୟବସାୟ ଦୃଷ୍ଟିକୋଣରୁ ଇ- ସ୍ପୋର୍ଟ୍ସ ଆହୁରି ବ୍ୟାପକ ହୋଇଛି ବୋଲି ସେ କହିଛନ୍ତି। ସେହିପରି ସ୍ପୋର୍ଟ୍ସ ମ୍ୟାନେଜମେଣ୍ଟ ଏବେ ଏକ ବଡ଼ ମାର୍କେଟରେ ପରିଣତ ହୋଇଛି ବୋଲି ମିଚେଲ ଡେସବୋର୍ଡେସ କହିଛନ୍ତି। କୋଚିଂ, ଗେମ୍ ମ୍ୟାନେଜମେଣ୍ଟ, ଆଥଲେଟ୍ ମ୍ୟାନେଜମେଣ୍ଟ ନେଇ ଚାହିଦା ବଢ଼ିଛି। ଲୋକଙ୍କୁ ଏନେଇ ଠିକ୍‌ବାଟରେ ନେବା ସହିତ ସେମାନଙ୍କୁ ମାର୍କେଟିଂର ପ୍ରକୃତ ଜ୍ଞାନ ସହିତ ଅବଗତ କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି।

ଏବେ କ୍ରୀଡ଼ା ସଂସ୍ଥାଗୁଡ଼ିକ ଟ୍ୟାଲେଣ୍ଟ ମ୍ୟାନେଜମେଣ୍ଟ, ଭିତ୍ତିଭୂମି ପରିଚାଳନା ଓ ମାର୍କେଟିଂ ରିସର୍ଚ୍ଚ ନେଇ ବଡ଼ବଡ଼ କମ୍ପାନୀକୁ ନିଯୁକ୍ତି କରୁଛନ୍ତି ବୋଲି ସୋମେଶ କେ. ମାଥୁର କହିଛନ୍ତି। ଭାରତରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ହେଉଥିବାରୁ କ୍ରୀଡ଼ା ପରିଚାଳନା ଏକ ଶିଳ୍ପ ଭାବେ ବିପୁଳ ସୁଯୋଗ ସୃଷ୍ଟି କରିଛି। ଆମ ନିକଟରେ ବହୁ ସଂଖ୍ୟାରେ କ୍ରୀଡ଼ା ପ୍ରତିଭା ରହିଛନ୍ତି। ଏଥିପାଇଁ ସେମାନଙ୍କୁ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ଦେବା ଆବଶ୍ୟକ। ତେବେ ଏଥିପାଇଁ ପେସାଦାର ମନୋଭାବ ଆପଣାଇବା ଆବଶ୍ୟକ ବୋଲି ସେ କହିଛନ୍ତି। ସେହିପରି ହରେନ୍ଦ୍ର ସିଂ କହିଛନ୍ତି ଯେ, ଏବେକାର କୋଚ୍‌ମାନଙ୍କୁ ଥିଓରିଟିକାଲ ଓ ଆନାଲିଟିକାଲ ସ୍କିଲ ପାଇଁ ପ୍ଲାଟ୍‌ଫର୍ମ ପ୍ରଦାନ କରିଛି। ଏହା ଶିକ୍ଷା କରିବାର ଗଭୀରତାକୁ ଆହୁରି ଶାଣିତ କରିଥାଏ ବୋଲି ସେ କହିଛନ୍ତି। ସେହିପରି ବିଜୟ ଲାନ୍ସି ମାସ୍କାରେନହାସ କହିଛନ୍ତି ଯେ, ଜଣେ କ୍ରୀଡ଼ାବିତର ମାନସିକତା ଭିନ୍ନ ରହିଥାଏ। ଜଣେ ପ୍ରବନ୍ଧକ ହେବା ପାଇଁ ସ୍ପୋର୍ଟ୍ସ ମ୍ୟାନେଜମେଣ୍ଟ ପଢିବା ଆବଶ୍ୟକ ନାହିଁ। କ୍ରୀଡ଼ାକୁ ଅନ୍‌ଲାଇନ୍‌ରେ ପଢି ହେବ ନାହିଁ କି ବୁଝି ହେବ ନାହିଁ ବୋଲି ସେ କହିଛନ୍ତି। ସବୁ ଶ୍ରେଷ୍ଠ ଖେଳାଳିଙ୍କ ପଛରେ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ହାତ ରହିଛି ବୋଲି କରନ ସିଂ କହିଛନ୍ତି। ତୃଣମୂଳସ୍ତରରେ କ୍ରୀଡ଼ାବିତ୍‌ଙ୍କ ପାଇଁ ସୁଯୋଗ ସୃଷ୍ଟି ହେବା ସହ ଉଚିତ ପରିବେଶ ସୃଷ୍ଟି ହେବା ଆବଶ୍ୟକ। କ୍ରୀଡ଼ାକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ। ଗୋଟିଏ ହେଲା ଖେଳାଳି ଓ ଅନ୍ୟଟି ହେଲା ସଂସ୍ଥା ଯେଉଁଗୁଡ଼କ କ୍ରୀଡ଼ାକୁ ପରିଚାଳନା କରନ୍ତି। ଥରେ ଚୟନ ହୋଇଗଲେ ଏହାପରେ ସବୁକିଛି ସହଜ ହୋଇଯାଏ ବୋଲି ସେ କହିଛନ୍ତି। କ୍ରୀଡ଼ାର ନୂଆ ନୂଆ ଫର୍ମାଟ୍ ପ୍ରତିଦିନ ସୃଷ୍ଟି ହେଉଛି। ଇ- ସ୍ପୋର୍ଟ୍ସ ଓ ସ୍ପୋର୍ଟ୍ସ ମ୍ୟାନେଜମେଣ୍ଟର ଲୋକପ୍ରିୟତା ବଢୁଥିବାରୁ କ୍ରୀଡ଼ା ଭବିଷ୍ୟତ ଉଜ୍ଜ୍ୱଳ ବୋଲି କୁହାଯାଇପାରେ।




ୱେବିନାରରେ ଅଂଶଗ୍ରହଣ କରିଥିବା ବ୍ୟକ୍ତିମାନେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ